# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୩୦/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, June 30/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଭାରତ ବିଶ୍ୱକପ୍ ଜିତିଲେ ଫିଲ୍ମ ନିର୍ମାଣ ହେବ**

ଭାରତ ୨୦୧୯ କ୍ରିକେଟ ବିଶ୍ୱ କପ୍ ଜିତିଲେ ଏହାକୁ ନେଇ ଫିଲ୍ମ ନିର୍ମାଣ ହେବ ବୋଲି ପ୍ରଯୋଜକ ମଧୁ ମାଣ୍ଟିନା ପ୍ରକାଶ କରିଛନ୍ତି। **୧୪**

**୧୯** **ଅମିତ ଶ୍ରେଷ୍ଠ କ୍ରୀଡ଼ାବିତ୍**

ଓସ୍‌ଜା ପକ୍ଷରୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ଭାରତୀୟ ହକି ଦଳର ଓଡ଼ିଆ ଡିଫେଣ୍ଡର ଅମିତ ରୋହିଦାସ।



## ଓଡ଼ିଆ ଆଇପିଏସ୍ ଅଫିସର ତାମିଲନାଡୁ ଡିଜିପି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଓଡ଼ିଆ ଆଇପିଏସ୍ ଅଫିସର ଜଳଦ କୁମାର ତ୍ରିପାଠୀ ତାମିଲନାଡୁର ନୂତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହୋଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ



ଜଳଦ କୁମାର ତ୍ରିପାଠୀ

ତାଙ୍କୁ ଏହି ନିଯୁକ୍ତି ଦେଇଥିବାନେଇ ଔପଚାରିକଭାବେ ଘୋଷଣା କରାଯାଇଛି। ପୂର୍ବରୁ ସେ ଚେନ୍ନାଇର ପୋଲିସ କମିଶନର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ତାମିଲନାଡୁ ଡିଜିପି ଟି.କେ. ରାଜେନ୍ଦ୍ର ଶନିବାର ଅବସର ନେଇଛନ୍ତି। ଉକ୍ତ ପଦରେ ନୂତନ ନିଯୁକ୍ତି ପାଇଁ ଲୋକ ସେବା ଆୟୋଗର ୩ଜଣିଆ କମିଟି ପକ୍ଷରୁ ୩ଜଣ ଆଇପିଏସ୍ ଅଫିସରଙ୍କ ନାମ ତାମିଲନାଡୁ ସରକାରଙ୍କ ନିକଟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ତାମିଲନାଡୁ କ୍ୟାଡର ୧୯୮୫ ବ୍ୟାଚର ଓଡ଼ିଆ ଆଇପିଏସ୍ ଅଫିସର ତ୍ରିପାଠୀଙ୍କ ନାମକୁ ମୁଖ୍ୟମନ୍ତ୍ରୀ କେ. ପଲାନିସ୍ୱାମୀ ବାଛିଛନ୍ତି। ତ୍ରିପାଠୀ ୨ଥର ଚେନ୍ନାଇ ପୋଲିସ କମିଶନର ଥିଲେ। ଏଥିସହ ସେ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି।

## ■ ନିଅଣ୍ଟିଆ ବର୍ଷା: ଚାଷୀ ମୁଣ୍ଡରେ ଚଡ଼କ

# ୨୬ ଜିଲାରେ ସ୍ଥିତି ସଙ୍ଗିନ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ରାଜ୍ୟରେ ନିଅଣ୍ଟିଆ ବର୍ଷା ଏବଂ ଚାଷ ଖର୍ଚ୍ଚ ବୃଦ୍ଧିକୁ ନେଇ ମହାସଙ୍କଟରେ ପଡିଛନ୍ତି ଚାଷୀ। ଏପରି କି ଅନେକ ଚାଷୀ ଚାଷ କାର୍ଯ୍ୟରୁ ନିଜକୁ ଦୂରେଇ ନେଲେଣି। ଗୋଟିଏପଟେ ପ୍ରାକୃତିକ ବିପର୍ଯ୍ୟୟ, ଅନ୍ୟପଟେ ଚାଷ କାର୍ଯ୍ୟରେ ହେଉଥିବା ଖର୍ଚ୍ଚ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ମିଳୁ ନ ଥିବାରୁ ଚାଷ ପ୍ରତି ଆଉ ଚାଷୀମାନେ ଆଗ୍ରହ ଦେଖାଉ ନାହାନ୍ତି। ଜମି ପଡିଆ ପଡୁଛି ପଛେ ବିଲକୁ ହଳ ଯାଉନି। ଅନ୍ୟପକ୍ଷରେ ଚଳିତ ବର୍ଷ ଦେବାଳିଆ ମୌସୁମୀ ଧାନ ଚାଷକୁ ବହୁଳ ଭାବେ ପ୍ରଭାବିତ କରିବା ନେଇ ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ୨୨ ହଜାର ହେକ୍ଟର ଜମିରେ ଆଉ ଧାନ ଚାଷ ହେବ ନାହିଁ ବୋଲି ରାଜ୍ୟ ସରକାର ମଧ୍ୟ ଆକଳନ କରିଛନ୍ତି। କୃଷି ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୨୦୧୮ରେ ୩୬ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ସ୍ୱଳ୍ପ ବୃଷ୍ଟି ଯୋଗୁ ୩୬ ଲକ୍ଷ ୫୦ ହଜାର ହେକ୍ଟରକୁ ଧାନ ଚାଷ ହ୍ରାସ ହେବ ବୋଲି ଆକଳନ କରାଯାଇଛି। ଫଳରେ ୨୬ଟି ଜିଲାରେ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି।

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେବାର ଆଶଙ୍କା ରହିଛି। ରାଜ୍ୟରେ ସ୍ୱାଭାବିକଠାରୁ କମ ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି। ରାଜ୍ୟକୁ ମୌସୁମୀ ବର୍ଷା ସ୍ୱାଭାବିକ ସମୟ(ଜୁନ୍ ୧୦) ପରିବର୍ତ୍ତେ ୧୧ ଦିନ ବିଳମ୍ବ ଅର୍ଥାତ ଜୁନ୍ ୨୧ ତାରିଖରେ ପ୍ରବେଶ କରିଛି। ଦୁଇଦିନ କିଛି ପରିମାଣର ବର୍ଷା ହେବା ପରେ ପୁଣି ଉଭାନ ହୋଇଯାଇଛି। ଜୁନ୍ ପହିଲାରୁ ଧାନ ଚାଷ ପାଇଁ ଯେତିକି ବର୍ଷା ଦରକାର ତାହା ହୋଇ ନାହିଁ। ଅନେକ ଜମି ଏବେ ବି ପଡିଆ ରହିଛି। ରାଜ୍ୟରେ ୩୬ ଲକ୍ଷ ୫୦ ହଜାର ହେକ୍ଟରରୁ ଏ ପର୍ଯ୍ୟନ୍ତ ମାତ୍ର ୫ ଲକ୍ଷ ୧୬ ହଜାର ହେକ୍ଟରରେ ଧାନ ବୁଣା ହୋଇଥିବା ସରକାରୀ ଭାବେ କୁହାଯାଇଛି। ଆବଶ୍ୟକ ବର୍ଷା ନ ହେବାରୁ ବେଳକୁ ବେଳ ପରିସ୍ଥିତି ସଙ୍ଗିନ ହେବାକୁ ଯାଉଛି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି। କେବଳ ୪ଟି ଜିଲାକୁ ବାଦ୍ ଦେଲେ ୧୮ଟି ଜିଲାରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇଥିବା ବେଳେ ୮ଟି ଜିଲାରେ ଅତି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। କୋରାପୁଟ ଜିଲାରେ ଏହି ସମୟରେ ସ୍ୱାଭାବିକ ଭାବେ ୧୯୯ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୯୫.୪ ମିଲିମିଟର । ସେହିପରି ଯାଜପୁର ଜିଲାରେ ୨୩୦.୬ ସ୍ଥାନରେ ୨୨୯, ନବରଙ୍ଗପୁର ଜିଲାରେ ୨୪୩.୪ ଜାଗାରେ ହୋଇଛି ୨୧୧.୯ ଏବଂ ପୁରୀ ଜିଲାରେ ୧୫୧.୩ ସ୍ଥାନରେ ୧୮୧.୭ ମିଲିମିଟର ବର୍ଷା ହୋଇଛି। ରାୟଗଡା ଜିଲାରେ ୧୮୮.୮ ସ୍ଥାନରେ ୭୩.୧, ଗଜପତି ଜିଲାରେ ୧୯୩ ସ୍ଥାନରେ ୬୮.୮ ମିଲିମିଟର ବର୍ଷା ହୋଇଛି। ଏହି ଦୁଇଟି ଜିଲାରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇଛି। ସେହିପରି ନୂଆପଡା, ବାଲେଶ୍ୱର, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ନୟାଗଡ ଏବଂ ସୁନ୍ଦରଗଡ ଜିଲାରେ ଅନାବୃଷ୍ଟି ଅବସ୍ଥା ସୃଷ୍ଟି ହୋଇଛି।

■ କମିବ ଧାନ ଚାଷ

■ ୮୪୮ ହେକ୍ଟର ଜମି ପଡ଼ିଆ



କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୦୯ରେ ଚାଷୋପଯୋଗୀ ଜମି ଥିଲା ୬୧.୮୦ ଲକ୍ଷ ହେକ୍ଟର । ୨୦୧୮-୧୯ ରେ ରାଜ୍ୟର ୩୦ ଜିଲାରେ ୮୪୮ ହେକ୍ଟର ଚାଷ ଜମି ପଡିଆ ପଡିଛି। ପୁରୀ ଜିଲାରେ ସର୍ବାଧିକ ୭୫ ହେକ୍ଟର ଜମି ପଡି ରହିଥିବା ବେଳେ ମୟୂରଭଞ୍ଜରେ ୭୧, ବାଲେଶ୍ୱରରେ ୫୬, ଗଞ୍ଜାମରେ ୫୯, କୋରାପୁଟରେ ୫୧, କେନ୍ଦୁଝରରେ ୫୪ ହେକ୍ଟର ଜମି ଚାଷ ନ ହୋଇ ପଡିରହିଛି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ଅଳ୍ପ ବହୁତ ଚାଷ ଜମି ପଡିଆ ପଡିଛି। ମଜୁରି ବୃଦ୍ଧି ଏବଂ କୃଷି ଶ୍ରମିକ ମିଳୁ ନ ଥିବାରୁ ଚାଷ ବେଳକୁ ବେଳ ମହଙ୍ଗା ହେବାରେ ଲାଗିଛି। ବର୍ଷତମାମ ହାଡଭଙ୍ଗା ପରିଶ୍ରମ କରି ମଧ୍ୟ ଚାଷୀ ଉତ୍ପାଦିତ ମୂଲ୍ୟ ପାଇପାରୁନାହାନ୍ତି। ଧାନର ସହାୟକ ମୂଲ୍ୟ ଠାରୁ ଧାନ କୁଇଣ୍ଟାଲ ପିଛା ଦୁଇଗୁଣା ଖର୍ଚ୍ଚ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୦୪-୦୫ରେ ଧାନ ଉତ୍ପାଦନ ପାଇଁ ହେକ୍ଟର ପିଛା ୭୨୯୫ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦୧୧-୧୨ରେ ଏହା ୧୪,୪୩୯ ଟଙ୍କାକୁ ବୃଦ୍ଧି ପାଇଛି। ନିଅଣ୍ଟିଆ ବର୍ଷା ଏବଂ ମଜୁରି ବୃଦ୍ଧି ଯୋଗୁ ଚାଷୀମାନେ ବେଳକୁ ବେଳ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି।


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

### ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ

**ଆଜିର ମନ୍ତବ୍ୟ**

"ଧାର୍ମିକ ସ୍ୱାଧୀନତା ଭାରତ ସମ୍ବିଧାନରେ ମୌଳିକ ଅଧିକାର ଭାବେ ସ୍ଥାନ ପାଇଥିବାରୁ ଏନେଇ କାହାଠାରୁ ଅଧିକ ଶିକ୍ଷା ଲାଭ କରିବାର ଆବଶ୍ୟକତା ନାହିଁ।

**-ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

# କାନ୍ଥ ଭୁଶୁଡ଼ି ୧୭ ମୃତ

ମୁମ୍ବାଇ, ୨୯।୬ (ପି.ଟି.)

ମହାରାଷ୍ଟ୍ରର ପୁଣେରେ ପ୍ରବଳ ବର୍ଷା ତାଣ୍ଡବ ରଚିଛି। ବର୍ଷା ଯୋଗୁ ଏକ ରେସିଡେନ୍ସିଆଲ କମ୍ପ୍ଲେକ୍ସର ୨୨ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୪ ଶିଶୁଙ୍କ ସମେତ ୧୭ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଏଥିରେ ଆହତ ୩ ଜଣଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏଠାକାର ଭଗ୍ନାବଶେଷ ତଳୁ ଲୋକଙ୍କ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି। ଶ୍ରମିକମାନେ ରହିବା ଲାଗି ନିର୍ମାଣ କରାଯାଇଥିବା ଅନେକ ଘର ଭାଙ୍ଗିଯାଇଛି। ଘଟଣାଟି କୋନ୍ଧୱାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ବିହାରର ଓ ସେମାନେ ନିର୍ମାଣାଧୀନ ଏହି ରେସିଡେନ୍ସିଆଲ କମ୍ପ୍ଲେକ୍ସରେ କାମ କରୁଥିଲେ। ଉଦ୍ଧାର କାର୍ଯ୍ୟ ଶେଷହେବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

ପୁଣେ ମ୍ୟୁନିସିପାଲ କର୍ପୋରେଶନ କମିଶନର ସୌରଭ ରାଓ କହିଛନ୍ତି, ପ୍ରବଳ ବର୍ଷାରୁ ମାଟି ଦବିଯାଇ କାନ୍ଥ ଭୁଶୁଡ଼ି ପଡ଼ିଛି। ତଦନ୍ତ ଲାଗି ଏକ ୫ ଜଣିଆ କମିଟି ଗଠନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ କମିଟି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କାନ୍ଥ ଭୁଶୁଡ଼ିବା ଦ୍ୱାରା ସେଠାରେ ପାର୍କିଂ କରାଯାଇଥିବା ଏକାଧିକ କାର୍ ମଧ୍ୟ ଭାଙ୍ଗିରୁଜି ଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଶୁକ୍ରବାର ପୁଣେରେ ୭୩.୧ ମିଲିମିଟର ବର୍ଷା ହୋଇଥିଲା। ଏହି ବର୍ଷା ୨୦୧୦ ଜୁନ୍‌ଠାରୁ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଇଛି।



ପୁଣେର କୋନ୍ଧୱାରେ ୨୨ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

■ ମୃତକଙ୍କ ମଧ୍ୟରେ ଅଧିକାଂଶ ବିହାରର

■ ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

■ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା

## ୩ ଦିନ ପ୍ରବଳ ବର୍ଷିବ

■ ବନ୍ୟା ମୁକାବିଲା ପାଇଁ ସଜାଗ ରହିବାକୁ ଜିଲାପାଳମାନଙ୍କୁ ପରାମର୍ଶ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁ ୭୨ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଜୁନ୍ ୩୦ରୁ ଜୁଲାଇ ୨ ଯାଏ ବର୍ଷା ଲାଗି ରହିବ। ସେହିପରି ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ୨ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲାର ଅଧିକାଂଶ ସ୍ଥାନରେ ଅତିପ୍ରବଳ ବର୍ଷା ହେବ। ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ।



କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ଗଡ଼ିଛି। ହରିଦାସପୁର-ପାରାଦୀପ ଫାଟକବିହୀନ ରେଳପଥ ଦେଇ ଶନିବାର ମଲ୍‌ଟିପୁଲ ଟାୱାର କାର କେନ୍ଦ୍ରାପଡ଼ାରେ ପହଞ୍ଚିଛି। (ରିପୋର୍ଟ ପୃଷ୍ଠା-୪)

## ଘରେ ପଶି ମହିଳାଙ୍କୁ ଗଣବଳାତ୍କାର

କେନ୍ଦ୍ରାପଡ଼ା ଅଫିସ, ୨୯।୬

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ୩ ଦୁର୍ବୃତ୍ତ ଗଣବଳାତ୍କାର କରିଛନ୍ତି । ତାଙ୍କ ସ୍ୱାମୀ ଓ ୨ ପିଲାଙ୍କୁ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ପୀଡ଼ିତାଙ୍କ ସ୍ୱାମୀଙ୍କଠାରୁ ଶନିବାର ଅଭିଯୋଗପତ୍ର ଗ୍ରହଣ କରିବା ପରେ ମାମଲା (ନଂ -୭୩/୧୯) ରୁଜୁ କରିଛି । ଗୁରୁତର ହୋଇଥିବା ଏହି ପରିବାର ଆଳି ଥାନା ଅଞ୍ଚଳରୁ ଆସି ଜାଗା କିଣି ନିକିରାଇ ଥାନା ଅଞ୍ଚଳରେ ରହୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଘରବାଟ ଦେଇ ଏକ ବରଯାତ୍ରୀ ଦଳ ପ୍ରସେଶନରେ ଯାଉଥିଲେ । ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଘର ଗ୍ରୀଲ୍ ଭାଙ୍ଗି ପଶିଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ଲୁହା ରଡ଼ରେ ମାଡ଼ ମାରିବା ସହ ଜୋର ଜବରଦସ୍ତ ମହିଳାଙ୍କୁ ସେମାନଙ୍କ ଆଗରେ ବଳାତ୍କାର କରିଥିଲେ ।

**କିଛି ତଥ୍ୟ**

ଜୁନ ୨୧ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ବୃଦ୍ଧି ପାଇ ୪୨୬.୪୨ ବିଲିୟନ ଡଲାର ହୋଇଛି।

**-ଭାରତୀୟ ରିଜର୍ଭ ବ୍ୟାଙ୍କ**


NECC NATIONAL EGG CO-ORDINATION COMMITTEE 29.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 104 | 163 | 173 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 104 | 163 | 173 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


**ଅଲୱର ଭିଡ଼ହିଂସା**

## ପେହଲୁଙ୍କ ବିରୋଧରେ ମରଣୋତ୍ତର ଚାର୍ଜଶିଟ୍

ନୂଆଦିଲ୍ଲୀ, ୨୯।୬(ଆଇଏଏନ୍ଏସ୍)

ଗୋରୁ ଚୋରାଚାଲାଣ ଅଭିଯୋଗରେ ରାଜସ୍ଥାନ ପୋଲିସ ଶନିବାର ମୃତ ପେହଲୁ ଖାନ୍‌ଙ୍କ ସମେତ ତାଙ୍କର ଦୁଇପୁଅଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିବା ଖବର ପ୍ରକାଶ ପାଇବା ପରେ ବିବାଦ ସୃଷ୍ଟି ହୋଇଛି। ଚାର୍ଜଶିଟ୍‌ରେ ମୃତ ପେହଲୁଙ୍କ ନାଁ ଥିବା କୁହାଯାଉଥିବାବେଳେ ଏହାକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଖଣ୍ଡନ କରିଛନ୍ତି।

୨୦୧୭ ଏପ୍ରିଲରେ ଗାଡ଼ିରେ ଗୋରୁ ବୋଝେଇ କରି ନେଉଥିବା ପେହଲୁ ଖାନ୍‌ଙ୍କୁ ଅଲୱରଠାରେ ତଥାକଥିତ ଗୋରକ୍ଷକମାନେ ପିଟିପିଟି ମାରିଦେଇଥିଲେ। ପେହଲୁଙ୍କ ନାଁରେ ରାଜସ୍ଥାନ ପଶୁହତ୍ୟା ନିରାକରଣ ଓ ଚାଲାଣ ନିୟନ୍ତ୍ରଣ ଆଇନର ଧାରା ୬ରେ ଚାର୍ଜଶିଟ୍ ହୋଇଥିବାବେଳେ ତାଙ୍କ ପୁଅ ଇର୍ସାଦ ଓ ଅରିଫଙ୍କ ବିରୋଧରେ ଧାରା ୫, ୮ ଓ ୯ରେ ପୋଲିସ ଚାର୍ଜଶିଟ୍ ଦାଏର ହୋଇଥିବା ଖବର ପ୍ରକାଶ ପାଇଥିଲା। ରାଜସ୍ଥାନରେ ଅଶୋକ ଗେହଲଟଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଗଠନ ହେବାର ୧୩ ଦିନ ପରେ ଗତବର୍ଷ ଡିସେମ୍ବର ୩୦ରେ ଏହି ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିଲା। ଭାଜପା ସରକାର ସମୟରେ ହୋଇଥିବା ତଦନ୍ତ ଆଧାରରେ ଉକ୍ତ ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିବାରୁ ତଦନ୍ତରେ ତ୍ରୁଟି ଥିଲେ ତାହାର ପୁନଃତଦନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ ପୂର୍ବରୁ କହିଥିଲେ। ରାଜସ୍ଥାନ ପୋଲିସ ଗତ ଡିସେମ୍ବର ମାସରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପେହଲୁ ଖାନ୍‌ଙ୍କ ନାଁ ନ ଥିବା ପରେ ସେ କହିଛନ୍ତି। ଦେଶର ଯେକୌଣସି ସ୍ଥାନରେ ହେଉଥିବା ଭିଡ଼ ହିଂସାକୁ କଂଗ୍ରେସ ଦୃଢ଼ ବିରୋଧ କରେ। ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟେ ସେଥିପାଇଁ ତାଙ୍କ ସରକାର ଯଥେଷ୍ଟ ସତର୍କ ରହିଥିବା ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

୨୦୧୭ ଏପ୍ରିଲ ୧ରେ ପେହଲୁ ଓ ତାଙ୍କ ଦୁଇପୁଅ ଜୟପୁର ମେଳାରୁ ଏକ ଗାଡିରେ ଗୋରୁ ଆଣି ଘରକୁ ଫେରୁଥିବାବେଳେ ଅଲୱର ନିକଟସ୍ଥ ଜୟପୁର-ଦିଲ୍ଲୀ ରାଜପଥରେ ନିଜକୁ ଗୋରକ୍ଷକ କହୁଥିବା କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ଚୋରାବେପାରୀ କହି ମାଡ଼ ମାରିଥିଲେ। ଗୁରୁତର ପେହଲୁଙ୍କର ଏପ୍ରିଲ ୩ରେ ମୃତ୍ୟୁ ହୋଇଥିଲା। ତେବେ ଶନିବାର ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ରାଜସ୍ଥାନ ପୋଲିସ ପେହଲୁଙ୍କୁ ଜଣେ ଗୋରୁ ଚୋରାବେପାରୀ ବୋଲି ଅଭିଯୋଗ କରିଥିବା ଖବର ସାମନାକୁ ଆସିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ପେହଲୁଙ୍କୁ ପିଟି ହତ୍ୟା କରିଥିବା ୮ ଅଭିଯୁକ୍ତ ଜାମିନରେ ଆସି ବାହାରେ ବୁଲୁଥିବାବେଳେ ପୋଲିସ ମୃତ ପେହଲୁଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବାକୁ ନେଇ ରାଜନୀତି ଜୋର ଧରିଛି। କଂଗ୍ରେସ ଭାଜପାର ପ୍ରତିରୂପ, ଏହା ମୁସଲମାନମାନେ ହୃଦୟଙ୍ଗମ କରିବା ଉଚିତ ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି ସମାଲୋଚନା କରିଛନ୍ତି।

**ଅଭିଯୋଗକୁ ଖଣ୍ଡନ କଲେ ଗେହଲଟ**



ଅଶୋକ ଗେହଲଟ

# ବିଷ୍ଣୁ ସେଠୀ ଭାଜପା ବିଧାୟକ ଦଳ ଉପନେତା

**ମୁଖ୍ୟ ସଚେତକ ହେଲେ ମୋହନ ମାଝି**

ଭୁବନେଶ୍ୱର, ୨୯।୬(ବ୍ୟୁରୋ)



ବିଷ୍ଣୁ ସେଠୀ

ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କୁ ଶନିବାର ଭାଜପା ବିଧାୟକ ଦଳର ଉପନେତା ଭାବେ ମନୋନୀତ କରାଯାଇଛି। ସେହିପରି କେନ୍ଦୁଝର ସଦର ଆସନରୁ ବିଜୟୀ ହୋଇଥିବା ମୋହନ ମାଝିଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାୟକଙ୍କୁ ଭାଜପା ବିରୋଧୀ ଦଳ ନେତାଭାବେ ମନୋନୀତ କରିସାରିଛି। ଏ ସଂକ୍ରାନ୍ତ ରାଜ୍ୟ ଭାଜପା କାର୍ଯ୍ୟାଳୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରିଛି।

ଷୋଡ଼ଶ ବିଧାନସଭାରେ ଭାଜପା ପ୍ରଥମଥର ପାଇଁ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଛି। ଦଳର ୨୩ ବିଧାୟକ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ଆସିଛନ୍ତି। ଏମାନଙ୍କ ମଧ୍ୟରେ ୧୧ ଜଣ ଅନୁସୂଚିତ ଜନଜାତି(ଏସ୍‌ଟି), ୭ ଜଣ ଅନୁସୂଚିତ ଜାତି(ଏସ୍‌ସି) ବର୍ଗରୁ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବ ନିର୍ବାଚନ ଅପେକ୍ଷା ଭାଜପାର ଏସ୍‌ସି, ଏସ୍‌ଟି ଭୋଟ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ଏସ୍‌ସି,ଏସ୍‌ଟି ଭୋଟରଙ୍କ ମଧ୍ୟରେ ଦଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏହି ବର୍ଗର ବିଧାୟକମାନଙ୍କୁ ବିଭିନ୍ନ ପଦପଦବୀ ଦିଆଯାଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି। କେବଳ ବିରୋଧୀ ଦଳର ସମ୍ପାଦକ ପଦବୀ ଏଯାବତ୍ କାହାକୁ ପ୍ରଦାନ କରାଯାଇନାହିଁ। ଗତଥର ଭାଜପା ବିଧାନସଭାରେ ୧୦ଟି ଆସନ ଅକ୍ତିଆର କରିଥିଲା। ହେଲେ ପୂର୍ବଥର ଜିତିଥିବା କୌଣସି ବିଧାୟକ ଏଥର ବିଧାନସଭାକୁ ଆସିବାରେ ଅସମର୍ଥ ହୋଇଛନ୍ତି। ତନ୍ମଧ୍ୟରୁ ୨ ଜଣ ଲୋକ ସଭା ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଉଛନ୍ତି-କଳାହାଣ୍ଡିରୁ ବସନ୍ତ ପଣ୍ଡା ଏବଂ ସମ୍ବଲପୁରରୁ ନୀତେଶ ଗଙ୍ଗଦେବ।



ଉତ୍ତରପ୍ରଦେଶରେ ଅପରାଧୀମାନେ ଖୋଲାଖୋଲି ଅପରାଧ ଘଟାଇ ଚାଲିଛନ୍ତି। ରାଜ୍ୟ ସରକାର ଏମାନଙ୍କ ପାଖରେ ନିଜକୁ ଆତ୍ମସମର୍ପଣ କରିଦେଇ ନାହାନ୍ତି ତ?
-ପ୍ରିୟଙ୍କା ଗାନ୍ଧୀ,
କଂଗ୍ରେସ ସାଧାରଣ ସମ୍ପାଦକ

## ■ ଜି-୨୦ ସମ୍ମିଳନୀରେ ଭାରତର କଠୋର ଆଭିମୁଖ୍ୟ

# ପଳାତକ ଅପରାଧୀଙ୍କୁ ଅଙ୍କୁଶ ଲଗାଅ

ଓସାକା,୨୯।୬(ପି.ଟି.)

ପଳାତକ ଆର୍ଥିକ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜି-୨୦ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀରେ ଭାରତ ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଅନ୍ତର୍ଜାତୀୟ ଫୋରମ୍‌ରେ ଏହି ପ୍ରସଙ୍ଗ ଉଠାଇ ଆସୁଥିବା ଜି୨୦ ସମ୍ମିଳନୀରେ ଭାରତର ଶେରପା ଥିବା ସୁରେଶ ପ୍ରଭୁ ଶନିବାର କହିଛନ୍ତି। ଟିକସ ଫାଙ୍କି, ଦୁର୍ନୀତି, ଆର୍ଥିକ ଅପରାଧ, ଏବଂ ଦେଶ ଛାଡ଼ି ପଳାଇଯାଉଥିବା ଅପରାଧୀମାନଙ୍କ ବିରୋଧରେ କଠୋର ଆଇନ ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଭାରତ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକରେ ଜୋରଦାର ଦାବି କରିଆସୁଛି ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଭୁ ସୂଚନା ଦେଇଛନ୍ତି। ଡିଜିଟାଲ ଅର୍ଥନୀତି ସମ୍ପର୍କିତ ଓସାକା ଘୋଷଣାନାମାରେ ଭାରତ କାହିଁକି ଯୋଗଦେଲା ନାହିଁ ପ୍ରଶ୍ନର ଉତ୍ତରରେ ପ୍ରଭୁ କହିଥିଲେ, ଏହାର କାରଣ ସମ୍ପର୍କରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କୁ ଅବଗତ କରାଯାଇଛି। ଭାରତ ଡିଜିଟାଲ ଅର୍ଥନୀତିରେ ବିଶ୍ୱାସ କରେ ଏବଂ ଏଥିପାଇଁ ନିକଟ ଅତୀତରେ ଅନେକ ପଦକ୍ଷେପ ଗ୍ରହଣ କରିଛି।

ଜି-୨୦ ସମ୍ମିଳନୀ ପାଇଁ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଶେଷ ଦିନରେ ୬ଟି ଦେଶର ନେତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି। ଶନିବାର ଇଣ୍ଡୋନେସିଆ, ବ୍ରାଜିଲ୍, ତୁର୍କୀ, ଅଷ୍ଟ୍ରେଲିଆ, ସିଙ୍ଗାପୁର ଓ ଚିଲିର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଏଥିରେ ବାଣିଜ୍ୟ, ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମ, ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା ଏବଂ କ୍ରୀଡ଼ା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ପ୍ରଥମେ ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କୁ ଭେଟି ଆଲୋଚନା କରିଥିଲେ। ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା ନେଇ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ଉଭୟ ନେତା ରାଜି ହୋଇଥିଲେ। ଏହା ପରେ ସେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସହ ବାଣିଜ୍ୟ, ପୁଞ୍ଜିନିବେଶ, କୃଷି, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବ ଇନ୍ଧନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ।

### ଶେଷ ଦିନରେ ୬ ଦ୍ୱିପାକ୍ଷିକ ଆଲୋଚନା

ସେହିପରି ତୁର୍କୀ ରାଷ୍ଟ୍ରପତି ରେସେପ୍ ଟାୟିପ୍ ଏର୍ଡୋଗାନଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦୁଇଦେଶର ବନ୍ଧୁତାରେ ଯଥେଷ୍ଟ ଉନ୍ନତି ହୋଇଥିବା ଉଭୟ ନେତା କହିଥିଲେ।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍‌ଙ୍କ ସହ ବୈଠକ ବେଳେ କ୍ରୀଡ଼ା, ଖଣି ପ୍ରଯୁକ୍ତି, ପ୍ରତିରକ୍ଷା ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସହଯୋଗ ନେଇ ଆଲୋଚନା ହୋଇଥିଲା। ମୋଦି କେତେ ଭଲ ବୋଲି ମୋରିସନ୍ ହିନ୍ଦୀରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରି କହିଥିଲେ। ଦୁଇ ନେତା ଏକାଠି ଉଠାଇଥିବା ସେଲ୍‌ଫିକୁ ମୋରିସନ ଟୁଇଟ୍ କରିଛନ୍ତି। ଏହାପରେ ମୋଦି ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲି ସିଏନ୍ ଲୁଙ୍ଗ ଏବଂ ଚିଲି ରାଷ୍ଟ୍ରପତି ସେବାଷ୍ଟିଆନ୍ ପିନେରାଙ୍କ ସହ ଭାବ ବିନିମୟ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଥିଲେ।

ଶୁକ୍ରବାର ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସମେତ ଅନ୍ୟ ନେତାମାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।


ନରେନ୍ଦ୍ର ମୋଦିଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ସେଲ୍‌ଫି ନେଇ ଟୁଇଟ୍ କରିଛନ୍ତି।

## ■ ପ୍ୟାରିସ୍ ଜଳବାୟୁ ଚୁକ୍ତି

# ଆମେରିକା ବ୍ୟତୀତ ସବୁ ଜି୨୦ ରାଷ୍ଟ୍ରଙ୍କ ସମର୍ଥନ

**ଓସାକା,୨୯।୬(ପି.ଟି):** ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ଶନିବାର ଜି-୨୦ ରାଷ୍ଟ୍ରଗୋଷ୍ଠୀର ୧୯ ସଦସ୍ୟ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କେବଳ ଆମେରିକା ଏହାକୁ ସମର୍ଥନ କରିନାହିଁ। ଜାପାନର ଓସାକା ସହରରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ବିଶ୍ୱନେତାମାନେ ଭାଗ ନେଇ ଜଳବାୟୁ ପରିବର୍ତ୍ତନ ରାଜିନାମା କାର୍ଯ୍ୟକାରୀ କରିବାକୁ ସହମତି ପ୍ରକାଶ କରିଥିଲେ। ଗତବର୍ଷ ମଧ୍ୟ ଆର୍ଜେଣ୍ଟିନାରେ ଅନୁରୂପ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏହା ଆମେରିକାର କର୍ମଚାରୀ ଓ ଟିକସଦାତାଙ୍କ ପାଇଁ ହାନିକାରକ ଦର୍ଶାଇ ପ୍ୟାରିସ୍ ଚୁକ୍ତିରୁ ଓହରିଯିବା ନିଷ୍ପତ୍ତିରେ ୱାଶିଂଟନ ଅଟଳ ରହିଥିଲା।

ଜଳବାୟୁ ପରିବର୍ତ୍ତନରୁ ରକ୍ଷା ପାଇବାକୁ ହେଲେ ଜି୨୦ ରାଷ୍ଟ୍ରସମୂହ ସ୍ମାର୍ଟ ସିଟି, ପରିବେଶକୁ ସ୍ୱଚ୍ଛ ରଖିବା ପ୍ରଯୁକ୍ତି ଉପରେ ଜୋର ଦେବାକୁ ହେବ। ଏଥିପାଇଁ ଅନେକ ସ୍ୱଚ୍ଛତାଭିତ୍ତିକ ପଦକ୍ଷେପ ନେବାକୁ ହେବ ବୋଲି ଚୂଡ଼ାନ୍ତ ଦସ୍ତାବିଜ୍‌ରେ କୁହାଯାଇଛି। ବୁଏନୋସ୍ ଏୟାର୍ସ ଏବଂ ହମବର୍ଗରେ ପୂର୍ବରୁ ହୋଇଥିବା ଘୋଷଣାନାମା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ବିରୋଧରେ କାର୍ଯ୍ୟକ୍ରମମାନ ଜାରି ରଖିବା ଲାଗି ୧୯ଟି ସଦସ୍ୟ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।


ଅମରନାଥ ଯାତ୍ରା ଲାଗି ନାମ ପଞ୍ଜୀକରଣ କରିବାକୁ ଜମ୍ମୁ ବେସ୍ କ୍ୟାମ୍ପରେ ସାଧୁମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।

## ■ ଜିଦ୍‌ରେ ଅଟଳ ରାହୁଲ

# ୟୁପିରେ ୩୫ କଂଗ୍ରେସ ନେତାଙ୍କ ଇସ୍ତଫା

ଲକ୍ଷ୍ନୌ, ୨୯।୬

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରଠାରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦରୁ ଇସ୍ତଫା ଦେବା ଲାଗି ଅଡ଼ି ବସିଛନ୍ତି। ପଛକୁ ଫେରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ହେଲେ ଦଳୀୟ କର୍ମକର୍ତ୍ତାମାନେ ରାହୁଲଙ୍କ ପ୍ରତି ଆସ୍ଥାରଖି ସେ ହିଁ ଦଳର ଅଧ୍ୟକ୍ଷ ରହିବେ ବୋଲି ଜିଦ୍‌ରେ ଅଟଳ ଅଛନ୍ତି।

ଉତ୍ତରପ୍ରଦେଶରେ ଦଳର ଶୋଚନୀୟ ପରାଜୟ କଂଗ୍ରେସ ନେତାଙ୍କୁ ହତୋତ୍ସାହିତ କରିପକାଇଛି। ଏନେଇ ପ୍ରଦେଶ କଂଗ୍ରେସ କମିଟିର ୩୫ ନେତା ଶନିବାର ଇସ୍ତଫା ଦେଇଛନ୍ତି। ପ୍ରଦେଶ କଂଗ୍ରେସର ଉପସଭାପତି ରଞ୍ଜିତ ସିଂ, ସାଧାରଣ ସମ୍ପାଦକ ଆରାଧନା ମିଶ୍ର ମୋନା, ଉପସଭାପତି ଆର୍.ପି. ତ୍ରିପାଠୀ ପ୍ରମୁଖ ନିର୍ବାଚନରେ ଦଳର ପରାଜୟ ଲାଗି ନୈତିକତା ଦୃଷ୍ଟିରୁ ଶନିବାର ଇସ୍ତଫା ଦେଇଛନ୍ତି। ଏଭଳି ଇସ୍ତଫା ସୁଅ ଆଗକୁ ଜାରି ରହିବ ବୋଲି ଜଣାପଡ଼ିଛି। ପୂର୍ବରୁ ପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ୍ ବବର ନିଜ ପଦରୁ ଇସ୍ତଫା ଦେଇଥିଲେ।

କଂଗ୍ରେସ ମୁଖପାତ୍ର ପଵନ ଖେରା କହିଛନ୍ତି, ପ୍ରଦେଶ କଂଗ୍ରେସର ବହୁ ନେତା ଇସ୍ତଫା ଦେଇଥିଲେ ହେଁ ରାହୁଲ ନିଜ ପଦରେ ରହିବା ଲାଗି ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ କଂଗ୍ରେସ ନେତା ଦୀପକ ବାବରିଆ, ଗୋଆ କଂଗ୍ରେସ ମୁଖ୍ୟ ଗିରୀଶ ଚୋଡନ୍‌କର, ଦିଲ୍ଲୀ ପିସିସି କାର୍ଯ୍ୟକାରୀ ସଭାପତି ରାଜେଶ ଲିଲୋଥିଆ ଓ ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପୋନାମ ପ୍ରଭାକର ପ୍ରମୁଖ ନିଜ ପଦରୁ ଇସ୍ତଫା ଦେଇସାରିଛନ୍ତି।


ମହାରାଷ୍ଟ୍ରର ଠାଣେରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଦବିଯାଇଛି।

# ସରକାରୀ ବାସଭବନ ଛାଡ଼ିଲେ ସୁଷମା

ନୂଆଦିଲ୍ଲୀ, ୨୯।୬

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ ନୂଆଦିଲ୍ଲୀର ସଫଦରଜଙ୍ଗ୍ ଲେନ୍-୮ରେ ଥିବା ନିଜ ସରକାରୀ ବାସଭବନକୁ ଶନିବାର ଖାଲି କରିଛନ୍ତି। ଏଠାର ପୁରୁଣା ଠିକଣା ଓ ଫୋନ ନମ୍ବରରେ ମୋ ସହ ଆଉ ଯୋଗାଯୋଗ ହୋଇପାରିବନି ବୋଲି ସୁଷମା ଟୁଇଟ୍ କରି ଦର୍ଶାଇଛନ୍ତି। ପ୍ରକାଶଥାଉ କି, ଗତ ସାଧାରଣ ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ନ ଥିଲେ। ଗତବର୍ଷ ନଭେମ୍ବରରେ ସେ ୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଥିଲେ। ନିୟମାନୁଯାୟୀ ଲୋକ ସଭା ଭଙ୍ଗ ହେବାର ମାସକ ମଧ୍ୟରେ ପୂର୍ବତନ



ସାଂସଦମାନେ ସେମାନଙ୍କ ସରକାରୀ ବଙ୍ଗଳା ଖାଲିକରିବା ଉଚିତ। ଗତ ମେ ୨୫ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ୟାବିନେଟ ଅନୁମୋଦନ କ୍ରମେ ଷୋଡ଼ଶ ଲୋକ ସଭା ଭଙ୍ଗ କରିଥିଲେ।

## ■ କଂଗ୍ରେସ ନେତା ବିକାଶ ଚୌଧୁରୀ ହତ୍ୟା ମାମଲା

# ଗଠନ ହେଲା ଏସ୍ଆଇଟି: ୨ ଗିରଫ

ଚଣ୍ଡିଗଡ଼, ୨୯।୬ (ପି.ଟି.)

ହରିୟାଣା କଂଗ୍ରେସ ନେତା ବିକାଶ ଚୌଧୁରୀ ହତ୍ୟା ମାମଲାରେ ଶନିବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଗ୍ୟାଙ୍ଗଷ୍ଟର କୌଶଲ୍‌ଙ୍କ ସ୍ତ୍ରୀ ରୋଶ୍‌ନୀ ଓ ତାଙ୍କ ଚାକର ନରେଶ ଅଛନ୍ତି। ରୋଶ୍‌ନୀ ଓ ନରେଶ ଅଭିଯୁକ୍ତଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାରକୁ ପୋଲିସ ଜବତ



କରିଥିବା ଜଣାପଡ଼ିଛି। ଟଙ୍କାକୁ ନେଇ ବିକାଶ ଓ କୌଶଲଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ପୋଲିସ କହିଛି।

ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଶନିବାର ଡିଜିପି ମନୋଜ ଯାଦବ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫରିଦାବାଦ୍‌ରେ ଗତ ଜୁନ୍ ୨୭ରେ କଂଗ୍ରେସ ନେତା ବିକାଶଙ୍କୁ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ତୀବ୍ର ନିନ୍ଦା କରିବା ସହ ଉପଯୁକ୍ତ ତଦନ୍ତ କରିବା ଲାଗି ଦାବି କରିଥିଲେ।

# 'ଜୟ ଶ୍ରୀରାମ' ନ କହିବାରୁ ମୁସଲ୍‌ମାନ ଯୁବକଙ୍କୁ ମାଡ଼

କାନପୁର, ୨୯।୬ (ପି.ଟି.)

ଉତ୍ତରପ୍ରଦେଶର କାନପୁରଠାରେ ଜଣେ ୧୬ ବର୍ଷୀୟ ନାବାଳକଙ୍କୁ କେତେକ ଯୁବକ ଘେରିଯାଇ 'ଜୟ ଶ୍ରୀରାମ' ଉଚ୍ଚାରଣ କରିବାକୁ କହିଥିଲେ। ନାବାଳକ ଜଣକ ଏହା ନ କହିବାରୁ ତାଙ୍କୁ ଦୁର୍ବୃତ୍ତମାନେ ନିସ୍ତୁକ ମାଡ଼ ମାରିଥିବା ପୋଲିସ କହିଛି।

ଘଟଣାଟି ଶୁକ୍ରବାରର। ସ୍ଥାନୀୟ ବାରାନିବାସୀ ମହମ୍ମଦ ତାଜ୍ ନମାଜ୍ ପାଠ ସାରି ଘରକୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ମୋଟରସାଇକେଲରେ ଆସି ଘରଠାରୁ ୧୦୦ ମିଟର ଦୂରରେ ତାଙ୍କୁ ପ୍ରଥମେ ଅଟକାଇଥିଲେ। ପରେ ଟୋପି କାଢ଼ିବାକୁ କହି 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିଥିଲେ। ସେ ନ କହିବାରୁ ତାଙ୍କୁ ମୁଥ ଓ ଗୋଇଠା ମାରିଥିଲେ। ପରେ ଟୋପି ଫିଙ୍ଗିଦେଇ ତଳ ପକାଇ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗହୋଇଛି। ଚିତ୍କାର ଶୁଣି କିଛି ଲୋକ ସେଠାରେ ପହଞ୍ଚିବାରୁ ସେମାନେ ଚାଲିଯାଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

# ବିଚାରପତିଙ୍କୁ ଜୋତା ଫିଙ୍ଗିଲେ ହତ୍ୟା ଅଭିଯୁକ୍ତ

ଠାଣେ, ୨୯।୬ (ପି.ଟି.)

ଜଣେ ହତ୍ୟା ଅଭିଯୁକ୍ତ ତାଙ୍କ ପାଇଁ ନୂଆ ଓକିଲ ନିଯୁକ୍ତି ନେଇ କୋର୍ଟ ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ ହୋଇ ବିଚାରପତିଙ୍କୁ ଜୋତା ଫିଙ୍ଗିଛନ୍ତି। ଜିଲ୍ଲା ସେସନ୍ସ ଜଜ୍ ରାଜେଶ ଗୁପ୍ତାଙ୍କ କୋର୍ଟରେ ଶୁକ୍ରବାର ଏହି ଶୁଣାଣି ହେଉଥିବାବେଳେ ବିଚାରପତି ଅଭିଯୁକ୍ତ ଗଣେଶ ଗାଏକ୍‌ୱାଡ଼ଙ୍କୁ ଓକିଲ କାହାନ୍ତି ବୋଲି ପଚାରିବାରୁ ସେ ଆସିନାହାନ୍ତି ବୋଲି ଉତ୍ତର ମିଳିଥିଲା। ବିଚାରପତି ନୂଆ ଓକିଲ ରଖିବେ କି ବୋଲି ପ୍ରଶ୍ନ କରିବାରୁ ଗାଏକ୍‌ୱାର୍ଡ ରାଗିଯାଇ ଜୋତା ଫିଙ୍ଗିଥିଲେ। ଜୋତାଟି ବିଚାରପତିଙ୍କ ଦେହରେ ବାଜି ନ ଥିଲା।

# ହୁଗ୍‌ଲୀରେ ଟିଏମ୍‌ସି କର୍ମୀଙ୍କୁ ହତ୍ୟା

କୋଲକାତା,୨୯।୬(ଆଇଏଏନ୍ଏସ୍)

ପଶ୍ଚିମବଙ୍ଗର ହୁଗ୍‌ଲୀ ଜିଲାରେ ଶନିବାର ସକାଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ କର୍ମୀ ତଥା ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବଣ୍ଡେଲ ଜଙ୍କ୍‌ସନ ରେଳଷ୍ଟେଶନରେ ପୂର୍ବାହ୍ନ ୧୦ଟାବେଳେ ଦିଲୀପ ରାମ୍ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ତାଙ୍କ ହତ୍ୟା ପ୍ରତିବାଦରେ ତୃଣମୂଳ କଂଗ୍ରେସ କର୍ମୀମାନେ ରବିବାର ଚିନ୍‌ସୁରା ସହରରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି। ଦିଲୀପ ଜଣେ ରେଳ କର୍ମଚାରୀ ଓ ଉତ୍ତର ୨୪ ପ୍ରଗଣା ଜିଲାର ନୈହାଟିଠାରେ କାର୍ଯ୍ୟରତ ଥିଲେ। ପ୍ରତିଦିନ ସେ ଘରୁ କାର୍ଯ୍ୟସ୍ଥଳକୁ ଟ୍ରେନ୍ ଯୋଗେ ଯାତାୟାତ କରୁଥିଲେ। ଗୁଳିକାଣ୍ଡ ପରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ଓ ପରେ କୋଲକାତା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି।

### ୨୪ ଘଣ୍ଟିଆ ବନ୍ଦ ଡାକରା

# ଖଣି ଭୁଶୁଡ଼ି ୪୩ ମୃତ



କିନ୍‌ଶାସା, ୨୯।୬

ଦକ୍ଷିଣ-ପୂର୍ବ ଡିଆର୍ କଙ୍ଗୋରେ ଏକ ତମ୍ବା ଖଣି ଭୁଶୁଡ଼ି ପଡ଼ିବାରୁ ସେଠାରେ ବେଆଇନ ଖଣି ଉତ୍ତୋଳନ କରୁଥିବା ୪୩ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଏନେଇ ଲୁଆଲାବା ପ୍ରଦେଶର ଗଭର୍ନର ରିଚାର୍ଡ ମୁୟେଇ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତେବେ ରେଡ୍‌କ୍ରସ ଓ ଅନ୍ୟ ସାମାଜିକ ସଙ୍ଗଠନ ପକ୍ଷରୁ ୬୦ରୁ ୮୦ ବ୍ୟକ୍ତି ପ୍ରାଣ ହରାଇଥିବା ଦର୍ଶାଯାଇଛି। ପ୍ରକାଶଥାଉ କି, ଏଠାରେ ଦୈନନ୍ଦିନ ବେଆଇନ ଖଣି ଉତ୍ତୋଳନ କରାଯାଇଥାଏ। ଉପାନ୍ତ ଅଞ୍ଚଳରେ ଏହି କାର୍ଯ୍ୟ ବେଧଡ଼କଭାବେ କରାଯାଇଥାଏ।

# ଏନ୍‌ଡିଆର୍ଏଫ କାର୍ଯ୍ୟକୁ ଶାହଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୯।୬(ଆଇଏଏନ୍ଏସ୍)

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ କାର୍ଯ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଉଚ୍ଚ ପ୍ରଶଂସା କରିଛନ୍ତି। ତେବେ ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱରେ ୧ ନମ୍ବର ହେବା ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ସହ ମିଶି ନିଜସ୍ୱ ଉପକରଣର ବିକାଶ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ବାର୍ଷିକ ସାମର୍ଥ୍ୟ ବିକାଶ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶାହ କହିଥିଲେ, ଏନ୍‌ଡିଆର୍ଏଫ୍ ଗଠନ ହେବାଠାରୁ ଆଜି ପର୍ଯ୍ୟନ୍ତ ୩୦୦୦ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ଲକ୍ଷେରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ରକ୍ଷା କରିପାରିଛି, ଯାହାକି ଏକ ବଡ଼ ସଫଳତା। କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଏନ୍‌ଡିଆର୍ଏଫ ଟିମ୍ ପ୍ରଶଂସନୀୟ କାର୍ଯ୍ୟ କରିଛି। ୧୯୯୯ ମହାବାତ୍ୟାରେ ଓଡିଶାରେ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ତେବେ ଚଳିତ ବର୍ଷ ଫନି ବାତ୍ୟା ଅନୁରୂପ ବିପର୍ଯ୍ୟୟ ହୋଇଥିଲେ ହେଁ ଏନ୍‌ଡିଆର୍ଏଫର ଉଦ୍ୟମ ବଳରେ ମୃତ୍ୟୁସଂଖ୍ୟା ୬୭ରେ ସୀମିତ ରହିପାରିଥିବା ଶାହ କହିଛନ୍ତି। ୨୦୦୦ ମସିହା ପୂର୍ବରୁ ବିପର୍ଯ୍ୟୟ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉ ନ ଥିଲା। ଗୁଜରାଟ ଭୂମିକମ୍ପ ପରେ ୨୦୦୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରତିଷ୍ଠା କରିଥିଲେ। ସେହିଠାରୁ ସାରା ଦେଶରେ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ହୋଇଥିଲା। ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କମିଟି ଗଠନ କରାଯାଇଥିଲା ବୋଲି ଶାହ କହିଛନ୍ତି।



## ■ ଇରାନ- ଆମେରିକା ଉତ୍ତେଜନା ବଢ଼ୁଛି

# କାତାରରେ ଏଫ୍-୨୨ ଯୁଦ୍ଧବିମାନ

ୱାଶିଂଟନ,୨୯।୬(ଏଏଫ୍‌ପି)

ଇରାନ-ଆମେରିକା ବିବାଦ ବଢ଼ିବାରେ ଲାଗିଛି। ପ୍ରଥମ ଥର ଲାଗି ଆମେରିକା କାତାରରେ ଏହାର ଏଫ୍-୨୨ ଲଢ଼ୁଆ ବିମାନ ମୁତୟନ କରିଛି। ଆମେରିକା ସ୍ୱାର୍ଥର ସୁରକ୍ଷା ଲାଗି ଯୁଦ୍ଧବିମାନ ମୁତୟନ କରାଯାଇଥିବା ଏହାର ବାୟୁସେନା କେନ୍ଦ୍ରୀୟ ମିଲିଟାରୀ କମାଣ୍ଡ କହିଛନ୍ତି। କାତାର ଅଲ୍ ଉଦେଇଦ୍ ଏୟାରବେସ୍ ଉପରେ ୫ଟି ଲଢ଼ୁଆ ବିମାନ ଉଡୁଥିବା ଦେଖାଯାଇଛି। ଉପସାଗରୀୟ ଜଳରାଶିରେ ଉଡୁଥିବା ଆମେରିକାର ଏକ ଗୋଇନ୍ଦା ଡ୍ରୋନ୍‌କୁ ଇରାନ ଖସାଇଦେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ପାରସ୍ୟ ଉପସାଗରରେ ତୈଳବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣ ପାଇଁ ୱାଶିଂଟନ ତେହେରାନକୁ ଦାୟୀ କରିଥିଲା। ଆମେରିକା ଓ ଇରାନ ମଧ୍ୟରେ ବିବାଦ ଦିନକୁ ଦିନ ଅଧିକ ତୀବ୍ର ହେବାରେ ଲାଗିଛି। ଉଭୟ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଛନ୍ତି। ଡ୍ରୋନ ଖସାଇବା ପରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେନାକୁ ନିର୍ଦ୍ଦେଶ ଦେଇ ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରିନେଇଥିଲେ। ଏହା ପରେ ସେ ଇରାନ ଉପରେ ସାନି ଅର୍ଥନୈତିକ କଟକଣା ଲାଗୁ କରିଛନ୍ତି।



# ଏନ୍ଆର୍‌ସି ସଂଶୋଧନ ସମୟସୀମା ବଢ଼ିଲା

ନୂଆଦିଲ୍ଲୀ,୨୯।୬

ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆରସି)ରେ ସଂଶୋଧନ ସମୟସୀମାକୁ କେନ୍ଦ୍ର ସରକାର ଆଉ ଏକ ମାସ ବୃଦ୍ଧି କରିଛନ୍ତି। ଜୁଲାଇ ୩୦ ପର୍ଯ୍ୟନ୍ତ ଏଥିରେ ସଂଶୋଧନ କରାଯାଇପାରିବ। ଗତବର୍ଷ ଡିସେମ୍ବରରେ ଏହି ସମୟସୀମାକୁ ୬ ମାସ ବଢ଼ାଯାଇଥିଲା। ଜୁନ୍ ୩୦ରେ ଏହି ସମୟସୀମା ଶେଷ ହେଉଥିଲା। ତେବେ ଆହୁରି ଅନେକ ଆଇନଗତ ବାସିନ୍ଦା ତାଲିକା ବାହାରେ ରହିଯାଇଥିବାରୁ ଜୁନ୍ ୩୦ ସୁଦ୍ଧା ସମସ୍ତଙ୍କୁ ଚିହ୍ନଟ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବା ସମ୍ଭବ ନୁହେଁ ବୋଲି ପ୍ରଶାସନ ଜଣାଇବା ପରେ ରେଜିଷ୍ଟ୍ରାର ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଭାରତର ରେଜିଷ୍ଟ୍ରାର ଜେନେରାଲ କହିଛନ୍ତି। ପୂର୍ବରୁ ପ୍ରସ୍ତୁତ ଏନ୍ଆରସି ଚିଠା ତାଲିକାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡିଥିଲେ।




■ ପ୍ରଶାସନିକସ୍ତରରେ ଅଦଳବଦଳ

# ବଦଳିଲେ ସୁନ୍ଦରଗଡ଼, ଢେଙ୍କାନାଳ, ସୁବର୍ଣ୍ଣପୁର ଜିଲାପାଳ

■ ବିବାଦୀୟ ରଶ୍ମିତାଙ୍କୁ ଗୁରୁଦାୟିତ୍ୱ

■ ନିଖିଲ ପୱନ କଲ୍ୟାଣ ସୁନ୍ଦରଗଡ଼, ଭୂମେଶ ଢେଙ୍କାନାଳ ଜିଲାପାଳ

■ ମୋନିଶା ହେଲେ ସୋନପୁର ଜିଲାପାଳ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ପ୍ରଶାସନିକସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୦୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ରାଜେଶ ପୂର୍ବରୁ ନିଯୁକ୍ତି ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ)ଭାବେ କାର୍ଯ୍ୟ କରୁଥିଲେ। ରାଜେଶଙ୍କ ସ୍ଥାନରେ ସୁନ୍ଦରଗଡ଼ ଜିଲାପାଳ ଥିବା ରଶ୍ମିତା ପଣ୍ଡାଙ୍କୁ ନିୟୋଜନ ନିର୍ଦ୍ଦେଶକ ତଥା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ଭାବେ ନିଯୁକ୍ତି ଦିଆଯାଇଛି। କିଛିଦିନ ତଳେ ସୂଚନା ଅଧିକାର ଆଇନ ଜରିଆରେ ଏକ ତଥ୍ୟ ମିଳିଥିଲା। ଏହି ତଥ୍ୟରେ ରଶ୍ମିତା ନିଜ ସରକାରୀ କ୍ୱାର୍ଟର୍ସ ମରାମତି ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଥିଲା। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିଲା। କରଦାତାଙ୍କ ଅର୍ଥକୁ ଅଯଥା ଖର୍ଚ୍ଚ କରିଥିବାକୁ ରଶ୍ମିତାଙ୍କ ବିରୋଧରେ ରାଜ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନେ କରାଯାଉଥିଲା। ହେଲେ ତାହା ହୋଇ ନାହିଁ। ଓଲଟି ରଶ୍ମିତାଙ୍କୁ ଜିଲାପାଳ ପଦବୀରୁ ଅପସାରଣ କରାଯାଇ ରାଜ୍ୟ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି। ଏହାକୁ ନେଇ ରାଜଧାନୀରେ ଭିନ୍ନ ଚର୍ଚ୍ଚା ଦେଖିବାକୁ ମିଳିଛି।

ଢେଙ୍କାନାଳ ଜିଲାପାଳ ଥିବା ନିଖିଲ ପୱନ କଲ୍ୟାଣଙ୍କୁ ସୁନ୍ଦରଗଡ ଜିଲାପାଳଭାବେ ବଦଳି କରାଯାଇଛି। ୨୦୧୩ ବ୍ୟାଚ୍‌ର ମୋନିଶା ବାନାର୍ଜୀଙ୍କୁ ସୁବର୍ଣ୍ଣପୁର ଜିଲାପାଳଭାବେ ବଦଳି କରାଯାଇଛି। ମୋନିଶା ବର୍ତ୍ତମାନ ଗୃହ ବିଭାଗର ଉପସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଓଏଏସ୍ ଅଫିସର ତଥା ସୁନ୍ଦରଗଡ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଭୂମେଶ ଚନ୍ଦ୍ର ବେହେରାଙ୍କୁ ଢେଙ୍କାନାଳ ଜିଲାପାଳଭାବେ ନୂତନ ନିଯୁକ୍ତି ଦିଆଯାଇଛି।

■ ଏକ ରାଷ୍ଟ୍ର, ଏକ ରାଶନ କାର୍ଡ ଲାଗୁ

# ରାଜ୍ୟଗୁଡ଼ିକୁ ବର୍ଷେ ମିଳିଲା

ନୂଆଦିଲ୍ଲୀ,୨୯।୬

କେନ୍ଦ୍ର ସରକାର ସାରା ଦେଶରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ରାଜ୍ୟ ସରକାରଗୁଡ଼ିକୁ ଏଥିପାଇଁ ଆସନ୍ତାବର୍ଷ ଜୁନ୍ ୩୦ ଯାଏ ସମୟ ଦିଆଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରୁ ଶସ୍ତାରେ ରାଶନ କିଣିପାରିବେ। କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ,ତେଲେଙ୍ଗାନା ଏବଂ ତ୍ରିପୁରା ଭଳି ୧୦ ରାଜ୍ୟ ଏଥିପୂର୍ବରୁ (ପିଡିଏସ୍)ରେ ପୋର୍ଟେବିଲିଟି ଉପଲବ୍ଧ କରାଇଛନ୍ତି। ଆସନ୍ତାବର୍ଷ ଜୁନ୍ ୩୦ ସୁଦ୍ଧା ନୂଆ ବ୍ୟବସ୍ଥାକୁ ବିନା ବାଧାରେ ଲାଗୁ କରାଯିବ। କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ରାଜ୍ୟ ସରକାରଗୁଡ଼ିକୁ ପତ୍ର ଲେଖାଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ରାଶନ କାର୍ଡ ଜାଲିଆତି ବନ୍ଦ ହୋଇଯିବ ବୋଲି ପାଶ୍ୱାନ କହିଛନ୍ତି। ତାମିଲନାଡୁ, ପଞ୍ଜାବ, ଓଡ଼ିଶା ଓ ମଧ୍ୟପ୍ରଦେଶ ସମେତ ୧୧ ରାଜ୍ୟରେ ଇତିମଧ୍ୟରେ ରାଶନ ଦୋକାନରେ ପଏଣ୍ଟ ଅଫ୍ ସେଲ୍(ପିଓଏସ) ଲାଗୁ କରାଯାଇଥିବାରୁ ପଡି କାର୍ଡଧାରୀଙ୍କ ଲାଗି ନୂଆ ବ୍ୟବସ୍ଥା ଲାଗୁ କରିବା ସହଜ ହେବ। ମୋଦି ସରକାରଙ୍କ ୧୦୦ ଦିନର ଏଜେଣ୍ଡାରେ ଏହାକୁ ସାମିଲ କରାଯାଇଛି। ସୂଚନାଥାଉ କି, ୨୦୧୬ ନଭେମ୍ବରରେ ଦେଶରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରାଯାଇଥିଲା। ଏହା ଅଧୀନରେ ୮୦ କୋଟି ଲୋକଙ୍କୁ ରାଶନ କାର୍ଡ ଜରିଆରେ ଶସ୍ତା ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି।

# ମାମୁପୁଅ ଭାଇ ଦ୍ୱାରା ସ୍ତ୍ରୀଙ୍କୁ ବଳାତ୍କାର, ଭିଡିଓ କଲେ ସ୍ୱାମୀ

ଆନନ୍ଦପୁର/କୋଳିମାଟି, ୨୯।୬(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଘସିପୁରା ଥାନା କୋଳିମାଟି ଜଙ୍ଗଲରେ ଶନିବାର ଅପରାହ୍ନରେ ଜଣେ ମହିଳାଙ୍କୁ ବଳାତ୍କାର କରି ଏହାର ଭିଡିଓ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଜଘନ୍ୟ ଅପରାଧ ଅନ୍ୟ କେହି ନୁହେଁ ମହିଳାଙ୍କ ସ୍ୱାମୀ ନିଜେ ଘଟାଇଛନ୍ତି। ତାଙ୍କର ଜଣେ ସମ୍ପର୍କୀୟଭାଇଙ୍କୁ ବଳାତ୍କାର କରିବାକୁ କହି ସେ ଏହାର ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରିଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ମାମୁପୁଅ ଭାଇଙ୍କୁ ଗିରଫ କରିଛି। ଭିଡିଓ ରେକର୍ଡିଂ ହୋଇଥିବା ମୋବାଇଲକୁ ଜବତ କରାଯାଇଛି। ପୀଡ଼ିତା ଓ ତାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଇବା ପରେ ପୋଲିସ ଏକ ବଳାତ୍କାର ମାମଲା (ନଂ. ୧୦୧/୧୯) ରୁଜୁ କରିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହକରି ନିଜେ ସ୍ୱାମୀ ଏଭଳି କାଣ୍ଡ ଘଟାଇଥିବାର ଜେରାବେଳେ ସ୍ୱୀକାର କରିଥିବା ନେଇ ଘସିପୁରା ଥାନା ଆଇଆଇସି ବିରଞ୍ଚି ବାଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମହିଳାଙ୍କ ସ୍ୱାମୀ ଷଡ଼ଯନ୍ତ୍ର କରି ମାମୁପୁଅ ଭାଇଙ୍କ ଦ୍ୱାରା ତାଙ୍କୁ ବଳାତ୍କାର କରି ନିର୍ଯାତନା ଦେବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଲୁକମାନ-ଏ-ହୟାତ୍ ତେଲ®
ଆୟୁର୍ବେଦିକ ଔଷଧ
ପୋଡ଼ା, କ୍ଷତ, ଆଘାତ, ମକଚା, ପୀଡ଼ା, ଫୁଲା, ଘା', ଅର୍ଶ ବା ମଳକଣ୍ଟକ, ମାଲିସ୍ ଇତ୍ୟାଦିରେ ଗୁଣକାରୀ।
ସମସ୍ତ ଷ୍ଟୋର୍ ଏବଂ କେମିଷ୍ଟ ଦୋକାନରେ ଉପଲବ୍ଧ
Mfg. By: M.U. Amrelia, MUMBAI. Tel.: 022-23441456
LOOKMAN HAYAT TEL

ଯାଦୁ, ପାଣିକନ୍ଦା, କୁଣ୍ଡିଆ ଓ ଫଟା ଗୋଇଠିର ଯନ୍ତ୍ରଣା ?
ଆରାମ ପାଇଁ ବ୍ୟବହାର କରନ୍ତୁ
ସେଲିକଲ®
SALICAL STRONG RINGWORM OINTMENT FOR EXTERNAL USE ONLY
SALICAL LOTION
Available in : 5g 8g 15g Pot 20g Tube and 15 ml Lotion
Trade Enquiries : 9778874750 | www.sdhole.com

# ନାଇଜେରିଆରୁ ମୁକୁଳିଲେ ଓଡ଼ିଆ ନାବିକ ସୁଦୀପ



ଭୁବନେଶ୍ୱର,୨୯।୬(ବ୍ୟୁରୋ)

ନାଇଜେରିଆରେ ପଣବନ୍ଦୀ ଥିବା ୫ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହଯୋଗରେ ମୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସୁଦୀପ ଚୌଧୁରୀ ନାମକ ଜଣେ ଓଡ଼ିଆ ନାବିକ ଅଛନ୍ତି। ସେମାନେ ସୁରକ୍ଷିତଭାବେ ମୁକ୍ତ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ନାବିକ ସୁଦୀପଙ୍କ ବାପା ପ୍ରଦୀପ୍ତ କୁମାର ଚୌଧୁରୀ ପ୍ରଥମେ ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସୁଦୀପଙ୍କ ସମେତ ହରିୟାଣାର ଅଙ୍କିତ ହୁଡା, ମହାରାଷ୍ଟ୍ରର ଚିରାଗ ଯାଦବ, ଆନ୍ଧ୍ରପ୍ରଦେଶର ଅବିନାଶ ରେଡ୍ଡୀ ଏବଂ ମୁଗୁ ରବି ମଧ୍ୟ ପଣବନ୍ଦୀ ହୋଇଥିଲେ। ଏମାନଙ୍କ ବିଷୟରେ ଧର୍ମେନ୍ଦ୍ର ଜୟଶଙ୍କରଙ୍କ ଦୃଷ୍ଟିଆକର୍ଷଣ କରି ସେମାନଙ୍କ ମୁକ୍ତି ପାଇଁ ସହଯୋଗ ଲୋଡିଥିଲେ।









ୟେମେନ୍‌ରେ ଲାଗି ରହିଥିବା ଗୃହଯୁଦ୍ଧରେ ସାଢ଼େ ୫ ବର୍ଷ ମଧ୍ୟରେ ୭୫୦୦ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଛି। ଅନେକ ଆହତ ମଧ୍ୟ ହୋଇଛନ୍ତି। ଏ ସମ୍ପର୍କିତ ଏକ ରିପୋର୍ଟ ଜାତିସଂଘ ଦ୍ୱାରା ପ୍ରକାଶ ପାଇଛି। ୨୦୧୩ ଏପ୍ରିଲ୍ ୧ରୁ ୨୦୧୮ ଡିସେମ୍ବର ୩୧ ମଧ୍ୟରେ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଲକ୍ଷ ଲକ୍ଷ ଲୋକ ଖାଇବାକୁ ନପାଇ ଭୋକ ଉପାସରେ ରହିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଅରଶୁ
ପରିବାରବର୍ଗ



ଗାଜି
ପରିବାରବର୍ଗ



ଅସ୍‌ଲାନ୍
ପରିବାରବର୍ଗ



ରାମିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬୩ ଲକ୍ଷ ସହାୟତା

ଭୁବନେଶ୍ୱର,୨୯।୬(ବ୍ୟୁରୋ)- ଫନୀ ଦୁର୍ଗତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଶନିବାର ପ୍ରାୟ ୧୨ଟି ସଂସ୍ଥା ପକ୍ଷରୁ ପ୍ରାୟ ୬୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଚେନ୍ନାଇସ୍ଥିତ ସୁନ୍ଦରମ୍ ଫାଇନାନ୍ସ ଲିଃ ପକ୍ଷରୁ ୨୫ ଲକ୍ଷ ଟଙ୍କା, ବରଗଡ ଜିଲାର ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀମାନଙ୍କ ପକ୍ଷରୁ୮,୫୦,୦୦୦ ଟଙ୍କା, ଓଡ଼ିଶା ଜନସ୍ୱାସ୍ଥ୍ୟ ଇଂଜିନିୟରିଂ ସଂସ୍ଥା ପକ୍ଷରୁ ୫,୪୫,୭୯୪ ଟଙ୍କା, ରାଉରକେଲାସ୍ଥିତ ଆଇଡିଏଲ୍ ଏକ୍ସପୋଲସିଭ୍ ଲିଃ ପକ୍ଷରୁ ୫ ଲକ୍ଷ ଟଙ୍କା ଦିଆଯାଇଛି।

## ପାଟଣାଗଡ଼ ବିଧାୟକଙ୍କ ଜାମିନ ଆବେଦନ
## ୧ରେ ଭୁବନେଶ୍ୱର ଏଡିଜେଙ୍କ କୋର୍ଟରେ ଶୁଣାଣି



ସରୋଜ ମେହେର

ବଲାଙ୍ଗୀର ଅଫିସ/ପାଟଣାଗଡ, ୨୯।୬ (ଡି.ଏନ୍.ଏ.)

ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ଜାମିନ ଆବେଦନର ଶୁଣାଣୀ ଜୁଲାଇ ୧ତାରିଖ ଭୁବନେଶ୍ୱର ଆଡିଶ୍ନାଲ ଜିଲା ଓ ସେସନ୍ସ ଜଜ୍(ଏଡିଜେ)ଙ୍କ କୋର୍ଟରେ ହେବ । ଏ ନେଇ ବଲାଙ୍ଗୀର ଜିଲା ପାଟଣାଗଡ଼ ଏଡିଜେ ତଥା ସ୍ପେଶାଲ ଜଜ୍ ଅଭିଯୋଗକାରିଣୀ, ପାଟଣାଗଡ଼ ଏସ୍‌ଡିପିଓ ଏବଂ ସ୍ପେଶାଲ ଆଡିଶନାଲ ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ନୋଟିସ୍ କରି ନିର୍ଦ୍ଧାରିତ ତାରିଖରେ ଭୁବନେଶ୍ୱର ଏଡିଜେଙ୍କ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବର୍ତ୍ତମାନ ଏବଂ ପୂର୍ବତନ ସମସ୍ତ ବିଧାୟକ ଏବଂ ଏମ୍‌ପିଙ୍କ ମାମଲାଗୁଡ଼ିକର ବିଚାର ପାଇଁ ଭୁବନେଶ୍ୱର ଆଡିଶନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ ଜଜ୍‌ଙ୍କୁ ନିଯୁକ୍ତ କରାଯାଇଛି । ଏଣୁ ପାଟଣାଗଡ଼ ବିଧାୟକ ମେହେରଙ୍କ ବିରୋଧରେ ଥିବା ମାମଲା (ସ୍ପେଶାଲ ଜିଆର କେସ ନଂ- ୧୩/୨୦୧୯)ଟି ଭୁବନେଶ୍ୱରର ଡେଜିଗ୍‌ନେଟେଡ୍ କୋର୍ଟରେ ଜୁଲାଇ ୧ ପୂର୍ବାହ୍ନ ସାଢ଼େ ୧୦ଟାରେ ଶୁଣାଣି ହେବ ବୋଲି ଉଲ୍ଲେଖ କରାଯାଇଛି । ଜୁଲାଇ ୧ରେ ପାଟଣାଗଡ଼ ଏଡିଜେ କୋର୍ଟରେ ବିଧାୟକ ମେହେରଙ୍କ ଜାମିନ୍‌ର ଶୁଣାଣି ହେବାକୁ ଏଡିଜେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ମାମଲା ଏବେ ଭୁବନେଶ୍ୱର ଏଡିଜେ କୋର୍ଟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଜୁନ୍ ମାସ ୫ ତାରିଖ ଦିନ ବିଧାୟକ ମେହେର ବେଲପଡା ବ୍ଲକ୍‌ର ଗମ୍ଭାରୀ ଗାଁରେ ପହଞ୍ଚି ରାସ୍ତାକାମ ନିମ୍ନମାନ ଦର୍ଶାଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଦାୟୀ କରି ଶହେ ଥର ଉଠବସ୍ ହେବାକୁ କହିଥିଲେ । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

# ୨ ବର୍ଷରେ ମେଟାଲ ଉଠି ରାସ୍ତା ବିପର୍ଯ୍ୟସ୍ତ

ଯାଜପୁର ଅଫିସ,୨୯।୬

୨୦୧୬ରେ ପୁଷ୍ଟିହୀନତାର ଶିକାର ହୋଇ ୧୯ଜଣ ଶିଶୁଙ୍କ ମୃତ୍ୟୁ ଘଟିବା ଘଟଣାରେ ସାରା ରାଜ୍ୟ ତଥା ଦେଶରେ ଚର୍ଚ୍ଚାର ପରିସରକୁ ଆସିଥିଲା ଯାଜପୁର ଜିଲାର ପାହାଡ଼ ଘେରା ଗ୍ରାମ ନଗଡ଼ା। ଉକ୍ତ ଗ୍ରାମକୁ ଯିବାକୁ କୌଣସି ଗମନାଗମନର ସୁବିଧା ନ ଥିବାରୁ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଥିଲେ ବୋଲି ସେତେବେଳେ ପ୍ରଶାସନ ଅନୁଭବ କରିଥିଲା। ତେଣୁ ନଗଡ଼ାକୁ ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ସୁକିନ୍ଦା ବ୍ଲକ ଅଶୋକଝରଠାରୁ ଲୋୟର ନଗଡ଼ା ପର୍ଯ୍ୟନ୍ତ ୮.୧୦୦କିଲୋମିଟର ରାସ୍ତା ୧୩.୨୨କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଲା। ହେଲେ ରାସ୍ତା ନିର୍ମାଣର ୨ ବର୍ଷ ନ ପୂରୁଣୁ ମେଟାଲ ଉଠି ରାସ୍ତା ଜରାଜୀର୍ଣ୍ଣ ହେବା ସହିତ ଜୁଆଙ୍ଗ ଆଦିବାସୀଙ୍କ ପାଇଁ ଚାଲିବା କଷ୍ଟକର ହୋଇ ପଡ଼ିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କୋଟି କୋଟି ଟଙ୍କା ବାଟମାରଣା କରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏପରି କି ରାସ୍ତା କଡ଼ରେ ଖୋଳା ଯାଇଥିବା ଡ୍ରେନ ପୋତି ହେବାକୁ ବସିଛି । ଆଗାମୀ ଦିନରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରା ନ ଗଲେ ପୂରା ଧୋଇ ହୋଇଯିବାର ସମ୍ଭାବନା ରହିଛି। ରାସ୍ତାରୁ ମେଟାଲ ଉଠି ଖାଲଖମା ହୋଇଯାଇଥିବାରୁ ଲୋକେ ଗାଡ଼ି ଚଳାଚଳ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ତେଣୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ରାସ୍ତାର ଏଭଳି ଅବସ୍ଥା ଉପରେ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୧୩ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଧାରଣ ହୋଇଥିଲା । ମାତ୍ର ୮.୧୦୦କି.ମି. ରାସ୍ତା ନିର୍ମାଣ ପାଇଁ ମୋଟା ଅଙ୍କର ଆବଣ୍ଟିତ ଅନୁଦାନକୁ ଦେଖି ବିଭାଗୀୟ ଅଧିକାରୀମାନେ ଉତ୍ସାହର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ । କେବଳ ମୋରମ ଓ ମେଟାଲରେ ରାସ୍ତା ନିର୍ମାଣ କରି ଛାଡ଼ି ଦିଆଯାଇଥିଲା । ନଗଡ଼ାକୁ ଯିବା ସମୟରେ ରାସ୍ତାର ବାମ ପାର୍ଶ୍ୱରେ ଏକ ଡ୍ରେନ ଖୋଳା ଯାଇଥିଲା। ପାହାଡ଼ର ବର୍ଷାଜଳ ଏହି ଡ୍ରେନ୍‌ରେ ନିଷ୍କାସନ ହୋଇ ତଳକୁ ଗଡ଼ିଯିବାକୁ ଯୋଜନା ହୋଇଥିଲା। ହେଲେ ଡ୍ରେନ୍‌ରେ କଂକ୍ରିଟକରଣ ହୋଇ ନ ଥିଲା କି ରାସ୍ତା ପିଚୁରେ ନିର୍ମାଣ କରାଯାଇ ନ ଥିଲା। ଫଳରେ ଉକ୍ତ ଡ୍ରେନ୍ ପୋତି ହେବା ସହିତ ରାସ୍ତା ଉପରେ ବର୍ଷାପାଣି ମାଡିବାର ସମ୍ଭାବନା ସୃଷ୍ଟି କରିଛି। ପ୍ରକାଶ ଯେ, ୨୦୧୬ ଜୁଲାଇରେ ୧୯ଜଣ ଶିଶୁ ମୃତ୍ୟୁ ଘଟଣା ପରେ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଚିବଙ୍କଠାରୁ ଆରମ୍ଭ କରି ଅଧିକାରୀମାନେ ତତ୍ପର ହୋଇଥିଲେ। ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ନଗଡାରେ ପହଞ୍ଚି ପାରି ନ ଥିଲା। ନଗଡ଼ା ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସପନ ପରି ଲାଗୁଥିଲା। ସାମାଜିକ ଦାୟିତ୍ୱବୋଧକୁ ଖଣି କମ୍ପାନୀମାନେ ଭୁଲି ଯାଇଥିଲେ । ନଗଡା ଶିଶୁ ମୃତ୍ୟୁ ଘଟଣା ପରେ ସେହିବର୍ଷ ଜୁଲାଇ ମାସ ଶେଷ ସପ୍ତାହ ବେଳକୁ ନଗଡାକୁ ରାସ୍ତା ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା । ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହି ଦାୟିତ୍ୱ ସରକାର ଦେଇଥିଲେ। ୪ମାସ ମଧ୍ୟରେ ନଗଡ଼ାକୁ ଯେପରି ଗାଡି ଚଳାଚଳ ହୋଇ ପାରିବ ସେଥିପାଇଁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ବିଭାଗୀୟ କାର୍ଯ୍ୟ ଅନୁସାରେ ୮.୧୦୦ କିଲୋମିଟର ରାସ୍ତା ପାଇଁ ୧୨.୮୧ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିଲା। ପରେ ଠିକାଦାରଙ୍କ ଲାଭକୁ ମିଶାଇ ୧୩.୨୨କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାପରେ ଅଶୋକଝର ପାହାଡ଼ ପାଦଦେଶରୁ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଥିଲା। ସେଠାରୁ ନାଳିଆଡାବା, ଉପରନଗଡ଼ା, ମଝି ନଗଡ଼ା ଓ ତଳ ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଡ୍ରେନ୍ ସହ ପ୍ରୋଟେକ୍ସନ ୱାଲ ଓ ମେଟାଲିଂ କାର୍ଯ୍ୟ ଅତି ନିମ୍ନମାନର ହୋଇଛି। ଏନେଇ ଠିକାଦାର ଜି. ଶ୍ରୀଧରଙ୍କୁ ସେତେବେଳେ ବିଭାଗ ପକ୍ଷରୁ କେବଳ ତାଗିଦ କରି ଛାଡ଼ି ଦିଆଯାଇଥିଲା। ବିଭାଗୀୟ ଯନ୍ତ୍ରୀମାନେ ମୋଟା ଅଙ୍କର ପିସି ନେଇ ନିମ୍ନମାନର କାର୍ଯ୍ୟକୁ ସହଯୋଗ କରିଥିଲେ। ଫଳସ୍ୱରୂପ ଏବେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାସ୍ତା ଉପରେ ଖାଲି ପାଦରେ ଚାଲିବା ଜୁଆଙ୍ଗ ଆଦିବାସୀଙ୍କ ପାଇଁ ଅଭିଶାପ ସଦୃଶ ହୋଇଛି । ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ବ୍ୟୟ ଅଟକଳ ଅନୁସାରେ ରାସ୍ତା ନିର୍ମାଣ ହୋଇଛି। ବାକି ଅନୁଦାନ ଆସିଲା ପରେ ରାସ୍ତାର ପରବର୍ତ୍ତୀ ନିର୍ମାଣ ହେବ ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ୬୫୮.୮୩ କୋଟି ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଭାବେ ମହଜୁଦ ରହିଛି । ସୁକିନ୍ଦା ଖଣି ଅଞ୍ଚଳରେ ଏହି ପାଣ୍ଠି ବିନିଯୋଗ ହେଉଥିବା ସତ୍ତ୍ୱେ ରାସ୍ତା ନିର୍ମାଣ ପାଇଁ ଅନୁଦାନ କିଭଳି ଭାବେ ଅଭାବ ରହିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



### ନଗଡ଼ା ବିକାଶର ଓଲଟା ଚିତ୍ର

- ୮କି.ମି. ରାସ୍ତାକୁ ଖର୍ଚ୍ଚ ହୋଇଛି ୧୩ କୋଟି
- ନିମ୍ନମାନର କାର୍ଯ୍ୟ କରି କୋଟି କୋଟି ଟଙ୍କା ହଡ଼ପ
- କଷ୍ଟ ଭୋଗୁଛନ୍ତି ଜୁଆଙ୍ଗ ଆଦିବାସୀ
- ପୋତି ହେବାକୁ ବସିଛି ରାସ୍ତାପାର୍ଶ୍ୱ ଡ୍ରେନ



ଜାପାନର ଓସାକାରେ ଜି-୨୦ ସମ୍ମିଳନୀର ଶେଷ ଦିନରେ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅବସରରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ(ବାମ)ଙ୍କ ସହ ଆଲୋଚନା କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ(ଡାହାଣ)। ମଝିରେ ଅଛନ୍ତି ଟ୍ରମ୍ପଙ୍କ ଝିଅ ଇଭାଙ୍କା।

## ଏନ୍‌ଏଚ୍‌ରେ ଦାଦାବଟି ଆଦାୟ
# ବ୍ଲକ କଂଗ୍ରେସ ସଭାପତି ଗିରଫ

ପରଜଙ୍ଗ, ୨୯।୬(ଡି.ଏନ.ଏ.)

- ବ୍ୟବହାର କରୁଥିଲେ ଆମ୍ବୁଲାନ୍ସ
- ଟଙ୍କା ନ ଦେଲେ ମିଳୁଥିଲା ଧମକ
- ଟ୍ରକ୍ ପିଛା ଆଦାୟ କରୁଥିଲେ ୨୦୦ରୁ ୫୦୦

ଜାତୀୟ ରାଜପଥରେ ଯାତାୟାତ କରୁଥିବା ଭାରିଯାନରୁ ଜୋରଜବରଦସ୍ତ ଆଦାୟ କରୁଥିଲେ ଦାଦାବଟି। ଟ୍ରକ୍ ପିଛା ମାଗୁଥିଲେ ୨୦୦ରୁ ୫୦୦ ଟଙ୍କା। ଏହାର ପ୍ରତିବାଦ କଲେ ଡ୍ରାଇଭରଙ୍କୁ ମିଳୁଥିଲା ଧମକ। ପୋଲିସ ଆଖିରେ ଧୂଳିଦେବାକୁ ଏହି କାର୍ଯ୍ୟରେ ଯୋଜନାବଦ୍ଧ ଭାବେ ବ୍ୟବହାର କରାଯାଉଥିଲା ଆମ୍ବୁଲାନ୍ସ। ଏପରି ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି ପରଜଙ୍ଗ ପୋଲିସ। ଏହି ଘଟଣାରେ ଗିରଫ ହୋଇଛନ୍ତି ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ। ଜଣେ ରାଜନେତା ବଟି ଆଦାୟ କରି ଧରାପଡ଼ିବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ସମ୍ପୃକ୍ତ ତାଙ୍କର ଅନ୍ୟ ୫ଜଣ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ପୋଲିସ କହିଛି।

ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ଛକ ନିକଟରେ ଦୁଇମାସ ହେଲା ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ ଏକ ଆମ୍ବୁଲାନ୍ସ ବ୍ୟବହାର କରି ଟ୍ରକ୍‌ଗୁଡ଼ିକରୁ ବଟି ଆଦାୟ କରୁଥିଲେ। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ୫ରୁ ଊର୍ଦ୍ଧ୍ୱ ସହଯୋଗୀ। ଧୀରେ ଧୀରେ ଏହି ଘଟଣା ପ୍ରଘଟ ହୋଇଥିଲ। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ପରଜଙ୍ଗ ଥାନାକୁ ସୂଚିତ କରାଇଥିଲେ ମଧ୍ୟ ପୋଲିସ ଏଥିପ୍ରତି ଧ୍ୟାନ ଦେଉ ନ ଥିଲା। ଏ ନେଇ କେତେଜଣ ଟ୍ରକ୍ ମାଲିକ ଏସ୍‌ପି ଅନୁପମା ଜେମ୍ସଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ସାଢେ ୮ଟାରେ ସମଲ ଥାନା ଅଧୀନ ଡେରାଗୋଳା ଗ୍ରାମର ଶଚୀକାନ୍ତ ସାହୁ ଟ୍ରକ (ନଂ. ଓଡ଼ି ୧୪ ଜି ୧୬୧୬) ଧରି ଏନ୍‌ଏଚ୍‌ରେ ଆସୁଥିଲେ। ଭେଜିଆ ଛକ ନିକଟରେ ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ, ବାରିହାପୁର ଗ୍ରାମର ପପୁ ବେହେରା, ମହାବିରୋଡ଼ ଗ୍ରାମର କ୍ଷୀର ସାହୁ, ପ୍ରକାଶ ସାହୁ ସମେତ ଅନ୍ୟ କେତେଜଣ ଯୁବକ ତାଙ୍କୁ ଅଟକାଇ ୨୦୦ ଟଙ୍କା ଦାବି କରିଥିଲେ। ସେ ରାଜି ନ ହେବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଡ୍ୟାମ ଭିତରକୁ ଠେଲିଦେବାକୁ ଧମକ ମଧ୍ୟ ଦେଇଥିଲେ। ଶଚୀକାନ୍ତ କାକୁତିମିନତି ହେବା ସହ ୫୦ ଟଙ୍କା ଦେଇ କୌଣସିମତେ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଶଚୀକାନ୍ତଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ନଗେନ ବିନାୟକଙ୍କୁ ଧରିଥିଲା। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଆମ୍ବୁଲାନ୍ସ (ଓଡି ୩୫ ଏ ୯୭୪୨), ଏକ ନମ୍ବରବିହୀନ ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ନଂ. ୧୭୫/୧୯, ଦଫା ୩୪୧,୨୯୪, ୩୮୬, ୩୪ରେ ମାମଲା ରୁଜୁ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ନଗେନ ବିନାୟକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ପଦ୍ମନାଭ ଲେଙ୍କା ସୂଚନା ଦେଇଛନ୍ତି।



ଅଭିଯୁକ୍ତ ନଗେନ୍ ବିନାୟକ।

## ହରିଦାସପୁର- ପାରାଦୀପ ପ୍ରଥମ ଫାଟକବିହୀନ ରେଳପଥ
# କେନ୍ଦ୍ରାପଡ଼ାରେ ପହଞ୍ଚିଲା ମଲ୍‌ଟିପୁଲ ଟାୱାର କାର

କେନ୍ଦ୍ରାପଡା ଅଫିସ/ ଡେରାବିଶ (ସ୍ୱ.ପ୍ର.), ୨୯।୬

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ଗଡ଼ିଛି। ହରିଦାସପୁର-ପାରାଦୀପ ଫାଟକବିହୀନ ରେଳପଥରେ ଶନିବାର ପ୍ରଥମ ଥର ପାଇଁ ମଲ୍‌ଟିପୁଲ ଟାୱାର କାର (ରେଳ ଇଞ୍ଜିନ) କେନ୍ଦ୍ରାପଡ଼ାରେ ପହଞ୍ଚିଛି। ସକାଳ ପ୍ରାୟ ୯ଟା ସମୟରେ ହରିଦାସପୁର ରେଲୱେ ଜଙ୍କସନ୍‌ରୁ ଏହା ବାହାରି ଦୀର୍ଘ ୪୩.୮ କିଲୋମିଟର ରାସ୍ତା ଅତିକ୍ରମ କରି କେନ୍ଦ୍ରାପଡ଼ା ଷ୍ଟେଶନରେ ଅପରାହ୍ନ ୨ଟା ସମୟରେ ପହଞ୍ଚିଥିଲା । ଡିଜେଲ ଚାଳିତ ଏହି ରେଳ ଇଞ୍ଜିନରେ ବୈଷୟିକ ଟିମ୍ ରହି ରେଲୱେ ଟ୍ରାକ, ବିଦ୍ୟୁତ ତାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ତଦାରଖ କରିଥିଲେ। କେନ୍ଦ୍ରାପଡା ଷ୍ଟେଶନଠାରେ ପ୍ରାୟ ୫ ମିନିଟ୍ ରହି ପୁନର୍ବାର ହରିଦାସପୁର ରେଲୱେ ଜଙ୍କସନକୁ ଫେରି ଯାଇଥିଲା। ଟାୱାର କାର ରେଳପଥ ଯାଞ୍ଚ ସମ୍ପର୍କରେ ଏଆର୍‌ଏସ୍‌ଏସ୍- ଏସ୍‌ଆଇପିଏସ୍ ଜଏଣ୍ଟ ଭେଞ୍ଚରର ପ୍ରୋଜେକ୍ଟ ମ୍ୟାନେଜର ଶୁଭେନ୍ଦୁ କୁମାର ଦଣ୍ଡପାଟ ପ୍ରକାଶ କରିଥିଲେଯେ, ଏହି ରେଳପଥର ଲମ୍ବ ୮୨ କିଲୋମିଟର । ଏହାକୁ ୨ ଠିକା ସଂସ୍ଥା ମାଧ୍ୟମରେ ନିର୍ମାଣ କରାଯାଉଛି । ହରିଦାସପୁରରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏହି ଜଏଣ୍ଟ ଭେଞ୍ଚରରେ ନିର୍ମାଣ କରାଯାଉଛି। ସେହିପରି କେନ୍ଦ୍ରାପଡ଼ାଠାରୁ ପାରଦୀପ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କେଇସି ହାତକୁ ନେଇଛି । କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ପ୍ରାୟ ୯୦ ଭାଗ କାର୍ଯ୍ୟ ସରିଥିବାରୁ ଟାୱାର କାର ଦ୍ୱାରା ଏହାର ପରୀକ୍ଷା କରାଯାଇଛି। ଆସନ୍ତା୨ ମାସ ମଧ୍ୟରେ ଶତ ପ୍ରତିଶତ କାର୍ଯ୍ୟ ହୋଇଯିବ ବୋଲି ପ୍ରୋଜେକ୍ଟ ମ୍ୟାନେଜର ଦଣ୍ଡପାଟ ସୂଚନା ଦେଇଛନ୍ତି । ଏହି ଟାୱାର କାରରେ ବୈଷୟିକ ଟିମ୍ ସହ ଆରଭିଏନଏଲର ଜେଜିଏମ ଏସକେ ନାୟକ, ଡିଜିଏମ ରାଜୀବରଞ୍ଜନ ପଣ୍ଡା, ଇଲେକ୍ଟ୍ରିକ ସେକସନ୍‌ର ମ୍ୟାନେଜର ଏସକେ ଘୋଷ, ଏଜିଏମ ଶିବରାମ ବେହେରା, ପ୍ରୋଜେକ୍ଟ ଇଞ୍ଜିନିୟର ରବିରଞ୍ଜନ ଝା, ଟିଆଇପିଏଲର ରମେଶ ଝାଲା ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟଯେ, ୧୯୯୮ ଡିସେମ୍ବର ୯ ରେ ଯାଜପୁର ଜିଲାର ହରିଦାସପୁରଠାରୁ କେନ୍ଦ୍ରାପଡ଼ା ମଧ୍ୟ ଦେଇ ଜଗତସିଂହପୁର ଜିଲାର ପାରାଦୀପ ପର୍ଯ୍ୟନ୍ତ ନୂଆ ଫାଟକବିହୀନ ରେଳପଥ ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୮୨ କିଲୋମିଟର ଲମ୍ବର ଏହି ରେଳପଥରେ ଯାଜପୁର ଜିଲାର ଚଣ୍ଡିଖୋଲ, ରତ୍ନଗିରି, ଲଳିତଗିରି, କେନ୍ଦ୍ରାପଡ଼ାର ବାଜିପଡା, କେନ୍ଦ୍ରାପଡା, ମାର୍ଶାଘାଇ, କଳଘର, ଜଗତସିଂହପୁର ଜିଲାର ନୂଆଗାଁ ଓ ସିଜୁଠାରେ ନୂତନ ରେଳ ଷ୍ଟେଶନ ହେବ । ଇତିମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବାର ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ରେଳପଥ ନିର୍ମାଣ ଶେଷ ହୋଇନାହିଁ। ୨୦୦୭ ସୁଦ୍ଧା ଏହି ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେତେବେଳେ ସ୍ଥିର କରାଯାଇଥିଲା। ମାତ୍ର ଅଧିଗ୍ରହଣ କାର୍ଯ୍ୟରେ ବିଳମ୍ବ ଯୋଗୁ ସମୟ ଅନୁସାରେ ପ୍ରକଳ୍ପ କାର୍ଯ୍ୟ ହୋଇ ପାରି ନ ଥିଲା। ସେହି ସମୟରେ ପ୍ରକଳ୍ପ ପାଇଁ ଠିକା ନେଇଥିବା କମ୍ପାନୀ ଜମି ଅଧିଗ୍ରହଣ ସମସ୍ୟା ପାଇଁ କାର୍ଯ୍ୟ ଅଧାରୁ ଛାଡି ପଳାଇଥିଲା। ପରବର୍ତ୍ତୀ ସମୟରେ ୨୦୧୩ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରେଳପଥ ପାଇଁ ୪୩୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଧୀରେ ଧୀରେ ଅଟକଳ ବୃଦ୍ଧି ପାଇଥିଲା। ୨୦୧୬ ଜୁନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରି ପୂର୍ବତଟ ରେଳପଥ ବିଭାଗ ତରଫରୁ ରେଳ ଚଳାଚଳ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଅଦ୍ୟାବଧି ରେଳପଥର ୬୩ କିଲୋମିଟର ପର୍ଯ୍ୟନ୍ତ ନିର୍ମାଣ ହୋଇଥିଲେ ମଧ୍ୟ ଲୁଣା ସେତୁ ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ତେବେ ପରୀକ୍ଷାମୂଳକ ଭାବେ କେନ୍ଦ୍ରାପଡ଼ାରେ ପ୍ରଥମ ଥର ପାଇଁ ରେଳ ଇଞ୍ଜିନ ପହଞ୍ଚିବା ପରେ ଲୋକେ ନିଜର ଖୁସିବ୍ୟକ୍ତ କରିଛନ୍ତି।

# ୧୩ ବର୍ଷ ପରେ ଖୋଲିଲା ସ୍କୁଲ

ରାୟପୁର, ୨୯।୬: ଛତିଶଗଡ଼ର ମାଓବାଦୀ ପ୍ରଭାବିତ ସୁକ୍‌ମାର ଜଗରଗୁଣ୍ଡା ଅଞ୍ଚଳରେ ଥିବା ଏକ ସ୍କୁଲ ମାଓବାଦୀ ଆକ୍ରମଣରେ ନଷ୍ଟ ହୋଇ ଯାଇଥିଲା। ଦୀର୍ଘ ୧୩ ବର୍ଷ ପରେ ପୁଣି ଥରେ ଏହି ସ୍କୁଲ ଶନିବାର ଖୋଲାଯାଇଥିବା ସୂଚନା ମିଳିଛି। ୨୦୦୬ରେ ମାଓବାଦୀମାନେ ଏହି ସ୍କୁଲକୁ ନଷ୍ଟ କରି ଦେଇଥିଲେ। ଜିଲା କଲେକ୍ଟର ସି. କୁମାର କହିଛନ୍ତି ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାର ଏହା ଏକ ବଡ ପ୍ରୟାସ। ଚଳିତ ବର୍ଷ ଏହି ସ୍କୁଲରେ ୩ଶହ ପିଲାଙ୍କୁ ଭର୍ତ୍ତି କରିବାର ଯୋଜନା ରହିଛି।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଉଚ୍ଚରାଶିରେ ଚନ୍ଦ୍ର ଥିବାରୁ ଖୁସି ମନରେ କାମ କରିବେ ଏବଂ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇ ମନର ଦୁଃଖକୁ ଲାଘବ କରିବାରେ ସମର୍ଥ ହେବେ। ତଥାପି କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** ବନ୍ଧୁଙ୍କୁ ଦେଇଥିବା ଅର୍ଥପ୍ରାପ୍ତିରେ ବିଳମ୍ବ କଳହର କାରଣ ପାଲଟି ଯାଇପାରେ। ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିପାରେ। ବନ୍ଧୁଙ୍କ କାମରେ ସହଯୋଗକରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମିଥୁନ** ଏକାଧିକ ରାଶିରେ ରହିଥିବାରୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବହୁ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ବିଳମ୍ବରେ ସଫଳତା ପାଇବେ। ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

**କର୍କଟ** ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବା ସମ୍ଭାବନା ରହିଛି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନିଜର ବିଚକ୍ଷଣତା ପ୍ରଭାବରେ ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରୁ ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା** ଅତୀତ ଘଟଣାକୁ ମନରେ ସ୍ଥାନ ଦେଉଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ମନମୁଖି ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା, ସଭାସମିତିରେ ସଫଳତା ପାଇବେ।

**ଧନୁ** ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। ଯାତ୍ରା ସମୟରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ନୂତନ ଧାତୁ, ଅଳଙ୍କାର, ବସ୍ତ୍ରଭୂଷଣାଦି ଲାଭ କରିପାରନ୍ତି।

**ମକର** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ, କିନ୍ତୁ କାମ ଅଟକିବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ଅବଶ୍ୟ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ସରକାରୀ କାମରେ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଜାଣିଶୁଣି ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତ ରହିବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ଦେବଦର୍ଶନର ସୁଯୋଗ ପାଇବେ। ଅଯଥା ଗୁଡ଼ାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଆଷାଢ଼ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ରବିବାର, ଶ୍ରୀମନ୍ଦିରରେ ଅଣସର ଦ୍ୱାଦଶୀ ଓ ତ୍ରୟୋଦଶୀ, ଶ୍ରୀଜୀଉଙ୍କର ଘଣାଲାଗି, ଜୁନ୍ ୩୦ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ତିରୋଧାନ ଦିବସ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ରାଶି ନକ୍ଷତ୍ର- କୃତ୍ତିକା/ବୃଷ, ମେଷ ରାଶିର ଘାତବାର, ଦିବା ଘ୧୧।୦୮ମି. ଗତେ ରୋହିଣୀ ନକ୍ଷତ୍ର, ତ୍ରୟୋଦଶୀ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା।



ପଟ୍ଟାମୁଣ୍ଡାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୨୩ ଟି ଚୋରା ବାଇକ ଜବତ କରିବା ସହିତ ୯ ଜଣଙ୍କୁ ଗିରଫ କରିଛି । ସପନା ମଲିକ, ଗୌରାଙ୍ଗ ମଲିକ, ପୁଟିଆ ପଣ୍ଡା, ଗଧିଆ ମଲିକ, ରଞ୍ଜନ ମଲିକ, ଦୀପକ ନାଥ, ପ୍ରଦୀପ ମଲିକ, ସୁରେଶ ଚନ୍ଦ୍ର ନାଥ ଓ ଡାଙ୍ଗୁଆ ମଲିକଙ୍କୁ ଗିରଫ କରାଯାଇଥିବା ଶନିବାର କେନ୍ଦ୍ରାପଡା ଜିଲା ଏସ୍‌ପି ନିତିଶେଖର ପଟ୍ଟାମୁଣ୍ଡାଇ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

■ କଳିଙ୍ଗ ହସ୍ପିଟାଲରେ ବିଧାୟକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ତଦନ୍ତ ପାଇଁ ୪ଜଣିଆ କମିଟି ଗଠିତ

■ ୭ ଦିନରେ ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

କଳିଙ୍ଗ ହସ୍ପିଟାଲରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାର ତଦନ୍ତ ଲାଗି ୪ ଜଣିଆ କମିଟି ଗଠନ କରିବା ସହିତ ଆସନ୍ତା ୭ ଦିନ ଭିତରେ ତଦନ୍ତ ରିପୋର୍ଟ ଦେବାକୁ ମନ୍ତ୍ରୀ ବିଭାଗୀୟ କମିଶନର ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଯୁଗ୍ମ ସଚିବ ଜି. ପୁନମ୍ ତାପସ କୁମାର ତଦନ୍ତ କମିଟିର ଅଧ୍ୟକ୍ଷ ଥିବା ବେଳେ ଯୁଗ୍ମ ସଚିବ ଶୁଭାନନ୍ଦ ମହାପାତ୍ର, ଉପସଚିବ ରାଜେଶ ଅଗ୍ରୱାଲ ଓ ଯଶ୍ମିନ୍ ପଟ୍ଟନାୟକ ସଦସ୍ୟ ଅଛନ୍ତି।

ସୂଚନାଯୋଗ୍ୟ, ଖୁଣ୍ଟୁରା ବ୍ଲକ ନାରଦପୁର ଗ୍ରାମର ବାସୁଦେବ ବାରିକଙ୍କ ପୁଅ ସଚିନ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦରେ ଅର୍ଥ ପଇଠ ହୋଇଥିଲେ ମଧ୍ୟ ହସ୍ପିଟାଲ ପକ୍ଷରୁ ଅଧିକ ଅର୍ଥ ଦାବି କରାଯାଇ ମୃତଦେହକୁ ଛଡ଼ା ଯାଉ ନଥିବା ବାସୁଦେବ ବାରିକ ବିଧାୟକ ମାଝୀଙ୍କୁ ଜଣାଇଥିଲେ। ଫଳରେ ମାଝୀ କଳିଙ୍ଗ ହସ୍ପିଟାଲର ଜିଜିଏମ୍‌ଙ୍କ ସହ ଆଲୋଚନା କରି ମୃତଦେହ ସମ୍ପୃକ୍ତ ପରିବାରକୁ ଦେବାକୁ ନିବେଦନ କରିଥିଲେ। ହେଲେ ଜିଜିଏମ୍ ଓ ଆକାଉଣ୍ଟସ କର୍ମଚାରୀମାନେ ଦୁର୍ବ୍ୟବହାର କରିବା ସହିତ ଟଙ୍କା ନ ଦେଲେ ମୃତଦେହକୁ ଛାଡ଼ିବେ ନାହିଁ ବୋଲି କହିଥିବା ନେଇ ବିଧାୟକ ମାଝୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ।

# ଉପସ୍ଥାନ ୭୫%ରୁ କମିଲେ ପରୀକ୍ଷା ମନା

■ ଆଉ ଠକିପାରିବେନି ଅଧ୍ୟାପକ
■ ୭ଘଣ୍ଟା କଲେଜରେ ରହିବେ, ୫ ଘଣ୍ଟା ପାଠ ପଢ଼ାଇବେ
■ ଉପସ୍ଥାନ ପାଇଁ ହେବ ବାୟୋମେଟ୍ରିକ୍ ବ୍ୟବସ୍ଥା
■ ୫୨ ସରକାରୀ କଲେଜରେ ନିଯୁକ୍ତ ହେବେ ସ୍ଥାୟୀ ପ୍ରିନ୍ସିପାଲ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

କଲେଜରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ଭଲ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେଇଛି ଉଚ୍ଚଶିକ୍ଷା ବିଭାଗ। ଏଣିକି କଲେଜ ଛାତ୍ରୀଛାତ୍ରମାନଙ୍କ ପାଇଁ ଶ୍ରେଣୀରେ ୭୫% ଉପସ୍ଥାନ ବାଧ୍ୟତାମୂଳକ। ନଚେତ୍ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସେହିପରି ଅଧ୍ୟାପକଙ୍କର ୱାର୍କିଂ ଆୱାର ବଦଳିବ। ଅଧ୍ୟାପକମାନେ କଲେଜରେ ୫ଘଣ୍ଟା ପରିବର୍ତ୍ତେ ୭ଘଣ୍ଟା ରହିବେ। ଅଧ୍ୟାପକଙ୍କ ଉପସ୍ଥାନ ମଧ୍ୟ ବାୟୋମେଟ୍ରିକ୍ ବ୍ୟବସ୍ଥା ମାଧ୍ୟମରେ ରେକର୍ଡ ହେବ। ଖୁବ୍‌ଶୀଘ୍ର ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଶନିବାର ପାନ୍ଥନିବାସଠାରେ ଆୟୋଜିତ ଯୁକ୍ତ୩ କଲେଜ ଅଧ୍ୟକ୍ଷ ସମ୍ମିଳନୀରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ସମ୍ମିଳନୀରେ ମନ୍ତ୍ରୀ ସାହୁ କଲେଜର ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛନ୍ତି। ୟୁଜିସି ନିୟମ ଅନୁଯାୟୀ ଅଧ୍ୟାପକମାନେ ସପ୍ତାହକୁ ୨୫ଟି କ୍ଲାସ୍ ଓ ୫ ଘଣ୍ଟା ପାଠପଢ଼ା ପରେ ସରକାରୀ କାର୍ଯ୍ୟ କରିବା ଉଚିତ। କିନ୍ତୁ ଅଧିକାଂଶ ସମୟରେ ୫ ଘଣ୍ଟା ପୂର୍ବରୁ ଅଧ୍ୟାପକମାନେ କଲେଜରୁ ପଳାଇଯାଉଛନ୍ତି। ତେଣୁ କଲେଜଗୁଡ଼ିକରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଲାଗୁ କରାଯାଉଛି। ସବୁ ଡିଗ୍ରୀ କଲେଜରେ ବିଶ୍ୱବ୍ୟାଙ୍କ ଫଣ୍ଡରୁ ବାୟୋମେଟ୍ରିକ୍ ମେଶିନ୍ ଲଗାଯିବ। ରାଜ୍ୟରେ ୫୨ ସରକାରୀ କଲେଜରୁ ୧୬ଟିରେ ବାୟୋମେଟ୍ରିକ ବ୍ୟବସ୍ଥା କରାଯାଇଛି। ଏହା ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅଧ୍ୟାପକମାନେ କଲେଜରେ ୭ ଘଣ୍ଟା ରହୁଛନ୍ତି ନା ନାହିଁ ତାହା କଲେଜ ଅଧ୍ୟକ୍ଷ ତଦାରଖ କରିବେ। ଅଧ୍ୟାପନା ବାଦ୍ ଗବେଷଣା ଓ ବିଭିନ୍ନ ସରକାରୀ ଯୋଜନାର ସୁଫଳ କିପରି ଛାତ୍ରୀଛାତ୍ରମାନେ ପାଇପାରିବେ ସେ ନେଇ ମଧ୍ୟ କାମ କରିବେ। ଅଧ୍ୟାପକମାନେ ୫ଘଣ୍ଟା ପାଠ ପଢ଼ାଇବା ପରେ ଗବେଷଣା ଓ ଏକାଡେମିକ୍ ଡେଭଲପମେଣ୍ଟ କ୍ଷେତ୍ରରେ କାମ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଅଧ୍ୟାପକଙ୍କ ମନଇଚ୍ଛା ଉପସ୍ଥାନକୁ କଲେଜ ଅଧ୍ୟକ୍ଷମାନେ ସ୍ୱୀକାର କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଅତିରିକ୍ତ ସଚିବ ପାର୍ଥସାରଥି ମିଶ୍ର ଯୋଗଦେଇ କହିଛନ୍ତି ଯେ, ଆସନ୍ତା ଦୁଇରୁ ତିନି ମାସ ମଧ୍ୟରେ ସମସ୍ତ ସରକାରୀ କଲେଜରେ ସ୍ଥାୟୀ ପ୍ରିନ୍ସିପାଲ ନିଯୁକ୍ତ କରାଯିବ। ଗତ ବାର ବର୍ଷ ହେଲା ୫୨ ସରକାରୀ କଲେଜରେ ସ୍ଥାୟୀ ପ୍ରିନ୍ସିପାଲ ନାହାନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମିଶ୍ର କହିଛନ୍ତି। ସରକାରୀ କଲେଜର ଭିତ୍ତିଭୂମି, ସ୍ମାର୍ଟ କ୍ଲାସ୍, ରୁଷା ଅର୍ଥ ଖର୍ଚ୍ଚ, ପରୀକ୍ଷା ପରିଚାଳନା ଭଳି ବିଷୟରେ ଆଲୋଚନା କରାଯାଇଥିଲା। ଯୁକ୍ତ୩ରେ ଏକକ ପାଠ୍ୟକ୍ରମ ଲାଗୁ ନେଇ ମଧ୍ୟ ଆଲୋଚନା ହୋଇଥିଲା।

# ଓଡ଼ିଶା ଫେରିବେ ଜଗା, ବଳିଆ



ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ ଜଗା, ବଳିଆ। ଏହି ଦୁଇ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସମ୍ପୂର୍ଣ୍ଣ ଭଲ ଅଛି ଏବଂ ଡିସ୍‌ଚାର୍ଜ ପାଇଁ ପ୍ରସ୍ତୁତ ଥିବା ଦିଲ୍ଲୀ ଏମ୍ସର ଡାକ୍ତରମାନେ କହିଛନ୍ତି। ସେମାନଙ୍କୁ କିପରି ଓଡ଼ିଶା ନିଆଯିବ, ସେନେଇ ଏମ୍ସ କର୍ତ୍ତୃପକ୍ଷ ଆମକୁ ଏକ ମେଡିକାଲ୍ ଆଡଭାଇଜରୀ ଦେବେ। ଡିସ୍‌ଚାର୍ଜ ପାଇଁ ତାରିଖ ସ୍ଥିର ହୋଇନାହିଁ। ଡିସ୍‌ଚାର୍ଜ ପରେ ଏହି ଶିଶୁ ଦ୍ୱୟଙ୍କର କିପରି ଚିକିତ୍ସା ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ତେବେ ସେମାନେ ଓଡ଼ିଶାରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଘରକୁ ଯିବେ ନାହିଁ। ସେମାନେ କୌଣସି ଡାକ୍ତରଖାନାରେ ରହିବେ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ସେ ଆଲୋଚନା କରିବା ପରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶନିବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ପଣ୍ଡିତ ପହଞ୍ଚି ଜଗା ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଉଭୟ ଶିଶୁ ସୁସ୍ଥ ଥିବା ଡାକ୍ତର ପ୍ରକାଶ କରିଥିଲେ। ସେହିପରି ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ଶିଶୁ ଦୁହେଁ କେବେ ଓଡ଼ିଶା ଫେରିବେ ତାହା ସ୍ଥିର ହୋଇନାହିଁ। ସେମାନେ ଓଡ଼ିଶା ଫେରିବା ପରେ ଭୁବନେଶ୍ୱର ଏମ୍ସ କିମ୍ବା ଅନ୍ୟ ଯେ କୌଣସି ହସ୍ପିଟାଲରେ ରହିପାରିବେ। ରାଜ୍ୟ ସରକାର ଏଠାରେ ବି ଦୁହିଁଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଯୋଡ଼ା ମୁଣ୍ଡ ଅବସ୍ଥାରେ ଥିବା କନ୍ଧମାଳ ଜିଲାର ଜଗା, ବଳିଆଙ୍କୁ ୨୦୧୭ରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରାଯାଇ ଦୁହିଁଙ୍କୁ ଅଲଗା କରାଯାଇଥିଲା। ସେବେଠାରୁ ସେଠାରେ ଏହି ଶିଶୁ ଦ୍ୱୟଙ୍କ ଚିକିତ୍ସା ଜାରି ରହିଛି।

# ୧୨୨ ଡେସ୍କ ଅଫିସର, ୨୨ ଡେପୁଟି ସେକ୍ରେଟାରିଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ବହୁ ପ୍ରତୀକ୍ଷା ପରେ ରାଜ୍ୟ ସରକାର ୨୨ ଜଣ ଡେପୁଟି ସେକ୍ରେଟାରିଙ୍କୁ ଯୁଗ୍ମ ସଚିବ ଭାବେ ପଦୋନ୍ନତି ଦେଇଥିବା ବେଳେ ୧୨୨ ଜଣ ଡେସ୍କ ଅଫିସରଙ୍କୁ ଅଣ୍ଡର ସେକ୍ରେଟାରିକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡେପୁଟି ସେକ୍ରେଟାରି ଜ୍ୟୋତିର୍ମୟୀ ସେନାପତି, ରବୀନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ରଥ, ମନୋରମା ଦେଈ, ଦିଲୀପ କୁମାର ଅଗ୍ରୱାଲ, ରଞ୍ଜିତା ରଥ, କଳ୍ପନା ମହାନ୍ତି, ସସ୍ମିତା ପଟ୍ଟନାୟକ, ପ୍ରଦୀପ କୁମାର ବେହେରା, ଶିବ ପ୍ରସାଦ ଦାସ ଏବଂ ମନୋରଞ୍ଜନ ଜେନାଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେହିପରି ଡେପୁଟି ସେକ୍ରେଟାରି ଥିବା ଥାକୁନା ଦାସ, ସୀମାଞ୍ଚଳ ପ୍ରଧାନ, ଶରତ କୁମାର ମିଶ୍ର, ପଦ୍ମଲୋଚନ ନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ଚନ୍ଦ୍ରକଳା ମହାନ୍ତି, ସୁଧାଂଶୁ ରଞ୍ଜନ ଜେନା, ଅଶ୍ୱିନୀ କୁମାର ସୁରଜିତ, ଚିତ୍ତରଞ୍ଜନ ପ୍ରଧାନ, ମନୋଜ କୁମାର ବେହେରା ଏବଂ ସ୍ୱରୂପ ନାରାୟଣ ପ୍ରତିହାରୀଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ତେବେ ଏମାନଙ୍କ ମଧ୍ୟରୁ ପଦୋନ୍ନତି ପାଇଥିବା ରବୀନ୍ଦ୍ର ମହାନ୍ତିଙ୍କୁ ଏମ୍‌ଏସଏମ୍‌ଇକୁ ବଦଳି କରାଯାଇଥିବା ବେଳେ ଅଶୋକ କୁମାର ରଥଙ୍କୁ ଗୃହ ବିଭାଗ(ଓଏସଡିଆଇ), ଶିବ ପ୍ରସାଦ ଦାସଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ, ସୀମାଞ୍ଚଳ ପ୍ରଧାନଙ୍କୁ ଶିଳ୍ପ ଏବଂ ମନୋଜ ବେହେରାଙ୍କୁ ସଂସଦୀୟ ବ୍ୟାପାର ବିଭାଗକୁ ବଦଳି କରାଯାଇଛି। ସେହିପରି ଡେସ୍କ ଅଫିସର ଦୈତାରୀ ବୈଶାଖ, ଦିବାକର ବିଶ୍ୱାଳ, ସାରଙ୍ଗଧର ସାହୁ, ମଦନମୋହନ ବେହେରା, ପ୍ରମୋଦ କୁମାର ରାଉତ, ରମେଶ ଚନ୍ଦ୍ର ମହାରଣା, ବିଜୟ କୁମାର ରାୟ, ଶଙ୍କର ବେହେରା, ଶଶୀ ରଞ୍ଜନ ପଟ୍ଟନାୟକ, ଅଶୋକ କୁମାର ଦାସ, ଅନନ୍ତ ଚନ୍ଦ୍ର ଦାସ, ଅଶୋକ କୁମାର ବେଉରା, ତ୍ରିନାଥ ପଲାଇ ଏବଂ ଅଜିତ କୁମାର ଦାସଙ୍କ ସମେତ ୧୨୨ ଜଣ ଡେସ୍କ ଅଫିସରଙ୍କୁ ଅଣ୍ଡର ସେକ୍ରେଟାରି ଭାବେ ପଦୋନ୍ନତି ମିଳିଛି। ପଦୋନ୍ନତି ପରେ ସେହି ଅଧିକାରୀମାନଙ୍କୁ ନିଜ ବିଭାଗରେ ନିଯୁକ୍ତି ଦିଆଯାଇଛି। ଦୀର୍ଘ ବର୍ଷ ପରେ ଅଫିସରମାନଙ୍କୁ ପଦୋନ୍ନତି ଦିଆଯାଇଥିବାରୁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଜିଲା ଟିଠି
## କୋରାପୁଟ

# ଦଇବ ହାତରେ ସ୍ୱାସ୍ଥ୍ୟସେବା

ଉପାନ୍ତ ଜିଲା କୋରାପୁଟର ଆଦିବାସୀମାନେ ନିଜ ଦିହ ପା’ କଥା ଏବେ ଦଇବ ହାତରେ ଛାଡ଼ିଦେଇଛନ୍ତି। କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା କରିଛନ୍ତି ଆଉ ରାଜ୍ୟ ସରକାର କରିଛନ୍ତି ବିଜୁ ସ୍ୱାସ୍ଥ୍ୟ ଯୋଜନା। ଏ ଦୁଇଟିର ସେବା କିନ୍ତୁ ଆଦିବାସୀ ଲୋକଙ୍କ ଭାଗ୍ୟରେ ନାହିଁ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ମେଡିକାଲ କଲେଜ, ଜୟପୁରରେ ଜିଲା ମୁଖ୍ୟ ଚିକିତ୍ସାଳୟ, ୩ଟି ପୌରାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୬ଟି ସର୍କଲ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି), ୪୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। କିନ୍ତୁ ସେଠାରେ ଆବଶ୍ୟକ ସଂଖ୍ୟାରେ ଡାକ୍ତର ନାହାନ୍ତି। ଜିଲାରେ ମଞ୍ଜୁରୀପ୍ରାପ୍ତ ୨୫୮ ଜଣ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୪୭ ଜଣ ରହିଥିବାବେଳେ ୧୧୧ଟି ପଦବୀ ବର୍ଷବର୍ଷ ଧରି ଖାଲି ପଡ଼ିଛି। ଡାକ୍ତର ନ ଥିବାରୁ କିଛି ରୋଗ ହେଲେ ଗାଁଲୋକେ ଦିଶାରୀଙ୍କ ଉପରେ ଅଧିକ ଭରସା କରୁଛନ୍ତି। ୨୦୧୭ରେ ଯେତେବେଳେ ରାଜ୍ୟ ସରକାର କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାପନ କଲେ, ଏହା ଅବିଭକ୍ତ କୋରାପୁଟ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହେବ ବୋଲି କୁହାଗଲା। ଜିଲାର ଆଦିବାସୀ ଓ ଗରିବ ଲୋକ ଏହି ଅନୁଷ୍ଠାନରୁ ଯେଉଁ ସେବା ପାଇବା ଲାଗି ଆଶା ରଖିଥିଲେ, ତାହା ଖୁବ୍ ଶୀଘ୍ର ମିଳେଇଗଲା। ଭୋଟ୍‌ବ୍ୟାଙ୍କ ରାଜନୀତିର ପଶାପାଲିରେ ୨୦୧୮ରେ କୋରାପୁଟରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଜୟପୁରକୁ ସ୍ଥାନାନ୍ତର କରାଯିବା ସହ କୋରାପୁଟରେ କାର୍ଯ୍ୟରତ ବହୁ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ଜୟପୁର ବଦଳି କରାଯାଇଥିଲା । ସେବେଠାରୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ସିଡିଏମ୍‌ଓଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ସବୁବେଳେ ଆରୋପ ପ୍ରତ୍ୟାରୋପ ଭିତରେ ବଳି ପଡୁଛି ରୋଗୀ ସେବା । କୋରାପୁଟ ମେଡିକାଲରେ ଥିବା ଡାୟଲିସିସ୍ କେନ୍ଦ୍ର ମଧ୍ୟ ଏହି ଛକାପଞ୍ଝା ଭିତରେ ପେସି ହେଉଛି। କିଡନୀ ରୋଗୀଙ୍କ ପାଇଁ ପ୍ରତିଷ୍ଠା ହୋଇଥିବା ଏହି କେନ୍ଦ୍ରରେ ଏଯାବତ୍ ୭ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ଗତ ବର୍ଷ ଖୋଲାଯାଇଥିବା ଏହି କେନ୍ଦ୍ରଟି ମାତ୍ର କିଛିମାସ କାମ କରିବା ପରେ ଏବେ ଅକାମି ସ୍ଥିତିକୁ ଚାଲିଆସିଛି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି କେନ୍ଦ୍ରର ଡାକ୍ତର ନିଜ ଚାକିରିରୁ ଇସ୍ତଫା ଦେଇ ଅନ୍ୟତ୍ର ଚାଲିଗଲେଣି। ମେଡିକାଲ କଲେଜରେ ସ୍ଥାପିତ ଏଣ୍ଡୋସ୍କୋପି ମେଶିନ ଦୁଇ ବର୍ଷ ହେଲା ଅଚଳ। କ୍ଷୁଦ୍ର ଅସ୍ଥିଶଲ୍ୟ ବିଭାଗ ଥାଇ ମଧ୍ୟ କିଟ୍ ନଥିବା କୁହାଯାଇ ଅପରେଶନ କରାଯାଉ ନାହିଁ। ଦନ୍ତ ଚିକିତ୍ସା ବିଭାଗରେ ସମସ୍ତ ଯନ୍ତ୍ରପାତି ଥାଇ ବି ଦୁଇ ବର୍ଷ ହେଲା ଏଠାରେ ଖାଲି ଦାନ୍ତ କଢ଼ାଯିବା ବ୍ୟତୀତ ଅନ୍ୟ କିଛି ଚିକିତ୍ସା ହେଉନାହିଁ ବୋଲି ରୋଗୀ ଅଭିଯୋଗ କରୁଛନ୍ତି। ଡାୟଲିସିସ୍ କେନ୍ଦ୍ର ପାଇଁ ସ୍ଥାୟୀ ଡାକ୍ତର ନାହାନ୍ତି। ମେଡିକାଲ କଲେଜର ବିଭିନ୍ନ ବିଭାଗ ପ୍ରଫେସର କୋରାପୁଟରେ ରହୁନାହାନ୍ତି। ମେଡିକାଲର ୩ଟି ଡିଜି ଜେନେରେଟର ସେଟ୍ ମଧ୍ୟରୁ ୨ଟି ଖରାପ ହୋଇ ପଡ଼ିଛି। ଶବ ବାହକ ଗାଡ଼ି ଓ ଷ୍ଟ୍ରେଚର ଅଭାବ ଲାଗିରହିଛି। କୋରାପୁଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବାବେଳେ ଯେଉଁ ସ୍ୱାସ୍ଥ୍ୟସେବା ମିଳୁଥିଲା, ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ତା’ର ହାର ଓ ସ୍ତର ଖସିବାରେ ଲାଗିଛି । – ଅମିତାଭ ବେହେରା

■ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ନିଆଁ ଲାଗିବା ଘଟଣା

# କ୍ଷତିପୂରଣ ଘୋଷଣା କଲା ରେଲୱେ

**ମୃତକଙ୍କ ପରିବାରକୁ ୨୪ଲକ୍ଷ ୮୫ହଜାର ଟଙ୍କା ସହାୟତା**

ରାୟଗଡା ଅଫିସ୍, ୨୯।୬

ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ଜଣ ରେଲୱେ କର୍ମଚାରୀଙ୍କ ପରିବାରକୁ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବା ପାଇଁ ଘୋଷଣା ହୋଇଛି। ପ୍ରତି ମୃତ କର୍ମଚାରୀଙ୍କ ପରିବାରକୁ ୨୪ଲକ୍ଷ ୮୫ହଜାର ଟଙ୍କା ମିଳିବ ବୋଲି ପୂର୍ବତଟ ରେଳପଥ ବିଶାଖାପାଟଣା ଡିଭିଜନ ବରିଷ୍ଠ ପର୍ସନାଲ ଅଧିକାରୀ ସିଟି ସକିର ହୁସେନ ଜଣାଇଛନ୍ତି। ମୃତକଙ୍କ ପରିବାର ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ମୃତ୍ୟୁ ପ୍ରମାଣପତ୍ର ସହ ଅନ୍ୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମୃତକଙ୍କ ପରିବାରକୁ ଚାକିରି ପ୍ରଦାନ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

ପ୍ରକାଶ ଯେ, ହାୱଡା–ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଏବଂ ବିଦ୍ୟୁତ୍ ମରାମତିରେ ନିୟୋଜିତ ଟାୱାରକାର ମଧ୍ୟରେ ଗତ ମଙ୍ଗଳବାର ଦୁର୍ଘଟଣା ହୋଇଥିଲା। ଫଳରେ ଉଭୟ ଟ୍ରେନର ଇଞ୍ଜିନ ସହ ଗୋଟିଏ ବଗି ପୋଡି ଯାଇଥିଲା। ଏଥିରେ ରେଳ କର୍ମଚାରୀ କେବି ସାଗର, ଏ.ସୁରେଶ କୁମାର ଏବଂ ବି.ଗୁରୁନାଇଡୁ ପ୍ରାଣ ହରାଇଥିଲେ।

ରେଲୱେ ପକ୍ଷରୁ ନିରାପତ୍ତା କମିଶନର ଆର୍.କେ ଶର୍ମା ଘଟଣାର ତଦନ୍ତ କରୁଛନ୍ତି। ସେ ଶୁକ୍ରବାର ରାୟଗଡାରେ ତଦନ୍ତ କରିଥିଲେ। ଶନିବାରଠାରୁ ବିଶାଖାପାଟଣା ଡିଭିଜନ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତ ପାଇଁ ୬୧ଜଣ ରେଳ କର୍ମଚାରୀଙ୍କୁ ନୋଟିସ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାରିପଦା, କେନ୍ଦ୍ରାପଡ଼ା ସେବାୟତ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ବାରିପଦାସ୍ଥିତ ଶ୍ରୀହରି ବଳଦେବ ଜୀଉ ମନ୍ଦିର ଏବଂ କେନ୍ଦ୍ରାପଡାର ଶ୍ରୀବଳଦେବ ଜୀଉ ମନ୍ଦିର ସେବାୟତ ପ୍ରତିନିଧି ଦଳ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବାରିପଦାରୁ ଆସିଥିବା ସେବାୟତ ଦଳ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ମନ୍ଦିର ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ସେହିସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ବାରିପଦା ଗସ୍ତ କରିବେ ବୋଲି ଜଣାପଡିଛି। ସେବାୟତ ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ।

ଅନୁରୂପଭାବେ କେନ୍ଦ୍ରାପଡା ଶ୍ରୀବଳଦେବ ଜୀଉଙ୍କ ସେବାୟତ ପ୍ରତିନିଧି ଦଳ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ସାକ୍ଷାତ କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରି ଶ୍ରୀବଳଦେବ ଜୀଉ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ପାଇଁ ୨ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ। ଏଥିପାଇଁ ସେବାୟତ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଆସନ୍ତା ରଥଯାତ୍ରାରେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରାପଡାରୁ ଆସିଥିବା ପ୍ରତିନିଧିଦଳରେ ଟ୍ରଷ୍ଟି ବଳରାମ ସୁଆର, ରବିନ୍ଦ୍ରନାଥ ପତ୍ରି, ରାମହରୀ ସୁଆର, ରଞ୍ଜନ ସୁଆର, ମୃତ୍ୟୁଞ୍ଜୟ ସୁଆର ଏବଂ ବାବାଜୀ ଚରଣ ପତ୍ରୀଙ୍କ ସମେତ ଅନେକ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

GOA STATE LOTTERIES
Rajshree MONTHLY LOTTERY
SYMBOL OF TRUST
Ticket ₹ 100/-
1st Prize ₹ 1 CRORE Including Super Prize Amount
2nd Prize ₹ 10 LAKH Including Super Prize Amount
5 3rd Prize ₹ 2 LAKH Each Including Super Prize Amount
DRAW 10.07.2019 4.30 PM ONWARDS
FREE POSTAGE Tickets worth Rs. 1400/- will be sent by Regd. Post. Send BANK DRAFT / MONEY ORDER in favour of ANAND AGENCIES payable at Asansol (W.B.) with full Address & Pin Code to the following address
We request all customers please mention your active mobile no. for easy delivery
ANAND AGENCIES 407, Lower Chelidanga, Mother Teresa Road, Asansol - 713304 Mob. No.: 7365895446 / 9021166358

ସମ୍ବଲପୁରୀ ବସ୍ତ୍ରାଳୟ
ରଥଯାତ୍ରା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୨୮.୦୬.୨୦୧୯ ରୁ ତା.୦୪.୦୭.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, କୋଟପାଡ଼ ଶାଢ଼ି ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।
୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ୍ ସାମ୍ନା, ବରଗଡ଼






ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।

–ଶ୍ରୀଅରବିନ୍ଦ

# ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ



ଆକାର ପଟେଲ

ଜିନ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ ପାକିସ୍ତାନର ଡନ୍ ଖବରକାଗଜରେ ଜୁନ୍ ୨୮ ତାରିଖ ଶୁକ୍ରବାର ଏହି ଖବର ପ୍ରକାଶ ପାଇଛି: ଏକ ବର୍ଣ୍ଣିଳ ଉତ୍ସବରେ ଗୁରୁବାର ସନ୍ଧ୍ୟାରେ ଲାହୋର ଦୁର୍ଗରେ ମୈ ଜିନ୍ଦାଙ୍କ ହବେଲିରେ ଶିଖ୍ ଶାସକ ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଶୀତଳ ବ୍ରୋଞ୍ଜରେ ନିର୍ମିତ ୯ ଫୁଟ୍ ଉଚ୍ଚର ଏହି ପ୍ରତିମୂର୍ତ୍ତିରେ ଶିଖ୍ ସମ୍ରାଟ୍ ସମ୍ପୂର୍ଣ୍ଣ ପାରମ୍ପରିକ ପୋଷାକରେ ହାତରେ ଖଣ୍ଡା ଧରି ଏକ ଘୋଡ଼ା ଉପରେ ଉପବେଶନ କରିଛନ୍ତି। ଫକିର ଖାନା ମ୍ୟୁଜିୟମ ତତ୍ତ୍ୱାବଧାନରେ ସ୍ଥାନୀୟ ସ୍ଥପତିମାନେ ଏହି ମୂର୍ତ୍ତି ନିର୍ମାଣ କରିଛନ୍ତି ଏବଂ ଏହା ମହାରାଜା ରଣଜିତ୍ ସିଂଙ୍କ ୧୮୦ତମ ମୃତ୍ୟୁ ବାର୍ଷିକୀରେ ଉନ୍ମୋଚିତ ହୋଇଛି। ରଣଜିତ୍ ସିଂ ୧୮୩୯ ମସିହାରେ ପରଲୋକ ଗମନ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଯୁବକମାନେ ଶିଖ୍ ସାମରିକ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

ଗତ ମାର୍ଚ୍ଚ ୨୪ ତାରିଖରେ ଆଉ ଏକ ଅସ୍ୱାଭାବିକ ଖବର ପ୍ରକାଶ ପାଇଥିଲା: ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କର ଦଳେ ଅନୁଗାମୀ ପାକିସ୍ତାନର ଲାହୋର ନଗରୀ ଅନ୍ତର୍ଗତ ଶାଦମାନ ଚୌକଠାରେ ଉକ୍ତ ତିନିଜଣ ଶହୀଦଙ୍କ ୮୮ତମ ଶହୀଦ ଦିବସରେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଯେଉଁଠାରେ ୧୯୩୧ ମାର୍ଚ୍ଚ ୨୩ ତାରିଖରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ମହିଳା ଓ ପିଲାଙ୍କ ସମେତ ଲୋକମାନେ ହାତରେ ଦୀପ ଧରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ 'ଭଗତ ସିଂ ଜିନ୍ଦା ହେଁ', 'ଶହୀଦ ଭଗତ ସିଂ ତେରୀ ଶୋଚତେ, ପହରା ଦେଙ୍ଗେ ଠୋକ୍‌କେ' ଇତ୍ୟାଦି ସ୍ଲୋଗାନରେ ସ୍ଥାନଟି ମୁଖରିତ ହୋଇଉଠିଥିଲା। ଇମ୍‌ତିଆଜ୍ ରଶିଦ କ୍ୟୁରେଶୀଙ୍କ ଦ୍ୱାରା ପରିଚାଳିତ ଭଗତ ସିଂ ମେମୋରିଆଲ ଫାଉଣ୍ଡେଶନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଇମ୍‌ତିଆଜ୍‌ଙ୍କ ପକ୍ଷରୁ ଉକ୍ତ ସ୍ଥାନର ନାମ ଶାଦ୍‌ମାନ ଚୌକ ବଦଳରେ ଶହୀଦ ଭଗତ ସିଂ ଚୌକ ରଖିବାକୁ ଦାବି କରି ଲାହୋର ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି।

ପ୍ରଶ୍ନ ହେଉଛି ଭାରତ ଦୃଢ଼ ମୁସଲମାନ–ବିରୋଧୀ ପର୍ଯ୍ୟାୟ ଦେଇ ଗତି କରୁଥିବା ବେଳେ ପାକିସ୍ତାନ କାହିଁକି ଉକ୍ତ ଶହୀଦମାନଙ୍କର ସ୍ମୃତିଦିବସ ପାଳନ କରିବାକୁ ଉଚିତ ମନେକରୁଛି। ତା'ର କାରଣ ହେଉଛି ପାକିସ୍ତାନରେ ମଧ୍ୟ ଶକ୍ତିଶାଳୀ ପଞ୍ଜାବୀ ଜାତୀୟତାବାଦ ରହିଛି। ପାକିସ୍ତାନର ଅଧାଅଧି ଲୋକ ପଞ୍ଜାବୀ ଭାଷା କହନ୍ତି। ପାକିସ୍ତାନର ପାଞ୍ଚଟି ବଡ଼ ସହର ଲାହୋର, ରାଓ୍ୱଲପିଣ୍ଡି, ଗୁଜରାନଓ୍ୱାଲା ଓ ଫୈସଲାବାଦ ପଞ୍ଜାବରେ ଅବସ୍ଥିତ। ତା' ସହ ପାକିସ୍ତାନୀ ସେନାର ୮୫ ପ୍ରତିଶତ ହେଉଛନ୍ତି ପଞ୍ଜାବୀ।

ଭାରତ ଇତିହାସରେ ରଣଜିତ୍ ସିଂଙ୍କ ଶିଖ୍ ସାମ୍ରାଜ୍ୟ ଥିଲା ପଞ୍ଜାବୀ ଅଧ୍ୟୁଷିତ ଉତ୍ତରଭାରତ ଏବଂ ସିଂ କହିଲେ ପଞ୍ଜାବୀ ବୀରଙ୍କୁ ବୁଝାଏ। ରଣଜିତ୍ ସିଂଙ୍କ ସେନା କାବୁଲ ପର୍ଯ୍ୟନ୍ତ ଜୟ କରିଥିଲେ ଏବଂ ସେ ଓ ଟିପୁ ସୁଲତାନ ଥିଲେ ଭାରତୀୟ ଉପମହାଦେଶରେ ଶେଷ ସ୍ୱାଧୀନ ଶାସକ, ଯେତେବେଳେ କି ବ୍ରିଟିଶ୍‌ମାନେ ଭାରତର ଅବଶିଷ୍ଟ ଅଞ୍ଚଳକୁ ଦଖଲ କରିସାରିଥିଲେ। ସେ ଜଣେ ମହାନ୍ ଯୋଦ୍ଧା ଥିଲେ ଏବଂ ରଣଜିତ୍ ସିଂଙ୍କ ପରଲୋକ ପରେ ହିଁ ବ୍ରିଟିଶ୍‌ମାନେ ପଞ୍ଜାବ ଜୟ କରିବାକୁ ସମର୍ଥ ହୋଇପାରିଥିଲେ।

ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଜମ୍ମୁର ଡୋଗ୍ରା ରାଜପୁତମାନେ କଶ୍ମୀରକୁ ଶାସନ କରିବାକୁ ସମର୍ଥ ହେବା ମୂଳରେ ଅଛି ସେମାନଙ୍କର ପଞ୍ଜାବ ପ୍ରତି ବିଶ୍ୱାସଘାତକତା। ସେମାନେ ବିଶ୍ୱାସଘାତକତା କରି ନ ଥିଲେ ଜମ୍ମୁ ଓ କଶ୍ମୀର ଦୁଇଟି ଅଲଗା ରାଜ୍ୟ ହୋଇ ରହିଥାନ୍ତା। ସେତେବେଳେ ଭାରତରେ ମାତ୍ର ୫ଟି ରାଜ୍ୟ ଥିଲା, ଯାହା ତା'ର ଶାସକମାନଙ୍କ ପାଇଁ ୨୧–ଗନ୍ ସାଲ୍ୟୁଟ୍ ପାଇବା ଲାଗି ଯଥେଷ୍ଟ ବଡ଼ ଥିଲା। ସେଗୁଡ଼ିକ ହେଉଛି: ମହୀଶୂର, ହାଇଦ୍ରାବାଦ, ବରୋଦା, ଗ୍ୱାଲିୟର ଏବଂ ଜମ୍ମୁ ଓ କଶ୍ମୀର। ଅଧିକାଂଶ ଭାରତୀୟ ଔରଙ୍ଗଜେବଙ୍କ ମୃତ୍ୟୁ ପରେ ଅଷ୍ଟାଦଶ ଶତାବ୍ଦୀ ଭାରତର ଇତିହାସ ଜାଣନ୍ତି ନାହିଁ, ଯେତେବେଳେ ଭାରତର ହିନ୍ଦୁ ରାଜାମାନେ କେବଳ ପରସ୍ପରକୁ ଆକ୍ରମଣ କରିବାରେ ବ୍ୟସ୍ତ ଥିଲେ। ମରାଠାମାନେ ରାଜପୁତମାନଙ୍କୁ ଧମକାଇ ଏତେ ଧନ ଲୁଟୁଥିଲେ ଯେ ଜୟପୁରର ପ୍ରତିଷ୍ଠାତା ସଓ୍ୱାଇ ଜୟସିଂଙ୍କ ପୁତ୍ର ମହାରାଜା ଈଶ୍ୱରୀ ସିଂ ୧୭୫୦ ମସିହାରେ ଆତ୍ମହତ୍ୟା କରିଦେଲେ। ଏଥିରେ ପ୍ରତିହିଂସାପରାୟଣ ହୋଇ ରାଜପୁତମାନେ ବିଜେତାଭାବେ ଜୟପୁର ନଗରୀରେ ପ୍ରବେଶ କରିଥିବା ୪୦୦୦ ମରାଠା ସୈନିକଙ୍କୁ ୯ ଘଣ୍ଟାରେ ହତ୍ୟା କଲେ। ଆମ ଇତିହାସ ବହିରେ ଏସବୁ ପଢ଼ାଯାଉ ନାହିଁ। ଏହା ଜାଣିଲେ ଅଧିକାଂଶ ଭାରତୀୟ ବିଚଳିତ ହୋଇପଡ଼ିବେ କାରଣ ଆମର ବିଚାରବୋଧକୁ ଧାର୍ମିକ ଜାତୀୟତାବାଦରେ ରଙ୍ଗେଇ ଦିଆଯାଇଛି। ପାକିସ୍ତାନରେ ଉକ୍ତ ବ୍ୟକ୍ତିମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବାରେ କୌଣସି ସମସ୍ୟା ନାହିଁ, ଭାରତରେ ଜିନ୍ନା ବା ସେଭଳି ବିବାଦୀୟ ବ୍ୟକ୍ତିମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବାରେ ଯେପରି ସମସ୍ୟା ଅଛି।

ଆମ ବୀରମାନଙ୍କୁ ପାକିସ୍ତାନରେ ସମ୍ମାନ ଦିଆଯିବ ସେ କଥା ଆମେ ଆଶା କରିପାରିବା ନାହିଁ। ସେଥିପାଇଁ ଏପରି ରିପୋର୍ଟ ପ୍ରକାଶ ପାଇବା ପରେ ଆମେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କିନ୍ତୁ ବାସ୍ତବରେ ଭାରତୀୟମାନେ ମୁଖ୍ୟତଃ ପାକିସ୍ତାନ ବିଷୟରେ ଅନଭିଜ୍ଞ ଏବଂ ଆମେ ବିକ୍ଷିପ୍ତ ଗଣମାଧ୍ୟମରୁ ଯେତିକି ଜାଣୁ ଆମର ଜ୍ଞାନ ସେତିକିରେ ସୀମିତ।

Email: aakar.patel@gmail.com

# ପୁରୀରୁ ବ୍ରହ୍ମଗିରି



ଡ. ପ୍ରଫୁଲ୍ଲ କୁମାର ସାହୁ

ସଚରାଚର ବିଶ୍ୱରେ ଯାହା କିଛି ଘଟୁଛି, ତା' ପଛରେ ରହିଛି ବିଶ୍ୱନିୟନ୍ତାଙ୍କ ମହତ୍ ଉଦ୍ଦେଶ୍ୟ। ସେ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଭଗବାନ ବେଳେ ବେଳେ ଲୋଡ଼ନ୍ତି ଜଣେ ଜଣେ ମହାନ୍ ଭକ୍ତଙ୍କ ସହଯୋଗ। ଭଗବାନଙ୍କ ଦୃଷ୍ଟିରେ ସେଭଳି ଜଣେ ଭକ୍ତ ଥିଲେ ଦାକ୍ଷିଣାତ୍ୟର ବେଦଜ୍ଞ ବ୍ରାହ୍ମଣ ଆଲବନ୍ଦରାଚାର୍ଯ୍ୟ। ଗୁରୁକୁଳ ଆଶ୍ରମ ପରମ୍ପରାର ଜଣେ ମହାନ୍ ଆଚାର୍ଯ୍ୟ। ପୁରୁଷୋତ୍ତମ କ୍ଷେତ୍ରବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କର ଆରାଧ୍ୟ ଦେବତା। ଏକଦା ତ୍ରିଭେନ୍ଦ୍ରମ୍‌ରୁ ପଦବ୍ରଜରେ ଆସି ସେ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ମହାପ୍ରଭୁଙ୍କ ଦର୍ଶନ ପାଇଁ। ବଡ଼ଦାଣ୍ଡ ଧୂଳି ଛୁଇଁବା କ୍ଷଣି ତାଙ୍କ ଦେହରେ ଖେଳିଗଲା ଏକ ଅନିର୍ବଚନୀୟ ଆନନ୍ଦ। ମହାପ୍ରଭୁଙ୍କ ଦର୍ଶନ ଲଭିବେ, ଏହି ଖୁସିରେ ଭୁଲିଗଲେ କ୍ଷୁଧା, ତୃଷ୍ଣା ଓ ଦୀର୍ଘ ଦିନର ପଥଶ୍ରମଜନିତ କ୍ଳାନ୍ତି। ଆଗେ ଦର୍ଶନ, ତା'ପରେ ଜଳ ଗ୍ରହଣ, ମନେମନେ ଏହି ସଂକଳ୍ପ ନେଇ ଚାଲିଲେ ଆଗକୁ। ମାତ୍ର ମନ୍ଦିର ବେଢ଼ାରେ ପହଞ୍ଚି ଜାଣିଲେ ଏବେ ଅନବସର କାଳ। ଠାକୁରେ ଗୁପ୍ତପୂଜାରେ ଥିବାରୁ ମିଳିବନି ଦର୍ଶନ। ଅଧୀର ହୋଇ ଉଠିଲା ଦର୍ଶନପିପାସୁ ଭକ୍ତର ପ୍ରାଣ। ଅନବସର ତାଟି ନ ଖୋଲିବା ଯାଏ ଦର୍ଶନ ମିଳିବନି ଜାଣି ଆନନ୍ଦାଶ୍ରୁ ବଦଳରେ ଆଖିରୁ ଝରିଗଲା ଧାରଧାର ବେଦନାର ଲୁହ। ଅଭିମାନରେ ଫାଟି ପଡ଼ିଲା ଛାତି। ଲୁହ ଆଉ କୋହରେ ଅସ୍ଥିର ହେଲା ପରେ ବି ତାଙ୍କ ହୃଦୟରେ ଉଜାଗର ଥିଲା ସେହି ଗୋଟିଏ ଭାବ– ଭଗବାନ କେବଳ ଭକ୍ତର। ଭକ୍ତ ପାଇଁ ସେ ନନ୍ଦିଘୋଷ ଛାଡ଼ି ବିଜେ କରି ପାରନ୍ତି ବଳରାମ ଦାସ ବାଲିରଥରେ। ଷାଠିଏ ପଉଟି ଭୋଗ ଛାଡ଼ି ଖାଇ ପାରନ୍ତି କରମା ବାଈର ଖିରି। ତେଣୁ ଭକ୍ତର ଆକୁଳ ଡାକ ଶୁଣି ଆଜି ସେ ଅଣସର ପିଣ୍ଡିରୁ ଉଠି ନ ଆସିବେ କାହିଁକି? ପ୍ରଭୁଙ୍କର ଯଦି ସେ କରୁଣା ନ ହୁଏ ତେବେ ଏ ଜୀବନ ରଖି କି ଲାଭ? ବରଂ ଅଦୂରରେ ଥିବା ମହୋଦଧିରେ ପ୍ରାଣ ବିସର୍ଜନ ଦେବା ଭଲ। ମନେମନେ ଏଭଳି ଏକ ସଂକଳ୍ପ ନେଇ ସେ ବସିରହିଲେ ମନ୍ଦିର ବେଢ଼ାରେ।

ଦିନ ଯାଇ ରାତି ହେଲା, କିନ୍ତୁ ମିଳିଲାନି ଦର୍ଶନ। ପ୍ରତିଜ୍ଞା ପାଳନ ପାଇଁ ଚେଇଁ ଉଠିଲା ସ୍ୱାଭିମାନ। ଶେଷଥର ପାଇଁ ମନ୍ଦିର ଆଡ଼କୁ ଚାହିଁଦେଇ ସେ ବାହାରି ଆସିଲେ ବେଢ଼ା ବାହାରକୁ। ଗୁପ୍ତପୂଜାରେ ଥାଇ ଚମକି ଉଠିଲେ ପ୍ରଭୁ। ଥରିଉଠିଲା ଅଣସର ପୀଠ। ସହସା ସନ୍ଦେଶ ଯାଇ ପହଞ୍ଚିଲା ସ୍ୱର୍ଗଦ୍ୱାର ରକ୍ଷକ ମଶାଣିଆ ହନୁମାନ ପାଖରେ। ଏଣେ ସ୍ୱାଭିମାନର ଦମ୍ଭିଲାପଣ ଯୋଗୁ ଅନ୍ଧାରକୁ ଖାତିର ନ କରି ସ୍ୱର୍ଗଦ୍ୱାର ରାସ୍ତାରେ ଚାଲିଛନ୍ତି ଆଚାର୍ଯ୍ୟେ। ଭେଟ ହେଲା ଅନ୍ୟ ଜଣେ ବାଟୋଇଙ୍କ ସହ। ଆଳାପ ଛଳରେ ମହାପ୍ରଭୁଙ୍କ ଅଣସର ବିଧି ସମ୍ପର୍କରେ ସେ ବଖାଣିଲେ ଅନର୍ଗଳ। ଶୁକ୍ଳପକ୍ଷ ଦ୍ୱିତୀୟା ଯାଏ ଅପେକ୍ଷା କରିବାକୁ ପରାମର୍ଶ ଦେଲେ ଅତି ସହୃଦୟ ଚିତ୍ତରେ। ମାତ୍ର ଆଚାର୍ଯ୍ୟଙ୍କର ସେହି ଏକା ଜିଦ୍ ନୀଳାଦ୍ରିନାଥଙ୍କ ଦର୍ଶନ, ନ ହେଲେ ପ୍ରାଣ ବିସର୍ଜନ। ଅଗତ୍ୟା ବାଟୋଇ ନିଜ ରୂପରେ ପ୍ରକଟିତ ହୋଇ ଜଣେଇଦେଲେ ପ୍ରଭୁଙ୍କ ସନ୍ଦେଶ। ସମ୍ମୁଖରେ ଭକ୍ତ ହନୁମାନଙ୍କୁ ଦେଖି ପ୍ରଣିପାତ କଲେ ଆଚାର୍ଯ୍ୟ। ମାତ୍ର ତାଙ୍କର ଉପସ୍ଥିତି ଘଟଣାକୁ ନେଇ ଆହୁରି ଦୃଢ଼ ହେଲା ସ୍ୱାଭିମାନୀ ଭକ୍ତର ସଙ୍କଳ୍ପ। ସେ ଜାଣନ୍ତି ଭକ୍ତ ଭଗବାନ ମଧ୍ୟରେ ଭାବବିନିମୟ ପାଇଁ ଆବଶ୍ୟକ ହୁଏନି କୌଣସି ତୃତୀୟ ପକ୍ଷର ସହଯୋଗ। ମାତ୍ର ତାଙ୍କ କ୍ଷେତ୍ରରେ ଏହି ତୃତୀୟ ପକ୍ଷର ଉପସ୍ଥିତିକୁ ନେଇ ଆହୁରି ଆଘାତପ୍ରାପ୍ତ ହେଲେ। ଭକ୍ତର ସ୍ୱାଭିମାନ ସଙ୍କଳ୍ପରୁ ଟଳିବା ପରିବର୍ତ୍ତେ ପ୍ରକାଶ ପାଇଲା ଦୃଢ଼ତା। କ୍ଷମାପ୍ରାର୍ଥନା କରିବା ସହିତ ଭକ୍ତ ହନୁମାନଙ୍କଠାରୁ ବିଦାୟ ନେଇ ଚାଲିଲେ ଆପଣା ଲକ୍ଷ୍ୟ ପଥରେ। ଗୋଟିଏ ପାର୍ଶ୍ୱରେ ସ୍ଥିର ସଙ୍କଳ୍ପ ଅନ୍ୟ ପାର୍ଶ୍ୱରେ ମହାପ୍ରଭୁଙ୍କୁ ଅବମାନନା କରିବାର ଅନୁଶୋଚନା। ଭାବନାର ଏହି ଚକ୍ରବ୍ୟୂହ ଭିତରେ ପଡ଼ି ସେ ଭୁଲିଗଲେ ବାଟ। ମହୋଦଧି ଅଭିମୁଖେ ଯିବା ପରିବର୍ତ୍ତେ ଚାଲିଲେ ତା'ର ବିପରୀତ ଦିଗରେ। ଉଦ୍ଦେଶ୍ୟ ଚରିତାର୍ଥ ହେବା ଯାଏ ଅନ୍ତର୍ଦ୍ଧାନ ହେଲେ ମଶାଣିଆ ମହାବୀର।

ରାତି ଯେତେ ଗଭୀର ହେଲା, ସେତେ ଦ୍ରୁତ ହେଲା ପାଦର ଗତି। ଅଥଚ ସରିଲାନି ରାସ୍ତା। ସତେଯେମିତି ଘୁଞ୍ଚି ଘୁଞ୍ଚି ଯାଉଛି ସମୁଦ୍ର। ଏମିତି ବାଟ ଚାଲୁ ଚାଲୁ ଦିନ ଯାଇ ଆସିଲା ରାତି। ପୁରୀର ପଶ୍ଚିମକୁ ୧୪ ମାଇଲ ଦୂରରେ ଅବସ୍ଥିତ ବ୍ରହ୍ମଗିରିରେ ଥିବା ଏକ ପୋଖରୀ କୂଳରେ ଅଟକିଗଲେ ଆଚାର୍ଯ୍ୟେ। ଭାବିଲେ ସେହି ପୁଷ୍କରିଣୀ ଜଳରେ ବୁଡ଼ି ବିସର୍ଜନ କରିବେ ପ୍ରାଣ। ହଠାତ୍ ଆଖି ଆଗରେ ଉଦ୍ଭାସିତ ହେଲା ଏକ ଦିବ୍ୟ ଆଲୋକମଣ୍ଡଳ। ଆଖିମଳି ଚାହିଁଲେ ଆଗକୁ।



ଶରୀରରେ ଖେଳିଗଲା ଶିହରଣ। ଆଖି ସାମ୍ନାରେ ସ୍ୱୟଂ ଜଗତର ନାଥ ଜଗନ୍ନାଥ। ବିଶ୍ୱାସ କରି ପାରୁ ନ ଥିଲେ ନିଜ ଆଖିକୁ। ଶୁଣିଥିଲେ ଜଗନ୍ନାଥ ବିଶ୍ୱର ବିଚିତ୍ର। ଭକ୍ତ କେବଳ ତାଙ୍କ ପାଖକୁ ଯାଏନି, ସେ ବି ନିଜେ ଆସନ୍ତି ଭକ୍ତ ପାଖକୁ। ଯାହା ଶୁଣିଥିଲେ, ତା'ର ପ୍ରମାଣ ସେ ଦେଖୁଛନ୍ତି ନିଜ ଆଖି ସାମ୍ନାରେ। ହେଲେ ପ୍ରଭୁଙ୍କର ଏ କି ବିପର୍ଯ୍ୟସ୍ତ ବେଶ! ଶ୍ରୀଅଙ୍ଗରୁ ଝରି ପଡ଼ୁଛି ବିନ୍ଦୁ ବିନ୍ଦୁ ସ୍ୱେଦ। ଲିଭିଯାଇଛି ଊର୍ଦ୍ଧ୍ୱପୁଣ୍ଡ୍ର। କେଡ଼େ ବିମର୍ଷ ଦିଶୁଛି ସତେ ତାଙ୍କ ବାଧିକା ଚେହେରା! ନା ଏ ରୂପରେ ନୁହେଁ, ସେ ଦେଖିବାକୁ ଚାହିଁଥିଲେ ପ୍ରଭୁଙ୍କ ନବୀନ ନୀରଦ କାନ୍ତି। ଭାବଗ୍ରାହୀ ତତ୍‌କ୍ଷଣାତ୍ ଗ୍ରହଣ କଲେ ଭକ୍ତର ଭାବ। ଧାରଣ କଲେ ନବୀନ ନୀରଦ କାନ୍ତି। ଶ୍ରୀହସ୍ତରେ ଶୋଭା ପାଉଥିଲା ଶଙ୍ଖ, ଚକ୍ର, ଗଦା, ପଦ୍ମ। ଜୀବନର ସବୁଯାକ ଆନନ୍ଦ ଯେମିତି ଅଜାଡ଼ି ହୋଇପଡ଼ିଲା ଆଚାର୍ଯ୍ୟଙ୍କ ଉପରେ। ଆନନ୍ଦରେ କମ୍ପି ଉଠିଲା ଦେହ। ଲୋଟି ପଡ଼ିଲେ ପ୍ରଭୁଙ୍କ ଚରଣକମଳ ତଳେ। ସେ ଦିବ୍ୟ ମୁହୂର୍ତ୍ତରେ ସେ ମନେମନେ ଭାବୁଥିଲେ– ସବୁଦିନ ପାଇଁ ପ୍ରଭୁ ଏଠି ଥାଆନ୍ତେ କି ଏହି ରୂପରେ। ପ୍ରଭୁଙ୍କୁ ସ୍ପର୍ଶକଲା ଭକ୍ତର ଅମୃତମୟ ଭାବନା। ଖାଲି ସ୍ପର୍ଶ କଲା ନୁହେଁ ଏକ ହୋଇଗଲା ଭକ୍ତ ଓ ଭଗବାନଙ୍କ ଇଚ୍ଛା। ଭକ୍ତ ପ୍ରକୃତିସ୍ଥ ହେଲା ବେଳକୁ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ ଭଗବାନ। ହେଲେ ଭକ୍ତର ଇଚ୍ଛା ପୂର୍ଣ୍ଣ ହେବ ବୋଲି ଶୁଣେଇ ଦେଇଥିଲେ ଶୂନ୍ୟବାଣୀ। ସେହିଦିନଠାରୁ ଆଚାର୍ଯ୍ୟେ ଆରମ୍ଭ କଲେ ପ୍ରୟାସ। ରାଜା ସବୁକଥା ଶୁଣିବା ପରେ ତାଙ୍କ ଆଦେଶରେ ସେଠାରେ ନିର୍ମାଣ ହେଲା ୫୦ଫୁଟ ଉଚ୍ଚତାର ଏକ ଭବ୍ୟ ମନ୍ଦିର। ଭକ୍ତ ଯେଉଁ ରୂପରେ ମହାପ୍ରଭୁଙ୍କୁ ଦେଖିଲେ ଠିକ୍ ସେହି ରୂପରେ ପୂଜା ପାଇଲେ କଳା ମୁଗୁନି ପଥରରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂଳ ବିଗ୍ରହ। ଭକ୍ତ ଆଲବନ୍ଦରାଚାର୍ଯ୍ୟଙ୍କ ନାମାନୁସାରେ ମହାପ୍ରଭୁ ଏଠାରେ ବହନ କଲେ 'ଅଲାରନାଥ'ନାମ। ବ୍ରହ୍ମଗିରିରେ ବଢ଼ିଚାଲିଲା ଅଲାରନାଥଙ୍କ ମହିମା। ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଛୁଟିଲେ ହଜାର ହଜାର ଭକ୍ତ।

ଅତୀତର ଭିତ୍ତିଭୂମି ଉପରେ ଠିଆହୋଇଛି ବର୍ତ୍ତମାନ। ଏହା ହୋଇପାରେ ଅତୀତଠାରୁ ଯଥେଷ୍ଟ ଉନ୍ନତ ଓ ସୁଖମୟ। ମାତ୍ର ବିକାଶ ପଥରେ ଯେତେ ଆଗକୁ ଗଲେ ବି ଅତୀତକୁ ବିସ୍ମରିଯିବା ଅନୁଚିତ। ଜଗତକୁ ଏହି ସନ୍ଦେଶ ଦେବା ପାଇଁ ପୁରୀରୁ ବ୍ରହ୍ମଗିରି ଯାଏ ଭକ୍ତ ପଛେ ପଛେ ଧାଇଁଛନ୍ତି ଜଗନ୍ନାଥ। କାରଣ ଏହି ବ୍ରହ୍ମଗିରିରେ ସେ ପ୍ରଥମେ ପୂଜା ପାଉଥିଲେ ଶିଳାପଦ୍ମ ରୂପରେ। ଅତୀତ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଅଲାରନାଥ ରୂପରେ ପ୍ରତିଷ୍ଠା ପାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ସେହି ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ସେ ଲୋଡ଼ିଛନ୍ତି ଭକ୍ତିର ଗନ୍ତାଘର ଆଲବନ୍ଦରାଚାର୍ଯ୍ୟଙ୍କ ସହଯୋଗ। ବାସ୍ତବରେ ଭକ୍ତକୁ ଦର୍ଶନ ଦେବା ପାଇଁ ଗୁପ୍ତପୂଜାରୁ ଉଠି ଆସିଲେ ଜ୍ୱରପୀଡ଼ିତ ଜଗନ୍ନାଥ– ଆଲବନ୍ଦରାଚାର୍ଯ୍ୟଙ୍କ ଭଳି ଜଣେ ଶୁଦ୍ଧ ଭକ୍ତ ନ ହେଲେ କିଏ ଭାବି ପାରିବ ଏକଥା। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି– ଯା ମନ ଯେପରି ତା' ପାଇଁ ସେପରି ଫଳ ରଖିଥାଏ ବିଶ୍ୱ, ଉଚ୍ଚମନା ନିଜେ ଅମୃତ ଲଭଇ ନୀଚମନା ପାଏ ବିଷ।


ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ – ୯୪୩୮୮୫୫୦୮୮


# ରପ୍ତାନି ସଂଗଠନ ସଭାପତି

## ବ୍ୟକ୍ତିତ୍ୱ



ଶରଦ କୁମାର ସରାଫ୍

ନିକଟରେ ଭାରତୀୟ ସାମଗ୍ରୀ ଉପରୁ ଆମେରିକା ଅଗ୍ରାଧିକାର ପ୍ରବେଶ ସୁବିଧା ପ୍ରତ୍ୟାହାର କରିଥିଲା। ପରେ ନୂଆଦିଲ୍ଲୀ ଆମେରିକାରୁ ଆସୁଥିବା ୨୮ ପ୍ରକାର କୃଷିଜାତ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କଲା। ଏହାଫଳରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଥଲା। ୨୮ ଜୁନ୍‌ରେ ଜାପାନର ଓସାକାଠାର ଜି୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ଟାରିଫ୍ ବୃଦ୍ଧିକୁ ନେଇ ଆଲୋଚନା ହୋଇଛି। ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ଥିବା ତାରତମ୍ୟ ଦୂର କରିବା ସକାଶେ ଦୁଇ ଦେଶର ଶୀର୍ଷ ନେତା ଏକପ୍ରକାର ବୁଝାମଣା ସ୍ତରକୁ ଆସିଛନ୍ତି। ଏଭଳି ସ୍ଥଳେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ ବା ଭାରତୀୟ ରପ୍ତାନି ସଂଗଠନ ସଂଘ (ଏଫ୍‌ଆଇଇଓ)ର ଗୁରୁତ୍ୱ ବଢ଼ିଯାଇଛି।

ଏଫ୍‌ଆଇଇଓ ଭାରତର ବାଣିଜ୍ୟ ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଏକ ଶୀର୍ଷ ସଂଗଠନ। ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଘରୋଇ ବାଣିଜ୍ୟ ଓ ଶିଳ୍ପର ମିଳିତ ସହଯୋଗରେ ଏହା ୧୯୬୫ ମସିହାରେ ନୂଆଦିଲ୍ଲୀଠାରେ ସ୍ଥାପନ କରାଯାଇଥିଲା। ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ, କମୋଡିଟି ବୋର୍ଡସ୍ ଆଣ୍ଡ୍ ଏକ୍ସପୋର୍ଟ ଡେଭଲପ୍‌ମେଣ୍ଟ ଅଥରିଟିଜ୍ ଇନ୍ ଇଣ୍ଡିଆର ସର୍ବୋଚ୍ଚ ସଂସ୍ଥା ହୋଇଥିବାରୁ ଏଫ୍‌ଆଇଇଓ ରପ୍ତାନି ବାଣିଜ୍ୟ ବୃଦ୍ଧି ଲକ୍ଷ୍ୟରେ ଆଗେଇ ଚାଲିଛି। ଭାରତୀୟ ରପ୍ତାନିର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅବଦାନ ଏହାର ସଦସ୍ୟମାନଙ୍କ ଦ୍ୱାରା ହେବା ନେଇ ଏଫ୍‌ଆଇଇଓ ନିର୍ଦ୍ଦେଶ ଦେଇଥାଏ। ଭାରତର ଅନ୍ତର୍ଜାତୀୟ ବାଣିଜ୍ୟ ଗୋଷ୍ଠୀ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବାଣିଜ୍ୟିକ ଆଦାନପ୍ରଦାନ, ରେଳପଥ, ବନ୍ଦର, ଭୂପୃଷ୍ଠ ପରିବହନ, ବିତ୍ତୀୟ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ସୁଗମ କରିବା ଦିଗରେ ଏଫ୍‌ଆଇଇଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ତେଣୁ ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ସାଂଗଠନିକ ଦକ୍ଷତା ରାପ୍ତାନି କ୍ଷେତ୍ରକୁ ତ୍ୱରାନ୍ୱିତ କରିଥାଏ। ନିକଟରେ ଦେଶର ଜଣାଶୁଣା ରପ୍ତାନିକାରୀ ଗଣେଶ କୁମାର ଗୁପ୍ତାଙ୍କ ସ୍ଥାନରେ ଶରଦ କୁମାର ସରାଫଙ୍କୁ ଏଫ୍‌ଆଇଇଓ ସଭାପତି ଦାୟିତ୍ୱ ଅର୍ପଣ କରାଯାଇଛି। ରପ୍ତାନି ବାଣିଜ୍ୟକୁ ଅଧିକ କ୍ରିୟାଶୀଳ କରିବେ ବୋଲି ସେ କହିଛନ୍ତି।

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ବମ୍ବେ ଭଳି ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ଧାରଣ କରିଥିବା ଶରଦ କିଛି ନୂଆ କରି ଦେଖାଇବାର ଚିନ୍ତା ମନରେ ରଖିଥିଲେ। ସେଥିପାଇଁ ଚାକିରିକୁ ଜୀବନର ସର୍ବସ୍ୱ ନ ଭାବି ଔଦ୍ୟୋଗିକ ବିକାଶ ଦିଗରେ ନିଜକୁ ନିୟୋଜିତ କରିଥିଲେ। ପ୍ରାରମ୍ଭିକ ଅବସ୍ଥାରେ ସେ ଟେକ୍ନୋକ୍ରାଟ୍ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ପ୍ରତିଷ୍ଠା କରିଥିଲେ। ଏହା ନିର୍ମାଣ ସାମଗ୍ରୀ ଓ କପଡ଼ା ସମ୍ପର୍କିତ ଦ୍ରବ୍ୟ ଉତ୍ପାଦନ କରୁଛି। ଏଥିସହିତ ସିଟି ଅଫ୍ ନ୍ୟୁ ଓର୍ଲନ୍ସ ଲା'ର ଅବୈତନିକ ଆମ୍ବାସାଡର, ଫେଡେରେଶନ୍ ଅଫ୍ ଏକ୍ସପୋର୍ଟିଂ ୟୁନିଟ୍ ଓ ଇଣ୍ଡିଆନ୍ କଟନ୍ ମିଲ୍ସ ପ୍ରତକ୍ସନ ସଦସ୍ୟ ରହିଥିବା ଶରଦଙ୍କ ରପ୍ତାନି କ୍ଷେତ୍ରରେ ବିଶେଷ ଜ୍ଞାନ ଥିବାରୁ ସେ ଏଫ୍‌ଆଇଇଓକୁ ନିର୍ବାଚିତ ହୋଇଥିଲେ। ସଂଗଠନରେ ପ୍ରାରମ୍ଭିକ ସ୍ତରରେ ସେ ଦୁଇ ଥର ଉପସଭାପତି ଓ ୪ ଥର ଆଞ୍ଚଳିକ ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଥିଲେ। ଏହି ସମୟରେ ସେ ରପ୍ତାନିକାରୀଙ୍କ ଅଭିଯୋଗ ସମାଧାନ ଲାଗି ଇଣ୍ଡିଆନ୍ ଏକ୍ସପୋର୍ଟର ଗ୍ରିଭାନ୍ସ ଫୋରମ୍ ପ୍ରତିଷ୍ଠା କରିଥିଲେ। ଏ ସଂକ୍ରାନ୍ତ ବିଭିନ୍ନ ବିବାଦର ସମାଧାନ ଆଇନଗତ ଭାବେ ହୋଇପାରୁଥିବାରୁ ଉକ୍ତ ମଞ୍ଚ ସୃଷ୍ଟି ଲାଗି ସବୁ ଶ୍ରେୟ ତାଙ୍କୁ ମିଳିଥାଏ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଗାଁରେ ନାହିଁ ଗୋଟିଏ ବି ମୁସଲମାନ ପରିବାର। ହିନ୍ଦୁ କରୁଛନ୍ତି ମସ୍‌ଜିଦର ଦେଖାରଖା। ପଞ୍ଜାବ ରାଜ୍ୟର ଲୁଧିଆନା ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ରହିଛି ହେଣ୍ଡୋ ବେଟ୍ ଗାଁ। ପରାଧୀନ ଭାରତରେ ଏଠାରେ ପାଖାପାଖି ୫୦ ମୁସଲମାନ ପରିବାର ରହୁଥିବା ବେଳେ ଦେଶ ବିଭାଜନ ପରେ ଏଠାରେ ଜଣେ ବି ମୁସଲମାନ ପରିବାର ନାହାନ୍ତି। ହେଲେ ଆଜି ବି ମସ୍‌ଜିଦରେ ଜଳୁଛି ସଦ୍‌ଭାବନାର ଦୀପ। ପାକିସ୍ତାନ ମିରଖପୁରରୁ ଆସିଥିବା ୧୫ଟି ହିନ୍ଦୁ ପରିବାର ମସ୍‌ଜିଦର ଦେଖାରଖା କରୁଛନ୍ତି। ମୁସଲମାନ ନ ଥାଇ ମଧ୍ୟ କେବେ ମସ୍‌ଜିଦର ଦ୍ୱାର ବନ୍ଦ ହୋଇନାହିଁ କି କେହି କେବେ ଏହାକୁ ଭାଙ୍ଗିଦେବାକୁ ଚାହିଁ ନାହାନ୍ତି। ଏହି କୃଷକ ପରିବାରର ସଦସ୍ୟ ପ୍ରେମ ସିଂ ଗତ ୪ ବର୍ଷ ହେବ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦରେ ଦୀପ ଜାଳୁଥିବା ବେଳେ ଆତ୍ମସନ୍ତୋଷ ଲାଭକରୁଥିବା କୁହନ୍ତି। ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସି ମାନସିକ କରିବା ସହ ମାନସିକ ପୂରଣ ହେଲେ ଚାଦର ଚଢ଼ାଇ ଥା'ନ୍ତି।

## ଚିରନ୍ତନୀ

ଛିଡାଇ ଯାଇଛି ବାହା  ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ?  ହୋଇଲେ କରମ ବାମ।
(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳେ ଧରିତ୍ରୀ

୩୦ ଜୁନ୍ ୧୯୯୪

- ତୋମିଚି ମୁରାୟାମା ଜାପାନର ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚିତ।
- ଲିଙ୍ଗ ନିରୂପଣ ପରୀକ୍ଷାକୁ ହରିୟାଣା ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | | | 9 | | | A | C | 0 | | | 5 | | |
| | 1 | 0 | E | 2 | | | | | D | | 3 | B | | |
| | | | | 8 | C | B | 4 | | E | | | 3 | | A |
| | | | 4 | | | | 6 | | | | | | | |
| | | 2 | | 5 | | | 8 | | 4 | | | | 1 | |
| | | | | E | | 4 | | | | | | | B | |
| | 9 | | | | 2 | | | | | 5 | | | | 3 |
| 7 | 6 | | | 3 | 9 | 2 | 5 | | A | | | | | |
| | C | A | | | | | E | 6 | 9 | 7 | 8 | | 2 | |
| D | | 1 | | 0 | | | | 9 | 2 | | | | C | |
| | | 7 | A | | 3 | 5 | | | | | 9 | | | 0 |
| | 2 | | 1 | | | | | 4 | | | A | | 8 | |
| | 5 | | | D | | 9 | | | | | 2 | | | 6 |
| | | C | | | | | | 0 | | | | E | | 9 |
| | 0 | 3 | | | | | | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ଅପରାଧୀଙ୍କ ପ୍ରବେଶ

ମହାଶୟ,

ରାଜନୀତିରେ ଅପରାଧୀଙ୍କ ସଂଖ୍ୟାଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୦୦୯ ନିର୍ବାଚନରେ ୩୩% ଅପରାଧୀ ଥିଲେ। ୨୦୧୪ ବେଳକୁ ୩୪% ହେଲା। କିନ୍ତୁ ୨୦୧୯ ବେଳକୁ ତାହା ବଢ଼ିଯାଇ ୪୬%ରେ ପହଞ୍ଚିଲାଣି। ଏଭଳି ଅପରାଧୀଙ୍କ ସଂଖ୍ୟା ଯଦି ବଢ଼ି ବଢ଼ି ଚାଲେ ତେବେ ରାଜ୍ୟରେ ସୁଶାସନ ବଦଳରେ କୁଶାସନ ହିଁ ଚାଲିବ। ଦୁଃଶାସନମାନଙ୍କର ଦୌରାତ୍ମ୍ୟ ମଧ୍ୟ ବଢ଼ିଯିବ। ଏହାକୁ ରୋକିବା ପାଇଁ କୌଣସି ରାଜନୈତିକ ଦଳ ଇଚ୍ଛା ପ୍ରକଟ କରୁନାହାନ୍ତି। ଯେଉଁ ଲୋକ ଅର୍ଥବଳୀ, ବାହୁବଳୀ ଏବଂ ପ୍ରଭାବଶାଳୀ, ଦଳର ଦଳପତି ତାକୁ ଦଳରେ ସାମିଲ କରୁଛନ୍ତି। ସେମାନେ ଅର୍ଥବଳ ଦ୍ୱାରା ଭୋଟ କିଣିପାରନ୍ତି, ବାହୁବଳ ଦ୍ୱାରା ଆତଙ୍କ ସୃଷ୍ଟି କରିପାରନ୍ତି। ସେମାନଙ୍କ ଚାଟୁ କଥାରେ ଲୋକେ ପ୍ରଭାବିତ ହୋଇପାରନ୍ତି। ସରକାରୀ କଳର ପ୍ରଭାବ ଏବଂ କ୍ଷମତା ମଧ୍ୟ କମ୍ କାମ କରେନାହିଁ। ନିର୍ବାଚନରେ ନିୟୋଜିତ ଅଫିସରମାନେ ସରକାରୀ ଲୋକ। ସେମାନେ ସରକାରଙ୍କ ବୋଲ ମାନି କାମ କରନ୍ତି। ତେଣୁ ନିର୍ବାଚନର ୧ ମାସ ପୂର୍ବରୁ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେଇ ମିଲିଟାରୀ ଶାସନ ଲାଗୁ କରାଯିବା ଉଚିତ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସରକାରଙ୍କୁ ଅନୁରୋଧ

ଯେଉଁ ଦଳ ବି ସରକାର ଗଠନ କରନ୍ତୁ, ସେ ଦଳକୁ ଆମର ଅନୁରୋଧ ସମ୍ବିଧାନ ସଂଶୋଧନ କରି ବହୁଦଳୀୟ ବ୍ୟବସ୍ଥାକୁ ଦ୍ୱିଦଳୀୟ କରନ୍ତୁ। ରାଜନୀତିରେ ବୟସ ସୀମା ୭୦ରେ ସୀମିତ ରଖନ୍ତୁ। ରାଜନେତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ ସ୍ନାତକ ରଖନ୍ତୁ। ଦାଗୀ ନେତାଙ୍କୁ ଟିକେଟ ନ ଦିଆଯାଉ। ସିବିଆଇ ବା ଭିଜିଲାନ୍ସ ଦ୍ୱାରା ଧରା ହେଉଥିବା ସରକାରୀ କର୍ମଚାରୀ ବା ରାଜନେତାଙ୍କର ତୁରନ୍ତ ବିଚାର କରି ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ଶାସନ କଳରୁ ବହିଷ୍କାର କରାଯାଉ। ପୋଲିସକୁ ଦିଆଯାଇଥିବା ଅମାପ କ୍ଷମତା ହ୍ରାସ କରାଯାଉ ଏବଂ ଲାଞ୍ଚୁଆ ପୋଲିସକୁ ସରକାରୀ ଚାକିରିରୁ ବରଖାସ୍ତ କରାଯାଉ।

ବାସନ୍ତୀ ପଟ୍ଟନାୟକ, ମହୁରା, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନିର୍ବାଚନ ପରଠାରୁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ଦେଖା ମିଳୁ ନ ଥିଲା। ସେ ଅଦୃଶ୍ୟ ହେବା ଓ ବିଧାନସଭାରେ ଦେଖା ନ ମିଳିବାକୁ ନେଇ ବିରୋଧୀଙ୍କଠାରୁ ନାନା କଥା ଶୁଣିବାକୁ ମିଳୁଥିଲା। ଏମିତିକି ବିହାରରେ ଏନ୍‌ସେଫାଲାଇଟିସ୍‌ରେ ୧୭୦ ଶିଶୁ ମୃତ୍ୟୁବରଣ କରିଥିବାବେଳେ ବି ସେ ମୁହଁ ଖୋଲି ନ ଥିଲେ। ଏବେ ଏହାର ରହସ୍ୟ ସମ୍ପର୍କରେ ତେଜସ୍ୱୀ ମୁହଁ ଖୋଲିଛନ୍ତି। ଆଣ୍ଠୁଜନିତ ସମସ୍ୟା ଯୋଗୁ ସେ ଚିକିତ୍ସାଧୀନ ଥିବା ଟୁଇଟର୍‌ରେ ଶନିବାର ପ୍ରକାଶ କରିଛନ୍ତି।

# ଅଯୋଧ୍ୟା, ରାଫାଲ ମାମଲାର ଶୁଣାଣି ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୨୯।୬(ପି.ଟି.)



ଦୀର୍ଘ ୬ ସପ୍ତାହର ଗ୍ରୀଷ୍ମାବକାଶ ପରେ ଜୁଲାଇ ୧ରୁ ସୁପ୍ରିମକୋର୍ଟ ଖୋଲୁଥିବାବେଳେ ଅଯୋଧ୍ୟା ଜମି ବିବାଦ, ରାଫାଲ ମାମଲାର ରିଭ୍ୟୁ ପିଟିଶନ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଦାଲତ ଅବମାନନା ଭଳି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ମାମଲାଗୁଡ଼ିକୁ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି। ସୁପ୍ରିମକୋର୍ଟରେ ଏବେ ସମସ୍ତ ୩୧ ବିଚାରପତି ପଦବୀ ପୂରଣ ହୋଇଥିବାବେଳେ ରାଫାଲ ମାମଲା ରିଭ୍ୟୁ ପିଟିଶନର ରାୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ଫ୍ରାନ୍ସରୁ ୩୬ଟି ରାଫାଲ ଯୁଦ୍ଧବିମାନ କିଣା ରାଜିନାମାକୁ ଚ୍ୟାଲେଞ୍ଜ କରି ଦାଏର ସମସ୍ତ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉକ୍ତ ରାୟର ସମୀକ୍ଷା ଲାଗି ଆବେଦନ କରିଥିଲେ।

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି 'ଚୌକିଦାର ଚୋର ହେ' ମନ୍ତବ୍ୟକୁ ଅଦାଲତ ଭୁଲ୍ ତର୍ଜମା କରିଛନ୍ତି ବୋଲି କହିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ଅଦାଲତ ଅବମାନନା ଅଭିଯୋଗରେ ପିଟିଶନ ଦାଏର କରିଥିଲେ। ରାହୁଲ ଇତିମଧ୍ୟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ମାମଲା ବନ୍ଦ କରିଦେବା ଲାଗି ଅନୁରୋଧ କରିସାରିଛନ୍ତି। ସିଜେଆଇଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ।

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ନେତୃତ୍ୱରେ ତିନିଜଣିଆ ମଧ୍ୟସ୍ଥତା କମିଟି ଗଠନ କରାଯାଇଥିଲା। ଏଥିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଥିଲେ। ଉକ୍ତ କମିଟିକୁ ଅଗଷ୍ଟ ୧୫ ସୁଦ୍ଧା ବିଭିନ୍ନ ପକ୍ଷର ମତାମତ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲା। ସିଜେଆଇଙ୍କ ନେତୃତ୍ୱରେ ୫ ଜଣିଆ ଖଣ୍ଡପୀଠ ଉକ୍ତ ରିପୋର୍ଟର ତର୍ଜମା କରି ମାମଲା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି।

ଏତଦ୍‌ବ୍ୟତୀତ ବିଦେଶୀ ଅନୁଦାନ ଗ୍ରହଣ ଓ ଏହାର ବ୍ୟବହାରରେ ନିୟମ ଉଲ୍ଲଂଘନ କରିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ଇନ୍ଦିରା ଜୟସିଂ, ଆନନ୍ଦ ଗ୍ରୋଭର ଏବଂ ସେମାନଙ୍କ ଏନ୍‌ଜିଓ 'ଲୟର୍ସ କଲେକ୍ଟିଭ୍' ବିରୋଧରେ ତଦନ୍ତ ଓ ଏତଲା ଦାଏର ଲାଗି ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଧ୍ୟ ହେବ। ସେହିପରି ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଏବଂ ସେଠାର ନାଗରିକଙ୍କୁ ସ୍ୱତନ୍ତ୍ର ଅଧିକାର ଓ ସୁବିଧା ଦେଉଥିବା ଧାରା ୩୫ଏ'ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲୁଅ ଗଛରେ ପୋଲ**
**ଅତି କଷ୍ଟରେ ପିଞ୍ଜରା ଦିଶିଲା**
**ଜର କଲା ବୋଲି ବୋଲ ।**

ଓଲୁଅ ଗଛ କାଣ୍ଡ ପୋଲା। ଉପରଟା ଛାପି ଛାପିକିଆ, ସାପ ପରି ଦିଶୁଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ଖାଇବାକୁ ନ ପାଇ ଉପାସ ରହି ଅସ୍ଥି କଙ୍କାଳମୟ ଦିଶୁଥିବା ବ୍ୟକ୍ତି ସତକଥାକୁ ଲୁଚାଇବା ପାଇଁ ଜରରେପଡ଼ି ପିଞ୍ଜରାହାଡ଼ ସବୁ ଦେଖାଯାଉଥିବାର ମିଛ ବାହାନା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ପାଟିକି ପାନ ଗଲା**
**ପାନ କହିଲା ମୋ ପ୍ରାଣ ଗଲା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଯିଏ କେବେ ପାନ ଖାଏ ନାହିଁ, ସେ ନୂଆକରି ପାନ ଖିଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଲୟାଲମ୍ ଫିଲ୍ମ ନିର୍ମାତା ବାବୁ ନାରାୟଣନ୍‌ଙ୍କ ପରଲୋକ

ଥ୍ରିସୁର(କେରଳ),୨୯।୬(ପି.ଟି.)



ଜନପ୍ରିୟ ମାଲୟାଲମ୍ ଫିଲ୍ମ ନିର୍ମାତା ବାବୁ ନାରାୟଣନ୍ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୫୯ବର୍ଷ ହୋଇଥିଲା। ସେ କିଛିଦିନ ହେଲା କ୍ୟାନ୍‌ସର ପୀଡ଼ିତ ହୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ ପରିବାର ପକ୍ଷରୁ କୁହାଯାଇଛି। କିମ୍ବଦନ୍ତୀ ନିର୍ଦ୍ଦେଶକ ହରିହରନ୍‌ଙ୍କ ସହିତ ସେ ସହଯୋଗୀ ଭାବେ କାର୍ଯ୍ୟ କରିବା ସହିତ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ୧୯୮୯ରେ ସ୍ୱାଧୀନ ଭାବେ 'ଅନଘ'ରେ ପ୍ରଥମକରି ନିର୍ଦ୍ଦେଶନା ଦେଇଥିଲେ। ଏହାପରେ ସେ ଫିଲ୍ମ ନିର୍ମାତା ଅନିଲଙ୍କ ସହିତ ହାତ ମିଳାଇ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଦୁଇ ଫିଲ୍ମ ନିର୍ମାତା ୧୯୯୦ ବେଳକୁ ମଲିଉଡ୍‌ରେ ସଫଳ ଯୋଡ଼ିଦାର ଭାବେ ଅନେକ ହିଟ୍ ଫିଲ୍ମ ପ୍ରସ୍ତୁତ କରି ଶ୍ରେଷ୍ଠତ୍ୱ ଅର୍ଜନ କରିଥିଲେ।

# ମାର୍କ ଟୁଲିଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ



**ଲଣ୍ଡନ,୨୯।୬(ପି.ଟି.):** ବିଶିଷ୍ଟ ବ୍ରିଟେନ ଖବରଦାତା ସାର୍ ମାର୍କ ଟୁଲିଙ୍କୁ ବ୍ରିଟିଶ-ଭାରତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ 'ଜୀବନବ୍ୟାପୀ ସଫଳତା ପୁରସ୍କାର' ମିଳିଛି। ଟୁଲି ବିବିସିର ପୂର୍ବତନ ବ୍ୟୁରୋ ଚିଫ୍ ଭାବେ ନୂଆଦିଲ୍ଲୀରେ କାର୍ଯ୍ୟ କରୁଥିଲେ। ଭାରତରେ ରହି ସେ ତାଙ୍କ କର୍ମ ସୁଚାରୁ ରୂପେ ସଂପାଦନ କରିଥିବା କହିଥିଲେ। ସେ ଭାରତ ପାଇଁ ଗର୍ବ ଅନୁଭବ କରିଥିବା କହିଛନ୍ତି। ଏହି ପୁରସ୍କାର ଆଶାଠୁ ଅଧିକ ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବରୁ ସେ ବ୍ରିଟେନ୍‌ରେ ରାଣୀ ଏଲିଜାବେଥ୍‌ଙ୍କ ଦ୍ୱାରା ନାଇଟ୍ ଉପାଧି ଏବଂ ଭାରତରେ ପଦ୍ମଭୂଷଣ ସମ୍ମାନ ପାଇଥିଲେ। ପ୍ରତିବର୍ଷ ବ୍ରିଟେନ୍-ଭାରତ ଆୱାର୍ଡ ଦୁଇଦେଶ ମଧ୍ୟରେ ସମ୍ପର୍କ ଦୃଢ଼ କରୁଥିବା ବିଶିଷ୍ଟ ପ୍ରତିଭାଦୀପ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଏ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହିତ ଅପରାହ୍ନରେ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୬.୬ |
| ଚାନ୍ଦବାଲି | ୩୩.୭ | ୨୮.୦ |
| କଟକ | ୩୩.୪ | ୨୫.୨ |
| ପାରାଦ୍ୱୀପ | ୩୩.୧ | ୨୮.୯ |
| ଭୁବନେଶ୍ୱର | ୩୩.୦ | ୨୬.୫ |
| ଗୋପାଳପୁର | ୩୨.୮ | ୨୭.୧ |
| ପୁରୀ | ୩୨.୬ | ୨୮.୦ |
| ଅନୁଗୋଳ | ୩୩.୭ | ୨୪.୬ |
| ବାରିପଦା | ୩୬.୬ | ୨୮.୬ |
| ଝାରସୁଗୁଡ଼ା | ୩୬.୬ | ୨୫.୨ |
| କେନ୍ଦୁଝର | ୩୪.୦ | ୨୬.୫ |
| ସମ୍ବଲପୁର | ୩୪.୪ | ୨୭.୫ |
| ସୁନ୍ଦରଗଡ଼ | ୩୬.୦ | ୨୦.୦ |
| ହୀରାକୁଦ | ୩୪.୧ | ୨୮.୦ |
| ତାଳଚେର | ୩୬.୩ | ୨୫.୫ |
| ଭବାନୀପାଟଣା | --- | ୨୮.୦ |
| ବଲାଙ୍ଗୀର | ୩୪.୦ | ୨୬.୦ |
| କୋରାପୁଟ | ୨୬.୦ | ୧୯.୨ |
| ଫୁଲବାଣୀ | ୩୧.୦ | ୨୫.୩ |
| ଟିଟିଲାଗଡ଼ | ୩୪.୦ | ୨୫.୫ |
| ମାଲକାନଗିରି | ୩୦.୫ | ୧୮.୬ |
| ସୋନପୁର | ୩୩.୬ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ଜୁନ୍ ୩୦ର ପ୍ରମୁଖ ଘଟଣା

୨୦୧୩ ଜୁନ୍ ୩୦ରେ ଆରିଜୋନାର ୟାରନେଲ୍‌ରେ ନିଆଁ ଲିଭାଉଥିବାବେଳେ ୧୯ ଅଗ୍ନିଶମ କର୍ମଚାରୀଙ୍କ ପ୍ରାଣହାନି ଘଟିଥିଲା। ଆମେରିକାର ଆରିଜୋନାର ୟାଭାପାଇ କାଉଣ୍ଟିରେ ୟାରନେଲ୍ ହେଉଛି ଏକ ଜନାକୀର୍ଣ୍ଣ ଅଞ୍ଚଳ। ୟାରନେଲ୍‌ର ଅର୍ଥନୀତି ଖଣି ଓ ପରିବହନ ଉପରେ ନିର୍ଭର କରେ। ୩ ମାଇଲ ଦୂରରେ ଥିବା ପିପଲ୍ସ ଭ୍ୟାଲି ସହ ୟାରନେଲ୍ ଗଭୀର ଭାବରେ ଜଡ଼ିତ।

୨୦୧୫ ଜୁନ୍ ୩୦ରେ ହର୍କୁଲେସ୍ ସି-୧୩୦ ସାମରିକ ବିମାନ ମେଡାନ୍‌ର ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୧୩୦ ଯାତ୍ରୀଙ୍କ ମଧ୍ୟରୁ ୧୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ଲକହିଡ୍ ସି-୧୩୦ ହର୍କୁଲେସ୍ ହେଉଛି ଏକ ଆମେରିକୀୟ ସାମରିକ ବିମାନ।

# ୩୧ ନିୟୁତ ପାଉଣ୍ଡ ଧରି ଦୁବାଇ ଯୁବରାଣୀ ଫେରାର

ଲଣ୍ଡନ,୨୯।୬(ଆଇଏଏନ୍‌ଏସ୍)



ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମକତୁମ୍‌ଙ୍କ ସହ ଯୁବରାଣୀ ହାୟା।

ବିବାହ ବିଚ୍ଛେଦ ପରେ ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମକତୁମ୍‌ଙ୍କ ଷଷ୍ଠ ସ୍ତ୍ରୀ ଯୁବରାଣୀ ହାୟା ବିଣ୍ଟ୍ ଅଲ୍ ହୁସେନ୍ ୩୧ ନିୟୁତ ପାଉଣ୍ଡ ଓ ନିଜର ଦୁଇ ପିଲାଙ୍କୁ ଧରି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଛାଡ଼ି ପଳାଇଯାଇଛନ୍ତି। ସେ ଲଣ୍ଡନରେ ଲୁଚି ରହିଥିବା ବିଶ୍ୱାସ କରାଯାଉଛି। ହାୟା ହେଉଛନ୍ତି ଜୋର୍ଡାନ ରାଜା ଅବଦୁଲ୍ଲାଙ୍କ ସାବତ ଭଉଣୀ। ତାଙ୍କର ଜଲିଲା (୧୧) ଓ ଜାୟେଦ(୭) ନାମରେ ଦୁଇ ସନ୍ତାନ ଅଛନ୍ତି। କିଛି ଦିନ ତଳେ ସେ ଜର୍ମାନ ପଳାଇଯାଇ ରାଜନୈତିକ ଶରଣ ପାଇଁ ଅନୁରୋଧ କରିବା ସହ ସ୍ୱାମୀଙ୍କ ଠାରୁ ଛାଡ଼ପତ୍ର ଚାହିଁଥିଲେ ବୋଲି କୁହାଯାଏ। ମେ ୨୦ରୁ ହାୟାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳୁ ନ ଥିବାବେଳେ ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ଫେବୃୟାରୀରୁ ବନ୍ଦ ରହିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday and Saturday

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ। ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ASTROLOGY ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସ୍ୱାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର।
9719339390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁନ୍, ୨୦୧୯



ଆମକୁ ପାପ କାର୍ଯ୍ୟ କରିବାକୁ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଲାଗିହେଲା ତୁଳସୀ

ପୁରୀ ଅଫିସ, ୨୯।୬: ସ୍ନାନପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଏଥିମଧ୍ୟରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଏବଂ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କୁ ପ୍ରଥମ ତୁଳସୀ ଲାଗି ହୋଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ ଲାଗି କରାଯାଇଛି। ଏଥିପାଇଁ ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାରା ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଖଳି ଆସି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ମଧ ଲାଗି କରାଯାଇଥିଲା। ଏହାପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ କରାଯାଇଥିଲା। ଜୟ ବିଜୟ ଦ୍ୱାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ହେବା ସହିତ ଅଣସର ଗୃହରେ ବି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯାଇଥିଲା। ଶନିବାର ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମାଠାରୁ ବନ୍ଦ ଥିବା ଘଣ୍ଟ, ଘଣ୍ଟି ଓ ମଣିମା ଡାକ ମଧ ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଥିଲା। ରବିବାର ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ରହିଛି।

### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀଙ୍କ କଟକ ଆଇଟିଆଇ ପରିଦର୍ଶନ

ଭୁବନେଶ୍ୱର, ୨୯।୬(ବ୍ୟୁରୋ): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର କଟକ ଆଇଟିଆଇ ପରିଦର୍ଶନ କରିଛନ୍ତି। ଆଇଟିଆଇର ବିଭିନ୍ନ ଟ୍ରେଡ୍‌ରେ ଥିବା ୱାର୍କଶପ୍, ସ୍ମାର୍ଟ କ୍ଲାସ୍‌ରୁମ୍, ମିନି ଟୁଲ୍‌ରୁମ୍, ସ୍କିଲ ମ୍ୟୁଜିୟମ୍, ମିଶନ ବ୍ଲକ୍ ଆଦି ବୁଲି ଦେଖିଥିଲେ। ମନ୍ତ୍ରୀଙ୍କୁ ଛାତ୍ରୀଛାତ୍ର ଓ ଅଧାପନାମଣ୍ଡଳୀ ଆଇଟିଆଇ ସମ୍ବନ୍ଧରେ ଜଣାଇଥିଲେ। ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ନିଷ୍ଠା ଓ ଶୃଙ୍ଖଳାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି., ଆଇଟିଆଇ ଅଧକ୍ଷ ଏଚ୍.କେ. ମହାନ୍ତି ଓ ଉପାଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

### ବନ ମହୋତ୍ସବ ସପ୍ତାହରେ ବଣ୍ଟାଯିବ ୫ ଲକ୍ଷ ଚାରା

ପୁରୁଣା ଭୁବନେଶ୍ୱର, ୨୯।୬ (ଡି.ଏନ.ଏ.): ଆସନ୍ତା ବନ ମହୋତ୍ସବ ସପ୍ତାହ ଅବସରରେ ବନ ବିଭାଗ ପକ୍ଷରୁ ମାଗଣାରେ ୫ଲକ୍ଷ ଚାରା ବଣ୍ଟନ କରାଯିବ। ଏଥିପାଇଁ ଗତବର୍ଷ ଭଳି ବ୍ୟକ୍ତି ବିଶେଷଙ୍କୁ ସର୍ବାଧିକ ୫ଟି, ସ୍କୁଲ, କଲେଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସର୍ବାଧିକ ୧୦୦ ଚାରା ପ୍ରଦାନ କରାଯିବ। ଏଥିପାଇଁ କେବଳ ଚାରା ପିଛା ମାତ୍ର ଏକ ଟଙ୍କା ପ୍ରଦାନ କରିବାକୁ ପଡିବ। ଚଳିତବର୍ଷ ବାତ୍ୟା ଫନୀରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଗଛ ଭାଙ୍ଗି ଯିବାରୁ ଶ୍ରୀହୀନ ହୋଇପଡିଛି। ସବୁଜିମାକୁ ଫେରାଇ ଆଣିବାକୁ ବନ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଶନିବାର ଭୁବନେଶ୍ୱର ବ୍ଲକ ପରିସରରେ ରାଜ୍ୟର ବିଭିନ୍ନ ରେଞ୍ଜର ତଥା ବିନବିଭାଗ ଅଧିକାରୀମାନଙ୍କୁ ଭିଡିଓ କନଫରେନ୍ସି ଜରିଆରେ ସୂଚନା ଦିଆଯାଇଥିଲା। ତେବେ ସିଟି ବନବିଭାଗ ପକ୍ଷରୁ ଚଳିତବର୍ଷ ନିମ୍ବ, କରଞ୍ଜ, ପାଟୁଳି, ସୁନାରୀ, ହରିଡା, ବାହାଡା, ଅଁଳା ଭଳି ଔଷଧୀୟ ୪୦ରୁ ୫୦ ପ୍ରକାର ଚାରା ବଣ୍ଟନ କରାଯିବ। ସହରର ୧୦ଟି କିଓସ୍କି ପଏଣ୍ଟରେ ଏଗୁଡିକ ବଣ୍ଟନ କରାଯିବ ବୋଲି ସିଟି ଡିଏଫଓ ଅଶୋକ ମିଶ୍ର ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶିଶୁଭବନରେ ନବଜାତକଙ୍କୁ ଚିକିତ୍ସାରେ ଅବହେଳା

# ବାପାଙ୍କ ଫେସ୍‌ବୁକ ପୋଷ୍ଟ ପରେ ସ୍ଥିତି ବଦଳିଲା

କଟକ ଅଫିସ,୨୯।୬

ପୁଣି ଚର୍ଚ୍ଚାର ପରିସରକୁ ଆସିଛି କଟକ ଶିଶୁଭବନ। ୨ଦିନ ତଳେ ଜନ୍ମ ହୋଇଥିବା ଏକ ନବଜାତ ଶିଶୁପୁତ୍ରଙ୍କ ଚିକିତ୍ସାରେ ଅବହେଳା କରାଯାଉଥିଲା। ଡାକ୍ତର, କର୍ମଚାରୀଙ୍କୁ ଯେତେ ଗୁହାରି କଲେ ମଧ କେହି କିଛି ଶୁଣି ନ ଥିଲେ। ଶେଷରେ ଶିଶୁଙ୍କ ବାପା ଅସହାୟ ହୋଇ ନିଜ ଫେସବୁକ ଟାଇମ୍‌ଲାଇନରେ ବିକଳ ହୋଇ ଶିଶୁଭବନର ଚିକିତ୍ସା ବ୍ୟବସ୍ଥା ଉପରେ ଲେଖିଥିଲେ। ଏହାପରେ ଉକ୍ତ ପୋଷ୍ଟଟି ସୋସିଆଲ ମିଡିଆରେ ଶୁକ୍ରବାର ରାତିରୁ ଭାଇରାଲ ହୋଇଥିଲା। ସରକାର ଓ ପ୍ରଶାସନ ତତ୍ପର ହୋଇ ଉଠିଥିଲେ। ଉକ୍ତ ପୋଷ୍ଟ ପାଇବା ପରେ କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଶନିବାର ଶିଶୁଭବନରେ ପହଞ୍ଚିଥିଲେ। ଚିକିତ୍ସିତ ହେଉଥିବା ଶିଶୁଙ୍କୁ ଆଇସିୟୁରେ ଦେଖିବା ସହିତ ତାଙ୍କ ମା', ବାପା ଓ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଶିଶୁଙ୍କ ଚିକିତ୍ସା ବାବଦୀୟ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ଏମପି ପ୍ରତିଶ୍ରୁତି ଦେଇଥିଲେ।




ଏହାବାଦ୍ ଶିଶୁଙ୍କ ଚିକିତ୍ସା ପାଇଁ ଶିଶୁଭବନ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିବା ମେଡିକାଲ ପ୍ରଶାସନିକ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି।

ସୂଚନାଥାଉକି, କମିଶନରେଟ ପୋଲିସର ୭ମ ବଟାଲିୟନରେ କାର୍ଯ୍ୟ କରୁଥିବା ଦେବାଶିଷ କରଙ୍କ ଏହି ନବଜାତ ଶିଶୁଙ୍କୁ ନେଇ ଘଟିଛି ଏଭଳି ଘଟଣା। ଜନ୍ମ ହେବା ପରେ ଶିଶୁଙ୍କ ପେଟରେ ସମସ୍ୟା ଦେଖାଦେଇଥିଲା। ଦେବାଶିଷ ୨ଦିନ ତଳେ ପୁଅଙ୍କୁ ଶିଶୁଭବନରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାରେ ଅବହେଳା କରାଯାଇଥିବାରୁ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଜଟିଳ ଆଡକୁ ଗତି କରିଥିଲା। ଫଳରେ ଦେବାଶିଷ ବିକଳ ହୋଇ ପୁଅଙ୍କ ପ୍ରାଣ ରକ୍ଷାକରିବାକୁ ସୋସିଆଲ ମିଡିଆର ସହାୟତା ନେଇଥିଲେ। ଶିଶୁଭବନ ଶିଶୁଶଲ୍ୟ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ପି.କେ. ଜେନାଙ୍କ କହିବାନୁଯାୟୀ, ଶିଶୁଙ୍କ ପେଟରେ ଅନ୍ତନଳୀ ଉପରେ ଚମଡା ଓ ମାଂସପେଶୀ ପ୍ରସ୍ତୁତ ହୋଇନାହିଁ। ଏହାକୁ ଡାକ୍ତରୀ ଭାଷାରେ ଓମଫାଲୋସିଲ କୁହାଯାଏ। ଏହି ରୋଗରେ ୨ଦିନର ଶିଶୁଙ୍କ କ୍ଷେତ୍ରରେ ଅପରେଶନ ସମ୍ଭବ ନୁହେଁ। ପିଲା ପାଟି ବାଟେ ଖାଇବା ପରେ ଅର୍ଥାତ୍ ଅତିକମ୍‌ରେ ତାଙ୍କୁ ଦେଢବର୍ଷ କିମ୍ବା ୨ବର୍ଷ ବୟସ ହେବା ପରେ ଅପରେଶନ କରାଯିବ। ଏବେ ଉକ୍ତ ଶିଶୁଙ୍କୁ ନିଓନାଟାଲ ଇଣ୍ଟେନ୍‌ସିଭ କେୟାର ୟୁନିଟ (ନିକୁ)ରେ ରଖି ଚିକିତ୍ସା କରାଯାଉଛି।

ସୂଚନାଥାଉକି, କେବଳ ଦେବାଶିଷ ନୁହନ୍ତି, ଅନେକ ରୋଗୀ ଶିଶୁଭବନକୁ ଆସି ଏଭଳି ହୀନସ୍ତାର ଶିକାର ହେଉଛନ୍ତି। ୨୦୧୫ରେ ଶିଶୁମୃତ୍ୟୁକୁ ନେଇ ଶିଶୁଭବନ ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହାପରେ ମଧ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆସି ନ ଥିବା ରୋଗୀ ସମ୍ପର୍କୀୟମାନେ କହିଛନ୍ତି।

# ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ନୂତନ ଶିକ୍ଷାନୀତି

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ଭାରତରେ ବର୍ତ୍ତମାନ ପ୍ରଚଳିତ ଥିବା ଶିକ୍ଷାନୀତି ୧୯୮୬ରେ ପ୍ରଣୟନ କରାଯାଇଥିଲା। ଏହାମଧ୍ୟରେ ୩୩ ବର୍ଷ ବିତିଯାଇଛି। ଶିକ୍ଷା କ୍ଷେତ୍ରରେ ସାରା ବିଶ୍ୱରେ ଅନେକ ପରିବର୍ତ୍ତନ ହୋଇଛି। ହେଲେ ଏପର୍ଯ୍ୟନ୍ତ ଭାରତର ପୁରାତନ ଶିକ୍ଷାନୀତି ଅପରିବର୍ତ୍ତିତ ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଚଳିତବର୍ଷ ଏକ ନୂତନ ଶିକ୍ଷାନୀତି ପ୍ରଣୟନ କରିବାକୁ ଯାଉଛନ୍ତି। ଏହି ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ଦେଶର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସଭାପତି ତଥା ରାଜସ୍ଥାନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜଗଦୀଶ ପ୍ରସାଦ ସିଂଘଲ କହିଛନ୍ତି।

'ଡ୍ରାଫ୍ଟ ଜାତୀୟ ଶିକ୍ଷାନୀତି ୨୦୧୯' ଉପରେ ଶନିବାର ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ପ୍ରଫେସର ସିଂଘଲ କହିଥିଲେ, ଆମ ଶିକ୍ଷାନୀତି ଭାରତକୈନ୍ଦ୍ରିକ ହେଲେ 'ଇଣ୍ଡିଆ' ଓ 'ଭାରତ' ଭିତରେ ଥିବା ଦୂରତା ଲୋପ ପାଇପାରିବ। ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତିକୁ ଆବଶ୍ୟକ ସଂଶୋଧନ ସହ କାର୍ଯ୍ୟକାରୀ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଡକ୍ଟର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଣାଶୁଣା ଶିକ୍ଷାବିତ୍ ପ୍ରଫେସର କ୍ଷିତିଭୂଷଣ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଶୈକ୍ଷିକ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଆଭ୍ୟନ୍ତରୀଣ ସମୀକ୍ଷକ ଡ. ପବିତ୍ର କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବିଶିଷ୍ଟ ଶିକ୍ଷାବିତ୍‌ମାନେ ଆଲୋଚନାରେ ଭାଗନେଇ ପ୍ରସ୍ତାବିତ ନୂତନ ଶିକ୍ଷାନୀତି ଉପରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଡ. ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଗସ୍ତରେ ଆସିଥିବା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସଭାପତି ଜଗଦୀଶ ପ୍ରସାଦ ସିଂଘଲ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ।




## ଜାତୀୟ କ୍ୟାମେରା ଦିବସରେ ସ୍ୱତନ୍ତ୍ର ପ୍ରଦର୍ଶନୀ



# ବହୁ ବିରଳ କ୍ୟାମେରା ପ୍ରଦର୍ଶିତ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ପୋଲାରଏଡ୍ କ୍ୟାମେରାରୁ ଆରମ୍ଭକରି ଷ୍ଟୁଡିଓ ପ୍ଲେଟ୍ କ୍ୟାମେରା, ୟାଶିକାରୁ ହାଇମାକ୍ସ ପର୍ଯ୍ୟନ୍ତ। କ୍ୟାମେରା ଉଦ୍ଭାବନ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ଶତାଧିକ ଡିଜାଇନ୍‌ର ପୁରାତନ କ୍ୟାମେରା ଦେଖିବାକୁ ମିଳିଥିଲା ଗୋଟିଏ ସ୍ଥାନରେ। ଜୁନ୍ ୨୯ ଜାତୀୟ କ୍ୟାମେରା ଦିବସ ଉପଲକ୍ଷେ ଶନିବାର ସୂଚନା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା ଏଭଳି ନିଆରା ତଥା ଅଦେଖା ପୁରାତନ କ୍ୟାମେରା।

ଅପରାହ୍ନ ୩ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିଥିଲା। ଏଥିରେ ପ୍ରାୟ ୩୦ଟି କମ୍ପାନୀର ଦୁଇଶହରୁ ଊର୍ଦ୍ଧ୍ୱ କ୍ୟାମେରା ସ୍ଥାନ ପାଇଥିଲା। ୧୮୯୨ର ସର୍ବପୁରାତନ କ୍ୟାମେରା ଏଠାରେ ଦେଖିବାକୁ ମିଳିଥିଲା। ଏହାସହ କ୍ୟାମେରାର କ୍ରମବିର୍ତ୍ତନ ସମ୍ପର୍କରେ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପୋଲାରଏଡ୍ କ୍ୟାମେରା, ରୋଲିକର୍ଡ୍, ମାମ୍ମିୟା C220, ମାମ୍ମିୟା C330, ରୋଲିଫ୍ଲେକ୍ସ, ଷ୍ଟୁଡିଓ ପ୍ଲେଟ୍ କ୍ୟାମେରା, କୋରୋମେଟ୍, ଜେନା ବକ୍ସ, କୋଡାକ୍ ବ୍ରାଉନି, ବିଲୋରା ବକ୍ସ, ୟାଶିକା, ଲୁବିଟେଲ୍ ଭଳି ବହୁ ପୁରାତନ ବ୍ରାଣ୍ଡର କ୍ୟାମେରା ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ସେହିଭଳି ୧୯୫୦ରୁ ୨୦୦୦ ମସିହା ମଧ୍ୟରେ କ୍ୟାମେରାର ବ୍ୟବହାର ସର୍ବାଧିକ ବଢିଥିବାବେଳେ ଏହି ସମୟ ମଧ୍ୟରେ ବହୁ ଅତ୍ୟାଧୁନିକ କ୍ୟାମେରା ବଜାରକୁ ଆସିଥିଲା। ଏହି ସମୟ ମଧ୍ୟରେ ୟାଶିକା ଭିଭି ସନ୍, ୟାଶିକା ଟାଇଗର୍, ୟାଶିକା ଏକ୍ସଏଲ୍-୨, ୟାଶିକା ଆବୋକ୍ୟାମ୍, କ୍ୟାନନ୍ ଡିଏକ୍ସ, କ୍ୟାନନ୍ ଜେନ୍, ମକାଇ ଏସ୍ଏଲ୍, ହାଇମ୍ୟାକ୍ସ, କୋଡାକ୍ ରେଟିନା, ଅଲିମ୍ପସ୍ ସୁପର୍ ଡିଏକ୍ସ, ପ୍ରିମିୟର୍, ଆଶିକନ୍, ମିନୋଲ୍ଟା ଭଳି କ୍ୟାମେରା ବଜାରକୁ ଆସିଥିବାବେଳେ ଏହାର ବିରଳ କଲେକ୍ସନଗୁଡ଼ିକୁ ଏଠାରେ ଦେଖିବାକୁ ପାଇଥିଲେ ଦେଖଣାହାରୀ। ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ପ୍ରଦର୍ଶନୀକୁ ଓଡ଼ିଆ ଫିଲ୍ମ ଜଗତର ଜଣାଶୁଣା ଚେହେରା ତଥା ଫିଲ୍ମ ନିର୍ଦ୍ଦେଶକ ରାଜୁ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଡ. ସନ୍ତୋଷ କୁମାର ମିଶ୍ର ଓ ସହ ଆୟୋଜକ ଡ. ଭବାନୀ ଶଙ୍କର ଆଚାର୍ଯ୍ୟ ଉପସ୍ଥିତ ରହି ବିଭିନ୍ନ କ୍ୟାମେରା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ୟାମେରା ସମ୍ବନ୍ଧୀୟ ଏକ ସନ୍ଦର୍ଭ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

### ଧଳାବାଘ ସମ୍ରାଟ ହାଡ଼ଜନିତ ରୋଗରେ ଆକ୍ରାନ୍ତ

ବାରଙ୍ଗ,୨୯।୬(ଡି.ଏନ୍.ଏ.)

ନନ୍ଦନକାନନର ଅନ୍ୟତମ ଆକର୍ଷଣୀୟ ଧଳାମହାବଳ ବାଘ ସମ୍ରାଟକୁ ଏବେ ଆଉ ଦର୍ଶକ ଦେଖିପାରିବେ ନାହିଁ। ଅସୁସ୍ଥ ଥିବା କାରଣରୁ ତାକୁ କିଛିଦିନ ପାଇଁ ବିଶ୍ରାମ ଦିଆଯିବ। ଏନକ୍ଲୋଜରର ପଛପଟ ବ୍ୟାକକ୍ରାଲରେ ତାକୁ ରଖାଯିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟରେ ତା'ର ଉନ୍ନତି ଆଣିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ଗୁରୁବାର ଡାକ୍ତରଖାନାରେ ସମ୍ରାଟର ହୋଇଥିବା ଏକ୍ସରେ ରିପୋର୍ଟ ଶନିବାର ଓୟୁଏଟିରୁ ଆସିବା ପରେ ଏଭଳି ପଦକ୍ଷେପ ନିଆଯାଇଛି।

ଗତ ୩ ମାସ ହେବ ସମ୍ରାଟ ଛୋଟେଇ ଛୋଟେଇ ଚାଲୁଥିବାବେଳେ ତା'ର ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନ ଥିଲା। ଗୁରୁବାର ଓୟୁଏଟି ସର୍ଜରୀ ବିଭାଗର ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ନେତୃତ୍ୱରେ ୫ଜଣିଆ ଦଳ ସମ୍ରାଟର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ରକ୍ତନମୁନା ସଂଗ୍ରହ କରିବାସହ ବାମପଛପଟର ୧୨ଟି ସ୍ଥାନରେ ଏକ୍ସରେ କରିଥିଲେ। ଏହି ଏକ୍ସରେ ରିପୋର୍ଟ ଶନିବାର ଓୟୁଏଟି ତରଫରୁ ନନ୍ଦନକାନନକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଦେଖିବା ପରେ ସମ୍ରାଟ ଅଷ୍ଟିଓପୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଛି। ଏହା ହାଡ଼ଜନିତ ରୋଗ ଅଟେ। ସଂକ୍ରମଣ ନ ହେଲେ ମଧ ପୂର୍ବଜଙ୍କଠାରେ ଏପରି ରୋଗଥିଲେ ତାହା ପିଲାଙ୍କଠାରେ ଦେଖାଯିବା ସମ୍ଭାବନା ରହିଥାଏ। ଏନକ୍ଲୋଜର ପଛ ବ୍ୟାକକ୍ରାଲରେ ସମ୍ରାଟକୁ ରଖିବା ସହ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତା'ର ଚିକିତ୍ସା କରାଯିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ସତ୍ୟବ୍ରତ


ରୋହିତ


ପବିତ୍ର


ରତିରଞ୍ଜନ


ଅମ୍ଳାନ୍


ଚିନ୍ମୟୀ


ଲୋପାମୁଦ୍ରା



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ

- କନ୍‌ଫୁସିୟସ

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୩୦।୬।୨୦୧୯(ରବିବାର)

**ଭୁବନେଶ୍ୱର**

- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଲେଖକ ସମ୍ବର୍ଦ୍ଧନା ଉତ୍ସବ, ଗୀତ ଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଭାରତ ଇତିହାସ ସଂକଳନ ସମିତି ପକ୍ଷରୁ ପୁସ୍ତକ ଉନ୍ମୋଚନ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଦୈନିକ ହୀରାଞ୍ଚଳର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ, ହୋଟେଲ ନ୍ୟୁ ମାରିଆନ, ପୂର୍ବାହ୍ନ ୧୧ଟା ୩୦।
- ମଧମେଶ୍ୱର ସିନିୟର ସିଟିଜନ ଆସୋସିଏଶନର ବାର୍ଷିକ ଉତ୍ସବ, ଲକ୍ଷ୍ମୀ ମନ୍ଦିର, ଗଡମହାବୀର ରୋଡ୍, ଶିଶୁପାଳଗଡ଼, ଅପରାହ୍ନ ୪ଟା।
- ରାମକୃଷ୍ଣ ମିଶନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ମହିମା, ବିବେକାନନ୍ଦ ହଲ, ରାମକୃଷ୍ଣ ମିଶନ, ବିବେକାନନ୍ଦ ମାର୍ଗ, ଅପରାହ୍ନ ୪ଟା ୪୫।
- ରୋଟାରୀ କ୍ଲବ ପକ୍ଷରୁ ମିଳିତ ସଂସ୍ଥାପନ ଉତ୍ସବ, ହୋଟେଲ ପଦ୍ମଜା, ଅପରାହ୍ନ ୫ଟା।
- ଶିବାନନ୍ଦ ସେଣ୍ଟନାରୀ ବଏଜ୍ ହାଇସ୍କୁଲର ୩୬ତମ ପ୍ରତିଷ୍ଠା ଦିବସ, ବିଦ୍ୟାଳୟ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ସନ୍ଧ୍ୟା ୬ଟା।
- ଚିନ୍ମୟୀ କ୍ଲାସିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ପ୍ରଭୁପ୍ରସାଦ ପାଣିଗ୍ରାହୀଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।
- ଦେବକୀ ଫିଲ୍ମ ପକ୍ଷରୁ ଶିଶୁ କଳାକାର ଲକ୍ଷ୍ମୀପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ ସମାରୋହ, ଗୀତଗୋବିନ୍ଦ କନଫରେନ୍ସ ହଲ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- କଳା ବିନୋଦନ ଚେତନା ପରିଷଦ ପକ୍ଷରୁ ମାସିକ ସଂସ୍କୃତି ଚର୍ଚ୍ଚାରେ ଶ୍ରୀ ମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କ ସୁରକ୍ଷାରେ ଖୋର୍ଦ୍ଧା ପାଇକ ଓ ଗଜପତିଙ୍କ ଭୂମିକା, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା ୩୦।
- କଳା ବିନୋଦନ ଚେତନା ପରିଷଦ ପକ୍ଷରୁ କବିତା ପାଠୋତ୍ସବରେ ଖୋର୍ଦ୍ଧା ପାଇକ ଓ ଶ୍ରୀଜଗନ୍ନାଥ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୪ଟା ୩୦।

**ବାଲିଅନ୍ତା**

- ରକ୍ତଦାନ ଶିବିର, ହଂସପାଳ, ଭୀମକୁଣ୍ଡ ଆପାର୍ଟମେଣ୍ଟ, ସକାଳ ୮ଟା।
- ଭାଗବତ ପ୍ରବଚନ, ଭୁବନପୁର, ମା' ଉତ୍ତରମୁଖି ପୀଠ, ସନ୍ଧ୍ୟା ୭ଟା।

### ୧।୭।୨୦୧୯(ସୋମବାର)

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ଖୋର୍ଦ୍ଧା ବ୍ଲକ, ପୂର୍ବାହ୍ନ ୧୦ଟା।

### ୨।୭।୨୦୧୯(ମଙ୍ଗଳବାର)

**ଭୁବନେଶ୍ୱର**

- ମାସିକ ପତ୍ରିକା କାଦମ୍ବିନୀ ଓ କୁନିକଥାର ସ୍ୱନକ୍ଷତ୍ର ଉତ୍ସବ, ରବୀନ୍ଦ୍ର ମଣ୍ଡପ ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଅନନ୍ତ ପୁରୁଷୋତ୍ତମ ଦେବଙ୍କ ନେତ୍ରୋତ୍ସବ, ଜାଗୁଲାଇପାଟଣା, ପ୍ରାତଃ ୬ଟା।

### ୪।୭।୨୦୧୯(ଗୁରୁବାର)

**ବାଲିଅନ୍ତା**

- ଶ୍ରୀ ପତିତପାବନ ଦେବଙ୍କ ଶ୍ରୀ ଗୁଣ୍ଡିଚାଯାତ୍ରା, କାକରୁଦ୍ରପୁର, ପହଣ୍ଡି, ସକାଳ ୯ଟା, ରଥଟଣା, ଅପରାହ୍ନ ୩ଟା।
- ବାଲିଅନ୍ତାପାଟଣା, ଅଟଳା,ବେଣ୍ଟପୁର ଶ୍ରୀପତିତପାବନ ବାନା ଗୋସାଇଁ ମଠ, ଖୁଣ୍ଟିଆ ସାହି, ଜଗନ୍ନାଥ ଛକ, ଭିଙ୍ଗାରପୁର, ବଇଁଚୁଆ ଓ କେନ୍ଦୁଲିରେ ରଥଯାତ୍ରା, ଅପରାହ୍ନ ୩ଟା।

**ଖୋର୍ଦ୍ଧା**

- ଅନନ୍ତ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା, ଜାଗୁଲାଇପାଟଣା, ଅପରାହ୍ନ ୪ଟା ।

# ଥାନା ଟେବୁଲ ପାଲଟିଛି ବେଡ୍

ନରାଜ(ଡିଏନ୍‌ଏ),୨୯।୬



ଶନିବାର ଅପରାହ୍ନ ପ୍ରାୟ ୩.୩୦। ମର୍କତନଗର ଥାନାର ମହିଳା ଓ ଶିଶୁ କଲ୍ୟାଣ ଡେସ୍କ ପ୍ରକୋଷ୍ଠ କବାଟ ଭିତରୁ ଆଉଜା ହୋଇଥାଏ। କବାଟ ଖୋଲି ଭିତରକୁ ଯିବାବେଳକୁ ଲାଇଟ୍ ବନ୍ଦ ହୋଇଥାଏ ଓ ପଙ୍ଖା ବୁଲୁଥାଏ। ପ୍ରକୋଷ୍ଠର ଟେବୁଲ ଉପରେ ନିଘୋଡ ନିଦରେ ଶୋଇଥାନ୍ତି ଥାନାର ଜଣେ ବଡ଼ବାବୁ। ଥାନାରେ ପହଞ୍ଚୁଥିବା ଅଭିଯୋଗକାରୀମାନଙ୍କୁ ସାମୟିକ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ହୋଇଥିବା ଏହି ପ୍ରକୋଷ୍ଠ ମର୍କତନଗର ଥାନା କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଯେପରି ପାଲଟିଛି ବେଡ୍‌ରୁମ। କିଛି ବର୍ଷ ଭିତରେ ମର୍କତନଗର ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏପରି କି ଛିନତାଇ ସଂଖ୍ୟା ମଧ୍ୟ ବେଶ ବଢ଼ିଲାଣି। ତେବେ ଦିନ ଦ୍ୱିପ୍ରହରରେ ଥାନା ଭିତରେ ଏପରି ଦୃଶ୍ୟ ମର୍କତନଗର ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମର୍କତନଗର ଥାନା ସେକ୍ଟର-୬ ଠାରୁ ସେକ୍ଟର-୯ ପର୍ଯ୍ୟନ୍ତ ଅଞ୍ଚଳକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଗଠନ କରାଯାଇଛି। ଏହା ଭିତରେ ହଇରାଣପୁର, ପେଟାନାଳ, ଇମାମପଡ଼ା, କାଠଯୋଡ଼ି ବିହାର, ବାଇଗଣ ବସ୍ତି ଭଳି ଅଞ୍ଚଳ ମଧ୍ୟ ରହିଛି। ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଘର ମଧ୍ୟ ଏହି ଥାନା ଅନ୍ତର୍ଗତ ଅଞ୍ଚଳରେ।

**ସୁରକ୍ଷା ଢିଲା**

ରାତିରେ ଗାଡ଼ି କାଚ ଭାଙ୍ଗିବା, ପ୍ରାତଃଭ୍ରମଣ ବେଳେ ସୁନାଚେନ ଛିନତାଇ କରିବା ଭଳି ଘଟଣା ବିଗତ ଦିନରେ ଘଟିଛି। ହେଲେ ପୋଲିସର ନିଷ୍କ୍ରିୟତା ନେଇ ସବୁବେଳେ ସ୍ଥାନୀୟ ଲୋକ ଅଭିଯୋଗ କରନ୍ତି। ଯାହାର ଉଦାହରଣ ଧରିତ୍ରୀର ହସ୍ତଗତ ହୋଇଛି। ସୁରକ୍ଷା ଦେବାର ପ୍ରତିଶ୍ରୁତିବଦ୍ଧ ପୋଲିସ ଦିନ ଦ୍ୱିପ୍ରହରରେ ଥାନା ଟେବୁଲ ଉପରେ ଶୋଇବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ଏସ୍‌ଆଇ ଡି.ଏସ୍ ଦାସ କୁହନ୍ତି, ଉକ୍ତ ପ୍ରକୋଷ୍ଠରେ ଥାନାର ବୈଠକ ଡକାଯାଏ। ଜଣେ ମହିଳା କନେଷ୍ଟବଳ ଦାୟିତ୍ୱରେ ଥିବା ବେଳେ ସେ ଖାଇବାକୁ ଯାଇଛନ୍ତି। ହେଲେ କିଏ ଶୋଇଛି ମୁଁ ଜାଣିନାହିଁ। ତେବେ ଶୋଇଥିବା ବାବୁଜଣଙ୍କ ନିଜର ପୋଲିସ ପୋଷାକ ଖୋଲି ଗାମୁଛା ପିନ୍ଧି ଶୋଇଥିବାବେଳେ ବେକରେ ସୁନାଚେନ, ହାତରେ ଦାମୀ ଘଣ୍ଟା ପିନ୍ଧିଥିଲେ। ତାଙ୍କର ଠାଣିରୁ ସେ ଜଣେ ଉଚ୍ଚପଦସ୍ଥ ଅଧିକାରୀଭଳି ଲାଗୁଥିଲେ।

# ଚିଟ୍‌ଫଣ୍ଡ କମିଶନରେ ଯାଞ୍ଚ କାର୍ଯ୍ୟ ଜୋରଦାର

## ଖୁବ୍‌ଶୀଘ୍ର ୭ମ ଅନ୍ତରୀଣ ରିପୋର୍ଟ

କଟକ ଅଫିସ,୨୯।୬

ରାଜ୍ୟର ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ଏମ.ଏମ. ଦାସ କମିଶନ ଖୁବ୍‌ଶୀଘ୍ର ୭ମ ଅନ୍ତରୀଣ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ଜୁଲାଇ ୧୫ ତାରିଖ ସୁଦ୍ଧା ଏହି ରିପୋର୍ଟ ସରକାରଙ୍କୁ ଦିଆଯାଇ ପାରେ ବୋଲି ଅନୁମାନ କରାଯାଉଛି। ଏଥିପାଇଁ କମିଶନଙ୍କ କାର୍ଯ୍ୟାଳୟରେ ସତ୍ୟପାଠଗୁଡିକର ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଉଛି। ସପ୍ତମ ଅନ୍ତରୀଣ ରିପୋର୍ଟରେ ୨ଲକ୍ଷ ୨୪ହଜାର ୨୫୨ଟି ସତ୍ୟପାଠର ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ଷଷ୍ଠ ପର୍ଯ୍ୟାୟ ସୁଦ୍ଧା ମୋଟ୍ ୩ଲକ୍ଷ ୬୧ହଜାର ୮୧୭ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିବାବେଳେ ୧୭୧୪ଜଣ ଜମାକାରୀଙ୍କୁ କମିଶନ କାର୍ଯ୍ୟାଳୟରେ ସେମାନଙ୍କ ଜମା ଟଙ୍କା ଫେରସ୍ତ ଦିଆଯାଇଛି। ସୂଚନାଥାଉ କି, ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ପାଇଁ ସରକାର ୨୦୧୩ ଜୁଲାଇ ୯ରେ କମିଶନ ଗଠନ କରିବା ସହିତ ୩୦୦କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିଥିଲେ। ଗତ ଫେବୃୟାରୀ ମାସରେ କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଥିଲା।


## ଓଡ଼ିଶା ସରକାର

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**No. ୨୧୨୭** ତାରିଖ: ୧୩।୦୬।୧୯/ଢେଙ୍କାନାଳ

**No.II-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର କାମାକ୍ଷାନଗର ତହସିଲ ଅନ୍ତର୍ଗତ ଇନ୍ଦିପୁର ମୌଜାରେ ନିମ୍ନସୂଚିତ ତଫସିଲ ମତେ ପ୍ରାୟ ୪.୫୧୯ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- କାମାକ୍ଷାନଗର ବାଇପାସ ରାସ୍ତା ନିର୍ମାଣ ପ୍ରକଳ୍ପ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- କାର୍ଯ୍ୟନିର୍ବାହୀ ଅଧିକାରୀ (ରାସ୍ତା ଓ ଗୃହ ନିର୍ମାଣ ବିଭାଗ), ଢେଙ୍କାନାଳ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ କାମାକ୍ଷାନଗର ବାଇପାସ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-ଧାରା ୮(୨) ମୁତାବକ ପ୍ରକାଶିତ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ତହସିଲଦାର, କାମାକ୍ଷାନଗର, ଢେଙ୍କାନାଳ
୬. ଜମିର ବିବରଣୀ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଢେଙ୍କାନାଳ ତହସିଲ: କାମାକ୍ଷାନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ବିଜ୍ଞାପିତ ପରିଷଦ ଅଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଇନ୍ଦିପୁର | ବିଜ୍ଞାପିତ ପରିଷଦ ଅଞ୍ଚଳ | ଏଥି ସହିତ ସଂଲଗ୍ନ କରାଯାଇଛି | ଏଥି ସହିତ ସଂଲଗ୍ନ କରାଯାଇଛି | ଏଥି ସହିତ ସଂଲଗ୍ନ କରାଯାଇଛି | ଏଥି ସହିତ ସଂଲଗ୍ନ କରାଯାଇଛି | ୪.୫୧୯ | ଏଥି ସହିତ ସଂଲଗ୍ନ କରାଯାଇଛି |
| | | | | | ମୋଟ | ୪.୫୧୯ | |

ଉକ୍ତ ଅଧିସୂଚିତ ଜମିର ରକବା ମଧ୍ୟରୁ ଏ............. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ

### କାମାକ୍ଷାନଗର ବାଇପାସ ନିମନ୍ତେ ଭୂ-ଅଧିଗ୍ରହଣ ତାଲିକା

ଗ୍ରାମ: ଇନ୍ଦିପୁର, ତହସିଲ: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ନାମ | କିସମ | ରକବା (ବର୍ଗମିଟର) | ପ୍ଲଟରେ ଥିବା ମୋଟ ରକବା (ଏକର) | ଅଧିଗ୍ରହଣ କରିବାକୁ ଥିବା ରକବା (ଏକର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୬ | ୧୦୬ | ଗୁରେଇ ପାତ୍ର ଓଗେର | ପତିତ | ୧୬.୧୧୨୭ | ୦.୦୬୦ | ୦.୦୦୪ |
| ୨ | ୧୩୦ | ୯୨୧ | ପ୍ରସନ୍ନ କୁମାର ଦେହୁରୀ ଓଗେର | ପାଳ ୧ | ୧୬.୬୯୩୯ | ୦.୩୧୦ | ୦.୦୦୪ |
| ୩ | ୧୩୦ | ୯୨୨ | ପ୍ରସନ୍ନ କୁମାର ଦେହୁରୀ ଓଗେର | ପାଳ ୧ | ୨୪.୨୪୬୬ | ୦.୨୫୦ | ୦.୦୦୬ |
| ୪ | ୯୩ | ୯୨୮ | ଧନିସାହୁ ଓଗେର | ପାଳ ୧ | ୩୩୭.୬୨୬୨ | ୦.୧୪୦ | ୦.୦୮୩ |
| ୫ | ୪୭ | ୯୨୯ | ଗୁରେଇ ପାତ୍ର ଓଗେର | ପାଳ ୧ | ୬୬.୪୯୪୯ | ୦.୧୬୦ | ୦.୦୧୬ |
| ୬ | ୨୮୮ / ୧୬ | ୯୩୦ | ରବିନାରାୟଣ ପାତ୍ର ଓଗେର | ପାଳ ୧ | Full | ୦.୩୦୦ | ୦.୦୩୦ |
| ୭ | ୨୬୬ | ୯୩୨ | ସମ୍ବରା ପାତ୍ର ଓଗେର | ପାଳ ୧ | ୧୮୦.୪୯୩୮ | ୦.୨୪୦ | ୦.୦୪୪ |
| ୮ | ୧୦୫ | ୯୩୩ | ନାକଫୋଡି ଦାଶ ଓଗେର | ପାଳ ୧ | ୩୫୬.୬୦୩୩ | ୦.୨୯୦ | ୦.୦୮୮ |
| ୯ | ୧୯ | ୯୩୭ | କଣ୍ଟେଇ ପାତ୍ର ଓଗେର | ପାଳ ୧ | ୨୨୧.୯୬୮୮ | ୦.୩୨୦ | ୦.୦୫୫ |
| ୧୦ | ୨୮୮/୧୫୧ | ୯୩୮ | କନ୍ଧ ବେହେରା | ପାଳ ୧ | ୩୦୧.୯୦୯୦ | ୦.୪୭୦ | ୦.୦୭୪ |
| ୧୧ | ୧୦୯ | ୯୭୨ | ନିତ୍ୟାନନ୍ଦ ଦାସ | ପାଳ ୧ | ୫୮.୨୧୯୮ | ୦.୦୭୦ | ୦.୦୧୪ |
| ୧୨ | ୬୩ | ୯୭୩ | ଚନ୍ଦ୍ରଶେଖର ଦାଶ | ପାଳ ୧ | ୨୧୪.୮୦୧୫ | ୦.୧୭୦ | ୦.୦୫୩ |
| ୧୩ | ୧୧୯ | ୯୭୮ | ପଦ୍ମନାଭ ରାଉଳ ଓଗେର | ପାଳ ୧ | ୧୮୨.୩୯୩୧ | ୦.୨୪୫ | ୦.୦୪୫ |
| ୧୪ | ୨୮୮/ ୧୫୮ | ୯୭୯ | କୃଷ୍ଣ ଚନ୍ଦ୍ର ରାଉଳ | ପାଳ ୧ | ୯୪.୦୩୧୨ | ୦.୩୧୦ | ୦.୦୨୩ |
| ୧୫ | ୪୭ | ୯୮୯ | ଗୁରେଇ ପାତ୍ର ଓଗେର | ପାଳ ୧ | ୧୨୩.୯୫୮୯ | ୦.୧୭୦ | ୦.୦୩୦ |
| ୧୬ | ୨୭୬ | ୯୯୧ | ସୁଗରୀ ରାଉଳ ଓଗେର | ପାଳ ୧ | ୫୦.୮୫୪୪ | ୦.୦୮୦ | ୦.୦୧୩ |
| ୧୭ | ୨୭୬ | ୯୯୨ | ସୁଗରୀ ରାଉଳ ଓଗେର | ପାଳ ୧ | ୮୪.୬୪୩୫ | ୦.୦୯୦ | ୦.୦୨୧ |
| ୧୮ | ୨୭୬ | ୯୯୬ | ସୁଗରୀ ରାଉଳ ଓଗେର | ପାଳ ୧ | ୫୮.୧୫୯୮ | ୦.୦୯୦ | ୦.୦୧୪ |
| ୧୯ | ୧୩୩ | ୧୦୦୦ | ପ୍ରାଣବନ୍ଧୁ ସାହୁ | ପାଳ ୧ | Full | ୦.୦୨୦ | ୦.୦୨୦ |
| ୨୦ | ୬୯ | ୧୦୦୧ | ଜୟକ୍ରିଷ୍ଣ ସାହୁ | ପାଳ ୧ | ୧୧୧.୪୫୫୬ | ୦.୧୪୦ | ୦.୦୨୭ |
| ୨୧ | ୮୮ | ୧୦୦୨ | ଦୟାନିଧି ନାୟକ | ପାଳ ୧ | ୧୦୭.୭୩୬ | ୦.୧୪୦ | ୦.୦୨୭ |
| ୨୨ | ୮୮ | ୧୦୦୩ | ଦୟାନିଧି ନାୟକ | ପାଳ ୧ | ୧୦୮.୫୮୧୬ | ୦.୨୦୦ | ୦.୦୨୭ |
| ୨୩ | ୨୧୯ | ୧୦୦୫ | ମହି ସାହୁ ଓଗେର | ପାଳ ୧ | ୨୦୦.୩୯୫୭ | ୦.୧୪୦ | ୦.୦୪୯ |
| ୨୪ | ୨୮୮ / ୧୬ | ୧୦୦୯ | ରବିନାରାୟଣ ପାତ୍ର ଓଗେର | ପାଳ ୧ | ୭୪.୮୩୧ | ୦.୩୮୦ | ୦.୦୧୮ |
| ୨୫ | ୧୦୫ | ୧୦୩୧ | ନାକଫୋଡି ଦାଶ ଓଗେର | ପତିତ | ୨୨୩.୬୦୭୭ | ୦.୨୭୦ | ୦.୦୫୫ |
| ୨୬ | ୩୫ | ୧୦୩୨ | କେତୁକା ଦାଶ | ପାଳ ୧ | ୧୬୪.୨୨୮୯ | ୦.୨୭୦ | ୦.୦୪୦ |
| ୨୭ | ୧୯ | ୧୦୩୨ | କଣ୍ଟେଇ ପାତ୍ର ଓଗେର | ପତିତ | ୩୩.୧୮୪୭ | ୦.୦୫୦ | ୦.୦୦୮ |
| ୨୮ | ୧୧୯ | ୧୦୩୩ | ପଦ୍ମନାଭ ରାଉଳ ଓଗେର | ପତିତ | ୧୨୬.୫୭୨୫ | ୦.୦୫୦ | ୦.୦୩୧ |
| ୨୯ | ୨୬୬ | ୧୦୩୪ | ସମ୍ବରା ପାତ୍ର ଓଗେର | ପତିତ | ୩୨୮.୪୦୭୬ | ୦.୧୨୦ | ୦.୦୮୫ |
| ୩୦ | ୧୧୯ | ୧୦୬୭ | ପଦ୍ମନାଭ ରାଉଳ ଓଗେର | ପତିତ | ୨୪୫.୩୩୪୬ | ୦.୧୦୦ | ୦.୦୬୦ |
| ୩୧ | ୧୧୯ | ୧୦୭୦ | ପଦ୍ମନାଭ ରାଉଳ ଓଗେର | ପତିତ | ୧୫୩.୬୨୫୨ | ୦.୧୪୦ | ୦.୦୩୮ |
| ୩୨ | ୨୮୮/ ୧୫୮ | ୧୦୭୧ | କୃଷ୍ଣ ଚନ୍ଦ୍ର ରାଉଳ | ପତିତ | ୪୬.୬୭୮୨ | ୦.୧୭୦ | ୦.୦୧୧ |
| ୩୩ | ୧୦୫ | ୧୦୭୨ | ନାକଫୋଡ଼ି ଦାଶ ଓଗେର | ପତିତ | ୫୪୭.୪୩୬୮ | ୦.୪୭୦ | ୦.୧୩୫ |
| ୩୪ | ୩୨ | ୧୦୭୩ | କୃତ୍ତିବାସ ସାହୁ ଓଗେର | ପତିତ | ୮୯.୬୦୫୪ | ୦.୧୨୦ | ୦.୦୨୨ |
| ୩୫ | ୨୮୮/ ୧୮୭ | ୧୧୦୦ | ପ୍ରଶାନ୍ତ କୁମାର ସେଠୀ | ପତିତ | ୬୩୫.୯୨୩୫ | ୦.୩୩୦ | ୦.୧୫୬ |
| ୩୬ | ୩ | ୧୧୧୨ | ଅଚୁତାନନ୍ଦ ବେହେରା ଓଗେର | ପତିତ | ୧୮୮.୦୭୬୨ | ୦.୨୪୦ | ୦.୦୪୬ |
| ୩୭ | ୪୧ | ୧୧୧୩ | ଗଣିଆ ବେହେରା ଓଗେର | ପତିତ | Full | ୦.୦୮୦ | ୦.୦୮୦ |
| ୩୮ | ୪୧ | ୧୧୧୪ | ଗଣିଆ ବେହେରା ଓଗେର | ପତିତ | ୧୫୩.୯୧୮୬ | ୦.୦୭୦ | ୦.୦୩୮ |
| ୩୯ | ୨୮୮ / ୮୯ | ୧୧୧୮ | ଶରତ ଦେହୁରୀ | ପତିତ | ୧୮୯.୩୯୫୬ | ୦.୧୪୦ | ୦.୦୪୭ |
| ୪୦ | ୯୩ | ୧୧୨୧ | ଧନି ସାହୁ ଓଗେର | ପତିତ | ୭୬.୬୫୨୬ | ୦.୦୮୦ | ୦.୦୧୯ |
| ୪୧ | ୧୧୬ | ୧୧୨୨ | ପଦ୍ମ ଚରଣ ସାହୁ | ପତିତ | ୮୫.୨୫୦୩ | ୦.୧୪୦ | ୦.୦୨୧ |
| ୪୨ | ୯୭ | ୧୧୨୩ | ଧନେଶ୍ୱର ସାହୁ ଓଗେର | ପତିତ | ୮୫.୨୩୯୫. | ୦.୧୩୦ | ୦.୦୨୧ |
| ୪୩ | ୬ | ୧୧୨୪ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୬୮.୪୭୮୧ | ୦.୦୬୦ | ୦.୦୧୭ |
| ୪୪ | ୨୫୪ | ୧୧୨୫ | ଅନୁସୂୟା ଦାଶ ଓଗେର | ପତିତ | ୬୯.୫୧୫୩ | ୦.୮୦୦ | ୦.୦୧୭ |
| ୪୫ | ୫ | ୧୧୨୮ | ଅନନ୍ତ ରାଉଳ | ପତିତ | ୮୬.୧୦୬ | ୦.୦୬୦ | ୦.୦୨୧ |
| ୪୬ | ୨୧୧ | ୧୧୨୯ | ମନ୍ତ୍ରୀ ଦେହୁରୀ | ପାଳ ୩ | ୬୪.୧୫୩୧ | ୦.୦୫୦ | ୦.୦୧୬ |
| ୪୭ | ୨୩୧ | ୧୧୩୧ | ମିଲୁ ରାଉତ | ପତିତ | ୧୨୬.୧୫୪୯ | ୦.୧୭୦ | ୦.୦୩୧ |
| ୪୮ | ୫ | ୧୧୩୨ | ଅନନ୍ତ ରାଉଳ | ପତିତ | ୯୩.୭୬୨୩ | ୦.୦୬୦ | ୦.୦୨୩ |
| ୪୯ | ୧୨ | ୧୧୩୫ | ଆନନ୍ଦ ମହାନ୍ତି ଓଗେର | ପତିତ | ୭୭.୯୬୨୯ | ୦.୦୪୦ | ୦.୦୧୯ |
| ୫୦ | ୧୨ | ୧୧୩୬ | ଆନନ୍ଦ ମହାନ୍ତି ଓଗେର | ପତିତ | ୫୩.୪୧୨୫ | ୦.୦୭୦ | ୦.୦୧୩ |
| ୫୧ | ୨୮୬ | ୧୧୩୭ | ହରି ବେହେରା | ପତିତ | ୯୩.୩୩୮୫ | ୦.୧୨୦ | ୦.୦୨୩ |
| ୫୨ | ୧୧୯ | ୧୧୩୮ | ପଦ୍ମନାଭ ରାଉଳ ଓଗେର | ପତିତ | ୯୪.୬୦୩୭ | ୦.୦୮୦ | ୦.୦୨୩ |
| ୫୩ | ୨୦ | ୧୧୩୯ | କଣ୍ଣୁଣି ରାଉତ | ପତିତ | ୭୫.୧୫୩ | ୦.୦୬୦ | ୦.୦୧୮ |
| ୫୪ | ୧୪୦ | ୧୧୪୩ | ପୂର୍ଣ୍ଣ ନନ୍ଦ ଭୂୟାଁ ଓଗେର | ପତିତ | ୧୨୫.୫୪୨୭ | ୦.୧୦୦ | ୦.୦୩୧ |
| ୫୫ | ୨୦ | ୧୧୪୪ | କଣ୍ଣୁଣି ରାଉତ | ପତିତ | ୧୨୩.୬୫୭୪ | ୦.୦୮୦ | ୦.୦୩୦ |
| ୫୬ | ୧୬୮ | ୧୧୪୫ | ବାବାଜି ଦାଶ ଓଗେର | ପତିତ | ୭୪.୭୦୩ | ୦.୦୮୦ | ୦.୦୧୮ |
| ୫୭ | ୧୬୮ | ୧୧୪୬ | ବାବାଜି ଦାଶ ଓଗେର | ପତିତ | ୯୮.୦୭୨୧ | ୦.୧୨୦ | ୦.୦୨୪ |
| ୫୮ | ୧୬୮ | ୧୧୪୭ | ବାବାଜି ଦାଶ ଓଗେର | ପତିତ | ୫୮.୬୨୨୫ | ୦.୦୫୦ | ୦.୦୧୪ |
| ୫୯ | ୧୬୮ | ୧୧୪୮ | ବାବାଜି ଦାଶ ଓଗେର | ପତିତ | ୧୦.୯୮୨୪ | ୦.୦୭୦ | ୦.୦୦୩ |
| ୬୦ | ୩୭୫ | ୧୧୪୯ | ଶୁକ ସାହୁ | ପତିତ | ୧୦୨.୭୮୩୩ | ୦.୦୩୦ | ୦.୦୨୫ |
| ୬୧ | ୯୪ | ୧୧୫୦ | ଧନି ନାଏକ | ପତିତ | ୮୧.୫୯୪୭ | ୦.୦୫୦ | ୦.୦୨୦ |
| ୬୨ | ୧୮୧ | ୧୧୫୧ | ବିଶ୍ୱନାଥ ତ୍ରିପାଠୀ | ପତିତ | ୧୦୭.୪୭୯୫ | ୦.୦୭୦ | ୦.୦୨୬ |
| ୬୩ | ୨୮୮ / ୮୯ | ୧୧୫୨ | ଶରତ ଦେହୁରୀ | ପତିତ | ୬.୦୫୭୯ | ୦.୨୧୦ | ୦.୦୦୧ |
| ୬୪ | ୨୮୮ / ୮୯ | ୧୧୫୩ | ଶରତ ଦେହୁରୀ | ପତିତ | ୨୨୧.୮୦୧୧ | ୦.୧୧୦ | ୦.୦୫୫ |
| ୬୫ | ୧୮୧ | ୨୭୯୭ | ବିଶ୍ୱନାଥ ତ୍ରିପାଠୀ | ତଇଳା ୨ | ୪୦.୫୧୬୪ | ୦.୧୩୦ | ୦.୦୧୦ |
| ୬୬ | ୧୮୧ | ୨୭୯୮ | ବିଶ୍ୱନାଥ ତ୍ରିପାଠୀ | ତଇଳା ୨ | ୬୩.୩୬୩୧ | ୦.୧୫୦ | ୦.୦୧୬ |
| ୬୭ | ୪୭ | ୨୭୯୯ | ଗୁରେଇ ପାତ୍ର ଓଗେର | ତଇଳା ୧ | Full | ୦.୦୩୦ | ୦.୦୩୦ |
| ୬୮ | ୬ | ୨୮୦୫ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ତଇଳା ୨ | ୧୧୭.୯୨୬୭ | ୦.୦୮୦ | ୦.୦୨୯ |
| ୬୯ | ୨୭୧ | ୨୮୦୬ | ସହଦେବ ବେହେରା ଓଗେର | ତଇଳା ୨ | ୭୯.୬୯୧୯ | ୦.୦୨୦ | ୦.୦୨୦ |
| ୭୦ | ୨୮୮/ ୧୧୧ | ୨୮୩୯ | ଦେବାଶିଷ ତ୍ରିପାଠୀ ଓଗେର | ତଇଳା ୧ | ୪୬.୯୩୬୭ | ୦.୦୪୦ | ୦.୦୧୨ |
| ୭୧ | ୨୮୮ / ୯୩ | ୨୮୪୫ | ଭରତ ଚନ୍ଦ୍ର ମହାନ୍ତି | ପାଳ ୧ | ୧୨.୨୧୪୫ | ୦.୦୮୦ | ୦.୦୦୩ |
| ୭୨ | ୪୭ | ୨୯୧୩ | ଗୁରେଇ ପାତ୍ର ଓଗେର | ପାଳ ୧ | ୧୯.୩୮୨୭ | ୦.୦୩୦ | ୦.୦୦୫ |
| ୭୩ | ୪୭ | ୨୯୧୫ | ଗୁରେଇ ପାତ୍ର ଓଗେର | ପାଳ ୧ | ୨୩.୬୩୩୧ | ୦.୧୨୦ | ୦.୦୦୬ |
| ୭୪ | ୧୭୯ | ୨୯୨୫ | ବଇ ଦେହୀ ବେହେରା ଓଗେର | ପାଳ ୧ | ୫.୭୩୨୮ | ୦.୦୨୦ | ୦.୦୦୧ |
| ୭୫ | ୧୭୯ | ୨୯୨୮ | ବଇ ଦେହୀ ବେହେରା | ପାଳ ୧ | | ୦.୦୨୦ | ୦.୦୨୦ |
| ୭୬ | ୧୭୯ | ୨୯୩୧ | ବଇ ଦେହୀ ବେହେରା | ପାଳ ୧ | ୭୨.୮୭୬୯ | ୦.୦୩୦ | ୦.୦୧୮ |
| ୭୭ | ୧୧୯ | ୨୯୩୨ | ପଦ୍ମନାଭ ରାଉଳ | ପାଳ ୧ | ୧୨୨.୬୯୪୮ | ୦.୦୫୦ | ୦.୦୩୦ |
| ୭୮ | ୧୧୯ | ୨୯୪୪ | ପଦ୍ମନାଭ ରାଉଳ ଓଗେର | ପାଳ ୧ | ୧୨୯.୮୨୧୧ | ୦.୨୧୦ | ୦.୦୩୨ |
| ୭୯ | ୨୧୧ | ୨୯୪୫ | ମନ୍ତ୍ରୀ ଦେହୁରୀ ଓଗେର | ପାଳ ୧ | ୧୫.୪୧୯୪ | ୦.୨୦୦ | ୦.୦୦୪ |
| ୮୦ | ୧୮୧ | ୨୯୭୮ | ବିଶ୍ୱନାଥ ତ୍ରିପାଠୀ | ତଇଳା ୧ | ୧୩୯.୬୫୮୧ | ୦.୨୦୦ | ୦.୦୩୪ |
| ୮୧ | ୧୮୧ | ୨୯୭୯ | ବିଶ୍ୱନାଥ ତ୍ରିପାଠୀ | ତଇଳା ୧ | ୧୦୩.୧୬୬ | ୦.୨୦୦ | ୦.୦୨୫ |
| ୮୨ | ୨୮୮ / ୯୫ | ୨୯୮୦ | ଉର୍ମିଳା ତ୍ରିପାଠୀ | ପତିତ | ୯୮.୫୨୪୧ | ୦.୧୫୦ | ୦.୦୨୪ |
| ୮୩ | ୨୮୮ / ୭୦ | ୨୯୯୪ | ଗୋଲେଖ ବିହାରୀ ପାତ୍ର | ପାଳ ୧ | ୧୧୨.୫୧୬୪ | ୦.୨୮୦ | ୦.୦୨୮ |
| ୮୪ | ୧୫୩ | ୨୯୯୫ | ବ୍ରହ୍ମାନନ୍ଦ ତ୍ରିପାଠୀ ଓଗେର | ପାଳ ୧ | ୧୨୦.୦୪୦୬ | ୦.୧୨୦ | ୦.୦୩୦ |
| ୮୫ | ୧୮୧ | ୨୯୯୬ | ବିଶ୍ୱନାଥ ତ୍ରିପାଠୀ | ପାଳ ୧ | ୪୧.୭୨୬୪ | ୦.୧୩୦ | ୦.୦୧୦ |
| ୮୬ | ୯୩ | ୨୯୯୯ | ଧନୀ ସାହୁ ଓଗେର | ପାଳ ୧ | ୨୭୭.୭୪୪୧ | ୦.୧୫୦ | ୦.୦୬୮ |
| ୮୭ | ୨୧୯ | ୩୦୦୦ | ମହି ସାହୁ ଓଗେର | ପାଳ ୧ | ୧୪୩.୭୮୭୫ | ୦.୧୦୦ | ୦.୦୩୫ |
| ୮୮ | ୨୨୮ | ୩୦୦୧ | ମାଗୁଣି ପାତ୍ର ଓଗେର | ପାଳ ୧ | ୧୩୭.୪୬୮୧ | ୦.୧୪୦ | ୦.୦୩୪ |
| ୮୯ | ୨୨୮ | ୩୦୦୨ | ମାଗୁଣି ପାତ୍ର ଓଗେର | ପାଳ ୧ | ୨୦୭.୨୮୮ | ୦.୧୪୦ | ୦.୦୫୧ |
| ୯୦ | ୮୬ | ୩୦୦୫ | ତ୍ରିଲୋଚନ ତ୍ରିପାଠୀ | ପତିତ | ୧୨୮.୫୧୨୫ | ୦.୧୦୦ | ୦.୦୩୨ |
| ୯୧ | ୧୮୧ | ୩୦୦୬ | ବିଶ୍ୱନାଥ ତ୍ରିପାଠୀ | ତଇଳା ୨ | ୪୮.୯୬୫୩ | ୦.୦୫୦ | ୦.୦୧୨ |
| ୯୨ | ୧୮୧ | ୩୦୦୮ | ବିଶ୍ୱନାଥ ତ୍ରିପାଠୀ | ତଇଳା ୨ | ୮୬.୫୪୭୯ | ୦.୧୬୦ | ୦.୦୨୧ |
| ୯୩ | ୧୩୭ | ୩୨୧୨ | ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ | ପତିତ | ୪୧୩.୨୮୩୮ | ୦.୩୯୦ | ୦.୧୦୨ |
| ୯୪ | ୪୧ | ୩୨୧୭ | ଗଣିଆ ବେହେରା | ପତିତ | ୨୧୫.୮୪୩୮ | ୦.୧୪୦ | ୦.୦୫୩ |
| ୯୫ | ୧୫୯ | ୩୨୧୮ | ବାଙ୍କନିଧି ନାଏକ | ପତିତ | ୬୬.୯୬୪୭ | ୦.୧୩୦ | ୦.୦୧୬ |
| ୯୬ | ୬ | ୩୨୨୦ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୨୨.୬୪୬୬ | ୦.୦୪୦ | ୦.୦୦୬ |
| ୯୭ | ୬ | ୩୨୨୧ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | Full | ୦.୦୩୦ | ୦.୦୩୦ |
| ୯୮ | ୬ | ୩୨୨୨ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୪୭.୩୨୯୯ | ୦.୦୭୦ | ୦.୦୧୨ |
| ୯୯ | ୬ | ୩୨୨୩ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୪୮.୭୭୪୪ | ୦.୦୮୦ | ୦.୦୧୨ |
| ୧୦୦ | ୬ | ୩୨୨୪ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୭୯.୬୪୮୧ | ୦.୦୫୦ | ୦.୦୨୦ |
| ୧୦୧ | ୬ | ୩୨୨୫ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୧୪.୩୩୬୧ | ୦.୦୫୦ | ୦.୦୦୪ |
| ୧୦୨ | ୨୮୮ / ୯୦ | ୩୨୨୬ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କାମାକ୍ଷାନଗର | ପତିତ | ୧୪୭.୬୬୦୩ | ୦.୧୦୦ | ୦.୦୩୬ |
| ୧୦୩ | ୫୬ | ୩୨୨୯ | ଘନଶ୍ୟାମ ତ୍ରିପାଠୀ | ପତିତ | ୮୧.୬୮୨୩ | ୦.୦୨୦ | ୦.୦୨୦ |
| ୧୦୪ | ୫୬ | ୩୨୩୦ | ଘନଶ୍ୟାମ ତ୍ରିପାଠୀ | ପତିତ | Full | ୦.୦୧୦ | ୦.୦୧୦ |
| ୧୦୫ | ୫୬ | ୩୨୩୧ | ଘନଶ୍ୟାମ ତ୍ରିପାଠୀ | ପତିତ | ୧୦୪.୯୧୭୩ | ୦.୧୮୦ | ୦.୦୨୬ |
| ୧୦୬ | ୮ | ୩୨୩୨ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପାଳ ୩ | ୫୬.୭୧୭ | ୦.୦୪୦ | ୦.୦୧୪ |
| ୧୦୭ | ୧୩୩ | ୩୨୩୩ | ପ୍ରାଣବନ୍ଧୁ ସାହୁ | ପତିତ | ୭୨.୦୧୯୯ | ୦.୦୭୦ | ୦.୦୧୮ |
| ୧୦୮ | ୨୬୧ | ୩୨୩୪ | ଶଙ୍କର ନାୟକ | ପତିତ | ୭୭.୮୦୯୮ | ୦.୦୯୦ | ୦.୦୧୯ |
| ୧୦୯ | ୨୬୦ | ୩୨୩୫ | ଲୋଚନ ସାହୁ | ପତିତ | ୧୪୭.୧୨୮୩ | ୦.୦୬୦ | ୦.୦୩୬ |
| ୧୧୦ | ୬ | ୩୨୮୬ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୨୪୬.୫୨୪୨ | ୦.୧୩୦ | ୦.୦୬୧ |
| ୧୧୧ | ୫୬ | ୩୨୮୭ | ଘନଶ୍ୟାମ ତ୍ରିପାଠୀ | ପତିତ | ୪୧୨.୩୧୫୭ | ୦.୩୯୦ | ୦.୧୦୧ |
| ୧୧୨ | ୬ | ୩୨୯୧ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୩୫୩.୩୧୪୨ | ୦.୨୯୦ | ୦.୦୮୭ |
| ୧୧୩ | ୫୬ | ୩୨୯୪ | ଘନଶ୍ୟାମ ତ୍ରିପାଠୀ | ପତିତ | ୩୯୮.୧୮୨୪ | ୦.୧୦୦ | ୦.୦୯୮ |
| ୧୧୪ | ୨୦ | ୩୩୪୨ | କଣ୍ଣୁଣୀ ରାଉତ | ପାଳ ୧ | ୬୯.୧୮୭୧ | ୦.୦୫୦ | ୦.୦୧୭ |
| ୧୧୫ | ୧୪୦ | ୩୩୪୩ | ପୂର୍ଣ୍ଣ ନନ୍ଦ ଭୂୟାଁ | ପାଳ ୧ | Full | ୦.୦୩୦ | ୦.୦୩୦ |
| ୧୧୬ | ୨୮୬ | ୩୩୪୪ | ହରି ବେହେରା | ପାଳ ୧ | ୧୨୭.୫୦୫୪ | ୦.୦୫୦ | ୦.୦୩୧ |
| ୧୧୭ | ୧୪୦ | ୩୩୪୫ | ପୂର୍ଣ୍ଣ ନନ୍ଦ ଭୂୟାଁ | ପାଳ ୧ | ୯୦.୨୯୫୧ | ୦.୦୮୦ | ୦.୦୨୨ |
| ୧୧୮ | ୧୪୦ | ୩୩୪୬ | ପୂର୍ଣ୍ଣ ନନ୍ଦ ଭୂୟାଁ ଓଗେର | ପାଳ ୧ | ୧୨.୨୧୭୩ | ୦.୦୬୦ | ୦.୦୦୩ |
| ୧୧୯ | ୩ | ୩୩୬୦ | ଅଚୁତାନନ୍ଦ ବେହେରା ଓଗେର | ପାଳ ୧ | ୭୨.୬୮୫୮ | ୦.୦୪୦ | ୦.୦୧୮ |
| ୧୨୦ | ୧୭୯ | ୩୩୬୧ | ବଇ ଦେହି ବେହେରା ଓଗେର | ପାଳ ୧ | ୬୯.୬୨୫୫ | ୦.୦୩୦ | ୦.୦୧୭ |
| ୧୨୧ | ୧୭୪ | ୩୩୬୩ | ବିନୋଦ ମହାନ୍ତି | ପାଳ ୧ | ୪୬.୪୯୪୬ | ୦.୦୫୦ | ୦.୦୧୧ |
| ୧୨୨ | ୨୩୪ | ୩୩୬୪ | ମିଲୁ ରାଉତ | ପାଳ ୨ | ୨୪.୬୨୫୧ | ୦.୦୫୦ | ୦.୦୦୬ |
| ୧୨୩ | ୧୭୪ | ୩୩୬୫ | ବିନୋଦ ମହାନ୍ତି | ପାଳ ୩ | ୧୯.୦୧୩୨ | ୦.୦୩୦ | ୦.୦୦୫ |
| ୧୨୪ | ୧୭୯ | ୩୩୬୭ | ବଇ ଦେହି ବେହେରା ଓଗେର | ପାଳ ୧ | ୩୦.୦୦୮୯ | ୦.୦୫୦ | ୦.୦୦୭ |
| ୧୨୫ | ୧୭୯ | ୩୩୬୮ | ବଇ ଦେହି ବେହେରା ଓଗେର | ପାଳ ୧ | ୨୫.୪୮୩ | ୦.୦୬୦ | ୦.୦୦୬ |
| ୧୨୬ | ୧୭୯ | ୩୩୬୯ | ବଇ ଦେହି ବେହେରା ଓଗେର | ପାଳ ୧ | ୧୦.୧୦୩ | ୦.୦୫୦ | ୦.୦୦୨ |
| ୧୨୭ | ୧୭୯ | ୩୩୭୧ | ବଇ ଦେହୀ ବେହେରା ଓଗେର | ପାଳ ୧ | ୧୦୨.୯୩୧୧ | ୦.୦୫୦ | ୦.୦୨୫ |
| ୧୨୮ | ୧୭୯ | ୩୩୭୨ | ବଇ ଦେହୀ ବେହେରା ଓଗେର | ପାଳ ୧ | ୭୫.୧୭୬୮ | ୦.୧୧୦ | ୦.୦୧୮ |
| ୧୨୯ | ୧୭୯ | ୩୩୭୪ | ବଇ ଦେହୀ ବେହେରା ଓଗେର | ପାଳ ୧ | ୨୩୬.୩୩୭୧ | ୦.୭୦୦ | ୦.୦୫୮ |
| ୧୩୦ | ୧୭୯ | ୩୩୭୬ | ବଇ ଦେହୀ ବେହେରା ଓଗେର | ପାଳ ୨ | ୬୦.୧୮୫୫ | ୦.୦୫୦ | ୦.୦୧୭ |
| ୧୩୧ | ୧୭୯ | ୩୩୭୭ | ବଇ ଦେହୀ ବେହେରା ଓଗେର | ପାଳ ୧ | ୪୪.୨୦୫୬ | ୦.୦୬୦ | ୦.୦୧୧ |
| ୧୩୨ | ୧୭୯ | ୩୩୭୮ | ବଇ ଦେହୀ ବେହେରା ଓଗେର | ପାଳ ୧ | ୨୯.୩୬୭୮ | ୦.୦୪୦ | ୦.୦୦୭ |
| ୧୩୩ | ୧୭୯ | ୩୩୭୯ | ବଇ ଦେହୀ ବେହେରା ଓଗେର | ପାଳ ୧ | ୧୯.୦୪୬୨ | ୦.୦୪୦ | ୦.୦୦୫ |
| ୧୩୪ | ୧୭୯ | ୩୩୮୦ | ବଇ ଦେହୀ ବେହେରା ଓଗେର | ପାଳ ୧ | ୧୭.୧୫୩୮ | ୦.୦୪୦ | ୦.୦୦୪ |
| ୧୩୫ | ୧୭୯ | ୩୩୮୧ | ବଇ ଦେହୀ ବେହେରା ଓଗେର | ପାଳ ୧ | ୯.୦୫୦୬ | ୦.୦୪୦ | ୦.୦୦୨ |
| ୧୩୬ | ୨୫୪ | ୩୪୨୪ | ଅନୁସୂୟା ଦାଶ ଓଗେର | ପାଳ ୧ | ୧୪୨.୬୦୬୨ | ୦.୦୪୦ | ୦.୦୩୫ |
| ୧୩୭ | ୮୬ | ୩୪୨୫ | ତ୍ରିଲୋଚନ ତ୍ରିପାଠୀ ଓଗେର | ପତିତ | ୩୪.୪୫୧୯ | ୦.୦୬୦ | ୦.୦୦୮ |
| ୧୩୮ | ୨୮ | ୩୪୨୬ | କିଶୋର ପାତ୍ର ଓଗେର | ପାଳ ୧ | ୧୫୬.୧୦୧୭ | ୦.୧୨୦ | ୦.୦୩୯ |
| ୧୩୯ | ୧୧୯ | ୩୪୨୭ | ପଦ୍ମନାଭ ରାଉଳ ଓଗେର | ପାଳ ୧ | ୨.୭୨୪୧ | ୦.୧୨୦ | ୦.୦୦୧ |
| ୧୪୦ | ୨୦୫ | ୩୪୨୮ | ମଙ୍ଗୁଲୁ ବେହେରା ଓଗେର | ପାଳ ୧ | ୧୦୭.୬୬୧୮ | ୦.୦୫୦ | ୦.୦୨୬ |
| ୧୪୧ | ୩ | ୩୪୨୯ | ଅଚୁତାନନ୍ଦ ବେହେରା ଓଗେର | ପାଳ ୧ | ୧୧୧.୬୭୪ | ୦.୦୬୦ | ୦.୦୨୭ |
| ୧୪୨ | ୪୧ | ୩୪୩୦ | ଗଣିଆ ବେହେରା | ପାଳ ୧ | ୮୧.୩୬୫୮ | ୦.୦୪୦ | ୦.୦୨୦ |
| ୧୪୩ | ୩ | ୩୪୩୨ | ଅଚୁତାନନ୍ଦ ବେହେରା ଓଗେର | ପାଳ ୧ | ୧୧୨.୯୮୨୫ | ୦.୧୦୦ | ୦.୦୨୮ |
| ୧୪୪ | ୧୮୧ | ୩୪୩୩ | ବିଶ୍ୱନାଥ ତ୍ରିପାଠୀ | ପତିତ | ୧୧୧.୭୨୫୮ | ୦.୦୯୦ | ୦.୦୨୭ |
| ୧୪୫ | ୧୮୧ | ୩୪୩୪ | ବିଶ୍ୱନାଥ ତ୍ରିପାଠୀ | ପତିତ | ୧୦୮.୭୪୨୫ | ୦.୦୯୦ | ୦.୦୨୭ |
| ୧୪୬ | ୬ | ୩୪୩୫ | ଅନ୍ତର୍ଯ୍ୟାମୀ ତ୍ରିପାଠୀ | ପତିତ | ୯୩.୯୫୫୭ | ୦.୧୦୦ | ୦.୦୨୩ |
| ୧୪୭ | ୨୦୯ | ୩୪୩୬ | ମଦନ ତ୍ରିପାଠୀ | ପତିତ | ୯୧.୨୧୭୬ | ୦.୦୯୦ | ୦.୦୨୨ |
| ୧୪୮ | ୮ | ୩୪୩୭ | ଅନ୍ତର୍ଯ୍ୟାମୀ ତ୍ରିପାଠୀ ଓଗେର | ପତିତ | ୭୨.୪୪୦୩ | ୦.୧୦୦ | ୦.୦୧୮ |
| ୧୪୯ | ୪୭ | ୩୪୩୮ | ଗୁରେଇ ପାତ୍ର ଓଗେର | ପାଳ ୧ | ୪୩.୨୬୬୫ | ୦.୦୭୦ | ୦.୦୧୧ |
| ୧୫୦ | ୨୩୨ | ୩୪୩୯ | ମିଲୁ ରାଉତ | ପତିତ | ୨୫.୮୦୫୯ | ୦.୦୬୦ | ୦.୦୦୬ |
| ୧୫୧ | ୫୬ | ୩୪୪୦ | ଘନଶ୍ୟାମ ତ୍ରିପାଠୀ | ପତିତ | ୩୩୬.୩୨୮୪ | ୦.୧୬୦ | ୦.୦୮୩ |
| ୧୫୨ | ୪୭ | ୩୪୪୧ | ଗୁରେଇ ପାତ୍ର ଓଗେର | ପାଳ ୧ | ୧୯.୨୦୨୮ | ୦.୦୮୦ | ୦.୦୦୫ |
| ୧୫୩ | ୧୨ | ୩୪୪୨ | ଆନନ୍ଦ ମହାନ୍ତି ଓଗେର | ପତିତ | ୮.୪୪୮୨ | ୦.୦୬୦ | ୦.୦୦୨ |
| ୧୫୪ | ୧୭୯ | ୩୩୬୩/ ୩୪୮୫ | ବଇ ଦେହୀ ବେହେରା ଓଗେର | ପାଳ ୧ | ୩୯.୭୪୪୨ | ୦.୦୫୦ | ୦.୦୧୦ |
| ୧୫୫ | ୨୭୧ | ୨୮୩୫/ ୩୫୨୫ | ସହଦେବ ବେହେରା ଓଗେର | ପତିତ | ୬୧.୮୧୭୯ | ୦.୦୩୦ | ୦.୦୧୫ |
| ୧୫୬ | ୧୩ | ୯୭୭/ ୩୭୨୭ | ଆର୍ତ୍ତ ଦାଶ | ପାଳ ୧ | ୧୪.୭୩୫୯ | ୦.୧୨୦ | ୦.୦୦୪ |
| ୧୫୭ | ୧୦୪ | ୫୮୮/ ୩୭୨୨ | ନାକଫୋଡି ଦାଶ ଓଗେର | ଶାରଦ ୩ | ୯୭.୫୬୬୩ | ୦.୦୪୦ | ୦.୦୨୪ |
| ୧୫୮ | ୧୩୦ | ୯୨୬/ ୩୬୦୩ | ପ୍ରସନ୍ନ କୁମାର ଦେହୁରୀ ଓଗେର | ପାଳ ୧ | ୪୨୨.୪୩୮୭ | ୦.୪୮୦ | ୦.୧୦୪ |
| ୧୫୯ | ୨୮୮ / ୨୨ | ୯୭୪/ ୩୫୮୭ | ବସନ୍ତ ନାୟକ ଓଗେର | ପାଳ ୧ | ୧୬୭.୨୪୮୧ | ୦.୨୧୦ | ୦.୦୪୧ |
| ୧୬୦ | ୧୯୬ | ୯୭୭/ ୩୭୨୯ | ଭ୍ରମର ଦାଶ ଓଗେର | ପାଳ ୧ | ୧୮.୧୧୭୯ | ୦.୧୯୦ | ୦.୦୦୪ |
| | | | ମୋଟ | | | ୧୦.୨୫୫ | ୪.୫୧୯ |

24034/14/0001/1920

# ରଥ, ଭକ୍ତ ମଝିରେ ନାଗ ନାଗୁଣୀ



**ପୁରୀ ଅଫିସ, ୨୯।୬**

ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୪ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଅଗଣିତ ଭକ୍ତ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିରକୁ ଟାଣିନେବେ। ତେବେ ଯେଉଁ ଦଉଡ଼ିକୁ ଭକ୍ତମାନେ ଟାଣିବେ ତାହା ଗୋଟିଏ ଗୋଟିଏ ନାଗ ଓ ନାଗୁଣୀ। ସର୍ପକୁ ରଜ୍ଜୁ କରିବାର ପରମ୍ପରା ଅତି ପ୍ରାଚୀନ। ସମୁଦ୍ର ମନ୍ଥନ ସମୟରେ ଗୋଟିଏ ସର୍ପକୁ ହିଁ ରଜ୍ଜୁ କରାଯାଇଥିଲା। ସେହି ପରମ୍ପରା ଏଠାରେ ବି ଅନୁସୃତ ହେଉଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦାରୁବ୍ରହ୍ମ ଯେଉଁ ରଥରେ ବିରାଜମାନ କରନ୍ତି ସେ ରଥକୁ ସାଧାରଣ ଦଉଡ଼ିରେ ଟାଣିବା ଅସମ୍ଭବ। କାରଣ ମହାପ୍ରଭୁ ହେଉଛନ୍ତି '୭ଗୋଟି ପର୍ବତର ଅଟନ୍ତି ଗୁରୁ, ନାମ ବହି ଅଛନ୍ତି ଅଚଳ ମହାମେରୁ...'। ତେଣୁ ଅଚଳ ମହାମେରୁଙ୍କୁ କେତେଖଣ୍ଡି କାଠ ନିର୍ମିତ ରଥରେ ବସାଇ ସାଧାରଣ ଦଉଡ଼ିରେ ଟାଣିବା ଅସମ୍ଭବ। ସେଥିପାଇଁ ଦଉଡ଼ି ଛଳରେ ଅତି ଶକ୍ତିଶାଳୀ ନାଗ ଓ ନାଗୁଣୀ ଯୋଗଦେଇଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ସଂଯୋଜିତ ହେଉଥିବା ଦଉଡ଼ିର ନାମ ବାସୁକୀ। ଏ ହେଉଛନ୍ତି ସର୍ପମାନଙ୍କ ମଧ୍ୟରେ ରାଜା। କଶ୍ୟପଙ୍କ ଔରସରେ କଦ୍ରୁଙ୍କ ଗର୍ଭରୁ ଏହାଙ୍କ ଜନ୍ମ। ଦେବାସୁର କୃତ ସମୁଦ୍ର ମନ୍ଥନ ସମୟରେ ଏହି ବାସୁକୀ ହିଁ ମନ୍ଥନ ରଜ୍ଜୁର କର୍ମ ସମ୍ପାଦନ କରିଥିଲେ। ଅଷ୍ଟନାଗ ମଧ୍ୟରେ ବାସୁକୀ ହେଉଛନ୍ତି ଦ୍ୱିତୀୟ। ଏହାଙ୍କର ସହସ୍ର ଫଣା ରହିଛି। ଏହି ଫଣା ଦ୍ୱାରା ସେ ପୃଥିବୀକୁ ଟେକି ଧରିଛନ୍ତି। ଅଚଳ ମହାମେରୁ ପ୍ରବଳ ପରାକ୍ରମୀ ଶ୍ରୀବଳଭଦ୍ରଙ୍କୁ ତାଳଧ୍ୱଜ ରଥରେ ଟାଣିନେବା ପାଇଁ ଏହି ବାସୁକୀ ହିଁ ନିଜର ସେବା ସମର୍ପଣ କରିଥାନ୍ତି। ସେ ଭଗବାନ ବଳଭଦ୍ରଙ୍କର ପରମ ଭକ୍ତ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଦଉଡ଼ିର ନାମ ସ୍ୱର୍ଣ୍ଣଚୂଡ଼ ନାମକ ନାଗ। ଜଗଜ୍ଜନନୀ ଯୋଗମାୟା ପରଂବ୍ରହ୍ମ ସ୍ୱରୂପିଣୀ ମା' ସୁଭଦ୍ରାଙ୍କୁ ଓ କୋଟିସୂର୍ଯ୍ୟ ସମପ୍ରଭ ଶ୍ରୀସୁଦର୍ଶନଙ୍କୁ ରଥରେ ବସାଇ ଟାଣିବା ନିମନ୍ତେ ପରମ ଶକ୍ତିଶାଳୀ ସ୍ୱର୍ଣ୍ଣଚୂଡ଼ ଦଉଡ଼ି ରୂପରେ ଅବତୀର୍ଣ୍ଣ ହୋଇଥାନ୍ତି। ଭକ୍ତମାନେ ଏହି ସୁଦୀର୍ଘ ସ୍ୱର୍ଣ୍ଣଚୂଡ଼ ନାମକ ନାଗକୁ ଧରି ରଥ ଟାଣିଥାନ୍ତି। ମା'ଙ୍କର କରୁଣା ଲାଭ କରିବା ପାଇଁ ଏହି ଯାତ୍ରାକୁ ସ୍ୱର୍ଣ୍ଣଚୂଡ଼ ଅପେକ୍ଷା କରି ରହିଥାନ୍ତି। ଶ୍ରୀଜଗନ୍ନାଥ ମହପ୍ରଭୁଙ୍କ ନନ୍ଦିଘୋଷ ରଥର ରଜ୍ଜୁ ଭାବରେ ଅବତୀର୍ଣ୍ଣ ହୋଇଥାନ୍ତି ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ। ଏହି ଶଙ୍ଖଚୂଡ଼ ପ୍ରସିଦ୍ଧ ଅଷ୍ଟନାଗ (ଅନନ୍ତ, ବାସୁକୀ, ପଦ୍ମ, ମହାପଦ୍ମ, ତକ୍ଷକ, କୁଳୀର, କର୍କଟ ଓ ଶଙ୍ଖଚୂଡ଼) ମଧ୍ୟରୁ ଅନ୍ୟତମ। ଏହି ନାଗୁଣୀ ଅମିତ ପରାକ୍ରମଶାଳୀ ଓ ଜ୍ୟୋତିର୍ମୟୀ। ନିଜର ପ୍ରଚଣ୍ଡ ଶକ୍ତି ବଳରେ ସେ ସାତଗୋଟି ପର୍ବତର ଶକ୍ତି ବହନ କରିଥିବା ଅଖିଳ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥକୁ ଟାଣିନେବାର ମାଧ୍ୟମ ହୋଇଥାନ୍ତି। ଏହିପରି ଭାବେ ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ ଶ୍ରୀଗୁଣ୍ଡିଚା ଯାତ୍ରାରେ ନିଜର ସେବା ସମର୍ପଣ ଭାବ ପୋଷଣ କରି ଏହି ନାଗ ନାଗୁଣୀମାନେ ନିଜକୁ ଧନ୍ୟ ମଣିଥାନ୍ତି। ଭକ୍ତଗଣ ଏହି ଭକ୍ତିମତି ନାଗୁଣୀର ସହାୟତାରେ ମହାପ୍ରଭୁଙ୍କ ରଥକୁ ଅନାୟାସରେ ଆଗକୁ ଆଗକୁ ଟାଣି ନେଇଥାନ୍ତି।



ରଥଖଳାରେ ରଥର କଳସୀ ନିର୍ମାଣ କରାଯାଉଛି।

# ଚାଲିଛି ଦୁଆର ବେଢ଼ା କାମ

**ରଥଖଳାରୁ...**

**ପୁରୀ ଅଫିସ, ୨୯।୬**

ଜୁଲାଇ ୪ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିଲାଗି ଚଳଚଞ୍ଚଳ ରଥଖଳା। ଅକ୍ଷୟତୃତୀୟଠାରୁ ଆରମ୍ଭ ହୋଇଥିବା ରଥକାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା, ଭୋଇ, କମାର, ରୂପକାର ଏବଂ ଚିତ୍ରକର ସେବକମାନେ କାମରେ ବ୍ୟସ୍ତ ରହିଛନ୍ତି। ତିନିରଥର ତୃତୀୟ ଭୂଇଁ ଟୁଙ୍ଗୁରା ଯିବାପରେ ପୋଟଳ ଖମ୍ବି, ପୋଟଳ ଓରା ଉପରକୁ ଉଠି ପ୍ରଥମ ପରସ୍ତ ପୋଟଳ ତଥା ବଡଥଳି ପୋଟଳ ଉଠିଛି। ରଥର ତେର ପରସ୍ତ ପୋଟଳ କାମ ସରିଛି। ଅଁଳା ହଣା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଆର ବେଢା, କଳସ ଓ ଖପୁରି କାମ ଚାଲିଛି। ତେର ପରସ୍ତ ପୋଟଳର ୬ ଓ ୭ ନମ୍ବରକୁ ମିଶାଇ ପାରାଭାଡ଼ି ପ୍ରସ୍ତୁତ କରାଯାଏ। ଦର୍ପଦଳନ ରଥର ପାରା ଭାଡ଼ି ପ୍ରସ୍ତୁତ ଶେଷ ହୋଇ ରଙ୍ଗ ଦିଆ ସରିଛି। ଅନ୍ୟ ଦୁଇ ରଥର ପାରାଭାଡ଼ି କାମ ଚାଲିଛି। ଚାରି ନାହାକା ଚାରିପଟେ କଇଁଚି ବାଡ଼ିଆ କରାଯାଇଛି। ଏହା ଚାରି ନାହାକାକୁ ଶକ୍ତ ରଖିବ। ରଥରେ ତାଗ ବାଡ଼ିଆ କରାଯାଇଛି। ଗୟଳ ଉପରେ ବରଗା ଗୁଡ଼ିକ ହେଉଛି ତାଗ। ତାଗବାଡିଆ ସରିବା ପରେ ରଥରେ ପଟା ପଡ଼ିବ। ସେହିପରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରଙ୍ଗ କାମ ଚାଲିଛି। ଚିତ୍ରକର ସେବକମାନେ ଶିଖର ଡମ୍ବରୁ, ପାର୍ଶ୍ୱ ଦେବଦେବୀ, ସଖୀ, ଓଲଟ ଶୁଆ, ହଂସପଟା, କନ୍ୟାପଟା, ରକ୍ଷିପଟା, ଠେକରାବାଡ, ନାଟଗୋଡ ପ୍ରଭୃତି ରଙ୍ଗ କରୁଛନ୍ତି। ରୂପକାର ସେବକମାନେ ନାଟଗୋଡ଼ ଓ ସିଂହାସନ ନିର୍ମାଣରେ ଲାଗିଛନ୍ତି। ଦେଳବୋଦି କୋଣରେ କମାର ସେବକମାନେ କଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି।

**ଐତିହ୍ୟ ପୃଷ୍ଠାରୁ...**

# ଜଗନ୍ନାଥ ସଡ଼କ: ଐତିହ୍ୟର ସ୍ମାରକୀ



ନା ଥିଲା ଯାନବାହନ, ନା ଥିଲା ଗାଡ଼ିମୋଟର। ଅଖଣ୍ଡ ଭାରତବର୍ଷରେ ପାଦରେ ଚାଲି ଚାଲି ତୀର୍ଥ କରୁଥିଲେ ଲୋକେ। ତାଙ୍କୁ କୁହାଯାଉଥିଲା ତୀର୍ଥଯାତ୍ରୀ। ଶ୍ରୀଜଗନ୍ନାଥ ଧାମକୁ ତୀର୍ଥ କରିବା ପାଇଁ ବିଭିନ୍ନ ରାଜ୍ୟରୁ ଆସୁଥିଲେ ଭକ୍ତ। ସେମାନେ ମହାପ୍ରଭୁଙ୍କ ନାମ ନେଇ ପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରକୁ ଲମ୍ବିଥିବା ସଡ଼କରେ ଯିବାଆସିବା କରୁଥିଲେ। ସେହି ରାସ୍ତାଗୁଡ଼ିକ ପରିଚିତ ଥିଲା ଜଗନ୍ନାଥ ସଡ଼କ ନାମରେ। ସେହିଭଳି ଓଡ଼ିଶାରେ ୧୪ଟି ରାସ୍ତା ଜଗନ୍ନାଥ ସଡ଼କ ଭାବରେ ପରିଚିତ ଥିଲା।

ଘୋଡ଼ାଗାଡି ଓ ବଳଦଗାଡ଼ିରେ ଥିଲାବାଲା ରାଜା, ମହାରାଜା ଓ ଜମିଦାରମାନେ ସେହି ସଡ଼କରେ ଯା-ଆସ କରୁଥିଲେ। ସଡ଼କକୁ ସଜାଡ଼ି ଦେଉଥିଲେ ମଝିରେ ମଝିରେ ଆଞ୍ଚଳିକ ରାଜା ଓ ଖଣ୍ଡପାଳମାନେ।

ଅଖଣ୍ଡ ଭାରତବର୍ଷରୁ ଧାମକୁ ସଂଯୋଗ କରୁଥିବା ସଡ଼କଗୁଡ଼ିକ ଯେମିତି ଥିଲା ଐତିହ୍ୟର ନିଦର୍ଶନ, ଠିକ୍ ସେମିତି ସଡ଼କ ଦାଢରେ ଭକ୍ତ ପାଇଁ ଗଢି ଉଠିଥିବା ଚଟିଘର (ବିଶ୍ରାମସ୍ଥଳୀ), ପୋଖରୀ, ଦେବାଳୟ ଓ ଘାଟମୂଳ ଗଛ ଥିଲା ଐତିହ୍ୟର ସ୍ମାରକୀ। ମାସ ମାସ ଓ ବର୍ଷ ବର୍ଷ ଧରି ଚାଲି ଚାଲି ଏହି ସଡ଼କମାନଙ୍କରେ ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ମହାପୁରୁଷମାନେ ମଧ୍ୟ ଧାମରେ ପହଞ୍ଚିବାର ଇତିହାସ ବିରଳ ନୁହେଁ। ଯେଉଁଠି ବିଶ୍ରାମ ପାଇଁ ଅଟକୁଥିଲେ ସେ ସ୍ଥାନ ହୋଇଯାଉଥିଲା ପବିତ୍ରମୟ ଆସ୍ଥାନ।

ଏହିପରି ଶ୍ରୀଜଗନ୍ନାଥ ସଡ଼କ ସଂଖ୍ୟା ଅନୁସନ୍ଧାନରୁ ଯେଉଁ ୧୪ଟି ଜଣାପଡୁଛି ତା'ର ଐତିହ୍ୟ ଠିକ୍ ଭାବେ ସଜଡ଼ା ଯାଇପାରିନାହିଁ। ଏପରି କି ସଡ଼କ ଦାଢରେ ଗଢିଉଠିଥିବା ସ୍ମାରକୀଗୁଡ଼ିକର ଐତିହ୍ୟ ମଧ୍ୟ ସୁରକ୍ଷିତ ରଖିବା ପାଇଁ ଆକଳନ କରାଯାଇପାରିନାହିଁ। ଜଗନ୍ନାଥ ସଡ଼କଗୁଡ଼ିକ ପୂର୍ବ, ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଭାରତକୁ ସଂଯୋଗ କରୁଥିଲା। ଐତିହ୍ୟଗୁଡ଼ିକ ଲୋକଲୋଚନକୁ ଆସିବା ପରେ ଅନେକ ଅନାଲୋଚିତ ଦିଗ ଜଣାପଡ଼ିବ। ଜଗନ୍ନାଥ ସଡ଼କ ଆମ ପରମ୍ପରାରେ ପବିତ୍ରତାର ପ୍ରତୀକ ହୋଇସାରିଛି। ନୂଆ ଦରବ ଗୁଡ଼ିକୁ ଏକାଠି କରି ଜଗନ୍ନାଥ ସଡ଼କରେ ଝୋଟି ପକାଇ ଆମେ ମହାପ୍ରଭୁଙ୍କୁ ସମର୍ପଣ କରୁ। ବାଟପୂଜା ନାଁରେ ଆଜି ବି ସମଗ୍ର ଓଡ଼ିଶାରେ ଏ ପରମ୍ପରା ବଞ୍ଚିରହିଛି। ମହାପ୍ରଭୁଙ୍କ ରଥଦାଣ୍ଡ ଅର୍ଥାତ୍ ବଡ଼ଦାଣ୍ଡ ପରି ଧାମକୁ ଲମ୍ବିଥିବା ତଥା ବଡ଼ଦାଣ୍ଡକୁ ଛୁଉଁଥିବା ସଡ଼କକୁ ପବିତ୍ରତାର ପ୍ରତୀକ ଭାବରେ ଓଡ଼ିଆ ଜନଜୀବନରେ ଗ୍ରହଣ କରାଯାଉଥିଲା।

ଭକ୍ତ ପାଇଁ କୂଅଟିଏ ଖୋଳେଇଦେବା, ସଡ଼କ ଦାଢରେ ଗଛଟିଏ ଲଗାଇଦେବା, ବିଶ୍ରାମ ଥାନର ରକ୍ଷଣାବେକ୍ଷଣ କରିବା ରାସ୍ତାକଡ଼ର ଓଡ଼ିଆ ମଣିଷଟିଏ ନିଜର ମୌଳିକ କର୍ତ୍ତବ୍ୟ ବୋଲି ମନେ କରୁଥିଲା। ଅତିଥିକୁ ଦେବତା ମନେ କରି ବିପଦ ଆପଦରେ ସାହା ହେଉଥିଲା। ଗାଁରୁ ଆସି ସଡ଼କ ଛୁଇଁଲେ ଭାବାବେଗରେ ହାତଯୋଡ଼ି ଦେଉଥିଲା। ପ୍ରଭୁଙ୍କୁ ଟିକିଏ ସ୍ମରଣ କରି ତୁଣ୍ଡରୁ ବାହାରି ଆସୁଥିଲା ଜୟ ଜଗନ୍ନାଥ...।

– ଡ. ସୁରେନ୍ଦ୍ର କୁମାର ମିଶ୍ର

**ମୋ ଅନୁଭୂତିରୁ...**

# 'ଭାଇଚାରା, ବନ୍ଧୁତ୍ୱର ମିଳନ ସ୍ଥଳ ରଥଖଳା'

ନନ୍ଦିଘୋଷ ରଥର ରୂପକାର ସେବକ କାହ୍ନୁ ଚରଣ ମହାପାତ୍ର। ପିଲାବେଳେ ସ୍କୁଲ ଛୁଟି ହେଲେ ରଥଖଳାକୁ ଚାଲି ଆସୁଥିଲେ। ରବିବାର ଦିନସାରା ସେଠାରେ ରହି ବାପା, ଦାଦା ଏବଂ ଅନ୍ୟମାନଙ୍କ କାମ ନିରେଖି ଦେଖୁଥିଲେ। ସେ କହନ୍ତି, ପ୍ରଥମେ ଗାରିଆ କାମ ଶିଖିଲି। କାରଣ କାଠରେ ଖୋଦେଇ କରିବା ପୂର୍ବରୁ ଚିତ୍ର ଅଙ୍କନ କରାଯାଏ। ସମୟ ପାଇଲେ ନିହଣ ଧରି ଖୋଦେଇ କାମ ଶିକ୍ଷା ଆରମ୍ଭ କଲି। ଏଥିରେ ବାପା ଶ୍ରୀଧରଙ୍କର ବହୁ ଅବଦାନ ରହିଛି। ମୋ' ସହିତ ଅନ୍ୟ ଭାଇମାନେ ରଥଖଳାକୁ ଆସୁଥିଲେ। ବାପାଙ୍କ ତାଗିଦ୍, ଗାଳି ଏବଂ ବଡମାନଙ୍କ ଆଶୀର୍ବାଦରୁ ଆଜି ରୂପକାର ଭାବେ ନିଜ ପରିଚୟ ସୃଷ୍ଟି କରିପାରିଛି। ଭାଗ୍ୟରେ ଥିଲେ ରଥଖଳାରେ କାମ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ। ଏହି ସେବାରୁ ଆନନ୍ଦ ମିଳେ। ନୃସିଂହ ଚତୁର୍ଦ୍ଦଶୀଠାରୁ ଆମ କାମ ଆରମ୍ଭ ହୋଇଥାଏ। ସକାଳୁ ରଥଖଳାକୁ ଆସୁ। ଦିନ ସାରା କାମ କଲେ ବି ଥକ୍କା ଲାଗେନି। ଏ ସବୁ ମହାପ୍ରଭୁଙ୍କ କରୁଣା। ୨୦୧୫ରେ ଶାଢି ବନ୍ଧାଇଥିବା କାହ୍ନୁ ଚରଣ କହିଛନ୍ତି, ସେହି ବର୍ଷ ନବକଳେବର ପଡ଼ିଥିଲା। ଆମ ପାଇଁ ଚ୍ୟାଲେଞ୍ଜ ଥିଲା ଠିକ୍ ସମୟରେ କାମ ସାରିବା। ମହାପ୍ରଭୁଙ୍କୁ ଡାକିଥିଲୁ। ସବୁ କାମ ନିର୍ଦ୍ଧାରିତ ସମୟ ସୁଦ୍ଧା ଠିକ୍ ଭାବେ ସରିଥିଲା। ଏବେ ମୋତେ କାମରେ ମୋ' ପୁଅ ଓ ପୁତୁରାମାନେ ସହଯୋଗ କରୁଛନ୍ତି। ଆବଶ୍ୟକ ସମୟରେ ମୁଁ ସେମାନଙ୍କୁ ପରାମର୍ଶ ଦିଏ। ରଥଖଳା ହେଉଛି ଭାଇଚାରା ଓ ବନ୍ଧୁତ୍ୱର ଏକ ମିଳନ ସ୍ଥଳ। ଏକ ଅନୁଭୂତି ସମ୍ପର୍କରେ ସେ କହିଛନ୍ତି, ଦୁଇବର୍ଷ ତଳେ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେ ରୂପକାର ସେବା ବିଷୟରେ ପଚାରି ବୁଝିଥିଲେ। ଚଳିତବର୍ଷ ସେ ମହାପ୍ରଭୁଙ୍କ ଦର୍ଶନ ସାରି ରଥଖଳାରେ ଆସି ପହଞ୍ଚିଲେ। ମୁଁ ତାଙ୍କୁ ହଠାତ୍ ଦେଖି ଅବାକ୍ ହୋଇଯାଇଥିଲି। ମୋତେ ସେ କହିଲେ, ମୁଁ ଆପଣଙ୍କୁ ଖୋଜୁଥିଲି। କିଛି ସମୟ କଥାବାର୍ତ୍ତା ହେବା ପରେ ଚାଲିଯିବି। ସେ ମୋତେ ମନେ ରଖିଛନ୍ତି ଜାଣି ମୁଁ ବହୁତ ଖୁସି ହୋଇଥିଲି। ଏ ସବୁ ମହାପ୍ରଭୁଙ୍କ ଇଚ୍ଛା ବୋଲି କାହ୍ନୁ ଚରଣ କହିଛନ୍ତି।



କାହ୍ନୁ ଚରଣ ମହାପାତ୍ର

**ଅଣସର ଦର୍ଶନ ୧୧ ଦିନରେ**

# ନଟବର ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ନଟବର ବେଶ



ସର୍ବାଙ୍ଗ ଚନ୍ଦନ ବେଶ



ରାଜାଧିରାଜ ବେଶ



ରାଧା ଦାମୋଦର ବେଶ



ଘୋଡ଼ଲାଗି ବେଶ

**ବ୍ରହ୍ମଗିରି, ୨୯।୬(ଡି.ଏନ୍.ଏ.)**

ଦେବ ସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉମାନେ ମହାସ୍ନାନ ପରେ ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଛନ୍ତି। ଏପଟେ ମହାପ୍ରଭୁ ଅଲାରନାଥଙ୍କ ନିକଟରେ ଚାଲିଛି ଅଣସର ଦର୍ଶନ। ଶନିବାର ଥିଲା ଖଳିଲାଗି ଏକାଦଶୀ। ଏହି ଅବସରରେ ମହାପ୍ରଭୁଙ୍କୁ ଖଳିଲାଗି କରାଯାଇଥିବା ସମୟରେ ଅଲାରନାଥଙ୍କ ନଟବର ବେଶ ଅନୁଷ୍ଠିତ ହୋଥିଲା। ଏହି ନଟବର ବେଶ ଏକ ସ୍ୱତନ୍ତ୍ର ବେଶ। ଅଣସର ଦର୍ଶନ ସମୟରେ ପଡୁଥିବା ଏହି ଖଳିଲାଗି ଏକାଦଶୀ ଦିନ ଶ୍ରୀଜୀଉଙ୍କ ନଟବର ବେଶ ଅନୁଷ୍ଠିତ ହୋଇଥାଏ। ଶନିବାର ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ୪ଟା ୧୫ରେ ମଙ୍ଗଳ ଆଳତୀ, ୪ଟା ୩୦ରେ ଅବକାଶ, ୫ଟାରେ ମହାପ୍ରଭୂଙ୍କୁ ନଟବର ବେଶ କରାଯାଇ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ୫ଟା ୩୦ରେ ବଲ୍ଲଭ ଧୂପ ଓ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ନଟବର ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା।

## ଅଲାରନାଥଙ୍କ ବିଭିନ୍ନ ବେଶ

**ସର୍ବାଙ୍ଗ ଚନ୍ଦନ ବେଶ–** ଏହା ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ସପ୍ତମୀ ତିଥି ଅର୍ଥାତ ଚନ୍ଦନ ଯାତ୍ରାର ଶ୍ରୀକ୍ଷେତ୍ର ଭଉଁରୀ ଦିନ ହୋଇଥାଏ। ଏହି ଦିନ ୧୦ କିଲୋ ଚନ୍ଦନ କାଠ ଘୋରାଯାଇ ଶ୍ରୀ ଜିଉଙ୍କ ସର୍ବାଙ୍ଗ ଶରୀରରେ ଲେପନ କରାଯାଇଥାଏ।

**ରାଜାଧିରାଜ ବେଶ–** ଏହି ବେଶ ଦଶହରା, କାର୍ତ୍ତିକ ପୂର୍ଣ୍ଣମୀ ଓ ପୌଷ ପୂର୍ଣ୍ଣମୀରେ ଦେବାଭିଷେକ ପରେ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଶ୍ରୀ ଜିଉଙ୍କୁ ପଞ୍ଚତୀର୍ଥ ଜଳରେ ସ୍ନାନ କରାଯିବା ପରେ ବେଶ କରାଯାଇଥାଏ। ଏହି ବେଶରେ ଶ୍ରୀଜୀଉ ରାଜ ପୋଷାକ, ସୁନ କୀରଟି, ସୁନା ଚିତା, ସୁନା ହାର, ରୂପା ବାହୁଟି, ରୂପା ବାଜୁ, ରୂପା ବଟଫଳ ଓ ରୂପା ପାଉଁଜି ପିନ୍ଧିଥାନ୍ତି।

**ରାଧା ଦାମୋଦର ବେଶ–** ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଏହି ବେଶ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସରେ ରାଧ ଦାମୋଦରଙ୍କୁ ପୂଜା କରାଯାଉଥିବାରୁ ମାସ ଯାକ ଏହି ବେଶ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ଏହି ବେଶରେ ଠାକୁରଙ୍କୁ ସୁନା ଚିତା, ରୂପା ବାଜୁ ଓ ରୂପା ବଟ ଫଳ ପିନ୍ଧା ଯାଇଥାଏ। ପ୍ରାୟ ୩୦ରୁ ୩୫ଖଣ୍ଡ ଲୁଗାରେ ଧୋତି, ଚଦର, ଦୋଷଡ଼ା, କମର ପଟି ଓ ପଗଡ଼ିଦ୍ୱାରା ଠାକୁରଙ୍କୁ ବେଶ କରାଯାଇଥାଏ।

**ଘୋଡ଼ଲାଗି ବେଶ–** ଏହା ଓଡଣ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ଯନ୍ତ ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଠାକୁରଙ୍କ ସର୍ବାଙ୍ଗ ଶରୀରକୁ ଏକ ରେଶମ ଚଦରରେ ଆବୃତ୍ତ କରାଯାଇଥାଏ।

ସେହିପରି ଠାକୁରଙ୍କ ଚିତାଲାଗି ବେଶ, ବାଳକୃଷ୍ଣ ବେଶ, ଲକ୍ଷ୍ମୀନାରାୟଣ ବେଶ, ନୂଆ ଲୁଗା ଲାଗି ବେଶ ଅନୁଷ୍ଠିତ ହୋଇଥାଏ।

## ଶ୍ରୀମନ୍ଦିର ପ୍ରଶାସନ-ଘଣ୍ଟୁଆ ସେବାୟତ ଆଲୋଚନା

# ମନଇଚ୍ଛା ରଥରେ ଚଢ଼ିବେନି ଘଣ୍ଟୁଆ

**ପୁରୀ ଅଫିସ, ୨୯।୬**

ମନଇଚ୍ଛା ରଥ ଉପରକୁ ଚଢିପାରିବେନି ଘଣ୍ଟୁଆ ସେବାୟତ। ଏଥିରେ କଟକଣା ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ରଥଟଣାକୁ ସୁବ୍ୟବସ୍ଥିତ କରିବା ଲାଗି ଏପରି ନିଷ୍ପତ୍ତି ନିଆଯାଇଛି। ଶନିବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି ଘଣ୍ଟୁଆ ସେବାୟତ। ଗୋଟିଏ ଚକକୁ ଦୁଇ ଘଣ୍ଟୁଆ ସେବାୟତ ନିୟମ କଡ଼ାକଡ଼ି କରାଯିବ। ଅର୍ଥାତ୍ ଯେଉଁ ରଥରେ ଯେତୋଟି ଚକ ସେହି ରଥରେ ତା'ର ଡବଲ ସଂଖ୍ୟକ ଘଣ୍ଟୁଆ ସେବାୟତ ରହିବେ ବୋଲି ଘଣ୍ଟୁଆ ସେବାୟତଙ୍କୁ କୁହାଯାଇଛି।

ପ୍ରତିବର୍ଷ ବ୍ୟବସ୍ଥାବଳୀରେ କେଉଁ ରଥରେ କେତେ ସଂଖ୍ୟକ ଘଣ୍ଟୁଆ ରହିବେ ତାହା ଉଲ୍ଲେଖ କରାଯାଇଥାଏ। କିନ୍ତୁ ଠିକଣା ସମୟରେ ବ୍ୟବସ୍ଥାବଳୀ ଅଣଦେଖା ହୁଏ। ଧାର୍ଯ୍ୟ ଘଣ୍ଟୁଆ ସେବାୟତଙ୍କଠାରୁ ଅଧିକ ସଂଖ୍ୟକ ରଥରେ ଚଢିଥାନ୍ତି। ଫଳରେ ରଥ ଟାଣିବାରେ ବେଳେ ବେଳେ ଅସୁବିଧା ହୁଏ। ଚଳିତବର୍ଷ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ଶନିବାର ଶ୍ରୀମନ୍ଦିର ପ୍ରଶାସନ ଓ ଘଣ୍ଟୁଆ ସେବାୟତ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଛି। ଗୋଟିଏ ଚକକୁ ଦୁଇଜଣ ଘଣ୍ଟୁଆ ହିସାବ ନିଆଯାଇଛି। ଅର୍ଥାତ୍ ଯେଉଁ ରଥରେ ଯେତେ ଚକ ତାହାର ଡବଲ ଘଣ୍ଟୁଆ ଚଢିବେ। ତିନିରଥର ମୋଟ ଚକ ସଂଖ୍ୟା ୪୨ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨)। ତେଣୁ ମୋଟ ୮୪ ଜଣ ଘଣ୍ଟୁଆ ସେବାୟତ ତିନି ରଥରେ ରହିବେ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ଏବଂ ରାଜସ୍ୱ ଉପ ପ୍ରଶାସକ ମଧୁସୂଦନ ଦାଶ ଉପସ୍ଥିତ ଥିଲେ।



ମହାପ୍ରଭୁଙ୍କ ଧଳା ଛତି ତିଆରି କରୁଛନ୍ତି ଦରଜି ସେବକ।



ରଥରେ ଲାଗିବାକୁ ଥିବା ଓଲଟ ଶୁଆକୁ ରଙ୍ଗ କରାଯାଉଛି।



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରନ୍ତିନାହିଁ।
- କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### କ୍ଷତିପୂରଣ ଅବହେଳା ପ୍ରତିବାଦରେ ଧାରଣା

**ବାଲିପାଟଣା,୨୯।୬(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ ବାଲିପାଟଣା ବ୍ଲକରେ ବ୍ୟାପକ କ୍ଷତି ଘଟିଥିଲା। ଆଉ ଦିନ କେଇଟା ପରେ ବାତ୍ୟାକୁ ଦୁଇ ମାସ ପୂରିବାକୁ ବସିଥିବା ବେଳେ ଏହି ବ୍ଲକରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାରେ ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶନିବାର ଜୟଦେବ କୃଷକ ସୁରକ୍ଷା ମଞ୍ଚ ପକ୍ଷରୁ ବାଲିପାଟଣା ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। କୃଷକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା କିଶୋର ଜେନା କୁହନ୍ତି, ବାତ୍ୟାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଘରଭଙ୍ଗା ଟଙ୍କା ଦେବାରେ ବିଳମ୍ବ ହେଉଛି। ଚାଷୀଙ୍କୁ ମାଗଣା ବିହନ ଓ କୀଟନାଶକ ଔଷଧ ଦିଆଯାଇନାହିଁ। ପାନ, ପରିବା ଓ ଅର୍ଥକାରୀ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର

**ଭୁବନେଶ୍ୱର, ୨୯।୬(ବ୍ୟୁରୋ):** କ୍ୟାପିଟାଲ ଥାନା ସଡ଼କ ବସ୍ତିରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ରହୁଥିବା ଘରର ଛପର ପାଇଁ ଆଜବେଷ୍ଟସ୍ ପକାଉଥିବାବେଳେ ଅସାବଧାନତାବଶତଃ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କ ବେକ, ହାତ ଓ ଗୋଡ଼ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଶ୍ରମିକ ଜଣକ ହେଲେ ଗଞ୍ଜାମର ରିତୁ ବେହେରା। ଦୁର୍ଘଟଣା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରିତୁଙ୍କ ଘର ଗଞ୍ଜାମରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଶ୍ରମିକ ଭାବେ କାମ କରନ୍ତି। ଶନିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ରିତୁ ନିଜ ଘର ଉପରେ ଆଜବେଷ୍ଟସ୍ ପକାଉଥିଲେ। ଏହି ସମୟରେ ତାଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। ଫୋନ୍‌ରେ କଥା ହେଉଥିବାବେଳେ ଅନ୍ୟମନସ୍କ ହୋଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଯାଇ ତଳକୁ ଖସି ପଡ଼ିଥିଲେ। ତାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଛି।

### ଯୁବ ପ୍ରଗତିସାଥୀଙ୍କୁ ସମ୍ବର୍ଦ୍ଧିତ କଲା ବିଏସ୍‌ସିଏଲ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ):** ବାତ୍ୟା 'ଫନୀ' ପରବର୍ତ୍ତୀ ବିଭିନ୍ନ ସାମାଜିକ କାର୍ଯ୍ୟକୁ ନିରନ୍ତର ଭାବେ କରି ଆସିଥିବା ୩୫ଜଣ ପ୍ରଗତିସାଥୀଙ୍କୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଏସ୍‌ସିଏଲ୍ ମୁଖ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଏମ୍‌ସି କମିଶନର ତଥା ବିଏସ୍‌ସିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ ଯୋଗଦେଇ କହିଲେ, ପ୍ରଗତିସାଥୀମାନେ ଆହୁରି ଅଧିକ ପରିଶ୍ରମ କରି ଭୁବନେଶ୍ୱରକୁ ସୁନ୍ଦରମୟ କରିବା ଆବଶ୍ୟକ। ଫନୀ ପରେ ସେମାନେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ନିଶ୍ଚୟ ପ୍ରଶଂସନୀୟ ବୋଲି ସେ କହିଥିଲେ। ବିଏସ୍‌ସିଏଲର ପ୍ରଶାସନିକ ପରିଚାଳକ ସରୋଜ ସ୍ୱାଇଁ କହିଲେ, ବର୍ତ୍ତମାନର ଯୁବପିଢ଼ୀ ସବୁ ଜାଣିବାରେ ଆଗ୍ରହୀ ଅଛନ୍ତି। ସେମାନେ ତାଙ୍କ କର୍ତ୍ତବ୍ୟ ଓ କାର୍ଯ୍ୟଭାର ସଠିକ୍ ଭାବେ ତୁଲାଇବାରେ ସକ୍ଷମ। ସୋସିଆଲି ସ୍ମାର୍ଟ ପ୍ରୋଜେକ୍ଟରେ ଆମକୁ ମିଳିଥିବା ପ୍ରଗତିସାଥୀମାନେ ଭୁବନେଶ୍ୱରକୁ ଉନ୍ନତ ଓ ବିକଶିତ କରିବା ଲାଗି ନିଜେ ନେତୃତ୍ୱ ନେଉଛନ୍ତି ଓ ଆଗକୁ ମଧ ନେବେ ବୋଲି ସେ କହିଛନ୍ତି। ପ୍ରଗତିସାଥୀମାନେ ଫନୀ ସମୟରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ଠାରୁ ଆରମ୍ଭ କରି ପାନୀୟ ଜଳ, ସଫେଇ, ଗଛ ଉଠାଇବା, ଲୋକଙ୍କୁ ସ୍ଥାନାନ୍ତରିତ କରିବା ପରି କାର୍ଯ୍ୟରେ ସହଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଅଧିକାଂଶ ବସ୍ତିରେ ଫନୀ ପରର ସଫେଇ କାର୍ଯ୍ୟ ପ୍ରଗତିସାଥୀମାନେ ହିଁ କରିଛନ୍ତି। ସେମାନଙ୍କୁ ଏନେଇ ବିଏସ୍‌ସିଏଲ ପକ୍ଷରୁ ତାଲିମ୍ ଯୋଗାଇ ଦିଆଯାଉଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱରର ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ବସ୍ତିରୁ ଏନେଇ ଯୁବତୀଯୁବକଙ୍କୁ ଏହି ପ୍ରୋଜେକ୍ଟରେ ସାମିଲ କରାଯାଉଛି। ଭୁବନେଶ୍ୱରକୁ ସାମାଜିକ ସ୍ତରରେ ଉନ୍ନତ ଓ ବିକଶିତ କରିବା ଲାଗି ଚେଷ୍ଟା ଜାରି ରହିଛି ବୋଲି ବିଏସ୍‌ସିଏଲର ସାମାଜିକ ପ୍ରକଳ୍ପ ପରିଚାଳକ ଦିପ୍ତୀ ରଞ୍ଜନ ସାହୁ କହିଥିଲେ।

## ଲୁଟ୍,ଚୋରି, ଡକାୟତି ବଢ଼ିଯିବା ପରେ ଚେତିଲା ପୋଲିସ

# ଜେଲ୍ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

- ଥାନା ଅଧିକାରୀଙ୍କୁ ନେଇ ପୋଲିସ କମିଶନରଙ୍କ ବୈଠକ
- ଆହୁରି କଡ଼ାକଡ଼ି ହେବ ପାଟ୍ରୋଲିଂ, ବ୍ଲକିଂ
- ବସ୍ତି ଉପରେ ରହିବ ଫୋକସ୍

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ରାଜଧାନୀରେ ବାରମ୍ବାର ସିରିଜ୍ ଲୁଟ୍ ହେଉଛି। ଚୋରି ଓ ଡକାୟତି ମଧ୍ୟ ବଢ଼ି ଚାଲିଛି। ବିଳମ୍ବରେ ହେଉ ପଛେ କମିଶନରେଟ ପୋଲିସର ଚେତା ପଶିଛି। ଏଭଳି ଅପରାଧକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ସେନେଇ ଶନିବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସମସ୍ତ ଥାନା ଅଧିକାରୀଙ୍କୁ ଡାକି ଆଲୋଚନା କରିଛନ୍ତି। ଜେଲ୍ ଫେରନ୍ତାଙ୍କୁ ଚିହ୍ନଟ, ଅପରାଧୀଙ୍କ ଆଡ୍ଡାସ୍ଥଳ ଠାବ ଉପରେ ଗୁରୁତ୍ୱ ଦିଆଯିବା ସହ ଚୋରା ବନ୍ଧୁକ ଓ ନିଶା କାରବାର ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ,ଜୋନ୍ ଏସିପି ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଓ କ୍ୟୁଏଟି ମୁଖ୍ୟମାନେ ମଧ୍ୟ ସେମାନଙ୍କ ପ୍ରସ୍ତାବ ରଖିଥିଲେ।

ବିଶେଷ କରି ଯେଉଁ ଥାନାଞ୍ଚଳରେ ଏଭଳି ଅପରାଧ ବହୁମାତ୍ରାରେ ବଢ଼ି ଯାଇଛି ସେସବୁ ଥାନାଧିକାରୀଙ୍କୁ କମିଶନର କଡ଼ା ନିର୍ଦ୍ଦେଶ ଦେଇଥିଲେ। କିଭଳି ତଦନ୍ତ କରାଯାଇ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ ହେବ ତାହା ଉପରେ ଗୁରୁମନ୍ତ୍ରଣା ଦେଇଥିଲେ। ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ବାରମ୍ବାର ଅପରାଧ ଘଟାଉଥିବା ଅପରାଧୀଙ୍କୁ ଚିହ୍ନଟ ଓ ଗିରଫ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଜେଲ ଫେରନ୍ତା ଅପରାଧୀମାନେ ଉତ୍ପାତ କରୁଥିବା ନେଇ ପ୍ରମାଣ ମିଳିଥିବାରୁ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ପୋଲିସ କମିଶନର। ପୋଲିସ ଯେଉଁ ପେଶାଦାର ଅପରାଧୀଙ୍କ ବିରୋଧରେ ଆଇପିସି ଦଫା ୧୧୦ (ଅଭ୍ୟାସଗତ ଅପରାଧୀ) ଲଗାଇ କୋର୍ଟ ଚାଲାଣ କରିଥିଲା, ସମାନେ ୫ମାସ ଜେଲରେ ରହିବା ପରେ ନିକଟରେ ଜାମିନରେ ବାହାରି ପୁଣି ସକ୍ରିୟ ହୋଇଉଠିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରାଯାଇ ଏକ ତାଲିକା କରାଯିବ। ଏହାପରେ ସେମାନେ ଉପରେ ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିବ। ସେମାନେ କୌଣସି ଅପରାଧ ଘଟାଇବା ପୂର୍ବରୁ ଗିରଫ କରାଯାଇ ପୁଣି କୋର୍ଟ ଚାଲାଣ କରିବାକୁ ପୋଲିସ କମିଶନର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଗକୁ ପାଟ୍ରୋଲିଂ ଓ ବ୍ଲକିଂ କଡାକଡି କରାଯିବ। ଅନେକ ସମୟରେ ରାତି ଗୋଟାଏ ପରେ ପୋଲିସ ଅଫିସରମାନେ ବ୍ଲକିଂ ନ କରି ଫେରିଯାଇଥାନ୍ତି। କିନ୍ତୁ ଏଥର ରାତି ୯ଟାରୁ ସକାଳ ୬ ପର୍ଯ୍ୟନ୍ତ ବ୍ଲକିଂ କରିବାକୁ କୁହାଯାଇଛି। ଆହୁରି ମଧ୍ୟ ଗିରଫ ହେଉଥିବା ଅଧିକାଂଶ ଅଭିଯୁକ୍ତ ଓ ଅପରାଧୀ ରାଜଧାନୀର ବସ୍ତି ଅଞ୍ଚଳରେ ରହୁଛନ୍ତି। ତେଣୁ ପୋଲିସ ଏଥର ବସ୍ତି ଉପରେ ସ୍ୱତନ୍ତ୍ର ଫୋକସ ଦେଇଛି। ପ୍ରତି ସପ୍ତାହରେ ପୋଲିସ ବସ୍ତିକୁ ଯାଇ ଲୋକଙ୍କୁ ଏନେଇ ବୁଝାଇବ। ଯଦି କେହି ଅଜଣା ବ୍ୟକ୍ତି ବସ୍ତିରେ ଘର ଭଡା ନେଇ ରହୁଛନ୍ତି ବା କାହା ଉପରେ ସନ୍ଦେହ ହେଉଛି ତୁରନ୍ତ ଥାନାକୁ ଜଣାଇବାକୁ କୁହାଯିବ। ଅନେକ ସମୟରେ ଅପରାଧୀମାନେ ଅପରାଧ ଘଟାଇବା ପରେ ନିଜ ଗ୍ରାମକୁ ପଳାଇ ଯାଉଛନ୍ତି। ଗାଁରେ କିଛି ଦିନ ରହିବା ପରେ ପୁଣି ଭୁବନେଶ୍ୱରକୁ ଆସି ଅନ୍ୟ ବସ୍ତିରେ ରହି ଅପରାଧ ଘଟାଉଛନ୍ତି। ଯାହାଫଳରେ ପୋଲିସ ସେମାନଙ୍କୁ ଗିରଫ କରିବାରେ ଯଥେଷ୍ଟ ସମସ୍ୟା ହେଉଛି। ତେଣୁ ଏଭଳି ଅପରାଧୀଙ୍କୁ କିଭଳି ଗିରଫ କରାଯିବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଥାନାରେ ପଡି ରହିଥିବା ମାମଲାକୁ ତୁରନ୍ତ ଶେଷ କରିବାକୁ ପୋଲିସ କମିଶନର ମହାନ୍ତି ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସ୍ପେଶାଲ ସ୍କ୍ୱାଡ୍ ଓ କ୍ୟୁଏଟିଙ୍କୁ ଆହୁରି ସକ୍ରିୟ ରହିବା ସହ ବନ୍ଧୁକ ବେପାରି ଓ ନିଶା ମାଫିଆଙ୍କୁ ସାବାଡ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ଉଲ୍ଲେଖନୀୟ ଅବଦାନ ଲାଗି

# ନାଲ୍କୋ ପାଇବ ରାଷ୍ଟ୍ରପତି ପୁରସ୍କାର



ଭୁବନେଶ୍ୱର,୨୯-୬

ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ (ନାଲ୍କୋ) ଏହାର ଅଲିଅଳ ଝିଅ ଯୋଜନା ଲାଗି ରାଷ୍ଟ୍ରପତି ପୁରସ୍କାର ଲାଭ କରିବ। ସିଏସ୍‌ଆର୍ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀଙ୍କୁ ଏହି ପୁରସ୍କାର ମିଳିବ। ଅଲିଅଳ ଝିଅ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ଲାଗି ଜାତୀୟ ସ୍ତରରେ ଏଭଳି ଏକ ପୁରସ୍କାର ଲାଗି କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନାଲ୍କୋକୁ ଚୟନ କରାଯାଇଛି। ଏହି ସଫଳତା ପାଇଁ କମ୍ପାନୀ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଅଂଶୀଦାର ଏବଂ ନାଲ୍କୋ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ବାଳିକା ଶିକ୍ଷାକୁ ପ୍ରୋତ୍ସାହନ ଏବଂ ମହିଳା ସଶକ୍ତୀକରଣ ଦିଗରେ ଆରମ୍ଭ ହୋଇଥିବା ଏଭଳି ପଦକ୍ଷେପ ଏକ ଉଦାହରଣ ପାଲଟିଥିବା ଅଧ୍ୟକ୍ଷ ଚାନ୍ଦ କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ ସହ ବାଳିକାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କମ୍ପାନୀ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ଦ୍ୱାରା ୪୫ ବିଦ୍ୟାଳୟର ୪୧୬ ଛାତ୍ରୀଙ୍କୁ ଅଲିଅଳ ଝିଅ ଭାବେ ଗ୍ରହଣ କରାଯାଇଛି।

# ଭୁବନେଶ୍ୱର ରାଉଣ୍ଡ ଟେବୁଲ୍ ୫୩ର ଶିକ୍ଷା ପ୍ରୋତ୍ସାହନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୯-୬

ସ୍କୁଲ ଶିକ୍ଷାରୁ ବଞ୍ଚିତ ହେଉଥିବା ଶିଶୁଙ୍କ ଉନ୍ନତି ଲାଗି କାର୍ଯ୍ୟ କରିବାକୁ ୧୯୯୬ରେ ରାଉଣ୍ଡ ଟେବୁଲ ଇଣ୍ଡିଆ ପ୍ରୟାସ ଆରମ୍ଭ କରିଥିଲା। ଦୁର୍ବଳ ବର୍ଗର ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ବିକାଶ ଦିଗରେ ସଂସ୍ଥା ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଉନ୍ନତ ସ୍କୁଲ ଶିକ୍ଷା ପ୍ରଦାନ ଲାଗି ୧୯୯୮ରେ ଫ୍ରିଡମ୍ ଥ୍ରୋ ଏଜୁକେଶନ ନାମରେ ଜାତୀୟ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ଧାରାରେ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛି। ୨୦୩୦ ସୁଦ୍ଧା ୧୧,୦୦୦ କ୍ଲାସରୁମ ନିର୍ମାଣ ଲାଗି ଏହି ପ୍ରକଳ୍ପଗୁଡିକରେ ଯୋଜନା ଧାର୍ଯ୍ୟ ହୋଇଛି। ଏହା ଦ୍ୱାରା ୪୫ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ। ରାଉଣ୍ଡ ଟେବୁଲ ଭୁବନେଶ୍ୱର ପକ୍ଷରୁ ୩ଟି ପ୍ରକଳ୍ପ ଉଦ୍‌ଘାଟନ ହୋଇଛି। ଏହା ମଧ୍ୟରେ ଜଗତସିଂହପୁରର ଆଶ୍ରା ସ୍ପେଶାଲ ସ୍କୁଲ ୧, ୨, ଚୌଦ୍ୱାର କଲ୍ୟାଣପୁରଠାରେ ସରସ୍ୱତୀ ଶିଶୁ ମନ୍ଦିରର ଟଏଲେଟ ବ୍ଲକ ଭଳି ପ୍ରକଳ୍ପ ସାମିଲ ରହିଛି।

## ୭ ମାସ ହେଲା ଘୋଷଣା ହେଉନି ଅଧ୍ୟାଦେଶ

# ବେସରକାରୀ ସ୍କୁଲ ପାଇଁ ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ ଦାବି

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ ସମୟରେ ମନଇଚ୍ଛା ଫି' ବୃଦ୍ଧି କରି ଶୋଷଣ କରି ଚାଲିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏନେଇ ଅଭିଯୋଗ ଓ ଦାବି ପରେ ସରକାର ଫି' ଆଦାୟ ସଂକ୍ରାନ୍ତରେ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଇତିମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛି। ହେଲେ ଗତବର୍ଷ ସେପ୍ଟେମ୍ବରରୁ ଏହି ଫି' ସଂକ୍ରାନ୍ତ ଅଧ୍ୟାଦେଶ ଘୋଷଣା ଅପେକ୍ଷାରେ ରହିଛି। ଏଥିସହ ଅଭିଯୋଗ ଆସିଥିବା ସ୍କୁଲ୍ ବିରୋଧରେ କାରଣ ଦର୍ଶାଓ ନୋଟିସ୍ ଜାରି ହେବା ସହ ତାଗିଦ୍ ମଧ୍ୟ କରାଯାଇଛି। ଏବେ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଶୋଷଣ ବଢ଼ି ଚାଲିଛି। ସରକାର ଶୀଘ୍ର ଉକ୍ତ ଅଧ୍ୟାଦେଶ ଘୋଷଣା ନ କଲେ ପରିସ୍ଥିତି ଦିନକୁ ଦିନ ଆହୁରି ଜଟିଳ ହେବ। ତେଣୁ ବିଜ୍ଞପ୍ତି ପ୍ରକାଶ ସହ ବେସରକାରୀ ସ୍କୁଲ୍ ପାଇଁ ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ କରିବାକୁ ଅଭିଭାବକ ସଂଘ ଦାବି କରିଛି। ଆଗାମୀ ଦିନରେ ୧ ଏକ ଲକ୍ଷ ଅଭିଭାବକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପାଇଁ ଅଭିଭାବକ ମହାସଂଘ ଯୋଜନା ରଖିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୃଗୁମୋହନ ପଟ୍ଟନାୟକ, ଆଶୁତୋଷ ନନ୍ଦ, ନନ୍ଦକିଶୋର ମଲ୍ଲିକ, ଶୁଭଦୀପା ମହାନ୍ତି, ଲିଲି ଜେନାମଣି ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ଫେରାର ବିଲଡର ଗିରଫ

**ପୁରୁଣା ଭୁବନେଶ୍ୱର, ୨୯।୬ (ଡି.ଏନ.ଏ.)** ଏୟାରଫିଲ୍ଡ ଥାନା ପୋଲିସ ଶନିବାର ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିଲଡର ଯମେଶ୍ୱର ନାଥଶର୍ମା। ଏହିଥାନା ଅଧୀନ ସୁନ୍ଦରପଦା-ଜଟଣୀ ରାସ୍ତାରେ ଥିବା ହାଇଟେକ ପ୍ଲାଜାର 'ଏ' ବ୍ଲକର ଫ୍ଲାଟ ନଂ. ୪ରେ ରୁହନ୍ତି। ୫ ବର୍ଷ ତଳେ ସେ ଜଣେ ବ୍ୟକ୍ତିଙ୍କୁ ଫ୍ଲାଟ ଦେବାକୁ କହି ୩୫ ଲକ୍ଷ ଟଙ୍କା ଅଗ୍ରୀମ ଆଣିଥିଲେ। ସେ ଦିନ ଗଡାଇ ଚାଲିବାରୁ ବ୍ୟକ୍ତିଜଣକ ତାଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟରେ ଆଶ୍ରୟ ନେଇଥିଲେ। ୱାରେଣ୍ଟ ବଳରେ ଫେରାର ଥିବା ବିଲଡର ଯମେଶ୍ୱରଙ୍କୁ ପୋଲିସ ଗିରଫ କରିଥିଲା।

### ଗ୍ରୀନ୍ ୱାର୍ଲଡର 'ମିଶନ ଗ୍ରୀନ୍ ଡ୍ରାଇଭ' ଆରମ୍ଭ

## ଲଗାଯିବ ୭ହଜାର ଚାରା

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଭୁବନେଶ୍ୱରକୁ ସବୁଜ ସୁନ୍ଦର କରିବା ପାଇଁ ୧୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବୃକ୍ଷରୋପଣ ଓ ଏନେଇ ସଚେତନତା ସୃଷ୍ଟି କରି ଆସୁଥିବା ଗ୍ରୀନ୍‌ୱାର୍ଲଡ ପକ୍ଷରୁ ଶନିବାର ଆରମ୍ଭ ହୋଇଛି 'ମିଶନ ଗ୍ରୀନ ଡ୍ରାଇଭ୍-୨୦୧୯'। ଏଜି କଲୋନୀ ଖେଳ ପଡିଆରେ ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ କାରିଗରୀ କୌଶଳ, ଭିନ୍ନକ୍ଷମ କଲ୍ୟାଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଶୁଭାରମ୍ଭ କରିଥିଲେ। ପରେ ପଡ଼ିଆରେ ବିଭିନ୍ନ ପ୍ରଜାତିର ଔଷଧୀୟ, ଫଳ, କାଠ ଜାତୀୟ ୭୦୦ ଚାରା ରୋପଣ କରାଯାଇଥିଲା। ଏହି ଅଭିଯାନରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲ, କଲେଜ, ରାସ୍ତା କଡରେ ଚଳିତ ବର୍ଷା ଋତୁରେ ୭ ହଜାର ଚାରା ରୋପଣ କରାଯିବ ବୋଲି ଗ୍ରୀନ୍ ୱାର୍ଲଡ ଅଧ୍ୟକ୍ଷ ନୃପେଶ ନାୟକ କହିଛନ୍ତି। ଏଜି କଲୋନୀରେ ୨୦୧୫ ଓ ୨୦୧୭ରେ ୨୫୦ ଓ ୧୫୦୦ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଇଂଲିଶ ମିଡ଼ିୟମ ସ୍କୁଲର ଛାତ୍ରୀଛାତ୍ର, ସ୍ଥାନୀୟ ବାସିନ୍ଦା, ମହିଳା ସଂଘ, ନାଗରିକ ମଞ୍ଚ, ଏଜି କଲୋନୀ ବାସିନ୍ଦା, ଏଜି କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ।

## ବିଏମ୍‌ସିର ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ

# ୬ଶହ କେଜି ପଲିଥିନ ଜବତ

**୬୫, ୯୦୦ ଟଙ୍କା ଜରିମାନା ଆଦାୟ**

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ବାରଣ କରାଯାଇଥିବା ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରକାରୀଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ବାରମ୍ବାର ଚେତାବନୀ ଦେବା ପରେ ଚଳିତମାସରେ ଲଗାତାର ଚଢାଉ କରିଛି। ଏହି ଚଢାଉରେ ୬ ଶହ କେଜି ପଲିଥିନ ଜବତ କରିଥିବା ବେଳେ ୬୫, ୯୦୦ ଟଙ୍କା ଜରିମାନା ଆଦାୟ କରିଛି। ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟର ମାସିକ କାର୍ଯ୍ୟର ଶନିବାର ଶେଷଦିନ ହୋଇଥିବାରୁ ବିଏମ୍‌ସି ପକ୍ଷରୁ ଏହା ପ୍ରକାଶ ପାଇଛି। ଜୁନ୍ ୭ରୁ ୧୩ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟ ଓ ଜୁନ୍ ୧୭ରୁ ୨୯ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟରେ ସେଣ୍ଟ୍ରାଲ ସ୍କ୍ୱାଡ ଦ୍ୱାରା ଏହି ଚଢାଉ କରାଯାଇଥିବା ବେଳେ ପ୍ରତି ବୁଧବାର ମାଛ ଓ ମାଂସ ବଜାରରେ ଚଢାଉକୁ ଜୋରଦାର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପ୍ଲାଷ୍ଟିକ୍ ଓ ପଲିଥିନ୍ ଧରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲଲ୍ ଡେପୁଟି କମିଶନର୍‌ମାନଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ ହେବା ପରେ ଚଢାଉକୁ ଜୋରଦାର କରାଯାଇଥିଲା। ଭୁବନେଶ୍ୱର ଉତ୍ତର, ମଧ୍ୟ ଓ ଏକାମ୍ର ତିନୋଟି ଜୋନରେ ଏହି ଚଢାଉ ମାସ ସାରା ଜାରି ରହିଥିଲା। ସୂଚନାଯୋଗ୍ୟ, ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ସ୍କ୍ୱାଡ ଦିନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କମିଶନରେଟ୍ ପୋଲିସ ସହଯୋଗରେ ସହରର ବିଭିନ୍ନ ମାର୍କେଟ ଉପରେ ଚଢାଉ କରିବେ। ଏ ଦିଗରେ ଜନସଚେତନତା ପାଇଁ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବିଏମ୍‌ସି ପକ୍ଷରୁ ତାଲିମ ଦିଆଯାଇଛି।

## ଧରାହେଲା ଉତ୍ପାତ ପାତିମାଙ୍କଡ଼

**ବାରଙ୍ଗ,୨୯।୬(ଡି.ଏନ୍.ଏ.)** ରଘୁନାଥପୁର ଗ୍ରାମମୁଣ୍ଡରେ ଥିବା ରୟାଲଲାଗୁନ ନାମକ ଆପର୍ଟମେଣ୍ଟରେ ଉତ୍ପାତ କରୁଥିବା ଏକ ପାତିମାଙ୍କଡକୁ ଧରାହୋଇ ଚନ୍ଦକା ଜଙ୍ଗଲରେ ଛଡାଯାଇଛି। ଏହି ପାତିମାଙ୍କଡଟି ଗତ କିଛିଦିନ ହେବ ଏହି ଆପାର୍ଟମେଣ୍ଟର ଘର ଭିତରେ ପଶି ପନିପରିବା ଖାଇବା ସହ ଯିବାଆସିବା ଲୋକମାନଙ୍କୁ କାମୁଡିବାକୁ ପଛାଇ ନ ଥିଲା। ଏହି ମାଙ୍କଡ କାମୁଡାରେ ୫ଜଣ ଆହତ ହେବା ପରେ ଆପର୍ଟମେଣ୍ଟରେ ରହୁଥିବା ଲୋକେ ସିଟି ଡିଏଫ୍‌ଓଙ୍କ ପାଖରେ ଅଭିଯୋଗ କରିଥିଲେ। ସିଟିଡିଏଫଓ ଅଶୋକ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଓ ନନ୍ଦନକାନନର ସହାୟତାରେ ପାତିମାଙ୍କଡଧରା ଅଭିଯାନ ଶନିବାର ଦ୍ୱିପ୍ରହରରେ ଆରମ୍ଭ ହୋଇଥିଲାପ। ନନ୍ଦନକାନନର ଫରେଷ୍ଟଗାର୍ଡ ରାମଚନ୍ଦ୍ର କାଣ୍ଡିଙ୍କ ନେତୃତ୍ୱରେ ୩ଜଣିଆ ଦଳ ଦୁଇଘଣ୍ଟାକାଳ ପରିଶ୍ରମ କରିବା ପରେ ଉତ୍ପାତ ପାତିମାଙ୍କଡକୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ଏହି ମାଙ୍କଡକୁ ଚନ୍ଦକା ଜଙ୍ଗଲରେ ଛଡାଯାଇଥିଲା।

## ବ୍ୟବସାୟୀଙ୍କୁ ଅପହରଣ ଘଟଣା

# ୩ ଅଭିଯୁକ୍ତଙ୍କୁ କାବୁକଲା ପୋଲିସ

**କାର୍ ଓ ବନ୍ଧୁକ ଜବତ**

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୧ରେ ରହୁଥିବା ବ୍ୟବସାୟୀ ଶିବସୁନ୍ଦର ଦାଶଙ୍କୁ ଗତ ୭ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ କାର୍ ସହ ଅପହରଣ କରି ନେଉଥିବାବେଳେ ଦୁର୍ଘଟଣା ଯୋଗୁ ସଫଳ ହୋଇପାରି ନ ଥିଲେ। ଏହି ଘଟଣାରେ ନୟାପଲ୍ଲୀ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ୩ଜଣ ଅଭିଯୁକ୍ତଙ୍କୁ ଆଠଗଡ଼ ଏବଂ ତିଗିରିଆରୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ କାର ଓ ବନ୍ଧୁକ ମଧ୍ୟ ଜବତ କରିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ପାଇଛି। ସେମାନେ କାର ଲୁଟ ପାଇଁ ଉଦ୍ୟମ କରିଥିଲେ। ଏପରି କି ଶିବସୁନ୍ଦରଙ୍କୁ ମୁଣ୍ଡଜାମିନ ରଖି ପରିବାରଠାରୁ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟ ଥିଲା ବୋଲି ଅଭିଯୁକ୍ତମାନେ କହିଛନ୍ତି। ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ଅନ୍ୟ ଏକ କାର ଚୋରା ହୋଇଥିବାରୁ ସେ ସମ୍ପର୍କରେ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ୟାଙ୍ଗ୍ ଲୁଟ୍, ଅପହରଣ, ଚୋରି ଆଦି କରିଥାନ୍ତି। ସେମାନେ ରାଜଧାନୀରେ ଅପରାଧ ପାଇଁ ବହୁ ପୂର୍ବରୁ ଯୋଜନା କରିଥିଲେ। ଏଥିପାଇଁ ୧୫ଦିନ ପୂର୍ବରୁ ଭୁବନେଶ୍ୱର ଆସି ସାଲିଆସାହି ବସ୍ତିରେ ରହୁଥିଲେ। ଗତ ୭ ତାରିଖ ରାତିରେ କାର ଲୁଟ କିମ୍ବା ଚୋରି ପାଇଁ ସୁଯୋଗ ଖୋଜୁଥିଲେ। ଉକ୍ତ ରାତିରେ ବିଦ୍ୟୁତ୍ ନ ଥିବା ଓ ପ୍ରବଳ ଗରମ ହେଉଥିବାରୁ ବ୍ୟବସାୟୀ ଶିବ ସୁନ୍ଦର ଘର ନିକଟ ବାହାରେ ଥିବା ନିଜ କାର ଭିତରେ ଏସି ଲଗାଇ ଶୋଇଥିଲେ। ଅଭିଯୁକ୍ତଙ୍କ ନଜର ପଡ଼ିବା ପରେ ଲୁଟ୍ ଓ ଅପହରଣ କରିନେବାକୁ ଯୋଜନା କରିଥିଲେ। ଅଭିଯୁକ୍ତମାନେ ଅନ୍ୟ ଏକ ଚୋରି କାର୍‌ରେ ଆସି ସେଠାରେ ପହଞ୍ଚିବା ପରେ ଡୋର୍ ବାଡେଇ ଶିବସୁନ୍ଦରଙ୍କୁ ନିଦରୁ ଉଠାଇଥିଲେ। ସେ କିଛି ବୁଝିବା ପୂର୍ବରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କାର ସହ ତାଙ୍କୁ ଅପହରଣ କରିନେଉଥିଲେ। ସକାଳ ପ୍ରାୟ ୪ଟା ହୋଇଯାଇଥିବାରୁ ବାଣୀବିହାର ଓଭରବ୍ରିଜ ଉପରେ ଆର୍‌ଟିଓ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଅପହର୍ତ୍ତାମାନେ ସେହିବାଟ ଦେଇ ଯିବା ସମୟରେ ଚେକିଂ ହେଉଥିବା ଦେଖି ଅଟକି ଯାଇଥିଲେ। ପରେ ଦୁଇଟି କାରକୁ ବୁଲାଇ ପଛକୁ ଫେରି ଖସି ଯିବାକୁ ଉଦ୍ୟମ କରିବା ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଭିଯୁକ୍ତମାନେ ଶିବସୁନ୍ଦରଙ୍କ ସହ ଦୁଇ କାରକୁ ଛାଡି ଫେରାର ହୋଇଯାଇଥିଲେ। ଏପରିକି କାର୍ ଭିତରେ ସେମାନଙ୍କର ବନ୍ଧୁକ ଓ ମାରଣାସ୍ତ୍ର ରହିଥିଲା। ପୋଲିସ ତାହାକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

## ଫଟୋରେ ଖବର



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଶନିବାର ଚିନ୍ମୟୀ କ୍ଲାସିକ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ କୁନି କଣ୍ଠଶିଳ୍ପୀମାନେ ସମୂହ ସଙ୍ଗୀତ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ଶନିବାର ଭାରତୀୟ ସଙ୍ଗୀତ ସଂସ୍ଥା ପକ୍ଷରୁ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମୌସୁମୀ ପ୍ରିୟଦର୍ଶିନୀ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଗ୍ରୀଷ୍ମର ଅସହ୍ୟ ଗରମ ପରେ ବର୍ଷାର ଶୀତଳ ସ୍ପର୍ଶ ସଭିଙ୍କ ଲାଗି ବହୁ ପ୍ରତୀକ୍ଷିତ। ବିଶେଷକରି ଏହାକୁ ବେଶ୍ ଏନ୍‌ଜୟ କରନ୍ତି ଯୁବପିଢ଼ି। ତେବେ ଏହିଦିନ ଯେତିକି ଆନନ୍ଦଦାୟକ ସାମାନ୍ୟ ସଚେତନତାର ଅଭାବରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ବି ସେତିକି ଅଧିକ...



# ବର୍ଷାରେ ...

ବର୍ଷାଦିନ ଅନେକଙ୍କୁ ଭାରି ଭଲ ଲାଗେ। ହେଲେ କେବେ କେବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏହି ଦିନକୁ ମନଭରି ଉପଭୋଗ କରିବାରୁ କେତେଜଣଙ୍କୁ ବଞ୍ଚିତ ମଧ୍ୟ କରାଏ। ତେଣୁ କେଉଁ ସବୁ ଦିଗ ପ୍ରତି ସଜାଗ ରହିଲେ ସୁସ୍ଥ ରହିବା ସହ ବର୍ଷାର ଭରପୂର ଆନନ୍ଦ ଉଠାଇପାରିବେ ଜାଣିରଖନ୍ତୁ...

- ଏଦିନେ ଚଟ୍‌ପଟା ଖାଦ୍ୟ ବେଶ୍ ଭଲ ଲାଗେ। ହେଲେ ମନେରଖନ୍ତୁ ଅଧିକ ରାଗ, ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଛଣାଛଣି ଖାଦ୍ୟ, ରାସ୍ତାକଡ଼ରେ ଠେଲାଗାଡ଼ିରେ ମିଳୁଥିବା ଖାଦ୍ୟ ଝାଡ଼ାବାନ୍ତିର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି ଗୁପ୍‌ଚୁପ୍‌ରେ ଖଟା ପାଣି ଲାଗି ବ୍ୟବହାର ହେଉଥିବା ପାଣିରେ ରୋଗ ସଂକ୍ରମଣର ଆଶଙ୍କା ବେଶି। ତେଣୁ ଯଥା ସମ୍ଭବ ଘରୋଇ ଖାଦ୍ୟ ଖାଇବା ନିରାପଦ।
- ଏଦିନେ କେବେ କେବେ ଭିଜିବା କାରଣରୁ ଅନେକଙ୍କଠାରେ ଫ୍ଲୁ ସମସ୍ୟା ଦେଖାଦେଇଥାଏ; ଯାହାକୁ ଦୂରକରିବା ଲାଗି ଔଷଧ ଖାଇବାକୁ ପଡ଼ିଥାଏ। ହେଲେ ଔଷଧ ପରିବର୍ତ୍ତେ କେତେକ ଖାଦ୍ୟ ଦ୍ୱାରା ମଧ୍ୟ ପ୍ରାକୃତିକ ଉପାୟରେ ଏହାର ଉପଚାର କରିହେବ। ରସୁଣ ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ଅଦାରେ ବି ପ୍ରଚୁର ଔଷଧୀୟ ଗୁଣ ରହିଛି ଯାହା ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିଥାଏ। ଏକ କପ୍ ଅଦା ପକା ଚା କିମ୍ବା ଅଦାରସରେ ମହୁ ମିଶାଇ ଖାଇବା ଦ୍ୱାରା ବି ଫ୍ଲୁ ସମସ୍ୟାରୁ ଆପଣଙ୍କୁ ଉପଶମ ମିଳିବ। ଲେମ୍ବୁ, କମଳା, ଆତାପି, ଟମାଟୋ ଭଳି ଭିଟାମିନ୍ ସି ଯୁକ୍ତ ଖାଦ୍ୟ ବି ଫ୍ଲୁ ହେବାକୁ ଦେଇ ନ ଥାଏ। ଋତୁଭିତ୍ତିକ ତଟକା ପନିପରିବା ଏବଂ ଶାଗ ଖାଇବା ଦ୍ୱାରା ଭିଟାମିନ୍ ଇ, ସି, ଆଇରନ୍, କ୍ୟାଲ୍ସିୟମ୍, ଫାଇବର ଏବଂ ଅନ୍ୟାନ୍ୟ ପୋଷକତତ୍ତ୍ୱ ଶରୀରକୁ ଯାଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।
- ଏଦିନେ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ଶରୀରର ବିଭିନ୍ନ ସ୍ଥାନରେ କୁଣ୍ଡେଇ ହେବା, ଫଳିଯିବା ଭଳି ସମସ୍ୟା ଖୁବ୍ ବିରକ୍ତିକର ହୋଇଥାଏ। ଏପରି ନ ହେବା ଲାଗି ଅଧିକ ଟାଇଟ୍ କିମ୍ବା ଓଦା ପୋଷାକ ପିନ୍ଧନ୍ତୁ ନାହିଁ। ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ହୋଇ ପୋଷାକ ପିନ୍ଧନ୍ତୁ। ଆଙ୍ଗୁଠି ସନ୍ଧିରେ ଯେପରି ପାଣି ନ ଜମେ ସେଥିପାଇଁ ଖୋଲା ଚପଲ ପିନ୍ଧନ୍ତୁ। ତଥାପି ଇନ୍‌ଫେକ୍ସନ୍ ହେଲେ ଏହା ଅଧିକ ବଢ଼ିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ। ତା' ଛଡ଼ା କେତେକ ଘରୋଇ ଉପାୟ ଯେପରି, ପ୍ରଭାବିତ ସ୍ଥାନରେ ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ ଧୋଇବା, ଘିକୁଆଁରୀ ରସ ଲଗାଇ କିଛି ସମୟ ରଖି ଧୋଇବା, ପାଣିରେ ଲିମ୍ବପତ୍ର ପକାଇ ଫୁଟାଇ ଗାଧୋଇବା, ହଳଦୀ ପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନଡ଼ିଆ କିମ୍ବା ଅଲିଭ ତେଲ ଲଗାଇଲେ ମଧ୍ୟ ଉପକୃତ ହୋଇପାରିବେ।
- ବର୍ଷା ହେଉ ଅବା ନ ହେଉ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ପାଖରେ ଛତା କିମ୍ବା ରେନ୍‌କୋଟ୍ ରଖିବାକୁ ଭୁଲନ୍ତୁ ନାହିଁ। କେବଳ ଏଦିନେ ଜଳଜନିତ ସଂକ୍ରାମକ ରୋଗର ଆଶଙ୍କା ବେଶ୍ ଥିବାରୁ ସବୁବେଳେ ଫୁଟା କିମ୍ବା ଫିଲ୍ଟର୍ଡ ପାଣି ପିଅନ୍ତୁ ଏବଂ ବାହାରକୁ ଗଲେ ସାଙ୍ଗରେ ପାଣି ନିଅନ୍ତୁ।
- କେବଳ ରୋଗ ନୁହେଁ, ଏଦିନେ ଦୁର୍ଘଟଣାଜନିତ ସମସ୍ୟା ବି ଅନେକଙ୍କୁ କଷ୍ଟ ଦେଇଥାଏ; ଯେଉଁଥିରୁ ରକ୍ଷା ପାଇବା ଲାଗି ଗାଡ଼ି ଚଲାଇବା ବେଳେ ସତର୍କ ରୁହନ୍ତୁ। ବର୍ଷାପାଣି ପଡି ରାସ୍ତା ଖସଡ଼ା ଥିବା, ଖାଲଗୁଡ଼ିକ ପାଣିରେ ପୋତିହୋଇଥିବା ତଥା ରାସ୍ତା କାଦୁଅ ରହୁଥିବା ଯୋଗୁ ଦୁର୍ଘଟଣା ଆଶଙ୍କା ଥାଏ।
- ଘଡ଼ଘଡ଼ି କିମ୍ବା ବିଜୁଳି ମାରୁଥିଲେ ମୋବାଇଲଠୁ ଦୂରେଇ ରୁହନ୍ତୁ। ନଚେତ୍ ମୋବାଇଲ ଫାଟିବା ଯୋଗୁ ଶ୍ରବଣଶକ୍ତି ହରାଇବା କିମ୍ବା ମୃତ୍ୟୁର ଆଶଙ୍କାକୁ ମଧ୍ୟ ଏଡ଼ାଯାଇପାରିବ ନାହିଁ।
- କେଉଁଆଡ଼େ ଯାଉଥିବା ସମୟରେ ହଠାତ୍ ବର୍ଷା ହେଲେ ପାଣି ଜମିଥିବା ସ୍ଥାନରେ ନ ଠିଆ ହୋଇ ଉଚ୍ଚସ୍ଥାନରେ ଠିଆହେବାକୁ ଚେଷ୍ଟା କରନ୍ତୁ। କାରଣ ପାଣିରେ ବିଜୁଳି କରେଣ୍ଟ ଲାଗିବାର ଆଶଙ୍କା ବେଶି।
- ସେହିପରି ବର୍ଷାରେ ଗଛ କିମ୍ବା ଇଲେକ୍ଟ୍ରି ଖୁଣ୍ଟ ମୂଳେ ଠିଆ ହୁଅନ୍ତୁ ନାହିଁ। କାରଣ ଡାଳ ଭାଙ୍ଗିବା କିମ୍ବା ଘଡ଼ଘଡ଼ି ପଡ଼ିବା ଦ୍ୱାରା ଦୁର୍ଘଟଣା ଘଟିପାରେ।
- ଏଦିନେ ଜଳାଶୟଗୁଡ଼ିକରେ ପାଣି ଭର୍ତ୍ତି ଥିବାରୁ ଅଧିକାଂଶ ଯୁବକ ପହଁରିବାର ମଜା ନେଇଥାନ୍ତି, ହେଲେ ମନେରଖନ୍ତୁ ଏହାଦ୍ୱାରା ଥଣ୍ଡ, ଜ୍ୱର ସହିତ ପାଣି ଅପରିଷ୍କାର ଥିଲେ ଚର୍ମରୋଗର ଆଶଙ୍କା ବି ରହିଛି। କେବଳ ଏତିକି ନୁହେଁ, ବିଜୁଳି ମାରିବା ବେଳେ ପୋଖରୀ, ନଦୀ, ସମୁଦ୍ର କିମ୍ବା ସୁଇମିଂପୁଲ୍ ଭିତରେ ଥିଲେ କରେଣ୍ଟ ଲାଗିବାର ଆଶଙ୍କା ରହିଛି।



## କ'ଣ କରନ୍ତି ଏମାନେ...



**ସୁଶ୍ରୀ ଆଚାର୍ଯ୍ୟ**(ଯୁକ୍ତ ୨, ରିଜିଓନାଲ ରେସିଡେନ୍ସିଆଲ୍ +୨ ସାଇନ୍ସ କଲେଜ, ନିମାପଡା, କଟକ)– ବର୍ଷାଦିନିଆ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମୁଁ ଖୁବ୍ ସଚେତନ। ଏଦିନେ ଅଧିକ ଦେଖା ଦେଉଥିବା ଥଣ୍ଡା, ଜ୍ୱର, ଝାଡା ଭଳି ସମସ୍ୟା ଠାରୁ ଦୂରେଇ ରହିବା ଲାଗି ଛତା ରେନ୍‌କୋଟ ଆଦି ବ୍ୟବହାର କରିବା ସହ ଶୀଘ୍ର ସୁଖିପାରୁଥିବା ଭଳି ପୋଷାକ, ଫ୍ଲିପ୍‌ଫ୍ଲପ୍ ଚପଲ ପିନ୍ଧେ। ବିଶେଷ କରି ଏଦିନେ ବାହାରେ କୌଣସି ଦୋକାନ ଖାଦ୍ୟ ଖାଏ ନାହିଁ। ଆବଶ୍ୟକ ସ୍ଥଳେ ସାଙ୍ଗରେ ଟିଫିନ୍ ନେଇ ଯାଏ।



**ଗୀତାଞ୍ଜଳି ବାରିକ**(ଯୁକ୍ତ ୨, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡଶପୁର, କଟକ)– ଏମିତିରେ ବର୍ଷା ମୋତେ ଭଲ ଲାଗେ, ହେଲେ ବିଜୁଳି ଆଉ ଘଡଘଡିକୁ ମୋର ଭାରି ଡର। ତେଣୁ ବର୍ଷା ସମୟରେ ମୋବାଇଲ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରେନାହିଁ। ବର୍ଷା ପାଣି ସଂସ୍ପର୍ଶରେ ଆସିଲେ ଖୁବ୍ ଶୀଘ୍ର ଥଣ୍ଡା ଧରିଯାଉଥିବାରୁ ଶୋଇବା ପୂର୍ବରୁ ପାଦରେ ଉଷୁମ ସୋରିଷ ତେଲ ମସାଜ କରେ।

## ଏ ସପ୍ତାହର ପ୍ରଶ୍ନ

୧– ୨୦୧୯ ପାସିଫିକ୍ ଇଣ୍ଟରନ୍ୟାଶନାଲ ବିଲିଆର୍ଡ୍ସ ଚାମ୍ପିୟନଶିପ୍‌ର ବିଜେତା........ ?
୨– ଚଳିତବର୍ଷ ମିସ୍ ଇଣ୍ଡିଆ ବିଜୟିନୀ....... ରାଜ୍ୟର ବାସିନ୍ଦା ?
୩– ସ୍ଲୋଭାକିଆର ପ୍ରଥମ ମହିଳା ରାଷ୍ଟ୍ରପତି........ ?
୪– 'ମାଇଁ ଲାଇଫ୍, ମାଇଁ ମିଶନ'........... ଙ୍କ ଆତ୍ମଜୀବନୀ ?
୫– ଭାରତର କ୍ଷୁଦ୍ରତମ ୟୁନିୟନ ଟେରିଟୋରି......... ?

## ଗତ ଥରର ଉତ୍ତର

୧ ସାଉଦି ଆରବ
୨ ଶାହରୁଖ୍ ଖାନ୍
୩ କେରଳ
୪ ଉତ୍ତରପ୍ରଦେଶ
୫ ପରି ଟେକଇ ମେରୁ

## ଉତ୍ତରଦାତା

| | |
|---|---|
| ଗୋଦାବରୀ ମହାପାତ୍ର | ଭୁବନେଶ୍ୱର |
| ସଂକଳ୍ପ ସ୍ୱାଇଁ | ବାଲେଶ୍ୱର |
| ଦିଗ୍‌ବିଜୟ ସାହୁ | ଖୋର୍ଦ୍ଧା |
| ଲଲାଟେନ୍ଦୁ ଆଚାର୍ଯ୍ୟ | ପୁରୀ |

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ଦର୍ଶନୀୟ ହିଲ୍‌ଷ୍ଟେଶନ ୨୦୧୯



୧– ସେଣ୍ଟ ମରିଜ୍.................................... ସୁଇଜରଲାଣ୍ଡ
୨– ଗ୍ରେଟ୍ ସ୍ମୋକି ମାଉଣ୍ଟେନ୍.......................... ଆମେରିକା
୩– ଫାୟାରବ୍ୟାଙ୍କ୍‌ସ.................................. ଆଲାସ୍କା
୪– ଗ୍ରାଣ୍ଡ କ୍ୟାନିଅନ୍................................ ଆରିଜୋନା
୫– ଥ୍ରେଡ୍‌ବୋ........................................ ଅଷ୍ଟ୍ରେଲିଆ
୬– କାକାଡୁ ନ୍ୟାଶନାଲ ପାର୍କ........................ ଅଷ୍ଟ୍ରେଲିଆ
୭– ଦାର୍ଜିଲିଂ.......................................... ଭାରତ
୮– ଶିମ୍‌ଲା............................................ ଭାରତ
୯– ଡା ଲାଟ୍......................................... ଭିଏତ୍‌ନାମ୍
୧୦– ବାହ୍‌ରେନ୍...................................... ପାକିସ୍ତାନ

## ପାଠକଙ୍କ ମତ

– ଅନ୍‌ଲାଇନ୍ ରିଭ୍ୟୁ ସମ୍ବନ୍ଧିତ ପାଠରୁ ବେଶ୍ କିଛି ଶିଖିବାକୁ ପାଇଲି। ଏହା କିପରି କାମରେ ଲାଗିବ ସେନେଇ ଏକ ଧାରଣା ଆସିଗଲା। ସବୁବେଳେ ଏପରି ନୂଆ ନୂଆ ବିଷୟ ପ୍ରକାଶ କରିବାକୁ ଅନୁରୋଧ।

– ମନୋରଞ୍ଜନ ପାତ୍ର, ସାଲେପୁର, କଟକ

– ଡେସ୍କଜବ୍‌ରେ ସ୍ପଣ୍ଡିଲାଇଟିସ୍ ଯନ୍ତ୍ରଣା ବେଳେ ବେଳେ ଅସହ୍ୟ ହୋଇପଡୁଛି। ଏହାକୁ ନିୟନ୍ତ୍ରଣ କରିବାର ଉପାୟ ଜଣାଇଥିବାରୁ ଧନ୍ୟବାଦ।

– ସିମ୍‌ରନ୍ ମହାପାତ୍ର, ଗଜପତି



## ସଫଳତା ପାଇଁ...

ନିଜକୁ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିବାକୁ ହେଲେ ଉଦ୍ୟମ ଏବଂ ନିଷ୍ଠା ଆବଶ୍ୟକ। ତେଣୁ କିପରି ଆତ୍ମବିଶ୍ୱାସର ସହ ନିଜକୁ ସଫଳତା ଦୌଡ଼ରେ ସାମିଲ କରିପାରିବେ ଜାଣିରଖନ୍ତୁ ଟିପ୍ସ...

- ସର୍ବପ୍ରଥମେ ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ। ମନରେ କୌଣସି ନକାରାତ୍ମକ ଚିନ୍ତା ଦୃଢ଼ବିଶ୍ୱାସର ସହ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ହାସଲ କରି ଆଗକୁ ବଢ଼ି ଚାଲନ୍ତୁ।
- ନିଜ କାର୍ଯ୍ୟରେ ସମ୍ପୂର୍ଣ୍ଣ ସକ୍ଷମ ହେବା ଯାଏ ଯେତେ ବାଧାବିଘ୍ନ ଆସିଲେ ସୁଦ୍ଧା ହାର ନ ମାନି ନିଜକୁ ଅପ୍‌ଗ୍ରେଡ୍ କରନ୍ତୁ।
- ନିଜର ପୂର୍ବ ସଫଳତା ମନେପକାନ୍ତୁ, ଏହା ଆପଣଙ୍କୁ ପ୍ରେରଣା ଯୋଗାଇବ। ଯଦି ପୂର୍ବରୁ ବିଫଳ ହୋଇଥାନ୍ତି ତେବେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ଏହାକୁ କେବଳ ଏକ ଅବସର ଭାବେ ଗ୍ରହଣ କରି ଅଧିକ ପ୍ରସ୍ତୁତି ସହ ଆଗାମୀ ଅବସରକୁ ଅପେକ୍ଷା କରନ୍ତୁ।
- ବହୁ କଷ୍ଟ ଏବଂ ବିଫଳତାର ସାମ୍ନା କରି ସମାଜରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିମାନଙ୍କୁ ନିଜର ପ୍ରେରଣା ଭାବି ସେମାନଙ୍କ ଆତ୍ମଜୀବନୀ ପଢ଼ନ୍ତୁ, ଦେଖିବେ ଆପଣଙ୍କ ମନୋବଳ ଦୃଢ଼ ହେବ।
- ସଫଳ ହେବା ଲକ୍ଷ୍ୟରେ ଆଗେଇବା ଏବଂ ବିଫଳ ହେଲେ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଭଳି ମନୋବୃତ୍ତି ନ ରଖି ଦୃଢ଼ ବିଶ୍ୱାସ ଓ କର୍ମନିଷ୍ଠା ବଳରେ ଯେକୌଣସି ପରିସ୍ଥିତିକୁ ସାମ୍ନା କରି ନିଜ ଉଦ୍ୟମ ଜାରି ରଖନ୍ତୁ। ଦେଖିବେ ଦିନେ ନା ଦିନେ ନିଶ୍ଚୟ ସଫଳତାର ସ୍ୱାଦ ଚାଖିପାରିବେ।

# ଭାରତ ବିଶ୍ୱକପ୍ ଜିତିଲେ ଫିଲ୍ମ ନିର୍ମାଣ ହେବ: ମଧୁ ମାଣ୍ଟିନା



ମୁମ୍ବାଇ: ଭାରତ ୨୦୧୯ କ୍ରିକେଟ ବିଶ୍ୱ କପ୍ ଜିତିଲେ ଏହାକୁ ନେଇ ନିଶ୍ଚୟ ଫିଲ୍ମ ନିର୍ମାଣ ହେବ ବୋଲି '୮୩'ର ପ୍ରଯୋଜକ ମଧୁ ମାଣ୍ଟିନା ପ୍ରକାଶ କରିଛନ୍ତି। କବିର ଖାନ୍‌ଙ୍କ ନିର୍ଦ୍ଦେଶିତ '୮୩' ଫିଲ୍ମ ୧୯୮୩ରେ ଭାରତର ବିଶ୍ୱକପ୍ ବିଜୟକୁ ନେଇ ନିର୍ମାଣ ହେଉଛି। କପିଲଦେବ, ସୁନୀଲ ଗାଭାସ୍କର ଏବଂ ମହିନ୍ଦର ଅମରନାଥ ଫାଇନାଲ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଟିମ୍ ବିପକ୍ଷରେ ଖେଳି ଚାମ୍ପିୟନଶିପ୍ ହାସଲ କରିଥିଲେ। ରଣବୀର ସିଂଙ୍କ ଅଭିନୀତ ଏହି ଫିଲ୍ମ ୨୦୨୦ ଏପ୍ରିଲ ୧୦ରେ ମୁକ୍ତିଲାଭ କରିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ସାକିବ ସଲିମ୍, ଜିଭା, ଆମି ଭିର୍କ, ହାର୍ଡି ସାନ୍ଧୁ ଏବଂ ପଙ୍କଜ ତ୍ରିପାଠୀ।

'୮୩'କୁ ମିଳିତ ଭାବେ ପ୍ରଯୋଜନା କରୁଛନ୍ତି ମାଣ୍ଟିନାଙ୍କ ସମେତ ସାଜିଦ୍ ନାଦିଆଦୱାଲା ଏବଂ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ। ୧୯୮୩ରେ କ୍ରିକେଟରେ ଭାରତର ଅଭୂତପୂର୍ବ ବିଜୟକୁ ସ୍ମରଣୀୟ ରଖିବା ଲାଗି ଏହା ନିର୍ମାଣ ହୋଇଛି। ଚଳିତବର୍ଷ ଭାରତ ବିଶ୍ୱକପ୍ ଜିତିଲେ ଏହି ବିଜୟକୁ ନେଇ ଫିଲ୍ମ ନିର୍ମାଣ ହେବ ବୋଲି ମାଣ୍ଟିନା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଭାରତୀୟ କ୍ରିକେଟ ଟିମ୍ ୨୦୧୯ ଟୁର୍ନାମେଣ୍ଟରେ ଅପରାଜିତ ରହିଥିବାବେଳେ ସେମିଫାଇନାଲ୍ ଯିବା ଅଧିକ ସମ୍ଭାବନା ଅଛି।

# ଆସାମ ଏନ୍‌ଆରସି : ନାଗରିକତ୍ୱ ନପାଇବାରୁ ନାବାଳିକାଙ୍କ ଆତ୍ମହତ୍ୟା



ହଲିମା ଖାତୁନ ଓ ଅବଦୁଲ୍ କଲାମ

ଦିସ୍‌ପୁର,୨୯।୬

ଆସାମର ଦାରାଙ୍ଗ ଜିଲାର ବ୍ରହ୍ମପୁତ୍ର ନଦୀ କୂଳବର୍ତ୍ତୀ ରୋମାରି ଚାପୋରି ଗାଁ ଏବେ ଚର୍ଚ୍ଚାରେ। ଏହି ଗାଁର ବେଙ୍ଗଲୀ ମୁସଲମାନ ପରିବାରର ୧୭ ବର୍ଷୀୟା ନୁର ନେହାର ବେଗମ୍ ରାଷ୍ଟ୍ରୀୟ ନାଗରିକ ପଞ୍ଜିକାରୁ ବାଦ୍ ପଡିବା ଯୋଗୁ ଆତ୍ମହତ୍ୟା କରିଛନ୍ତି। ନୁର୍‌ଙ୍କ ମୃତଦେହ ମଙ୍ଗଲଦୋଇ ଜିଲା ହସ୍ପିଟାଲ୍‌ରେ ବ୍ୟବଚ୍ଛେଦ ପରେ ଘରକୁ ଫେରିଯାଇଛି। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ତେବେ ତାଙ୍କର ଆତ୍ମହତ୍ୟା ଏନ୍‌ଆରସିରୁ ବାଦ୍ ପଡିଥିବା କାରଣରୁ ହୋଇଥିବା ଆଲୋଚନା ହେଉଛି। ଆସାମରେ ଭାରତୀୟ ନାଗରିକ ତାଲିକା ବର୍ତ୍ତମାନ ଚୂଡାନ୍ତ ହୋଇଥିବାବେଳେ ଏଥିରେ ନୁର୍‌ଙ୍କ ନାମ ନାହିଁ।

ହସ୍ପିଟାଲ୍‌ର ଶବାଗାର ଅଗଣାରେ ପଡିରହିଥିଲା ନୁର୍‌ଙ୍କ ମୃତଦେହ। ସକାଳ ବର୍ଷାରେ ସାମାନ୍ୟ ଓଦା ହୋଇଯାଇଥିଲା ଶବାଧାର। ମୃତଦେହକୁ ଉହୁଙ୍କି ଦେଖୁଥିଲେ ମାତାପିତା। ନୁର୍‌ଙ୍କ ମାତା ହଲିମା ଖାତୁନ ମୃତକନ୍ୟାକୁ ଆଲିଙ୍ଗନ କରି ଶୋକାଭିଭୂତ ହୋଇପଡୁଥିଲେ। ବାପା ଅବଦୁଲ୍ କଲାମ ମଧ୍ୟ ନୁର୍‌ଙ୍କ ମୃତଦେହ ପାଖରେ ଆଣ୍ଠେଇପଡି କରୁଣ ସ୍ୱରରେ କାନ୍ଦୁଥିଲେ। ବାପା ଦୁଃଖରେ ଭାଙ୍ଗିପଡିଥିବା ବେଳେ ଏଥିରେ ବାଧା ଦେଇଥିଲେ ଆମ୍ବୁଲାନ୍ସ ଡ୍ରାଇଭର। ୧୬୫୦ ଟଙ୍କା ଦେଲେ କନ୍ୟାର ଶବ ଉଠାଯାଇ ଗାଁକୁ ନିଆଯିବ।



ନୁର ନେହାର ବେଗମ୍

ପଇସା ଅଭାବରୁ ନୁର୍ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଆଉ ଆଗକୁ ପାଠପଢ଼ି ପାରିଲେ ନାହିଁ। ରାଶନ କାର୍ଡରେ ନୁର ନେହାର ବେଗମ୍‌ର ଫଟୋ ଥାଇ ଏହାର ଏକ ନକଲ ଦାଖଲ କରାଯାଇଥିଲେ ମଧ୍ୟ ସେ ଏଯାଏ ଭାରତୀୟ ନାଗରିକ ହୋଇପାରି ନାହିଁ। ଏହି ବିଷୟ ନୁର୍‌ଙ୍କୁ ଶକ୍ତ ଆଘାତ ଦେଇଥିଲା। 'ପ୍ରଥମ ତାଲିକା ପ୍ରସ୍ତୁତ ହେଲା। ଏଥିରେ ନାମ ରହିଲା ନାହିଁ। ଦ୍ୱିତୀୟ ତାଲିକା ପ୍ରସ୍ତୁତ ହେଲା। ଏଥିରେ ବି ମୋର ନାଁ ଦେଖିବାକୁ ମିଳିଲା ନାହିଁ' ବୋଲି ନୁର୍ ସବୁବେଳେ ତାଙ୍କ ମା'କୁ କହି ଦୁଃଖ ପ୍ରକାଶ କରୁଥିବାର ପଡୋଶୀ କହିଛନ୍ତି। ଏନ୍‌ଆରସି କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ନୁର୍‌ଙ୍କୁ ଏନଆରସି ତାଲିକାଭୁକ୍ତ କରା ନ ଯିବାର କାରଣ ହେଉଛି ସେ କଲାମ୍‌ଙ୍କ କନ୍ୟା ବୋଲି ଯଥେଷ୍ଟ ପ୍ରମାଣ ଯୋଗାଇ ପାରି ନ ଥିଲେ। ନୁର୍ ଗଭୀର ଦୁଃଖରେ ଭାଙ୍ଗିପଡିବା ସହିତ ଆତ୍ମହତ୍ୟାର ପଥ ବାଛିନେଲା ବୋଲି ପିତା କଲାମ୍ ପ୍ରକାଶ କରିଛନ୍ତି।

# SUNDAY classifieds




## MATRIMONIAL

### BRIDE WANTED

ସ୍ୱାମୀ ନଥିବା, ଛାଡ଼ପତ୍ର କନ୍ୟାପାତ୍ରୀ କୌଣସି ଜାତିର ସରକାରୀ ଚାକିରି କରିଥିବା ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 9556140810, 8917492618. D-13192

### GROOM WANTED

Beautiful Kandara girl 1987, Diploma, serving Bhubaneswar (early marriage) 9439493111. D-66153

ଗୌରବର୍ଣ୍ଣ 5'3" B.Tech, 28 ବର୍ଷ, ବ୍ୟାଙ୍କରେ ଚାକିରି କରିଥିବା ବଣିଆ ପାତ୍ରୀ ପାଇଁ ପାତ୍ର ଆବଶ୍ୟକ। ବ୍ୟାଙ୍କ କିମ୍ବା ସରକାରୀ ଚାକିରି କରିଥିବା ପାତ୍ର ଆବଶ୍ୟକ। 9348073124. D-64978

Widow bride Software Engineer, 33, JE 40 (Caste-no-bar). 7873374269. D-67002

Now Matrimonial ads. only on Wednesday & Sunday Book 1 Get 1 FREE

## automobile

### SALE

Indigo ECS-LS, 2015 Model Diesel white, excellent condition private use. 7381711711. D-65657

Truck 10 wheeler-2011 model, make- Ashok Leyland, full dalla in good running condition. 9437015191. D-66251

## real estate

### SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University-250/-, 6371922931 D-66705

**Gharabari boundary plot Tamando MCL boundary site. Direct owner: 8144391451.** D-13175

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/-. 7749833104. D-66149

1500sqft. (6nos), 2000sqft (7nos) mainroad side Plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available8114744495, 8328943165. D-66499

Residential plot-Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର KEC, ଗୁଡିଆ–ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

4 stored building 8000sqft. with parking, lift provisions @ 340lakhs at Ghatikia GA plot, Bhubaneswar. Genuine buyers please contact: 8018510988. D-66500

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40'), (North/ Eastfacing). Contact: 8249853413.** D-13149

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Booking 2BHK simplex BJEM(2) 1200sqft land 11,80,000/-, (finishing house) Badagada Canalroad plots available. 7735738102. D-13174

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**କଟକ–ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948.** D-66717

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-12699

**ହଂସପାଳ ବାଲିଅନ୍ତାରେ ଘରବାରି ପ୍ଲଟ କଟକୀଗୁଣ୍ଠ 9,00,000/- ରେ concrete road, electry ଥାଇ ବିକ୍ରିହେବ। 9777236619.** D-13156

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164.** D-66718

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13165

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/- 9437306208.** D-66722

2000sqft plot sale at Satyanagar, Bhubaneswar, only genuine buyers directly contact Deepak: 9937329999. D-66252

**Just pay 1.15lac book @ studio, 1BHK, 2BHK flat location at Puri with all amenities. 9348470782, 9439132747.** D-13195

ପୁରୀ ମଙ୍ଗଳା ଘାଟ ବାଏପାସ୍‌ରେ SC, ST ସ୍ଥିତିବାନ୍ ପ୍ଲଟ ବିକ୍ରୟ ହେବ। Mob no: 9861960700, 7978041062. D-63780

3266 sqft land with Yellowzone gharabari near Chanakya Times Gurukul, Malipada, Bhubaneswar with boundary 1450/- sqft. 9777063609. D-66155

## construction

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13183

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

## to-let

2BHK independent house for family at Bajaranga Vihar, Patia, Bhubaneswar. 9556985544. D-64978

Prime location 18'x60' garment furnished AC showroom, opposite Ekamra Talkies, Bomikhal, Bhubaneswar. Rent: 71,000/-, Contact: 9692796161. D-58095

1200 sqft commercial space on 2nd floor at Bajrakabati road, Cuttack. Parking available. Contact: 9437186882, 8118052268. D-13177

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/expert therapist. Contact: 8338067247 D-66575

Newly opening ayurvedic body massage smart therapist, Shree herbal. 7750020754 D-66576

Summer special mesmerizing offer expert therapeutic refreshing massage appointment. 9668374480. D-66579

New new openly fullbody ladies, gents AC room-7609923705. D-38557

Herbal body massage by gents and ladies therapist. Ph. 9090466257. D-13186

## AFFIDAVIT

By virtue of an affidavit sworn before the Executive Magistrate, Sohela, Dist: Bargarh declared that I am the natural born on daughter of Late Gopal Padhan and mother of Silabati Padhan. Pintu @ Reenu Padhan. D-13200

## ନିରୁଦ୍ଦିଷ୍ଟ



ଦେବାଶିଷ ପଣ୍ଡା, ପିତା: ରବିନ୍ଦ୍ରନାଥ ପଣ୍ଡା, ବୟସ: ୩୨, ନିଗମାନନ୍ଦନଗର, ଲେନ୍–୨, ବମିଖାଲ, ଭୁବନେଶ୍ୱର, ୨୮।୦୬।୨୦୧୯ ରୁ ନିଖୋଜ ଅଛନ୍ତି। ସେ ଜଣେ ମାନସିକରୋଗୀ। ଯଦି କେହି ସନ୍ଧାନ ପାଆନ୍ତି, ଉକ୍ତ ନମ୍ବରରେ ଜଣାଇବାକୁ ଅନୁରୋଧ। 9938081405, 9348840755. ଧ–୧୩୧୮୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

### Marriage Wish



*Asutosh & Abhilipsa*

Happy 1st Marriage Anniversary to Bhaina & Bhauja

From: Abinash Kar (Puri)

D-66915

### ୫ମ ଜନ୍ମଦିନ ଶୁଭେଚ୍ଛା



ପ୍ରତ୍ୟୁଷ ବେହେରା

ଜନ୍ମ ତା. ୩୦।୦୬।୨୦୧୪

ଆଜି ୫ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛାସହ:
ଅଜା, ଆଇ, ବଡ଼ମାମୁ, ସାନମାମୁ, ପୂଜାଝିଅ।

ଧ–୧୩୧୯୧

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA. COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ଦେହୁରୀ
ବାଘଧରିଆ, ହିନ୍ଦୋଳ
ତିରୋଧାନ: ୨୦।୦୬।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ। ହେ ପରମପୂଜ୍ୟ ସ୍ୱର୍ଗପୁରରେ ଥାଇ ଆମ୍ଭମାନଙ୍କୁ ଆଶିଷ ପ୍ରଦାନ କର। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ଧର୍ମପତ୍ନୀ, ପୁଅ, ବୋହୂ, ନାତି, ନାତୁଣୀ, ଭାଇ, ପୁତୁରା, ଝିଆରୀ, ବନ୍ଧୁ, ଦେହୁରୀ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।

ଧ–୧୩୧୯୦

### ଦଶାହ ଉପଲକ୍ଷେ



✓ ଅନୁପମା ମିଶ୍ର
ବଅଁରପାଳ, ଅନୁଗୁଳ
ଆବିର୍ଭାବ : ୨୮.୦୯.୧୯୫୨
ତିରୋଧାନ : ୨୧.୦୬.୨୦୧୯

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-ଶୋକସନ୍ତପ୍ତ-
ବନ୍ଧୁ ଓ ପରିବାର ବର୍ଗ

ଧ–୧୩୧୯୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବସନ୍ତ କୁମାର ଜେନା
ସା: ନଚ୍ଛିମପୁର, ଆମ୍ବଳିଅଠା, ଜଳେଶ୍ୱର
ପୂର୍ବତନ ସହକାରୀ ଶିକ୍ଷକ
ଜଳେଶ୍ୱର ଉଚ୍ଚବିଦ୍ୟାଳୟ
ଆବିର୍ଭାବ: ୧୮।୦୨।୧୯୫୦
ତିରୋଧାନ: ୨୦।୦୬।୨୦୧୯

ହେ ପୁଣ୍ୟାତ୍ମା, ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ପରିବାରବର୍ଗ।

ଧ–୧୩୧୯୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସ୍ୱଳ୍ପ ସଞ୍ଚୟ ଯୋଜନା ସୁଧହାର ହ୍ରାସ
### ସଂସଦରେ ସରକାରଙ୍କୁ ଘେରିବ କଂଗ୍ରେସ

**ନୂଆଦିଲ୍ଲୀ,୨୯-୬:** କେନ୍ଦ୍ରର ମୋଦି ସରକାର ଏକ ବଡ଼ ନିଷ୍ପତ୍ତି କ୍ରମେ ସୁକନ୍ୟା ଯୋଜନା, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଭଳି ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ୧୦ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୧ ପ୍ରତିଶତ ହ୍ରାସ ଘୋଷଣା କରିଛନ୍ତି। ଏହା ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ପାଇଁ ଲାଗୁ ହେବ। ଏହାର ଅର୍ଥ ଏଭଳି ଯୋଜନା ପାଇଁ କମ ସୁଧ ମିଳିବ। ଅନ୍ୟପକ୍ଷରେ ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏହାକୁ ବିରୋଧ କରିଛି। ଭାରି ବହୁମତରେ ବିଜୟ ପରେ ଏନ୍‌ଡିଏ ସରକାରଙ୍କର ଜନତାଙ୍କୁ ଏହା 'ବିଜୟର ଉପହାର' ବୋଲି ଉଲ୍ଲେଖ କରିଛି କଂଗ୍ରେସ। ଦଳର ମୁଖପାତ୍ର ପୱନ ଖେରା କହିଛନ୍ତି ଯେ, ସରକାରଙ୍କୁ ତାଙ୍କର ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ହେବ। ସଂସଦର ବଜେଟ ଅଧିବେଶନ ବେଳେ ଦଳ ଏହାକୁ ପ୍ରସଙ୍ଗ କରିବ। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ନରେନ୍ଦ୍ର ମୋଦି ସରକାର ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ହ୍ରାସ କରି ଦେଶବାସୀଙ୍କୁ ଦଣ୍ଡ ଦେଇଛନ୍ତି। କାରଣ ଏଭଳି ଯୋଜନା ଉପରେ ଦେଶର ଅଧିକାଂଶ ଲୋକ ନିର୍ଭରଶୀଳ।

### ଚନ୍ଦା କୋଚ୍ଚର, ବେଣୁଗୋପାଳ ଧୂତ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୨୯-୬:** ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚର, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର ଏବଂ ଭିଡିଓକନ ଗ୍ରୁପ୍ ପ୍ରମୋଟର ବେଣୁଗୋପାଳ ଧୂତ୍‌ଙ୍କୁ ଜେରା କରିଛି। ଜଣେ ଅଧିକାରୀ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ସେ କହିଛନ୍ତି। ଅତୀତରେ ଭିଡିଓକନ ଋଣ ମାମଲାରେ ସେମାନଙ୍କୁ ଇଡି ପକ୍ଷରୁ ଏକାଧିକ ଥର ଜେରା କରାଯାଇସାରିଛି। ଏହି ମାମଲାରେ ଗତ ମାସରେ ଚନ୍ଦା ଓ ଦୀପକଙ୍କ ବୟାନ ରେକର୍ଡ କରାଯାଇଛି। ଦୀପକଙ୍କ ଭାଇ ତଥା ଚନ୍ଦାଙ୍କ ଦିଅର ରାଜୀବ କୋଚ୍ଚର ମଧ ବହୁବାର ଜେରାର ସମ୍ମୁଖୀନ ହୋଇଛନ୍ତି।

### ହ୍ରାସ ପାଉଛି ଚଳନ୍ତି ଜମା ନିଅଣ୍ଟ

**ନୂଆଦିଲ୍ଲୀ,୨୯-୬:** ଭାରତର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ଆର୍ଥିକ ବର୍ଷ ୨୦୧୯ର ଚତୁର୍ଥ ତ୍ରୈମାସରେ ଜିଡିପିର ୦.୭% ଅର୍ଥାତ୍ ୪.୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ଜିଡିପିର ୧.୮% ଅର୍ଥାତ୍ ୧୩ ବିଲିୟନ ଡଲାର ଥିଲା। ୨୦୧୮ ଡିସେମ୍ବରରେ ଏହା ୧୭.୭ ବିଲିୟନ ଡଲାର(୨.୭%)କୁ ହିସାବକୁ ନେଲେ ସିଏଡି ବହୁ ପରିମାଣରେ ହ୍ରାସ ପାଇଛି ବୋଲି କୁହାଯାଇପାରେ। ବାଣିଜ୍ୟ ନିଅଣ୍ଟ ପରିମାଣ ୩୫.୨ ବିଲିୟନ ଡଲାରକୁ ହ୍ରାସ ପାଇବା କାରଣରୁ ସିଏଡି କମିଛି ବୋଲି କୁହାଯାଉଛି। ପୂର୍ବବର୍ଷ ଏହା ୪୧.୬ ବିଲିୟନ ଡଲାର ଥିଲା। ଦେଶ ରପ୍ତାନି ଅପେକ୍ଷା ଆମଦାନୀ ଅଧିକ କଲେ ହିଁ ଚଳନ୍ତି ଜମା ନିଅଣ୍ଟ ଦେଖାଦେଇଥାଏ।

### ଟଳିବ ବାଣିଜ୍ୟ ଯୁଦ୍ଧ ଚାଇନା-ଆମେରିକା କଥାବାର୍ତ୍ତା ପାଇଁ ରାଜି

**ଓସାକା,୨୯-୬:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚାଇନା ରାଷ୍ଟ୍ରପତି ଜି. ଜିନପିଙ୍ଗ୍ ଶନିବାର ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧକୁ ବନ୍ଦ କରିବା ପାଇଁ ରାଜି ହୋଇଛନ୍ତି। ଦୁଇ ନେତା ପୁନର୍ବାର କଥାବାର୍ତ୍ତା ଆରମ୍ଭ କରିବାକୁ ସହମତ ହୋଇଛନ୍ତି। ଏଥିସହିତ ଚାଇନା କମ୍ପାନୀ ହୁଆଇ ସହିତ ଆମେରିକା କମ୍ପାନୀଙ୍କ କାରବାର ଆରମ୍ଭ କରିବାକୁ ଅନୁମତି ଦିଆଯିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ନେତାଙ୍କ ସହମତି ଯୋଗୁ ଦୀର୍ଘ ୧ ବର୍ଷ ଧରି ଚାଲିଥିବା ବାଣିଜ୍ୟ ଯୁଦ୍ଧର ପରିସମାପ୍ତି ଘଟିବ ବୋଲି ଆଶାକରାଯାଉଛି। ଏହାଦ୍ୱାରା ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ଅବସରରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଚାଇନା ରାଷ୍ଟ୍ରପତି ଜିନପିଙ୍ଗ୍ ପ୍ରାୟ ୮୦ ମିନିଟ ଧରି ବୈଠକରେ ବସିଥିଲେ। ବୈଠକ ଶେଷରେ ଟ୍ରମ୍ପ କହିଥିଲେ ଯେ, ଚାଇନା ସହିତ ବାଣିଜ୍ୟ ଆଲୋଚନାକୁ ପୁନର୍ବାର ଆରମ୍ଭ କରାଯିବ। ବୈଠକରେ ହୋଇଥିବା ଆଲୋଚନାକୁ ସେ ଚମତ୍କାର ବୋଲି ଦର୍ଶାଇଥିଲେ। ସେ କହିଥିଲେ ଯେ, ପୂର୍ବରୁ ଲାଗୁ ଟାରିଫ୍‌କୁ ପ୍ରତ୍ୟାହାର କରାଯିବ ନାହିଁ କିନ୍ତୁ ଆମେରିକା ଆଗାମୀ ଦିନରେ ଚାଇନାର ଅନ୍ୟ ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ ବୃଦ୍ଧି କରିବ ନାହିଁ।

---

> ଭାରତର ନିରନ୍ତର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ୨୦୩୦ ସୁଦ୍ଧା ଏହା ହାସଲ କରିବା ଲାଗି ପ୍ରୟାସ ଜାରି ରହିବ।
> – ରାଓ ଇନ୍ଦ୍ରଜିତ ସିଂ, ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)



> ଋଣ ଖିଲାପ କରୁଥିବା ଶିକ୍ଷା ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରଷ୍ଟ ଓ ସୋସାଇଟିଗୁଡ଼ିକୁ ଆଇବିସି ଅଧୀନକୁ ଅଣାଯିବା ଆବଶ୍ୟକ।
> – ପଦ୍ମଜା ଚୁନ୍ଦୁରୁ, ଏମ୍‌ଡି ତଥା ସିଇଓ, ଇଣ୍ଡିଆନ ବ୍ୟାଙ୍କ



---

### ବ୍ୟାଙ୍କ ଋଣ ଠକେଇ ମାମଲାରେ ଇଡିର ଦାବି

# ନୀରବ, ଚୋକ୍‌ସିଙ୍କଠୁ ଆଗରେ ସନ୍ଦେସରା ଭ୍ରାତା

- ସନ୍ଦେସରା ଭ୍ରାତା ଠକିଛନ୍ତି ୧୪,୫୦୦ କୋଟି
- ମୋଦି, ଚୋକ୍‌ସିଙ୍କ ଦୁର୍ନୀତି ପରିମାଣ ୧୧,୪୦୦ କୋଟି
- ସନ୍ଦେସରା ଭ୍ରାତାଙ୍କ ୯,୭୭୮ କୋଟିର ସମ୍ପତ୍ତି ଜବତ



**ନୂଆଦିଲ୍ଲୀ,୨୯-୬**

ଜାଲ୍ କମ୍ପାନୀ ପ୍ରତିଷ୍ଠା ମାଧ୍ୟମରେ ବ୍ୟାଙ୍କଗୁଡ଼ିକରୁ ବହୁ ହଜାର କୋଟି ଟଙ୍କା ଋଣ ନେଇ ଠକିଥିବା ଷ୍ଟର୍ଲିଂ ବାୟୋଟେକ କମ୍ପାନୀ ମାଲିକ ସନ୍ଦେସରା ଭ୍ରାତାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚକିତ କଲା ଭଳି ତଥ୍ୟ ପ୍ରଘଟ କରାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଦୁର୍ନୀତିଠାରୁ ଏହି ଠକେଇ ବଡ଼ ବୋଲି ଇଡି କହିଛି।

ଷ୍ଟର୍ଲିଂ ବାୟୋଟେକ ପ୍ରମୋଟର ନୀତିନ ସନ୍ଦେସରା, ଚେତନ ସନ୍ଦେସରା ଓ ଦୀପ୍ତି ସନ୍ଦେସରା ଦେଶର ବିଭିନ୍ନ ବ୍ୟାଙ୍କରୁ ୧୪,୫୦୦ କୋଟି ଟଙ୍କା ଋଣ ଜାଲିଆତି କରିଛନ୍ତି ବୋଲି ଇଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସି ପିଏନ୍‌ବି ଠାରୁ ୧୧,୪୦୦ କୋଟି ଟଙ୍କା ଠକିଛନ୍ତି। ସିବିଆଇ ପକ୍ଷରୁ ୫୩୮୩ କୋଟି ଟଙ୍କା ବ୍ୟାଙ୍କ ଠକେଇ ମାମଲାରେ କମ୍ପାନୀ ଓ ଏହାର ପ୍ରମୋଟରମାନଙ୍କ ବିରୋଧରେ ୨୦୧୭ ଅକ୍ଟୋବରରେ ମାମଲା ଦାଏର କରାଯାଇଥିଲା। ଏହାପରେ ଇଡି ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ମାମଲା ଦାଏର କରାଯାଇଛି। ସନ୍ଦେସରା ଭ୍ରାତା ସେମାନଙ୍କ ବିଦେଶସ୍ଥିତ କମ୍ପାନୀ ମାଧ୍ୟମରେ ବିଦେଶରେ ଥିବା ଭାରତୀୟ ବ୍ୟାଙ୍କ ଶାଖାରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଯାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ,ଏସ୍‌ବିଏଲ୍ ଗ୍ରୁପ୍ ଭାରତୀୟ ବ୍ୟାଙ୍କରୁ ଟଙ୍କା ସହିତ ବିଦେଶୀ ମୁଦ୍ରାରେ ମଧ୍ୟ ଋଣ ନେଇଥିଲେ। ଏହି ଗ୍ରୁପ୍‌କୁ ଆନ୍ଧ୍ର ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ), ଆଲ୍ଲାହାବାଦ୍ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମ ପକ୍ଷରୁ ଋଣ ଦିଆଯାଇଥିଲା। ସନ୍ଦେସରା ଭ୍ରାତା ମିଳିଥିବା ଋଣ ଅର୍ଥକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିଥିବା ଯାଞ୍ଚରୁ ଜଣାପଡିଥିଲା। ବହୁ ଅର୍ଥକୁ ଜାଲ୍ କମ୍ପାନୀ ମାଧ୍ୟମରେ ଏପଟସେପଟ କରାଯାଇଥିଲା। ମୁଖ୍ୟ ପ୍ରମୋଟରମାନେ ଋଣ ଅର୍ଥକୁ ନାଇଜେରିଆରେ ଥିବା ନିଜର ତେଲ ବ୍ୟବସାୟରେ ନିବେଶ କରିବା ସହିତ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରିଥିଲେ। ଇଡି ଚଳିତ ମାସ ୨୭ରେ ଏସ୍‌ବିଏଲ୍/ସନ୍ଦେସରା ଗ୍ରୁପ୍‌ର ୯୭୭୮ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଛି। ଇଡି ଯାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ସନ୍ଦେସରା ଭ୍ରାତାଙ୍କ ମଧ୍ୟରେ ବଡ଼ ନୀତିନ ବିଦେଶସ୍ଥିତ ବ୍ୟବସାୟକୁ ବୁଝାସୁଝା କରୁଥିବା ବେଳେ ଚେତନ ବଡୋଦରା, ମୁମ୍ବାଇ, ଦିଲ୍ଲୀ ଓ ମସୌରୀସ୍ଥିତ ଅଫିସର କାମ ଦେଖାଶୁଣା କରୁଥିଲେ। ଇଡି ପକ୍ଷରୁ ଷ୍ଟର୍ଲିଂ ବାୟୋଟେକ ଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ବ୍ୟବସାୟୀ ହିତେଶ ପଟେଲଙ୍କୁ ଆଲ୍‌ବାନିଆରୁ ଗିରଫ କରିଥିଲା। ତାଙ୍କ ବିରୋଧରେ ମାର୍ଚ୍ଚ ୧୧ରେ ରେଡ କର୍ନର ନୋଟିସ ଜାରି କରାଯାଇଥିଲା।

### କେୟାର ହସ୍ପିଟାଲରେ ନୂଆ ଫାସିଲିଟି




**ବିନା ଅସ୍ତ୍ରୋପଚାର ଚିକିତ୍ସା ମାଧ୍ୟମରେ ହେବ ଓଜନ ହ୍ରାସ**

**ଭୁବନେଶ୍ୱର,୨୯-୬**

ସ୍ଥାନୀୟ କେୟାର ହସ୍ପିଟାଲରେ ବିନା ଅସ୍ତ୍ରୋପଚାର ଚିକିତ୍ସା ମାଧ୍ୟମରେ ଓଜନ ହ୍ରାସ ପ୍ରକ୍ରିୟା କାର୍ଯ୍ୟକ୍ରମ(ଇଏସ୍‌ଜି)ର ଶୁଭାରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏହି ଫାସିଲିଟିକୁ ଶୁଭାରମ୍ଭ କରିଥିଲେ। ଏକ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନା କରୁଥିବା ଲୋକମାନଙ୍କୁ ପୂର୍ବରୁ ଚିକିତ୍ସା ଲାଗି ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ନୂଆ ସୁବିଧା ଦ୍ୱାରା ଏହା ଲୋକଙ୍କ ଲାଗି ସହାୟକ ହେବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଛନ୍ତି। ବିଶ୍ୱ ପ୍ରସିଦ୍ଧ ଡାକ୍ତର ମୋହିତ ଭଣ୍ଡାରି କେୟାର ହସ୍ପିଟାଲ ସହ ମିଳିତ ହୋଇ ଏହି ଚିକିତ୍ସା ସୁବିଧା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବେ। ତାଙ୍କୁ ମନ୍ତ୍ରୀ ଏଥି ଲାଗି ଧନ୍ୟବାଦ ପ୍ରଦାନ କରିଛନ୍ତି। ଡ. ଭଣ୍ଡାରି ୧୧,୦୦୦ରୁ ଊର୍ଦ୍ଧ୍ୱ ବାରିଆଟ୍ରିକ ସର୍ଜରୀ ସମ୍ପାଦନ କରିଛନ୍ତି। ପ୍ରାୟ ୭୦ ଦେଶରେ ଏହି ସେବା ଯୋଗାଣ ସହ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସେ ଖ୍ୟାତି ଅର୍ଜନ କରିଛନ୍ତି। ସେହିଭଳି ସେ ୫୦ରୁ ଊର୍ଦ୍ଧ୍ୱ ଡାକ୍ତରଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ହସ୍ପିଟାଲର ସିଇଓ ଗୁରୀତ କୌର ସେଠୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



### ଏନ୍‌ସିଏଲ୍‌ଟି ଯିବାକୁ ଏୟାର ଇଣ୍ଡିଆ ପାଇଲଟଙ୍କ ଚେତାବନୀ

**ନୂଆଦିଲ୍ଲୀ,୨୯-୬**

ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ପୁନର୍ବାର ବିକ୍ରି କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଆସନ୍ତା ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଅନ୍ୟପକ୍ଷରେ ପାଇଲଟମାନଙ୍କ ପକ୍ଷରୁ କମ୍ପାନୀକୁ ଚେତାବନୀ ଦିଆଯାଇଛି। ବିକ୍ରି ପୂର୍ବରୁ ସେମାନଙ୍କ ବକେୟା ଦରମା, ଭତ୍ତା ଆଦି ବାବଦରେ ପ୍ରାୟ ୧ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି। ବକେୟା ବାବଦ ଅର୍ଥ ନ ପାଇଲେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ନିକଟରେ ସେମାନେ ଅଭିଯୋଗ କରିବେ ବୋଲି ଚେତାବନୀରେ ଉଲ୍ଲେଖ କରିଛନ୍ତି। ଅଦାଲତକୁ ଗଲେ ଏୟାର ଇଣ୍ଡିଆର ବିକ୍ରି ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଏୟାର ଇଣ୍ଡିଆ ଏକ୍‌ଜିକ୍ୟୁଟିଭ ପାଇଲଟ୍ସ ଆସୋସିଏଶନ ପକ୍ଷରୁ କମ୍ପାନୀ ଅଧ୍ୟକ୍ଷଙ୍କ ନିକଟକୁ ଲେଖାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସେମାନଙ୍କ ଆକଳନ ଅନୁଯାୟୀ ୧୯୯୭ରୁ ୨୦୦୬ ପର୍ଯ୍ୟନ୍ତ ଦରମା ସଂଶୋଧନ ଓ ଭତ୍ତା ଆଦି ବକେୟା ରହିଛି।

### ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ ଋଣକୁ ୟୁବିଆଇର ଫୋକସ



**କଲିକତା,୨୯-୬**

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପକ୍ଷରୁ ଏହାର ୧୦ମ ବାର୍ଷିକ ସାଧାରଣ ବୈଠକ କଲିକତାଠାରେ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ସମେତ ବ୍ୟାଙ୍କର ଅଂଶୀଦାରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କରେ ୯୬% ଅଂଶଧନ କେନ୍ଦ୍ର ସରକାରଙ୍କ ନିକଟରେ ରହିଛି। ୟୁବିଆଇ ବର୍ତ୍ତମାନ ଲାଭଜନକ ସ୍ଥିତିକୁ ଫେରିଥିବା ବେଳେ ଗତ ତ୍ରୈମାସରେ ୯୬ କୋଟି ଟଙ୍କା ନେଟ୍ ଲାଭ କରିବାକୁ ସକ୍ଷମ ହୋଇଥିବା ସୂଚନା ରହିଛି। ରିଟେଲ,କୃଷି ଏବଂ ଏମ୍‌ଏମ୍‌ଏମ୍‌ଇ ଋଣ ଯୋଗାଣକୁ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି। ବ୍ୟାଙ୍କରେ ବୀମା ସୁବିଧା ପ୍ରଦାନ ଲାଗି ବିଭିନ୍ନ ଅଂଶୀଦାରଙ୍କ ସହ ଚୁକ୍ତି, ମ୍ୟୁଚୁଆଲ ଫଣ୍ଡ ତଥା ଡିମାଟ ଟ୍ରେଡିଂ ସୁବିଧା ଲାଗି ପଦକ୍ଷେପ ନିଆଯାଇଛି। ଋଣ ଅସୁଲି ଲାଗି ଷ୍ଟ୍ରେସ ଆସେଟ ପରିଚାଳନା ଶାଖା ଖୋଲା ଯାଇଥିବା ସେ ସୂଚନା ଦେଇଛନ୍ତି।

**PARADIP PORT TRUST**
**e-TENDER NOTICE**
Name of the work: Invitation for expression of interest (EOI) for upgradation of marine aquarium at Paradip Port. Date of available of tender for online bidding : 24.06.2019 to 23.07.2019 upto 17.00 Hrs. For details of the tender for on-line bidding is available in the Website : https://eprocure.gov.in/eprocure/app.
Executive Engineer,
Building Construction Division
PPT/PR/155/19-20, DT.29.06.2019

See Career Appointment on every Wednesday & Saturday

**MCL** Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in
**GENERAL TENDER NOTICE FOR e-PROCUREMENT**
Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : hlp-eproc.mcl@nic.in
R-4919
Give a missed call on toll free number 1800 200 3004 to get our apps.

**DIRECTORATE OF TECHNICAL EDUCATION & TRAINING ODISHA, BUXIBAZAR,KILLAMAIDAN,CUTTACK-753001**
No.06-KK
**Diploma Admission-2019 (Phase-II)**
Notice for on-line registration for admission into 1st Sem./Year and 3rd Semester (Lateral Entry) Courses of Diploma Engineering Institutions of the State.
It is brought to the attention of all interested candidates that the on-line registration (PHASE-II) for admission into 1st Semester/Year and 3rd Semester (Lateral Entry) in Diploma courses of Diploma Engineering Institutions will commence from **01.07.2019.** For details, please log on to- www.samsodisha.gov.in.
Sd/-
Director of Technical Education & Training, Odisha
14004/11/0007/1920

No. 13-V
**ଓଡିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**
**PRERANA ମାଧ୍ୟମରେ ଛାତ୍ରବୃତ୍ତି ପାଇବା ନିମନ୍ତେ ଆଧାର ନମ୍ବର ବାଧ୍ୟତାମୂଳକ ସଂକ୍ରାନ୍ତରେ ସୂଚନା**
ଏତଦଦ୍ୱାରା ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଯେଉଁମାନେ ୨୦୧୯-୨୦ ଶିକ୍ଷା ବର୍ଷଠାରୁ ଛାତ୍ରବୃତ୍ତି ଆବେଦନ କରିବାପାଇଁ ଇଚ୍ଛୁକ ସେମାନଙ୍କ ନିମନ୍ତେ, "ଆଧାର" ଅଧିନିୟମର ଧାରା ୭ (Targeted Delivery of Financial and Other Subsidies, Benefits and Services) Act, 2016) ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଅଧିସୂଚନା ବଳରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ "ଆଧାର" ନମ୍ବର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଅଛି । ଏହି ସଂକ୍ରାନ୍ତରେ ରାଜ୍ୟ ସରକାର ମଧ ତା ୨୬. ୦୬. ୨୦୧୯ ରେ ଅଧିସୂଚନା ସଂଖ୍ୟା 10744/ଏସ.ଏସ.ଡ଼ି ଜାରି କରିଛନ୍ତି ।
ମାଟ୍ରିକ ପୂର୍ବ (ନବମ ଓ ଦଶମ ଶ୍ରେଣୀ)/ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ, ନୂତନ ଦରଖାସ୍ତ କିମ୍ବା ନବୀକରଣ ସମୟରେ "ଆଧାର" ନମ୍ବର ପ୍ରଦାନ କରିବେ କିମ୍ବା ପ୍ରେରଣା ପୋର୍ଟାଲ ମାଧ୍ୟମରେ ଆଧାର ନମ୍ବର ପୃଷ୍ଟିକରଣ ନିତ୍ୟାନ୍ତ ଜରୁରୀ ଅଟେ ।
ଯେଉଁ ଛାତ୍ରଛାତ୍ରୀମାନଙ୍କର ଅଦ୍ୟାବଧି "ଆଧାର" ନମ୍ବର ନାହିଁ କିମ୍ବା ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ୩୧. ୦୭.୨୦୧୯ ସୁଦ୍ଧା ଯେ କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ନିଜକୁ ପଞ୍ଜୀକୃତ କରିବେ (ତାଲିକା www.uidai.gov.in ରେ ଉପଲବ୍ଧ) । ଯଦି ଦରଖାସ୍ତ ଦାଖଲ ସମୟରେ ଆଧାର ମିଳିନଥିବ, ତେବେ ଦରଖାସ୍ତକାରି ଆଧାର ପାଞ୍ଜିକରଣ ଚିଠା ସହିତ ନିମ୍ନଲିଖିତ ଫଟୋ ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପ୍ରେରଣା ପୋର୍ଟାଲରେ ପ୍ରଦାନ କରିବେ :-
୧. ଭାରତର ନିର୍ବାଚନ ଆୟୋଗ ଙ୍କ ଦ୍ୱାରା ପ୍ରଦତ୍ତ ଭୋଟ ପରିଚୟ ପତ୍ର ।
୨. ଖାଉଟି ପରିଚୟ ପତ୍ର (Ration Card) ।
୩. ମୋଟର ଯାନ ଅଧିନିୟମ ୧୯୮୮ ଅନୁଯାୟୀ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଫଟୋଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ।
୪. ଗେଜିଟେଡ ଅଧିକାରୀଙ୍କ ଦ୍ୱାରା କିମ୍ବା ତହସିଲଦାରଙ୍କ ଦ୍ୱାରା ସରକାରୀ ଦସ୍ତାବୀଜରେ ଫଟୋ ଥିବା ପ୍ରମାଣ ପତ୍ର ।
୫. PAN କାର୍ଡ ।
ବି.ଦ୍ର: ପ୍ରେରଣା ପୋର୍ଟାଲ ମାଧ୍ୟମରେ ଛାତ୍ରବୃତ୍ତି ଆବେଦନ ସୁରୁଖୁରୁରେ ସମ୍ପାଦନ କରିବାପାଇଁ ଛାତ୍ରଛାତ୍ରୀ/ ଅଭିଭାବକ ମାନଙ୍କର ଦୃଷ୍ଟିଆକର୍ଷଣ ନିମନ୍ତେ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଅଛି ।
(ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ)
26001/11/0004/1920

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

ବର୍ମିଂହାମ,୨୯।୬(ପ୍ର.ଟି.)

ଚଳିତ ଆଇସିସି ବିଶ୍ୱକପର ଗୁରୁତ୍ୱପୂର୍ଣ୍ଣ ୩୮ତମ ମ୍ୟାଚ୍‌ରେ ଦୁଇ ଫେଭରାଇଟ ଦଳ ଭାରତ ଓ ଇଂଲଣ୍ଡ ରବିବାର ମୁହାଁମୁହିଁ ହେବେ। ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ହାଇପ୍ରୋଫାଇଲ ମ୍ୟାଚରେ ଭାରତ ଇଂଲଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍‌ରେ ଏକମାତ୍ର ଦଳ ଭାବେ ଅପରାଜିତ ରହିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାରେ ଅଷ୍ଟ୍ରେଲିଆ ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଇଂଲଣ୍ଡ ଏହି ମ୍ୟାଚ୍‌ରେ ପରାସ୍ତ ହେଲେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିବ। ଇଂଲଣ୍ଡ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ତେଣୁ ସେମିଫାଇନାଲକୁ ଉଠିବାକୁ ହେଲେ ଇଂଲଣ୍ଡକୁ ତା'ର ବାକି ଦୁଇଟି ମ୍ୟାଚ୍ ଜିତିବାକୁ ହେବ। ଫଳରେ ଏହି ମ୍ୟାଚ୍ ଇଂଲଣ୍ଡ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି।

କିଛି ଦିନ ପୂର୍ବରୁ ଇଂଲଣ୍ଡକୁ ବିଶ୍ୱକପର ଫେଭରାଇଟ ଦଳ ବୋଲି ବିବେଚନା କରାଯାଉଥିଲା। ତେବେ ଇଅନ ମୋର୍ଗାନଙ୍କ ଏହି ଦଳ ପ୍ରଥମ କେତୋଟି ମ୍ୟାଚ୍ ଜିତିବା ପରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜୟ ବରଣ କରିଥିଲା। ଫଳରେ ଇଂଲଣ୍ଡକୁ ଏବେ ସେମିଫାଇନାଲକୁ ଉଠିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଗତକିଛି ବର୍ଷ ମଧ୍ୟରେ ଇଂଲଣ୍ଡ ଶ୍ରେଷ୍ଠ ଦିନିକିଆ ଦଳ ରୂପେ ଉଭା ହୋଇଛି। ଅଧିନାୟକ ମୋର୍ଗାନଙ୍କ ସହ ଜୋସ ବଟଲର, ଜନି ବେୟାରଷ୍ଟୋ, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚରଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ରହିଛନ୍ତି।

ଏଜବାଷ୍ଟନ ଗ୍ରାଉଣ୍ଡରେ ରବିବାର ଭାରତୀୟ ଦର୍ଶକଙ୍କ ଉପସ୍ଥିତି ଅଧିକ ରହିବ। ଇଂଲଣ୍ଡ ଏବେ ଅତ୍ୟଧିକ ଚାପରେ ରହିଛି। ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ ଓ କେଭିନ ପିଟରସନଙ୍କୁ ସମାଲୋଚନା କରିଛନ୍ତି।

**ଆଜିର ମ୍ୟାଚ୍**
**ଭାରତ**
**ବନାମ**
**ଇଂଲଣ୍ଡ**
ସ୍ଥାନ
ବର୍ମିଂହାମ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଏହି ପୂର୍ବତନ ଖେଳାଳିମାନେ ଆମେ ହାରୁ ବୋଲି ଅପେକ୍ଷା କରିଛନ୍ତି। ଆମେ ବିଜୟୀ ହେଉ ବୋଲି ଏମାନେ ଚାହାନ୍ତି ନାହିଁ। ତେବେ ସବୁପ୍ରକାର ଚାପ ଓ ଚ୍ୟାଲେଞ୍ଜ ସତ୍ତ୍ୱେ ଆମେ ବିଜୟୀ ହେବାକୁ ପ୍ରୟାସ କରିବୁ ବୋଲି ବେୟାରଷ୍ଟୋ କହିଛନ୍ତି। ଏଜବାଷ୍ଟନର ଏହି ଗ୍ରାଉଣ୍ଡ ଭାରତ ପାଇଁ ଉପମହାଦେଶୀୟ ତଥା ଅନୁକୂଳ ପରିବେଶ ସୃଷ୍ଟି କରିଛି। ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଓ ଶୁଖିଲା ପିଚ୍‌ରେ ବଲ୍ ଭଲ ଟର୍ନ କରିବ। ଦୁଇ ରିଷ୍ଟସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ସମେତ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଇଂଲଣ୍ଡକୁ ସମସ୍ୟାରେ ପକାଇବେ। ପାକିସ୍ତାନ, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ରନ୍ ଚେଜ୍ କରିବାରେ ବିଫଳ ହୋଇଥିଲା। ଏଭଳି ପରିସ୍ଥିତିରେ ଇଂଲଣ୍ଡ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଛି। ଗତ ଭାରତ ବିପକ୍ଷ ଘରୋଇ ସିରିଜରେ ଭାରତକୁ ୨-୧ରେ ଇଂଲଣ୍ଡ ହରାଇଥିଲା। ତେବେ ସେତେବେଳେ ଆଘାତ ସମସ୍ୟା କାରଣରୁ ବୁମ୍‌ରା ଖେଳି ନ ଥିଲେ। ତେବେ ଏହି ସିରିଜ ବିଜୟରୁ ଇଂଲଣ୍ଡ ପ୍ରେରଣା ପାଇବା ଲକ୍ଷ୍ୟରେ ରହିଛି।

ଅପରପକ୍ଷରେ ଭାରତ ଇଂଲଣ୍ଡ ପାଇଁ ଅତ୍ୟଧିକ ରଣନୀତି ଆପଣେଇବା ଉପରେ ଗୁରୁତ୍ୱ ଦେଉନାହିଁ ଦ୍ରୁତ ବୋଲର ମହମ୍ମଦ ସାମି କହିଛନ୍ତି। ପ୍ରତିପକ୍ଷ ଦଳକୁ ନେଇ ଅତ୍ୟଧିକ ଚିନ୍ତା ନ କରି ଦଳର ସ୍କିଲ୍ ଉପରେ ଧ୍ୟାନ ଦେବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି। ଦୁଇଟି ମ୍ୟାଚ୍ ଖେଳି ସାମି ୮ ଉଇକେଟ ହାସଲ କରି ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଭାରତ ବିଜୟଧାରା ବଜାୟ ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିନାହିଁ। ଭାରତର ମିଡଲ ଅର୍ଡର ବ୍ୟାଟିଂ ସମସ୍ୟା ରହିଛି। ବିଜୟ ଶଙ୍କର ୪ ନମ୍ବରରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହି ସ୍ଥାନରେ ଋଷଭ ପନ୍ତଙ୍କୁ ଖେଳାଇବାରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସେଭଳି କୌଣସି ଉତ୍ସାହ ଦେଖାଇନାହିଁ।


ନେଟ୍ସରେ ବ୍ୟାଟିଂ କରୁଛନ୍ତି ମହେନ୍ଦ୍ର ସିଂ ଧୋନୀ।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଋଷଭ ପନ୍ତ, ଦୀନେଶ କାର୍ତ୍ତିକ, ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜା
- **ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜେମ୍ସ ଭିନ୍ସ, ଜନି ବେୟାରଷ୍ଟୋ, ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ମୋଇନ ଅଲି, ଆଦିଲ ରସିଦ, ଜୋଫ୍ରା ଆର୍ଚର, ଜାସନ ରଏ, ଲିଅମ ପ୍ଲଙ୍କେଟ, ଟମ୍ କୁରାନ ଓ ଲିଅମ ଡସନ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୬** | **୫** | **୦** | **୦** | **୧** | **୧୧** | **+୧.୧୬୦** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଲର୍ଡ୍ସ,୨୯।୬(ପି.ଟି.):** ଚଳିତ ଆଇସିସି ବିଶ୍ୱକପ୍‌ର ୩୭ତମ ମ୍ୟାଚ୍‌ରେ ଶନିବାର ଅଷ୍ଟ୍ରେଲିଆ ୮୬ ରନରେ ପଡୋଶୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ୧୪ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୧୧ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୩.୪ ଓଭରରେ ୧୫୭ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଛି। ୭୧ରନର ଉପଯୋଗୀ ଇନିଂସ ଖେଳିଥିବା ଅଷ୍ଟ୍ରେଲୀୟ ଉଇକେଟକିପର ଆଲେକ୍ସ କାରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୪୪ ରନର ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଅଧିନାୟକ କେନ୍ ୱିଲିୟମସନ ସର୍ବାଧିକ ୪୦ ରନ କରିଆଉଟ ହୋଇଥିଲେ। ସେହିପରି ଅଭିଜ୍ଞ ରସ ଟେଲର ୩୦, ମାର୍ଟିନ ଗୁପ୍ଟିଲ ୨୦, ଉଇକେଟକିପର ଟମ୍ ଲାଥମ ୧୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଉସ୍‌ମାନ ଖ୍ୱାଜା (୮୮ ରନ) ଓ ଆଲେକ୍ସ କାରେ (୭୧)ଙ୍କ ଉପଯୋଗୀ ଇନିଂସ ବଳରେ ୯ ଉଇକେଟ ହରାଇ ୨୪୩ ରନ୍ କରିଥିଲା। ଡେଭିଡ୍ ୱାର୍ନର ୧୬, ଆରୋନ ଫିଞ୍ଚ୍ ୮, ମାର୍କସ ଷ୍ଟୋଇନିସ ୨୧, ପ୍ୟାଟ କୁମିନ୍ସ ୨୩ ରନ କରିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହ୍ୟାଟ୍ରିକ୍ ସହ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୪ ଉଇକେଟ ନେଇଥିଲେ। ଲୋକି ଫର୍ଗୁସନ ଓ ଜିମ୍ମି ନିଶାମ ୨ଟି ଲେଖାଏ, କେନ ୱିଲିୟମସନଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

# ହ୍ୟାଟ୍ରିକ କ୍ଲବରେ ବୋଲ୍ଟ



**ଲଣ୍ଡନ, ୨୯।୬:** ଇଂଲଣ୍ଡରେ ଚାଲିଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଆଉ ଜଣେ ବୋଲର ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଛନ୍ତି। ଶନିବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଲଗାତର ୩ ବଲରେ ଉଇକେଟ୍ ନେଇ ବିରଳ କ୍ଲବରେ ନିଜ ନାମକୁ ସାମିଲ କରିଛନ୍ତି। ଅଷ୍ଟ୍ରେଲିଆ ଇନିଂସର ଅନ୍ତିମ ତଥା ୫୦ତମ ଓଭରର ୩ୟ, ୪ର୍ଥ ଓ ୫ମ ବଲରେ ଯଥାକ୍ରମେ ଉସମାନ ଖ୍ୱାଜା (୮୮ ରନ), ମିଚେଲ ଷ୍ଟାର୍କ (୦) ଓ ଜାସନ ବେହରେନଡ୍ରୋଫ୍ (୦)ଙ୍କୁ ଆଉ କରି ବୋଲ୍ଟ ବିଶ୍ୱର ୧୦ମ ଖେଳାଳି ଭାବେ ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେବାରେ ଏହା କିନ୍ତୁ ୧୧ତମ ଘଟଣା। ଏକମାତ୍ର ଖେଳାଳି ଭାବେ ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ବିଶ୍ୱକପ୍‌ରେ ୨ଥର ହ୍ୟାଟ୍ରିକ ନେଇଛନ୍ତି। ଅପରପକ୍ଷରେ ଚଳିତ ବିଶ୍ୱକପ୍‌ରେ ଭାରତର ମହମ୍ମଦ ସାମିଙ୍କ ପରେ ୨ୟ ବୋଲରଭାବେ ବୋଲ୍ଟ ହ୍ୟାଟ୍ରିକ ନେଇଛନ୍ତି। ସାମି ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ।

## ବିଶ୍ୱକପ୍‌ରେ ହ୍ୟାଟ୍ରିକ

| ଖେଳାଳି | ଦେଶ | ପ୍ରତିପକ୍ଷ | ମସିହା |
|---|---|---|---|
| ଚେତନ ଶର୍ମା | ଭାରତ | ନ୍ୟୁଜିଲାଣ୍ଡ | ୧୯୮୭ |
| ସାକଲିନ ମୁସ୍ତାକ | ପାକିସ୍ତାନ | ଜିମ୍ବାୱେ | ୧୯୯୯ |
| ଚାମିଣ୍ଡା ଭାସ | ଶ୍ରୀଲଙ୍କା | ବାଂଲାଦେଶ | ୨୦୦୩ |
| ବ୍ରେଟ୍ ଲି | ଅଷ୍ଟ୍ରେଲିଆ | କେନିଆ | ୨୦୦୩ |
| ଲସିଥ୍ ମାଲିଙ୍ଗା | ଶ୍ରୀଲଙ୍କା | ଦକ୍ଷିଣ ଆଫ୍ରିକା | ୨୦୦୭ |
| କେମାର ରୋଚ୍ | ୱେଷ୍ଟଇଣ୍ଡିଜ | ନେଦରଲାଣ୍ଡସ୍ | ୨୦୧୧ |
| ଲସିଥ୍ ମାଲିଙ୍ଗା | ଶ୍ରୀଲଙ୍କା | କେନିଆ | ୨୦୧୧ |
| ଷ୍ଟିଭେନ୍ ଫିନ୍ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ୨୦୧୫ |
| ଜେପି ଡୁମିନି | ଦକ୍ଷିଣ ଆଫ୍ରିକା | ଶ୍ରୀଲଙ୍କା | ୨୦୧୫ |
| ମହମ୍ମଦ ସାମି | ଭାରତ | ଆଫଗାନିସ୍ତାନ | ୨୦୧୯ |
| ଟ୍ରେଣ୍ଟ ବୋଲ୍ଟ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ | ୨୦୧୯ |

# ପାକିସ୍ତାନର ସଂଘର୍ଷପୂର୍ଣ୍ଣ ବିଜୟ

ଲିଡ୍ସ,୨୯।୬(ପି.ଟି.)

ଆଇସିସି ବିଶ୍ୱକପ୍‌ର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନ ୨ଟି ବଲ ବାକି ରଖି ୩ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଟସ୍ ଜିତି ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୭ ରନ କରିଥିଲା। ଜବାବରେ ପାକିସ୍ତାନ ବିପର୍ଯ୍ୟୟ ସତ୍ତ୍ୱେ ୪୯.୪ ଓଭରରେ ୭ ଉଇକେଟ ହରାଇ ୨୩୦ ରନ କରି ବିଜୟୀ ହୋଇଛି। ଏଥି ସହିତ ପାକିସ୍ତାନ ୮ଟି ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠି ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ଆଫଗାନିସ୍ତାନ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ବିନା ପଏଣ୍ଟ ସହ ତାଲିକାର ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। ୨ ଉଇକେଟ ନେବା ସହ ଅପରାଜିତ ୪୯ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇମାଦ ୱାସିମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୨୮ ରନର ଛୋଟିଆ ବିଜୟ ଲକ୍ଷ୍ୟ ପିଛା କରି ପାକିସ୍ତାନ ତାରକା ଓପନର ଫକର ଜମାନଙ୍କୁ ବିନା ସ୍କୋରରେ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦ୍ୱିତୀୟ ଉଇକେଟରେ ଇମାମ ଉଲ ହକ ଓ ବାବର ଆଜମ ୭୨ ରନ ସଂଗ୍ରହ କରିଥିଲେ। ଇମାମ ୩୬ ଓ ଆଜମ ୪୫ ରନକରି ମହମ୍ମଦ ନବୀଙ୍କ ଶିକାର ହୋଇଥିଲେ। ଏହାପରେ ଅଭିଜ୍ଞ ମହମ୍ମଦ ହାଫିଜ୍ ୧୯ ରନ କରିଥିବା ବେଳେ ମୁଜିବ ଉର ରହମାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଇନ୍‌ଫର୍ମ ହାରିସ ସୋହେଲ ୨୭ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ରସିଦ ଖାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ସର୍ଫରାଜ ଅହମ୍ମଦ ୧୮ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଏହାପରେ ୧୧ ରନ କରିଥିବା ବେଳେ ଶଦାବ ଖାଁ ମଧ୍ୟ ରନ୍ ଆଉଟ ହୋଇଥିଲେ। ସପ୍ତମ ଉଇକେଟରେ ଇମାଦ ୱାସିମ ଓ ଶଦାବ ୫୦ ରନକରି ସ୍ଥିତି ସମ୍ଭାଳିଥିଲେ। ଇମାଦ ୫୪ ବଲରୁ ୫ ଚୌକା ସହ ୪୯ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ସେହିପରି ୯ ବଲରୁ ୧ ଚୌକା ଓ ୧ ଛକା ସହ ୱାହାବ ରିୟାଜ ୧୫ ରନ କରି ଅପରାଜିତ ରହିଥିଲେ। ସପ୍ତମ ଉଇକେଟରେ ୱାସିମ ଓ ରିୟାଜ ୧୮ ବଲରୁ ଦ୍ରୁତ ୨୪ ରନ କରି ଦଳକୁ ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରହମାନ ଓ ନବୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବଙ୍କୁ ସଅଳ ହରାଇଥିଲା। ନାଇବ ୧୫ ରନ କରି ଆଫ୍ରିଦୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟତମ ଓପନର ରହମତ ଶାହ ୩୫ ରନ କରି ସ୍ପିନର ଇମାଦ ୱାସିମଙ୍କ ଶିକାର ହୋଇଥିଲେ। ୫୭ ରନରେ ୩ ଉଇକେଟ ହରାଇ ଆଫଗାନିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଅସଘର ଆଫଗାନ ଓ ନାଜିବୁଲ୍ଲା ଜଡ୍ରାନ ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଆଫଗାନ ୪୨ ରନ କରି ଆଉଟ ହୋଇଥିଲେ। ସେହିପରି ନାଜିବୁଲ୍ଲା ୫୪ଟି ବଲର ସମ୍ମୁଖୀନ ହୋଇ ୪୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦୀ ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ।

## ସଂକ୍ଷିପ୍ତ ସ୍କୋର

- **ଆଫଗାନିସ୍ତାନ ୫୦ ଓଭରରେ ୨୨୭/୯** (ଅସଘର- ୪୨, ନାଜିବୁଲ୍ଲା- ୪୨, ରହମତ- ୩୫, ଅଲିଖିଲ- ୨୪, ଆଫ୍ରିଦୀ- ୪/୪୭, ୱାସିମ- ୨/୪୮, ରିୟାଜ- ୨/୨୯)
- **ପାକିସ୍ତାନ ୪୯.୪ ଓଭରରେ ୨୩୦/୭** (ବାବର- ୪୫, ଇମାଦ- ୪୯*, ଇମାମ- ୩୬, ସୋହେଲ- ୨୭, ରିୟାଜ- ୧୫*, ରହମାନ- ୨/୩୪, ନବୀ- ୨/୨୩ )

# ସୁଯୋଗ ହାତଛଡ଼ା କଲା ଶ୍ରୀଲଙ୍କା

କୁମାର ସଙ୍ଗକାରା

ଇଂଲଣ୍ଡକୁ ପରାସ୍ତ କରି ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଦ୍ୱାରା ଶ୍ରୀଲଙ୍କା ଚତୁର୍ଥ କ୍ୱାଲିଫିକେଶନ ସ୍ଥାନ ପାଇଁ 'ଡଗ୍ ଫାଇଟ୍' ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁର୍ଭାଗ୍ୟଜନକ ପ୍ରଦର୍ଶନ ଏହି ଦଳକୁ ପୁଣି ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଛି। ଏକ ନୂଆ ପିଚ୍‌ରେ ଟସ୍ ହାରି ଦକ୍ଷିଣ ଆଫ୍ରିକା ଦ୍ୱାରା ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବା ଲାଗି ଶ୍ରୀଲଙ୍କା ପାଇଁ ଏକ ସୁଯୋଗ ଥିଲା। ଦଳ ଭଲ ସ୍କୋର କରିପାରିଥିଲେ ପରେ ବୋଲିଂରେ ଦକ୍ଷିଣ ଆଫ୍ରିକା ଉପରେ ଅଙ୍କୁଶ ଲଗାଇ ପାରିଥାନ୍ତା। ମାତ୍ର ତାହା ହୋଇପାରିଲାନି। ପ୍ରଥମ ଓଭରରେ ଦଳ କରୁଣାରତ୍ନେଙ୍କୁ ହରାଇଥିଲା। ପରେ କୁଶଲ ପେରେରା ଏବଂ ଅଭିଷ୍କା ଫର୍ନାଣ୍ଡୋଙ୍କ ମଧ୍ୟରେ ଦ୍ରୁତ ୬୭ରନର ପାର୍ଟନରଶିପ୍ ଯୋଗୁ ଦଳ ଏକ ଚ୍ୟାଲେଞ୍ଜିଂ ସ୍କୋର କରି ପାରିବ ବୋଲି ଆଶା ସଞ୍ଚାର ହୋଇଥିଲା। ଅଭିଷ୍କାଙ୍କଠାରୁ ପୁଣି ଏକ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ତାଙ୍କ ବ୍ୟାଟ୍‌ରୁ ଭଲ ରନ ଆସୁଛି। ସେ ଜଣେ ସନ୍ତୁଳିତ ଖେଳାଳି ମଧ୍ୟ। ଭବିଷ୍ୟତରେ ସେ ଶ୍ରୀଲଙ୍କାର ଜଣେ ଭଲ ଖେଳାଳି ହୋଇ ବାହାରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଆଞ୍ଜେଲୋ ମାଥ୍ୟୁସ ତାଙ୍କର ସମସ୍ତ ଅଭିଜ୍ଞତା ଖଟାଇ ଚମତ୍କାର ବ୍ୟାଟିଂ ନିଦର୍ଶନ ଦେଖାଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଏହି ଭଳି ଏକ ଇନିଂସ ଖେଳିବା ଯୋଜନାରେ ଥିଲେ। ମାତ୍ର କ୍ରିସ୍ ମୋରିସଙ୍କ ବିପକ୍ଷରେ ଧୈର୍ଯ୍ୟହରା ହୋଇ ସେ ରନ୍ ଆଉଟ ହୋଇଥିଲେ। ମ୍ୟାଚରେ ବିଜୟ ପାଇଁ ଶ୍ରୀଲଙ୍କାକୁ ୨୦୪ ରନର ଟାର୍ଗେଟକୁ ଡିଫେଣ୍ଡ କରିବାର ଥିଲା। ଦଳକୁ ନୂଆ ବଲ୍‌ରେ କିଛି କମାଲ ଦେଖାଇବାର ଥିଲା। ମାଲିଙ୍ଗା ତାଙ୍କର ଏକ ସୁନ୍ଦର ଡେଲିଭରିରେ ବିପଜ୍ଜନକ କ୍ୱିଣ୍ଟନ ଡି'କକ୍‌ଙ୍କୁ ଆଉଟ କରିଦେଇଥିଲେ। ମାତ୍ର ସେ ଇଂଲଣ୍ଡ ବିପକ୍ଷ ସଫଳତାକୁ ଦୋହରାଇ ପାରି ନ ଥିଲେ। ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଦ୍ୱାରା ଦକ୍ଷିଣ ଆଫ୍ରିକା ଏକ ପ୍ରକାର ଆତ୍ମ ବିଶ୍ୱାସ ହରାଇ ବସିଥିଲା। ମାତ୍ର ଅଭିଜ୍ଞ ହାସିମ ଅମ୍‌ଲା ଏବଂ ଫାଫ୍ ଡୁ ପ୍ଲେସିଙ୍କ ମଧ୍ୟରେ ୧୭୫ରନର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଦକ୍ଷିଣ ଆଫ୍ରିକା ସହଜରେ ମ୍ୟାଚ ଜିତି ନେଇଥିଲା। ଏହି ପରାଜୟ ଦ୍ୱାରା ଶ୍ରୀଲଙ୍କା ପାଇଁ ବିଶ୍ୱକପ୍ ଦୌଡ଼ରୁ ବିଦାୟର ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ପରିସଂଖ୍ୟାନ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆଶା ତୁଟି ନାହିଁ। ଆମକୁ ସୋମବାର ୱେଷ୍ଟଇଣ୍ଡିଜ ଏବଂ ପରେ ଭାରତ ବିପକ୍ଷରେ ବିଜୟ ହାସଲ କରିବାକୁ ପଡ଼ିବ। ଅନ୍ୟପଟେ ଇଂଲଣ୍ଡ, ପାକିସ୍ତାନ ଏବଂ ବାଂଲାଦେଶକୁ ସେମାନଙ୍କ ମ୍ୟାଚରେ ପରାସ୍ତ ହେବାକୁ ପଡ଼ିବ। ୱେଷ୍ଟଇଣ୍ଡିଜ ଅସ୍ଥିର ପ୍ରଦର୍ଶନ କରୁଥିଲେ ମଧ୍ୟ ଏକ ବିଜ୍ଞନକ ଦଳ। ଏହାକୁ ପରାସ୍ତ କରିବାକୁ ହେଲେ ଇଂଲଣ୍ଡ ବିପକ୍ଷରେ ଦଳ ଯେପରି ଖେଳିଥିଲା, ସେହିଭଳି ଖେଳିବାକୁ ହେବ। କିନ୍ତୁ ଭାରତକୁ ଜିତିବା ସହଜ ହେବ ନାହିଁ।

ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚରେ ଦୋହଲି ଯାଇଥିଲେ ମଧ୍ୟ ଭାରତ ତଥାପି ଶକ୍ତିଶାଳୀ ମନେ ହେଉଛି। ଶିଖର ଧାୱନଙ୍କ ଅନୁପସ୍ଥିତରେ ଭାରତ ଦଳର ଟପ୍ ଅର୍ଡରରେ ସାମାନ୍ୟ ଦୁର୍ବଳତା ପ୍ରକାଶ ପାଇଛି। କିନ୍ତୁ ଉଭୟ ବିରାଟ କୋହଲି ଏବଂ ଏମଏସ୍ ଧୋନୀ ଚମତ୍କାର ଫର୍ମରେ ରହିଛନ୍ତି। ରବିବାର ବର୍ମିଂହାମ୍‌ଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ବଡ଼ ମ୍ୟାଚ ଖେଳାଯିବ। ତିନିଥର ରନ୍ ଚେଜ୍ କରିବାରେ ବିଫଳ ହୋଇଥିବା ଇଂଲଣ୍ଡ ପାଇଁ ବିଶେଷ କରି ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ୍ ଆରମ୍ଭରେ ଇଂଲଣ୍ଡ ଟୁର୍ନାମେଣ୍ଟ ଫେଭରାଇଟ୍ ଭଳି ଖେଳିଥିଲା। ମାତ୍ର ଗତ ଦୁଇ ସପ୍ତାହ ହେଲା ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଟପ୍ ଅର୍ଡରରେ ଜାସନ ରୟଙ୍କୁ ମିସ୍ କରି ଦଳ ଚାପରେ ଥିବା ଭଳି ମନେ ହେଉଛି। ଭାରତ ବିପକ୍ଷ ମ୍ୟାଚକୁ ସେ ଫେରନ୍ତୁ ଏବଂ ପ୍ରଦର୍ଶନ ଦ୍ୱାରା ଦଳର ବ୍ୟାଟିଂକୁ ନୂଆ ଜୀବନ ଦେବାରେ ସହାୟକ ହୁଅନ୍ତୁ ବୋଲି ଇଂଲଣ୍ଡ ଚାହିଁବା ସ୍ୱାଭାବିକ।

-(ଗେମ୍‌ପ୍ଲାନ)

THE ULTIMATE INVERTER BATTERY
EXIDE INVATUBULAR

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁନ୍, ୨୦୧୯





“ଇଣ୍ଟରନ୍ୟାଶନାଲ କ୍ରିକେଟରେ ଜଣେ ଦକ୍ଷ ବୋଲର ହିସାବରେ ପରିଚୟ ସୃଷ୍ଟି କରିବା ସହ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍‌ରେ ଖେଳିବା ଲକ୍ଷ୍ୟ ରଖିଛି ।

–ଡ୍ୱେନ ପ୍ରିଷ୍ଟୋରିଅସ, ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର



“ମଙ୍ଗଳବାର ଖେଳାଯିବାକୁଥିବା ବ୍ରାଜିଲ–ଆର୍ଜେଣ୍ଟିନା କୋପା ଆମେରିକା ସେମିଫାଇନାଲ ମ୍ୟାଚ୍‌ରେ କୌଣସି ଦଳ ଫେଭରାଇଟ୍ ନୁହନ୍ତି ।

–ଲିଓନେଲ ମେସି, ଆର୍ଜେଣ୍ଟିନାର ଷ୍ଟାର ଫୁଟ୍‌ବଲର

## ସଂକ୍ଷେପରେ

### 'କେବଳ ଗୋଟିଏ ମ୍ୟାଚ୍‌ରେ ଅରେଞ୍ଜ ଜର୍ସି ପିନ୍ଧିବୁ'



**ବର୍ମିଂହାମ,୨୯।୬ (ପି.ଟି.):** ନୀଳ ସବୁବେଳ ଆମ ଜର୍ସିର ରଙ୍ଗ ହୋଇ ରହିବ। ତେବେ ଗୋଟିଏ ମ୍ୟାଚ୍‌ରେ ଆମେ ଅରେଞ୍ଜ ବା କମଳା ରଙ୍ଗର ଜର୍ସି ପିନ୍ଧିବୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ରବିବାର ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୀଳ ବଦଳରେ ଅରେଞ୍ଜ ଜର୍ସି ପିନ୍ଧି ପଡିଆକୁ ଓହ୍ଲାଇବେ। ଏହି ଜର୍ସିକୁ ନେଇ କୋହଲି ସନ୍ତୋଷ ପ୍ରକଟ କରିଛନ୍ତି। ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ହୋମ୍ ଆଣ୍ଡ ଆୱେ ନିୟମ ଅନୁସାରେ ଭାରତୀୟ ଖେଳାଳିମାନେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଏହି ଜର୍ସି ପରିଧାନ କରିବେ। ଶନିବାର ଆନୁଷ୍ଠାନିକ ଭାବେ ଏହି ଜର୍ସିର ଉନ୍ମୋଚନ କରାଯାଇଛି। ନୀଳ ରଙ୍ଗ ହେଉଛି ଆମର ସ୍ଥାୟୀ ରଙ୍ଗ। ତେବେ ଏହି ଅରେଞ୍ଜ ଜର୍ସି ବେଶ୍ ଭଲ ହୋଇଛି ବୋଲି କୋହଲି ଉନ୍ମୋଚନ ଅବସରରେ କହିଛନ୍ତି। କମଳା ରଙ୍ଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ କେତେକ ରାଜନୈତିକ ଦଳ ବିରୋଧ କରିଥିଲେ। କେନ୍ଦ୍ର ସରକାର କ୍ରୀଡ଼ାର ଗେରୁଆକରଣ କରୁଛନ୍ତି ବୋଲି କେତେକ ରାଜନୈତିକ ଦଳ ମତ ଦେଇଥିଲେ। ଉଲ୍ଲେଖଥାଉ କି, କିଛି ଦିନ ତଳେ ଏଏଫ୍‌ସି କପ୍ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ଅରେଞ୍ଜ ଜର୍ସି ପିନ୍ଧିଥିଲା।

### ପ୍ରଦୀପ ବିଶ୍ୱକପ୍‌ରୁ ଆଉଟ୍



**ଲଣ୍ଡନ, ୨୯।୬ (ପି.ଟି.):** ହାଡ଼ଫୁଟିରେ ଯୋଗୁ ଶ୍ରୀଲଙ୍କା ପେସ୍ ବୋଲର ନୁୱାନ ପ୍ରଦୀପ ଶନିବାର ଆଇସିସି ବିଶ୍ୱକପ୍‌ରୁ ଆଉଟ୍ ହୋଯାଇଛନ୍ତି। ତାଙ୍କ ସ୍ଥାନରେ ଦଳରେ ସାସୁନ ରଜିଥା ସ୍ଥାନ ପାଇବେ। ଜୁନ୍ ୪ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପ୍ରଦୀପ ମ୍ୟାଚ ବିଜୟୀ ୪ ଉଇକେଟ ସଫଳତା ହାସଲ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଖେଳି ସାରିଥିବା ୭ଟି ମ୍ୟାଚ ମଧ୍ୟରୁ ପ୍ରଦୀପ ୩ଟି ମ୍ୟାଚରେ ଖେଳିଥିଲେ। ଜୁନ୍ ୨୧ରେ ଇଂଲଣ୍ଡ ବିପକ୍ଷରେ ସେ ତାଙ୍କ ଅନ୍ତିମ ମ୍ୟାଚ ଖେଳିଥିଲେ। ପ୍ରଦୀପ ଅସୁସ୍ଥ ଥିବାରୁ ଟୁର୍ନାମେଣ୍ଟର ଦଳର ଅବଶିଷ୍ଟ ମ୍ୟାଚ ପାଇଁ ତାଙ୍କ ସ୍ଥାନରେ ରଜିଥାଙ୍କୁ ଦଳରେ ନେବାକୁ ଅନୁମତି ପାଇଁ ଶ୍ରୀଲଙ୍କା କରିଥିବା ଅନୁରୋଧକୁ ଆଇସିସି ପୁରୁଷ ବିଶ୍ୱକପ୍ ୨୦୧୯ ଇଭେଣ୍ଟ ଟେକ୍‌ନିକାଲ କମିଟି ଅନୁମୋଦନ କରିଛି। ରାଜିଥା ୬ ଟେଷ୍ଟ, ୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଟି୨୦ ଖେଳିଛନ୍ତି।

### ମହିଳା ବିଶ୍ୱକପ୍: ନେଦରଲାଣ୍ଡ୍ସ ସେମିଫାଇନାଲରେ

**ଭାଲେନ୍‌ସିଜ (ଫ୍ରାନ୍ସ), ୨୯।୬ (ଏଏଫ୍‌ପି):** ନେଦରଲାଣ୍ଡ୍ସ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଶନିବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ୨-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଭିଭିଆନି ମିଡେମା ଏବଂ ଷ୍ଟିଫାନି ଭାନ୍‌ଡର ଗ୍ରାଗଟ ଗୋଲ ସ୍କୋର କରିଥିଲେ। ଦଳ ବର୍ତ୍ତମାନ ଜର୍ମାନୀ କିମ୍ବା ସ୍ୱିଡେନ ସହ ସେମିଫାଇନାଲ ଖେଳିବା ଲାଗି ଲିଅନ ଯାତ୍ରା କରିବ। ଶନିବାର ମ୍ୟାଚ ଫଳାଫଳ ଦ୍ୱାରା ନେଦରଲାଣ୍ଡ୍ସ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫ୍ରାନ୍ସରେ ଚାଲିଥିବା ଟୁର୍ନାମେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ୟୁରୋପର ଶ୍ରେଷ୍ଠ ୩ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ସଳଚନାଯୋଗ୍ୟ, ନେଦରଲାଣ୍ଡ୍ସର ମହିଳା ବିଶ୍ୱକପ୍‌ରେ ଏହାଥିଲା ଦ୍ୱିତୀୟ ପଦାର୍ପଣ।

# ଗ୍ରାମାଞ୍ଚଳ କ୍ରୀଡ଼ାକୁ କ୍ରୀଡ଼ାମନ୍ତ୍ରୀଙ୍କ ଗୁରୁତ୍ୱ

## ଅମିତ, ବ୍ରଜଭୂଷଣଙ୍କୁ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର, ୨୯।୬(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଶନିବାର ଏଠାରେ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ହକି ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ଭାରତୀୟ ବକ୍ସିଂ ଜଗତର ଅନ୍ୟତମ ସଫଳ କୋଚ୍ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବ୍ରଜଭୂଷଣ ମହାନ୍ତିଙ୍କୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ସାମ୍ପ୍ରତିକ ଭାରତୀୟ ହକି ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଥିବା ଅମିତ ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଥିବା ବ୍ରଜଭୂଷଣ ଜୀବନବ୍ୟାପୀ ସାଧନା ପାଇଁ ଏହି ପୁରସ୍କାର ପାଇଛନ୍ତି। ଓସ୍‌ଜାର କାର୍ଯ୍ୟନିର୍ବାହୀ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାରମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବଂ ଇମ୍ଫାର କର୍ପୋରେଟ ଆଫାୟର୍ସ ମୁଖ୍ୟ ତଥା ଉପସଭାପତି ଅଶୋକ କୁମାର ବେହେରା ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟରେ ଚାଲିଥିବା କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ପାରମ୍ପରିକ ଖେଳ ତଥା ଗ୍ରାମାଞ୍ଚଳର କ୍ରୀଡ଼ାକୁ ଗୁରୁତ୍ୱପ୍ରଦାନ ସହ ଅନ୍ୟ ଖେଳ ସହ ସମକକ୍ଷ କରିବା ତାଙ୍କର ଟାର୍ଗେଟ ଥିବା ପ୍ରକାଶ କରିଛନ୍ତି। ହକିର ଗଡ ସୁନ୍ଦରଗଡରେ ହକି ତାଲିମଙ୍କୁ ଅଧିକ ବ୍ୟାପକ କରିବା ପାଇଁ ଜିଲାର ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ପଡିଆ କରିବା ପାଇଁ ନିଷ୍ପତ୍ତି ହୋଇଛି। ଫଳରେ ସ୍ଥାନୀୟ ଖେଳାଳି ନିଜ ଅଞ୍ଚଳରେ ହିଁ ନିୟମିତ ଅଭ୍ୟାସ କରିପାରିବେ। ସେହିପରି ୩୦ଟି ଜିଲା ମୁଖ୍ୟାଳୟର ଷ୍ଟାଡିୟମଗୁଡିକୁ ଉନ୍ନତ କରିବା ଏବଂ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ୪ ସହରରେ କ୍ରୀଡ଼ାକେନ୍ଦ୍ର ସ୍ଥାପନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ଆସନ୍ତା ନଭେମ୍ବର–ଡିସେମ୍ବରରେ ରାଜ୍ୟର କ୍ରୀଡ଼ା ଶିକ୍ଷକମାନଙ୍କ ଲାଗି ଏକ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ଥିବା ମଧ୍ୟ ସେ ସୂଚାଇଛନ୍ତି। ଦେବାଶିଷ ମହାନ୍ତି ଏବଂ ଅଶୋକ କୁମାର ବେହେରା ନିଜ ନିଜ ବକ୍ତବ୍ୟରେ କ୍ରୀଡ଼ାବିତ୍‌ଙ୍କ ଜୀବନରେ ପୁରସ୍କାରର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ ଓସ୍‌ଜାର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ।

ଖବରଦାତାଙ୍କ ପ୍ରୟାସରୁ ତାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମିଳିବା ସମ୍ଭବ ହୋଇଥିଲା ବୋଲି ବକ୍ସିଂ ଗୁରୁ ବ୍ରଜଭୂଷଣ ପ୍ରକାଶ କରିଥିଲେ। ସୁଯୋଗ ମିଳିଲେ ସେ ଓଡ଼ିଶାରେ ବକ୍ସିଂ ଏକାଡେମୀ ମାଧ୍ୟମରେ ଦେଶ ପାଇଁ ଉଚ୍ଚମାନର ଖେଳାଳି ସୃଷ୍ଟି କରିପାରିବେ ବୋଲି ମତ ଦେଇଥିଲେ। ବ୍ୟବସାୟିକ ସଂସ୍ଥାମାନଙ୍କ ସହାୟତାରେ ବକ୍ସିଂ ଏକାଡେମୀ ଖୋଲିବା ଉପରେ ଜୋର ଦେବାକୁ ଅନୁରୋଧ କରିଥିଲେ ବ୍ରଜଭୂଷଣ। ଅନ୍ୟପକ୍ଷରେ ଅମିତ ରୋହିଦାସ ଏହି ପୁରସ୍କାର ତାଙ୍କୁ ଆହୁରି ଉନ୍ନତ ପ୍ରଦର୍ଶନ ସକାଶେ ପ୍ରେରିତ କରିବ ବୋଲି କହିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଭାରତୀୟ ଦଳର ପ୍ରଥମ ଏବଂ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ନୂଆ କୋଚ୍ ଗ୍ରାହାମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ହକି ଦଳ ନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ ବୋଲି ସେ ଆଶା ରଖିଛନ୍ତି। ଅଭିଜ୍ଞ ହେବା ସହ ଦଳରେ ତାଙ୍କର ଦାୟିତ୍ୱ ବଢ଼ିଛି ବୋଲି ମଧ୍ୟ ସେ ସ୍ୱୀକାର କରିଛନ୍ତି।

ଉଭୟ ବ୍ରଜଭୂଷଣ ଏବଂ ଅମିତଙ୍କୁ ଉତ୍ତରୀୟ, ଅଭିନନ୍ଦନ ପତ୍ର, ବିଶେଷ ଫଳକ ଏବଂ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଓସ୍‌ଜାର ସମ୍ପାଦକ ସନାତନ ପାଣି ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ କାର୍ଯ୍ୟନିର୍ବାହୀ ସଭାପତି ସନ୍ଦୀପ ମିଶ୍ର କ୍ରୀଡ଼ା ଖବରଦାତାମାନଙ୍କୁ ରାଜ୍ୟ ସରକାର ସ୍ୱୀକୃତି ଦେବାକୁ କ୍ରୀଡ଼ାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓସଜା ସଭାପତି କେ. ରବି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ରାଜେନ୍ଦ୍ର ମହାପାତ୍ର।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓସ୍‌ଜା ପୁରସ୍କାର ବିଜେତା ବ୍ରଜଭୂଷଣ ମହାନ୍ତି ଓ ଅମିତ୍ ରୋହିଦାସ।

## ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକଧାରୀ ବିକୁଛନ୍ତି ଖବରକାଗଜ

**ନୂଆଦିଲ୍ଲୀ, ୨୯।୬:** ସକାଳେ ଖବରକାଗଜ ବିକନ୍ତି। ଅପରାହ୍ଣରେ ଦିଲ୍ଲୀର ସଦର ବଜାରଠାରେ ନକଲି ଗହଣା କିଣିବା ଲାଗି ଗରାଖକୁ ମନାନ୍ତି। ଦେଶର ଏକମାତ୍ର ସ୍ୱର୍ଣ୍ଣପଦକ ହାସଲକାରୀ ଆଇସ ସ୍କେଟର ରାଜକୁମାର ତିୱାରୀ ଅର୍ଥ ଅଭାବରୁ ଏକଦା ଆମେରିକାରେ ଏକ ଭାରତୀୟ ରେସ୍ତୋରାରେ ଦୈନିକ ବାସନ ମାଜୁଥିଲେ। ସେ ଦକ୍ଷିଣ କୋରିଆର ୨୦୧୩ ସ୍ପେଶାଲ ଅଲିମ୍ପିକ୍ସ ବିଶ୍ୱ ୱିଣ୍ଟର ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ହେଉଛି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଦ୍ୱାରା ଆୟୋଜିତ ଏକ ଅନ୍ତର୍ଜାତୀୟ କ୍ରୀଡ଼ାଭିତ୍ତିକ ଇଭେଣ୍ଟ, ଯେଉଁଥିରେ ଭିନ୍ନକ୍ଷମ ଆଥ୍‌ଲେଟ ଅଂଶଗ୍ରହଣ କରନ୍ତି। ୨୦୧୪ଠାରୁ ଖବରକାଗଜ ଭେଣ୍ଡରଙ୍କ ପୁଅ ଅନ୍ତର୍ଜାତୀୟ ପ୍ରତିଯୋଗିତାର ସାଧାରଣ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ରାଜକୁମାର ଅର୍ଥ ଅଭାବରୁ ଏବେ ସୁଦ୍ଧା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଇୟର କପ (ଅଷ୍ଟ୍ରିଆ) ଓ ବସଫୋରୁଷ (ତୁର୍କୀ) ଇଭେଣ୍ଟରେ ଭାଗ ନେଇପାରି ନାହାନ୍ତି। ଚାଇନା, କାନାଡା, କ୍ରୋଏସିଆ, ଜର୍ମାନୀ ଓ ଆମେରିକାରେ ହେବାକୁ ଥିବା ୫ ଚାମ୍ପିୟନଶିପ୍‌ରେ ସମ୍ଭବତଃ ସେ ଭାଗନେଇ ପାରିବେ ନାହିଁ। ଏହି ଟୁର୍ନାମେଣ୍ଟଗୁଡ଼ିକରେ ଖେଳିବା ଲାଗି ତାଙ୍କୁ ଅତିକମ୍‌ରେ ୧୬ରୁ ୧୮ ଲକ୍ଷ ଟଙ୍କା ଦରକାର। ଏହି ଇଭେଣ୍ଟ ରାଜକୁମାରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ନ ହେଲେ ଆଗାମୀ ବର୍ଷ କାନାଡର ମଣ୍ଟ୍ରିଲରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ସେ ଯୋଗ୍ୟତା ଅର୍ଜନ କରିପାରିବେ ନାହିଁ।

# ଫ୍ରାନ୍ସ ବିଦା, ସେମିରେ ଆମେରିକା–ଇଂଲଣ୍ଡ

## ମହିଳା ଫିଫା ବିଶ୍ୱକପ୍

**ପ୍ୟାରିସ,୨୯।୬(ଏଏଫ୍‌ପି)**

ମେଗନ ରାପିନୋଙ୍କ ଡବଲ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ୨–୧ ଗୋଲରେ ଫ୍ରାନ୍ସକୁ ହରାଇ ଦେଇଛି। ପାର୍କ ଡେସ ପ୍ରିନ୍ସେସ ଷ୍ଟାଡିୟମରେ ଆୟୋଜିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭରୁ ଆମେରିକା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳକୁ ୫ମ ମିନିଟ୍‌ରେ ମିଳିଥିବା ଫ୍ରି କିକ୍‌କୁ ମେଗନ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଆମେରିକା ୧–୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୬୫ତମ ମିନିଟ୍‌ରେ ଟବିନ ହେଥଙ୍କଠାରୁ ମିଳିଥିବା ପାସ୍‌ରୁ ମେଗନ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାର ୧୬ ମିନିଟ୍ ପରେ ୱେଣ୍ଡି ରେନାର୍ଡଙ୍କ ହେଡର ଜରିଆରେ ଫ୍ରାନ୍ସ ଗୋଟିଏ ଗୋଲ ପରିଶୋଧ କରିଥିଲା। ଏହାପରେ ମ୍ୟାଚ୍‌କୁ ବରାବର କରିବା ଲାଗି ଆୟୋଜକ ଦଳର ଖେଳାଳିମାନେ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏଥିସହ ପୁରୁଷ ଦଳ ଭଳି ଫ୍ରାନ୍ସର ମହିଳା ବିଶ୍ୱକପ୍ ଜିତିବା ଆଶା ଧୂଳିସାତ ହୋଇଛି। ଜିଲ୍ ଏଲିସଙ୍କ ନେତୃତ୍ୱାଧୀନ ଆମେରିକା ସେମିଫାଇନାଲରେ ଇଂଲଣ୍ଡକୁ ଲିଓନଠାରେ ମଙ୍ଗଳବାର ଭେଟିବ। ମେଗନ ଏବେ ୫ ଗୋଲ ସହ ଚଳିତ ବିଶ୍ୱକପ୍‌ର ମିଳିତ ସର୍ବାଧିକ ଗୋଲ ସ୍କୋରର। ଏଥିପୂର୍ବରୁ ସ୍ପେନ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଡବଲ ଗୋଲ ଦେଇଥିଲେ।


ଆମେରିକା–ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଭାରତର କ୍ରମାଗତ ଚତୁର୍ଥ ବିଜୟ

**ହଂକଂ, ୨୯।୬ (ପି.ଟି.):** ଭାରତର ୧୮ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ଏଠାରେ ଶନିବାର ଖେଳାଯାଇଥିବା ହଂକଂ ବିପକ୍ଷ ଚତୁର୍ଥ ଏବଂ ଅନ୍ତିମ ମ୍ୟାଚ୪–୧ ଗୋଲରେ ବିଜୟ ହାସଲ କରିଛି। ଆୟୋଜକ ଦଳ ବିରୋଧରେ ଭାରତର ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଆସନ୍ତାବର୍ଷ ହେବାକୁ ଥିବା ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ଲାଗି ପ୍ରସ୍ତୁତି ପାଇଁ ଏହି ଚାରୋଟି ମ୍ୟାଚ ଆୟୋଜନ କରାଯାଇଥିଲା। ଭାରତ ମୋଟ ୧୮ଟି ଗୋଲ ସ୍କୋର କରିଥିବାବେଳେ ମାତ୍ର ୩ଟି ଗୋଲ ବରଣ କରିଛି। ଶନିବାର ପ୍ରଥମାର୍ଦ୍ଧ ଖେଳରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଲିଣ୍ଡାଙ୍କୁ ମିଳିଥିବା ଏକ ପେନାଲଟିକୁ ଆଭେକା ଗୋଲ୍‌ରେ ପରିଣତ କରିଥିଲେ। ଏହାର ୮ମିନିଟ ପରେ ଡେଜିଙ୍କ ଏକ ପାସ୍‌କୁ ଲିଣ୍ଡା ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ମାତ୍ର ଦୁଇ ମିନିଟ ସମୟ ଥିବାବେଳେ ନିର୍ମଳାଙ୍କ ଏକ ପ୍ରଚେଷ୍ଟାକୁ ବିପକ୍ଷ ଦଳର ଗୋଲକିପର ପଣ୍ଡ କରିଦେଇଥିଲେ। ହଂକଂ ଦଳ ଦ୍ୱିତୀୟାର୍ଦ୍ଧରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ଚାନ୍ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ମାତ୍ର ଏହାର ମାତ୍ର ୫ ମିନିଟ୍ ପରେ ଅଞ୍ଜୁ ଏକ ଗୋଲ ସ୍କୋର କରି ମ୍ୟାଚକୁ ୩–୧ ସ୍ତରକୁ ନେଇ ଆସିଥିଲେ। ମ୍ୟାଚର ଶେଷ ମୁହୂର୍ତ୍ତରେ ଲେଫ୍ଟ ଫ୍ଲାଙ୍କ୍‌ରୁ ସୁମତିଙ୍କ ଏକ କ୍ରସ୍‌କୁ କିରଣ ଗୋଲରେ ପରିଣତ କରିବା ଦ୍ୱାରା ମ୍ୟାଚ୍‌କୁ ୪–୧ ଗୋଲରେ ଭାରତ ଜିତିନେଇଥିଲା।

## ନୂଆ ଦାୟିତ୍ୱ ନେବେ ଦ୍ରାଭିଡ୍



**ନୂଆଦିଲ୍ଲୀ, ୨୯।୬ (ପି.ଟି.):** ପ୍ରାକ୍ତନ ଭାରତୀୟ ଅଧିନାୟକ ତଥା ଜୁନିୟର ଦଳର କୋଚ୍ ରାହୁଲ ଦ୍ରାଭିଡଙ୍କୁ ଜୁଲାଇ ୧ରୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବାଙ୍ଗାଲୋରସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର 'ହେଡ୍ ଅଫ୍ କ୍ରିକେଟ୍' ଭାବେ ଦ୍ରାଭିଡ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ଏନ୍‌ସିଏର ହେଡ୍ ଅଫ୍ କ୍ରିକେଟ୍ ଭାବେ ଦ୍ରାଭିଡ୍ ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ଙ୍କ କ୍ୟାରିୟର ଗଢ଼ି ତୋଳିବାରେ ସହାୟତା କରିବା ସହିତ ଜୁନିୟର କ୍ରିକେଟରଙ୍କ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବେ। ଏଥିସହ ଏହି ବ୍ୟାଟିଂ ମହାରଥୀ ଆହୁରି ମଧ୍ୟ ଭବିଷ୍ୟତର ମହିଳା କ୍ରିକେଟର୍‌ଙ୍କ ମେଣ୍ଟର ଦାୟିତ୍ୱ ମଧ୍ୟ ତୁଲାଇବେ ଏବଂ ଆହତ ଖେଳାଳିଙ୍କୁ ସୁସ୍ଥ ହେବା ଦିଗରେ ସହାୟତା କରିବେ। ଏହି ନୂଆ ଦାୟିତ୍ୱ ଗ୍ରହଣ କରିବା ଫଳରେ ଦ୍ରାଭିଡ୍ ଭାରତ–ଏ ଓ ୧୯ ବର୍ଷରୁ କମ୍ ଦଳ ସହିତ ଗସ୍ତ କରିପାରିବେ ନାହିଁ। ସେ ପୁରା ଗସ୍ତ ପାଇଁ ନ ହେଲେ ମଧ୍ୟ କିଛି ସମୟ ଜୁନିୟର ଭାରତୀୟ ଦଳ ସହ ବିତାଇବେ। ସେହିଭଳି ପ୍ରାକ୍ତନ ଦ୍ରୁତ ବୋଲର ପାରସ ମହାମ୍ବ୍ରେ ଓ ଅଭୟ ଶର୍ମା କିନ୍ତୁ ଜୁନିୟର ଦଳର ସପୋର୍ଟ ଷ୍ଟାଫ୍ ଭାବେ ପୂର୍ବଭଳି କାମ କରିବେ ବୋଲି ଶନିବାର ପ୍ରଶାସନିକ କମିଟି (ସିଓଏ) ବୈଠକରେ ଏହା ସ୍ଥିର କରାଯାଇଛି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜୈନିକ ଅଧିକାରୀ କହିଛନ୍ତି।

ଏହି ବୈଠକରେ ବର୍ତ୍ତମାନର ଓ ପ୍ରାକ୍ତନ ଖେଳାଳିଙ୍କ 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ମାମଲାରେ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷ କରି ଭି.ଭି.ଏସ. ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କୁ ନେଇ ବିସିସିଆଇ ଏଥିକ୍ସ ଅଧିକାରୀ ତଥା ପ୍ରାକ୍ତନ ସୁପ୍ରିମ କୋର୍ଟ ଜଜ୍ ଡି.କେ. ଜୈନ ଜାରି କରିଥିବା ନିର୍ଦ୍ଦେଶ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଲୋଧା କମିଟିର ନିୟମ 'ଜଣେ ବ୍ୟକ୍ତି ଗୋଟିଏ ପଦ'କୁ ନେଇ ଜୈନ କହିଥିଲେ ଯେ, ବର୍ତ୍ତମାନ ଲକ୍ଷ୍ମଣଙ୍କୁ ୩ଟି ଦାୟିତ୍ୱ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ। ଲକ୍ଷ୍ମଣ ବର୍ତ୍ତମାନ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି), ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ୍ ଓ ଟିଭି ଭାଷ୍ୟକାର ଭାବେ ୩ଟି ଭୂମିକା ତୁଲାଉଛନ୍ତି। ଏହି ନିୟମ ମଧ୍ୟ ଗାଙ୍ଗୁଲିଙ୍କ କ୍ଷେତ୍ରରେ ଲାଗୁହେବ। ଗାଙ୍ଗୁଲି ବର୍ତ୍ତମାନ ବିଶ୍ୱକପ୍‌ରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ସହିତ ସିଏସିର ସଦସ୍ୟ ଓ ବେଙ୍ଗଲ କ୍ରିକେଟ ଆସୋସିଏଶନର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୨୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରୟଙ୍କୁ ଶନିବାର ଆଉ ଏକ ସଫଳତା ମିଳିଛି। ଗୁଜରାଟର ରାଜକୋଟଠାରେ ଚାଲିଥିବା ୩୬ତମ ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥି ପୂର୍ବରୁ ପ୍ରତ୍ୟାଶା ଗୁରୁବାର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ।

# ଭାରତୀୟ ଦଳର ନେତୃତ୍ୱ ନେବେ ଦୂତୀ

**ଭୁବନେଶ୍ୱର ୨୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଇଟାଲିର ନାପୋଲିଠାରେ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ୩୦ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ସ୍ପ୍ରିଣ୍ଟ କୁଇନ ତଥା କିଟ୍‌ରେ ଅଧ୍ୟୟନରତ ଦୂତୀ ଚାନ୍ଦ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ନେତୃତ୍ୱ ନେବେ। ଉଦ୍‌ଘାଟନୀ ଉତ୍ସବରେ ଦୂତୀ ଭାରତୀୟ ବିଶ୍ୱବିଦ୍ୟାଳୟ ପାଇଁ ପତାକାଧାରୀ ହେବେ। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କୁ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଉପମୁଖ୍ୟ ଦାୟିତ୍ୱ ଦିଆଯାଇଛି। କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଅଫିସିଆଲ ପ୍ରତିନିଧିମଣ୍ଡଳିର ଦାୟିତ୍ୱରେ ରହିବେ ଏବଂ ଆଥଲେଟିକ୍ସ ମୁଖ୍ୟ କୋଚ ସଞ୍ଜୟ ଗଡ଼ନାୟକ ଭାରତୀୟ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଦଳର ନେତୃତ୍ୱ ନେବେ ବୋଲି ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି। ଓଡ଼ିଶାର ଏକମାତ୍ର କ୍ରୀଡ଼ାବିତ ଭାବେ ଦୂତୀ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସାମନ୍ତ କହିଛନ୍ତି।

ପ୍ରକାଶଯୋଗ୍ୟ, ଏପ୍ରିଲ ୨ରୁ ୫ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଶିକ୍ଷଣ ଓ ଚୟନ ଶିବିରରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ମୋଟ ୫୧ କ୍ରୀଡ଼ାବିତ, ୧୦ ଅଫିସିଆଲ ଯୋଗ ଦେଇଥିଲେ।

ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ଶନିବାର ଇଟାଲୀ ଅଭିମୁଖେ ଯାତ୍ରା କରିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଧାବିକା ଦୂତୀ ଚାନ୍ଦ, କିସର ୫ ରଗ୍‌ବୀ ଖେଳାଳି ଓ ଭାରତୀୟ ଶୁଟର ତଥା କିଟ୍ ଛାତ୍ରୀ ଶ୍ରୀୟଙ୍କା ଷଡ଼ଙ୍ଗୀ ଉପସ୍ଥିତ ରହି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପ୍ରତିନିଧିଙ୍କୁ ଉତ୍ସାହିତ କରିଥିଲେ।



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମନୋନୀତ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ।

## ସଂକ୍ଷେପରେ

### ବିଶାଖାପାଟଣା ଯାଉଥିବା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ନରସିଂହପୁର,୨୯।୬(ଡି.ଏନ.ଏ.):** ବିଶାଖାପାଟଣା ଯାଇଥିବା କାନପୁର ଥାନା ଅନ୍ତର୍ଗତ ଚମ୍ପେଶ୍ୱର ସଡ଼କ ସାହିର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁଘଟିଛି। ସେ ହେଲେ ଜନାରଞ୍ଜନ ସାହୁ (୨୯)। ଗତ ୨୫ ତାରିଖ ରାତିରେ ଜନାରଞ୍ଜନ ଭୁବନେଶ୍ୱର ରେଳଷ୍ଟେସନରୁ ବିଶାଖାପାଟଣା ଯାତ୍ରା କରିଥିଲେ। ଏହାପରେ ୨୬ ତାରିଖ ଦିନ ତାଙ୍କ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରି ନ ଥିଲା। ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ପରେ ଆନ୍ଧ୍ର ପଲସା ଷ୍ଟେଶନର ୨ କି.ମି ପୂର୍ବରୁ ଏକ ନିଘଞ୍ଚ ଜଙ୍ଗଲରେ ଜନାରଞ୍ଜନଙ୍କ ମୃତଦେହ ପଡିଥିବା ସ୍ଥାନୀୟ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ମୃତଯୁବକଙ୍କ କୌଣସି ପରିଚୟ ନ ମଳିବାରୁ ସୋସିଆଲ ମିଡିଆରେ ତାଙ୍କ ଫଟୋ ଭାଇରାଲ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ପରିବାର ଲୋକେ ଶୁକ୍ରବାର ସନ୍ଧ୍ୟାରେ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ମୃତଦେହକୁ ଚମ୍ପେଶ୍ୱର ଅଣାଯାଇଥିଲା। ଯୁବକଙ୍କ ଏହି ମୃତ୍ୟୁକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଥିବା ଯୋଗୁ ପରିବାର ପକ୍ଷରୁ ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ଥାନାରେ ଅଭିଯୋଗ ହୋଇଛି। ସେ ଜଣେ ଯୁବ କଳାକାର ସମେତ ଲକ୍ଷ୍ମୀନାରାୟଣ କ୍ଲବ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ଶନିବାର ସନ୍ଧ୍ୟାରେ ଚମ୍ପେଶ୍ୱରସ୍ଥିତ ମା'ଖଣ୍ଡେଶ୍ୱରୀ ମଣ୍ଡପ ନିକଟରେ ଚମ୍ପାନାଥ ଦଣ୍ଡ କଳଅ ପରିଷଦ ଓ ଶ୍ରୀଲକ୍ଷ୍ମୀ ନାରାୟଣ କ୍ଲବ ଆନୁକୁଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା।

### କବାଡ଼ିଆ ଦୋକାନରୁ ଚୋରି ଅଭିଯୋଗ, ୩ ଗିରଫ

**ବାଲିଅନ୍ତା,୨୯।୬(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ପଞ୍ଚବଟୀ ବଜାରରେ ଥିବା ଏକ କବାଡିଆ ଦୋକାନରୁ ଚୋରି ଅଭିଯୋଗରେ ପାହାଳ ଫାଣ୍ଡି ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଗବସ୍ତ ଅଞ୍ଚଳର ପ୍ରଦୀପ ସାମଲ ଓ ଚୋରି ସାମଗ୍ରୀ ରଖୁଥିବା ବମ୍ପକୁଦରେ କବାଡି ଦୋକାନ କରିଥିବା କଲିକତାର ଗୌରହରି ପ୍ରଧାନ ଓ ପଞ୍ଚବଟୀରେ କବାଡିଆ ଦୋକାନ କରୁଥିବା ନୟାଗଡ଼ ଜିଲା ଫତେଗଡ ଅଞ୍ଚଳର ହରି ମଲ୍ଲିକ। ଦୁଇ କବାଡିଆଙ୍କଠାରୁ ପୋଲିସ କଟର ମେଶିନ, ଆଲୁମିନିଅନ ସାମଗ୍ରକୁ ଜବତ କରିଛି। ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପ୍ରମୋଦ କୁମାର ପ୍ରଧାନଙ୍କ ସୂଚନା ମୁତାବକ, ପଞ୍ଚବଟୀ ବଜାରରେ ଦିଲୀପ ବାରିକଙ୍କ ଏକ କବାଡିଆ ଦୋକାନ ଅଛି। ସେଠାରେ ପ୍ରଦୀପ ମେକାନିକ ଭାବେ ୬ମାସ ହେଲା କାମ କରୁଥିଲେ। ପୂର୍ବରୁ ସେ ଦୋକାନରୁ ବହୁ ସାମଗ୍ରୀ ଚୋରି କରୁଥିଲେ। ଧୀରେ ଧୀରେ ଏହା ଜାଣିବା ପରେ ଦିଲୀପ ଗୁରୁବାର ରାତି ୯ଟାରେ ଦୋକାନ ବନ୍ଦ କରି ନିକଟରେ ଛକି ରହିଥିଲେ। ତେବେ ମେକାନିକ ପ୍ରଦୀପ ବିଭିନ୍ନ ସାମଗ୍ରୀ ଚୋରି କରିବା ସମୟରେ ଦିଲୀପ ଧରି ନେଇଥିଲେ। ଏ ନେଇ ଦିଲୀପ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ବାଲିଅନ୍ତା ଥାନାରେ ୧୬୩/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ଶକୁବ୍ରାର ଥାନାଧିକାରୀ ପ୍ରଦୀପ ରାଉତ ଅଭିଯୁକ୍ତ ପ୍ରଦୀପ ବିକ୍ରି କରିଥିବା ଦୁଇ କବାଡିଆଙ୍କୁ ମଧ ଗିରଫ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ବାଲିଅନ୍ତା,୨୯।୬(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ପାହାଳ ଅଞ୍ଚଳରେ ଥିବା ଏକ ମାର୍ବଲ ଦୋକାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ଅରିଶୋ ଗ୍ରାମର ସୌଭାଗ୍ୟ ରଞ୍ଜନ ସାହୁ(୨୫)। ପାହାଳ ଫାଣ୍ଡି ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କ ସୂଚନା ମୁତାବକ, ସୌଭାଗ୍ୟ ଶୁକ୍ରବାର ସନ୍ଧ୍ୟାରେ କଟର ମେଶିନ ଦ୍ୱାରା ମାର୍ବଲ କାଟୁଥିବା ବେଳେ ହଠାତ୍ କରେଣ୍ଟ ଲାଗଯାଇଥିଲା। ଘଟଣାସ୍ଥଳରେ ସେ ଅଚେତ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ସୌଭାଗ୍ୟଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଶନିବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପାହାଳ ଫାଣ୍ଡିରେ ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ■ଅଶାନ୍ତ ହେଲା ପୁରୀ ସହର

# ତେଜରାତି ଦୋକାନୀଙ୍କୁ ଗୁଳିମାଡ଼

**ପୁରୀ ଅଫିସ, ୨୯।୬**

ରଥଯାତ୍ରାକୁ ଆଉ ମାତ୍ର ୪ଦିନ ବାକି ଥିବାବେଳେ ଅଶାନ୍ତ ହୋଇପଡ଼ିଛି ପୁରୀ ସହର। ଗୋଟିଏ ପଟେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପୋଲିସ ଗୁରୁତ୍ୱ ଦେଉଥିବା କହୁଛି। ଅନ୍ୟପଟେ ଶ୍ରୀକ୍ଷେତ୍ରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଧୀରେ ଧୀରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଶନିବାର ସମୁଦ୍ରକୂଳ ଥାନା ଅଧୀନ ସ୍ୱର୍ଗଦ୍ୱାର ଗୌଡ଼ବାଡ଼ ସାହିସ୍ଥିତ ମାଛ ମାର୍କେଟରେ ଗୁଳି ଫୁଟିଛି। ୨ଜଣ ଯୁବକ ଏକ ବାଇକ୍‌ରେ ଆସି ଜଣେ ତେଜରାତି ଦୋକାନୀଙ୍କୁ ଗୁଳିମାଡ଼ କରିଛନ୍ତି। ଗୁଳି ତାଙ୍କ ବାମ ଛାତିରେ ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ମେଡିକାଲ (ଏସ୍‌ସିବି)କୁ ସ୍ଥାନାନ୍ତରିତ କରାଯାଇଛି। ଆହତ ବ୍ୟବସାୟୀ ଜଣକ ହେଲେ ସୁକାନ୍ତ ସାହୁ (୪୦)। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଗୌଡ଼ବାଡ଼ ସାହିସ୍ଥିତ ମାଛ ମାର୍କେଟରେ ସୁକାନ୍ତଙ୍କର ତେଜରାତି ଦୋକାନ ରହିଛି। ଶନିବାର ରାତି ପ୍ରାୟ ୮ଟାରେ ସେ ଦୋକାନରେ ବସି ଟିଭି ଦେଖୁଥିଲେ। ଏହି ସମୟରେ ୨ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସି ପହଞ୍ଚିଥିଲେ। ସଙ୍ଗେସଙ୍ଗେ ସେଠାରୁ ଚାଲିଗଲେ। ଏହାର ୧୫ମିନିଟ୍ ପରେ ପୁଣି ସେମାନେ ଆସିଲେ। ସୁକାନ୍ତଙ୍କୁ କିଛି ପଚାରିଲେ। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ହଠାତ୍ ପିସ୍ତଲରୁ ଗୁଳିମାଡ଼ କରିବା ପରେ ଦୁହେଁ ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ଗୁଳି ଫୁଟା ଶବ୍ଦ ଓ ସୁକାନ୍ତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କ ପାଖକୁ ଯିବାରୁ ସେ ରକ୍ତାକ୍ତ ହୋଇ ପଡ଼ିଥିବା ଦେଖିବାକୁ



ଆହତ ବ୍ୟବସାୟୀ ସୁକାନ୍ତ ସାହୁ।

■ଗୁରୁତର ଅବସ୍ଥାରେ ଏସ୍‌ସିବିକୁ ସ୍ଥାନାନ୍ତର

■ପୂର୍ବ ଶତ୍ରୁତାରୁ ଘଟଣା ଘଟିଥିବା କହିଲା ପୋଲିସ

ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ପୋଲିସ କହିବାନୁଯାୟୀ, ପୂର୍ବରୁ ଏକ ଗୋଷ୍ଠୀ ସହ ସୁକାନ୍ତଙ୍କର ଶତ୍ରୁତା ରହିଥିଲା। ପରବର୍ତ୍ତୀ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସମାଧାନ ହୋଇଯାଇଥିଲା। ଗୁଳିକାଣ୍ଡର ତଦନ୍ତ ଜାରି ରହିଛି। ଏହି ଘଟଣାରେ ବିପକ୍ଷ ଗୋଷ୍ଠୀର ହାତ ଥିବା ସନ୍ଦେହ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ତାରିଖରେ ବାସେଳିସାହି ଥାନା ଅଧୀନ ପଣାପ୍ରିୟା ଲେନ୍‌ରେ ଶିବରାମ ପାତ୍ର ନାମକ ଯୁବକଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ପୂର୍ବରୁ ଟାଉନ ଥାନା ଅଧୀନ ମିଶ୍ରସାହିରେ ଜଣେ ଯୁବକଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଥିଲା। ସେହିପରି ସହରରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଥିବାବେଳେ ଲୁଟତରାଜ, ରାହାଜାନି ଆଦି ବଢିଚାଲିଛି। ଆଗକୁ ରଥଯାତ୍ରା ଆସୁଥିବାରୁ ଏହା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ଗାନ୍ଧର୍ବ କଳା ପରିଷଦର ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୮୧.୫ ଲକ୍ଷ ଟଙ୍କା ଜବତ: ୨ ଅଟକ

**କଟକ ଅଫିସ,୨୯।୬**

■ବେଆଇନ ସୁନା କାରବାର କରୁଥିବା ସନ୍ଦେହ

■ଆୟକର ବିଭାଗ ଜିମା ଦେଲା ପୋଲିସ

ବାଦାମବାଡି ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ବ୍ୟକ୍ତିଙ୍କ ଠାରୁ ୮୧ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ବ୍ୟକ୍ତି ଦ୍ୱୟ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ସେମାନଙ୍କୁ ଅଟକ ରଖିଥିବା ବେଳେ ଶନିବାର ଟଙ୍କା ସହ ସେମାନଙ୍କୁ ଆୟକର ବିଭାଗର ଜିମା ଦେଇଛି। ଶନିବାର ଆୟକର ବିଭାଗର କମିଶନର ବାଦାମବାଡି ଥାନାରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସେମାନେ ବେଆଇନ ସୁନା କାରବାର କରୁଥିବା ପୋଲିସ ସନ୍ଦେହ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ୧୦ଟାରେ ବ୍ୟକ୍ତି ଦ୍ୱୟ ଏକ ବ୍ୟାଗ୍‌ରେ ଟଙ୍କା ନେଇ ବାଦାମବାଡି ବସ୍‌ଷ୍ଟାଣ୍ଡ ପାଖରେ ବୁଲୁଥିଲେ। ପୋଲିସ ସେମାନଙ୍କୁ ସେଠାରେ ସନ୍ଦେହରେ ଅଟକାଇବା ସହ ଯାଞ୍ଚ କରିବାରୁ ୮୧ଲକ୍ଷ ୫୦ ହଜାର ଟଙ୍କା ବାହାରିଥିଲା। ପଚରାଉଚରା କରିବାରୁ ସେମାନେ ସୁନା ବ୍ୟବସାୟ କରୁଥିବାବେଳେ ପଶ୍ଚିମବଙ୍ଗସ୍ଥିତ ଘରକୁ ଯାଉଥିଲେ ବୋଲି ପୋଲିସକୁ କହିଥିଲେ। ସେମାନେ ପଶ୍ଚିମବଙ୍ଗରୁ ସୁନା ଆଣି ଏଠାରେ ଅଳଙ୍କାର ତିଆରି କରି ବିକ୍ରି କରୁଥିବା କହିଥିଲେ। ସେମାନେ ଦରଘାବଜାର ଅଞ୍ଚଳରେ ରହୁଥିବା ଜଣାଇବା ପରେ ପୋଲିସ ସେଠାରେ ପହଞ୍ଚି ଯାଞ୍ଚ କରିଥିଲା। ତେବେ ଏତେ ଟଙ୍କା ବ୍ୟାଗରେ ପୁରାଇ ରାତିରେ ଯିବା ଘଟଣା ପୋଲିସର ସନ୍ଦେହ ବଢାଇଥିଲା। ଫଳରେ ପୋଲିସ ସେମାନଙ୍କୁ ଅଟକ ରଖିବା ସହ ଆୟକର ବିଭାଗକୁ ଖବର ଦେଇଥିଲା। ଶନିବାର ଆୟକର କମିଶନରଙ୍କ ସହ ଏକ ଟିମ୍ ବାଦାମବାଡି ଥାନାରେ ପହଞ୍ଚି ପଚରାଉଚରା କରିଥିଲା। ଏତେ ଟଙ୍କା କେଉଁଠୁ, କେଉଁଆଡୁ, କିପରି ଆସିଲା ଏଭଳି କେତେକ ଦିଗକୁ ନେଇ ଆୟକର ବିଭାଗ ତଦନ୍ତ ଜାରି ରଖିଛି।

# ଏସ୍‌ସିବିକୁ ଇଟିପି ପାଇଁ ମିଳିଲା ପରିବେଶ ମଞ୍ଜୁରୀ

**କଟକ ଅଫିସ,୨୯।୬**

**୨୦୦୮ରୁ ଆଇନ ହେଲାଣି**

ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ହ୍ୟାଣ୍ଡଲିଂ ଆକ୍ଟ ୨୦୦୮ରୁ ପ୍ରଣୟନ ହୋଇଛି। ଆଇନ ପ୍ରଣୟନ ହେବାକୁ ଇତିମଧ୍ୟରେ ୧୧ବର୍ଷ ବିତିଲାଣି। ହେଲେ ୧୧ବର୍ଷ ପରେ ଏସ୍‌ସିବି ମେଡିକାଲକୁ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ପାଇଁ ପରିବେଶ ମଞ୍ଜୁରୀ ମିଳିଛି। ପ୍ରତିଦିନ ୨୦୦ କିଲୋଲିଟର ମେଡିକାଲ ବର୍ଜ୍ୟଜଳକୁ ଉକ୍ତ ପ୍ଲାଣ୍ଟ ବିଶୋଧନ କରିବ। ରାଜ୍ୟର କୌଣସି ସରକାରୀ ମେଡିକାଲ କଲେଜକୁ ଇଟିପି ପାଇଁ ପରିବେଶ ମଞ୍ଜୁରୀ ମିଳିବା ପ୍ରଥମ ଘଟଣା ବୋଲି ଜଣାପଡିଛି। ୧୯୪୪ରେ ଏସ୍‌ସିବି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବାବେଳେ ଏବେ ଏଠାରେ ୨୧୬୮ ବେଡ୍ ରହିଛି। ମେଡିକାଲଗୁଡିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଜଳ ବ୍ୟାପକ ପରିବେଶ ପ୍ରଦୂଷଣ କରୁଥିବାରୁ ୨୦୦୮ରୁ ବିଏମଡବ୍ଲୁ(ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ) ଆଇନ ପ୍ରଣୟନ କରାଯାଇଥିଲା। ଅର୍ଥାତ ଏହି ଆଇନ ବଳରେ ମେଡିକାଲଗୁଡିକରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ଜଳ ବିଶୋଧନ କରି ବାହାରକୁ ଛଡାଯିବ। ମାତ୍ର ଦୀର୍ଘଦିନ ହେବ ଆଇନ ପ୍ରଣୟନ ହୋଇଥିଲେ ମଧ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ତାହା ସମ୍ଭବ ହେଉ ନ ଥିଲା। ଫଳରେ ମେଡିକାଲରୁ ନିର୍ଗତ ବର୍ଜ୍ୟଜଳକୁ କାର୍ଡିଓଲୋଜି ବିଭାଗ କୋଠା ପଛପଟ ଦେଇ ତାଳଦଣ୍ଡା କେନାଲକୁ ଛଡାଯାଉଥିଲା। ତାଳଦଣ୍ଡା କେନାଲରୁ ଏହି ପାଣି ସିଧାସଳଖ ମହାନଦୀରେ ମିଶୁଥିଲା। ଯଦ୍ୱାରା ମହାନଦୀ ପାଣି ଦୂଷିତ ହେଉଥିବା ନେଇ ପୂର୍ବରୁ ପରିବେଶବିତ୍‌ମାନେ ଅଭିଯୋଗ କରିଆସୁଥିଲେ। ଏ ସମ୍ପର୍କରେ ଦାଇତ୍ୱରେ ଥିବା ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କୁହନ୍ତି, ପୂର୍ବରୁ ଏହି ପାଣିକୁ ତାଳଦଣ୍ଡା କେନାଲକୁ ଛଡାଯାଉ ନ ଥିଲା। କାର୍ଡିଓଲୋଜି ବିଭାଗ ପଛପଟେ ଏକ କୂପ ଖୋଳାଯାଇ ସେଠାରେ ପାଣିକୁ ବିଶୋଧନ କରାଯାଉଥିଲା। ଏବେ ଆମକୁ ଇଟିପି ପାଇଁ ପରିବେଶ ମଞ୍ଜୁରୀ ମିଳିବା ରାଜ୍ୟ ପାଇଁ ଭଲ ଖବର ବୋଲି ମହାନ୍ତି କହିଛନ୍ତି।

## ■ ୫ ଦିନ ପରେ ବାଜିବ ରେଭେନ୍ସା ରେଡ଼ିଓ

# କଟକ ଶୁଣୁଥିଲା, ଏବେ ଭୁବନେଶ୍ୱର ଶୁଣିବ



ରେଡ଼ିଓ ରୁମ୍।

**କଟକ ଅଫିସ,୨୯।୬**

■୭ଦିନ ଧରି ହେବ ଡ୍ରାଏ ରନ୍, ପରେ ନିୟମିତ

■୨୫ ଲକ୍ଷ ଟଙ୍କା ବ୍ୟୟରେ ପୁନଃକାର୍ଯ୍ୟକ୍ଷମ

ଆଉ ୫ ଦିନ ପରେ ବାଜିବ ରେଭେନ୍ସା ରେଡିଓ। ୪ବର୍ଷ ଧରି ଖତ ହୋଇ ପଡ଼ିବା ପରେ ଏବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୁନଃକାର୍ଯ୍ୟକ୍ଷମ କରିବାର ସଫଳ ପଦକ୍ଷେପ ଗ୍ରହଣ କରିଛନ୍ତି। କେବଳ କଟକବାସୀ ନୁହେଁ ଏଥର ରେଭେନ୍ସା ରେଡିଓର ସ୍ୱର ୨୦ କିମିରୁ ଉର୍ଦ୍ଧ୍ୱ ପରିଧି ପର୍ଯ୍ୟନ୍ତ ଶୁଭିବ। ବିଶେଷକରି ଭୁବନେଶ୍ୱର ପର୍ଯ୍ୟନ୍ତ ଏହା ଶୁଣାଯିବ। ପ୍ରଥମେ ସାତ ଦିନ ଧରି ଡ୍ରାଏ ରନ୍ ଅର୍ଥାତ ପରୀକ୍ଷାମୂଳକ ଭାବେ ରେଡିଓରେ କିଛି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏହା ନିୟମିତ ଭାବେ ଚାଲିବ ବୋଲି ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ଜୟନ୍ତ କୁମାର ସ୍ୱାଇଁ କହିଛନ୍ତି।

୨୦୧୧ ଏପ୍ରିଲ ୧୪ରେ ରେଭେନ୍ସା ରେଡ଼ିଓ ଉଦ୍‌ଘାଟିତ ହୋଇଥିଲା। ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନରେ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲାଯିବାରେ ରେଭେନ୍ସା ରେଡ଼ିଓ ପ୍ରଥମ ମାନ୍ୟତା ପାଇଥିଲା। ଓଡ଼ିଆ ନୂଆବର୍ଷ ତିଥିରେ ତତ୍କାଳୀନ କୁଳପତି ଦେବଦାସ ଛୋଟରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ କିଛିବର୍ଷ ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ ହେବା ସହ ବେଶ ଲୋକାଦୃତ ମଧ ହୋଇଥିଲା। ରେଭେନ୍ସା ଠାରୁ ୫ କିମି ପରିଧି ପର୍ଯ୍ୟନ୍ତ ରେଡିଓର ସ୍ୱର ଶୁଭୁଥିଲା। ପରେ ବୈଷୟିକ ତ୍ରୁଟି ଯୋଗୁ ପ୍ରସାରଣ ବନ୍ଦ ହେବା ସହ ଧିରେଧିରେ ସମ୍ପୂର୍ଣ୍ଣ ବନ୍ଦ ହେବା ଭଳି ପରିସ୍ଥିତି ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଥିଲା। ଫଳରେ ସେଠାରୁ କିଛି ସରଞ୍ଜାମ ଚୋରି ହୋଇଯାଇଥିବାବେଳେ ଆନୁସଙ୍ଗିକ ସରଞ୍ଜାମରେ ଉଇ ଲାଗି ନଷ୍ଟ ହୋଇଥିଲା। ବିଭିନ୍ନ ସମୟରେ ଛାତ୍ରୀଛାତ୍ରମାନେ ଏହାକୁ ନେଇ ପ୍ରତିବାଦ କରିବା ପରେ ରେଭେନ୍ସା ରେଡ଼ିଓ ପୁଣି ଥରେ ଆରମ୍ଭ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡ. ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଛି। ମୋଟ୍ ୨୫ଲକ୍ଷ ଟଙ୍କା ବଜେଟ ରହିଛି ବୋଲି ସ୍ୱାଇଁ ସୂଚନା ଦେଇଥିଲେ। ବ୍ରଡକାଷ୍ଟିଂ ଇଞ୍ଜିନିୟରିଂ କର୍ପୋରେଶନ ଇଣ୍ଡିଆ ଲିମିଟେଡ ଏହି କାର୍ଯ୍ୟ କରୁଛି। ମୋଟ୍ ୩ଟି ରୁମ୍ ଯଥା ରେକର୍ଡିଂ ରୁମ୍, ଅନ ଏୟାର ରୁମ୍ ଓ ଟ୍ରାନ୍ସମିଟର ରୁମ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ୫ଦିନ ପରେ ପରୀକ୍ଷାମୂଳକ ଭାବେ ପ୍ରସାରଣ କରାଯିବ। ସାମାଜିକ-ଅର୍ଥନୈତିକ ଶିକ୍ଷା ଠାରୁ ଆରମ୍ଭ କରି ମନୋରଞ୍ଜନ ଓ କ୍ୟାରିୟର କାଉନସେଲିଂ ଭଳି କାର୍ଯ୍ୟକ୍ରମ ଏବେ ରେଭେନ୍ସା ରେଡ଼ିଓରେ ପୁଣି ଥରେ ଶ୍ରୋତା ଶୁଣିବାକୁ ପାଇବେ।

**ସେମାନଙ୍କ ମତରେ...**

"ରେଭେନ୍ସା ରେଡ଼ିଓ ପୁନଃକାର୍ଯ୍ୟକ୍ଷମ ହେବାର ଆବଶ୍ୟକତା ଥିଲା। ରାଜ୍ୟର ଏହି ଐତିହାସିକ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ମଧ ଏଥିସହ ଜଡ଼ିତ। ପୁନର୍ବାର ରେଡ଼ିଓ ଚାଲିଲେ ଛାତ୍ରୀଛାତ୍ରମାନେ ମଧ ଅଧିକ ଫାଇଦା ପାଇବେ। ଶୈକ୍ଷିକ ପରିବେଶ ବଜାୟ ରଖିବାରେ ଏହା ସହାୟକ ହେବ।

**- ଡ. ଜୟନ୍ତ କୁମାର ସ୍ୱାଇଁ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ**



"ବର୍ତ୍ତମାନ ସୁଦ୍ଧା ସମସ୍ତ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଖୁବ୍‌ଶୀଘ୍ର ପ୍ରସାରଣ କରିବାକୁ ଚେଷ୍ଟା କରାଯାଉଛି। ୫୦ୱାଟ ବିଶିଷ୍ଟ ଟ୍ରାନ୍ସମିଟର ଲଗାଯାଇଛି। ଯାହା ଅଧିକ କ୍ଷମତାସମ୍ପନ୍ନ ନ ହେଲେ ମଧ ୨୦କିମି ପରିଧି ପର୍ଯ୍ୟନ୍ତ ଶୁଭିବ।

**- ରାଘବେନ୍ଦ୍ର ସିଂ, ଟେକ୍ନିସିଆନ**




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କୁ ବ୍ଲାକମେଲିଂ

**ମାହାଙ୍ଗା/ଲଳିତଗିରି,୨୯।୬(ସ୍ୱ.ପ୍ର.):** ମହିଳାଙ୍କ ଅଶ୍ଲୀଳ ଫଟୋଇ ଉଠାଇ ତାଙ୍କୁ ବ୍ଲାକ ମେଲିଂ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏ ନେଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ମାହାଙ୍ଗା ଥାନା ଅଧୀନ ରାହାଣିଆ ପଞ୍ଚାୟତର ଜଣେ ଯୁବକ କୌଣସି ଉପାୟରେ ସମ୍ପୃକ୍ତ ମହିଳାଙ୍କ ଫଟୋ ଉଠାଇଥିଲେ। ପରେ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏଥିରେ ରାଜି ନ ହେଲେ ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ଦେବାକୁ କହିଥିଲେ। ଏଥିସହ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗକୁ ସମ୍ପୃକ୍ତ ଯୁବକ ଜଣଙ୍କ ଗଣମାଧମ ଆଗରେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମୁଁ ଦେଇଥିବା ଧାର ଟଙ୍କା ମାଗିବାରୁ ସେ ମିଥ୍ୟା ଅଭିଯୋଗ କରିଛନ୍ତି। ଖବର ଲେଖା ହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

### ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ନରସିଂହପୁର,୨୯।୬(ଡି.ଏନ.ଏ.):** କାନପୁର ଥାନା ଅର୍ନ୍ତଗତ କରିଲୋ ଛକରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକ ନୟାଗଡ ଜିଲା ଖଣ୍ଡପଡା ଥାନା ସିଙ୍ଗାପଡ଼ା ପଞ୍ଚାୟତ ବରଗଣ୍ଡ ଗ୍ରାମର ବିଜୟ ପ୍ରଧାନ(୨୯) ବୋଲି ଜଣାପଡ଼ିଛି। ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ। ଯୁବକ ଦ୍ୱୟ ଚମ୍ପେଶ୍ୱରଠାରୁ ବାଗଧରିଆ ଆଡକୁ ଯାଉଥିବାବେଳେ କୌଣସି ଗାଡ଼ି ଧକ୍କା ଦେଇଥିବା ଅନୁମାନ କରାଯାଉଛି।

### ପ୍ରାଧାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସାଲେପୁର,୨୯।୬(ଡି.ଏନ.ଏ.):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧାପକ ଶରତଚନ୍ଦ୍ର ସାହୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ପ୍ରଫେସର ସରୋଜ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କାଉନସିଲ୍ ସମ୍ପାଦକ ଡ. ବସନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧାପିକା ପ୍ରକାଶିନୀ ରାୟ, ଡ. ଉମେଶ ଚନ୍ଦ୍ର ପତି, ନିର୍ମଳ ମିଶ୍ର, ମେଜର ପ୍ରଭାସିନୀ ଦେବୀ, ମଞ୍ଜୁ ଦାଶ, ଦେବେନ୍ଦ୍ର ନାରାୟଣ ପତ୍ରୀ, ପ୍ରଦୋଷ ମହାନ୍ତି, ଜ୍ୟୋତ୍ସ୍ନା ରଥ, ସୀତାଂଶୁ ଶେଖର ମିଶ୍ର, ଉମାକାନ୍ତ ପଣ୍ଡା, ଡ. ଦିଲୀପ ମିଶ୍ର, ଡ. ବିଚିତ୍ରାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ଶରତଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ମହାବିଦ୍ୟାଳୟ ପକ୍ଷରୁ ଶରତଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଲୁଟ୍, ଚୋରି, ଡକାୟତି ବଢ଼ିବା ପରେ ଚେତିଲା ପୋଲିସ

# ଜେଲ୍ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

■ଥାନା ଅଧିକାରୀଙ୍କୁ ନେଇ ପୋଲିସ କମିଶନରଙ୍କ ବୈଠକ
■ଆହୁରି କଡ଼ାକଡ଼ି ହେବ ପାଟ୍ରୋଲିଂ, ବ୍ଲକିଂ
■ବସ୍ତି ଉପରେ ରହିବ ଫୋକସ୍

ରାଜଧାନୀରେ ବାରମ୍ବାର ସିରିଜ୍ ଲୁଟ୍ ହେଉଛି। ଚୋରି ଓ ଡକାୟତି ମଧ ବଢ଼ି ଚାଲିଛି। ବିଳମ୍ବରେ ହେଉ ପଛେ କମିଶନରେଟ ପୋଲିସର ଚେତା ପଶିଛି। ଏଭଳି ଅପରାଧକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ସେନେଇ ଶନିବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସମସ୍ତ ଥାନା ଅଧିକାରୀଙ୍କୁ ଡାକି ଆଲୋଚନା କରିଛନ୍ତି। ଜେଲ୍ ଫେରନ୍ତାଙ୍କୁ ଚିହ୍ନଟ, ଅପରାଧୀଙ୍କ ଆଡ୍ଡାସ୍ଥଳ ଠାବ ଉପରେ ଗୁରୁତ୍ୱ ଦିଆଯିବା ସହ ଚୋରା ବନ୍ଧୁକ ଓ ନିଶା କାରବାର ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ,ଜୋନ୍ ଏସିପି ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଓ କ୍ୟୁଏଟି ମୁଖ୍ୟମାନେ ମଧ ସେମାନଙ୍କ ପ୍ରସ୍ତାବ ରଖିଥିଲେ।

ବିଶେଷ କରି ଯେଉଁ ଥାନାଞ୍ଚଳରେ ଏଭଳି ଅପରାଧ ବହୁମାତ୍ରାରେ ବଢ଼ି ଯାଇଛି ସେସବୁ ଥାନାଧିକାରୀଙ୍କୁ କମିଶନର କଡ଼ା ନିର୍ଦ୍ଦେଶ ଦେଇଥିଲେ। କିଭଳି ତଦନ୍ତ କରାଯାଇ ଗ୍ୟାଙ୍ଗ୍ର ପର୍ଦ୍ଦାଫାସ ହେବ ତାହା ଉପରେ ଗୁରୁମନ୍ତ୍ରଣା ଦେଇଥିଲେ। ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ବାରମ୍ବାର ଅପରାଧ ଘଟାଉଥିବା ଅପରାଧୀଙ୍କୁ ଚିହ୍ନଟ ଓ ଗିରଫ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଜେଲ ଫେରନ୍ତା ଅପରାଧୀମାନେ ଉତ୍ପାତ କରୁଥିବା ନେଇ ପ୍ରମାଣ ମିଳିଥିବାରୁ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ପୋଲିସ କମିଶନର। ପୋଲିସ ଯେଉଁ ପେଶାଦାର ଅପରାଧୀଙ୍କ ବିରୋଧରେ ଆଇପିସି ଦଫା ୧୧୦ (ଅଭ୍ୟାସଗତ ଅପରାଧୀ) ଲଗାଇ କୋର୍ଟ ଚାଲାଣ କରିଥିଲା, ସମାନେ ୫ମାସ ଜେଲରେ ରହିବା ପରେ ନିକଟରେ ଜାମିନରେ ବାହାରି ପୁଣି ସକ୍ରିୟ ହୋଇଉଠିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରାଯାଇ ଏକ ତାଲିକା କରାଯିବ। ଏହାପରେ ସେମାନେ ଉପରେ ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିବ। ସେମାନେ କୌଣସି ଅପରାଧ ଘଟାଇବା ପୂର୍ବରୁ ଗିରଫ କରାଯାଇ ପୁଣି କୋର୍ଟ ଚାଲାଣ କରିବାକୁ ପୋଲିସ କମିଶନର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଗକୁ ପାଟ୍ରୋଲିଂ ଓ ବ୍ଲକିଂ କଡାକଡି କରାଯିବ। ଅନେକ ସମୟରେ ରାତି ଗୋଟାଏ ପରେ ପୋଲିସ ଅଫିସରମାନେ ବ୍ଲକିଂ ନ କରି ଫେରିଯାଇଥାନ୍ତି। କିନ୍ତୁ ଏଥର ରାତି ୯ଟାରୁ ସକାଳ ୬ ପର୍ଯ୍ୟନ୍ତ ବ୍ଲକିଂ କରିବାକୁ କୁହାଯାଇଛି। ଆହୁରି ମଧ ଗିରଫ ହେଉଥିବା ଅଧିକାଂଶ ଅଭିଯୁକ୍ତ ଓ ଅପରାଧୀ ରାଜଧାନୀର ବସ୍ତି ଅଞ୍ଚଳରେ ରହୁଛନ୍ତି। ତେଣୁ ପୋଲିସ ଏଥର ବସ୍ତି ଉପରେ ସ୍ୱତନ୍ତ୍ର ଫୋକସ ଦେଇଛି। ପ୍ରତି ସପ୍ତାହରେ ପୋଲିସ ବସ୍ତିକୁ ଯାଇ ଲୋକଙ୍କୁ ଏନେଇ ବୁଝାଇବ। ଯଦି କେହି ଅଜଣା ବ୍ୟକ୍ତି ବସ୍ତିରେ ଘର ଭଡା ନେଇ ରହୁଛନ୍ତି ବା କାହା ଉପରେ ସନ୍ଦେହ ହେଉଛି ତୁରନ୍ତ ଥାନାକୁ ଜଣାଇବାକୁ କୁହାଯିବ। ଅନେକ ସମୟରେ ଅପରାଧୀମାନେ ଅପରାଧ ଘଟାଇବା ପରେ ନିଜ ଗ୍ରାମକୁ ପଳାଇ ଯାଉଛନ୍ତି। ଗାଁରେ କିଛି ଦିନ ରହିବା ପରେ ପୁଣି ଭୁବନେଶ୍ୱରକୁ ଆସି ଅନ୍ୟ ବସ୍ତିରେ ରହି ଅପରାଧ ଘଟାଉଛନ୍ତି। ଯାହାଫଳରେ ପୋଲିସ ସେମାନଙ୍କୁ ଗିରଫ କରିବାରେ ଯଥେଷ୍ଟ ସମସ୍ୟା ହେଉଛି। ତେଣୁ ଏଭଳି ଅପରାଧୀଙ୍କୁ କିଭଳି ଗିରଫ କରାଯିବ ସେନେଇ ମଧ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଥାନାରେ ପଡି ରହିଥିବା ମାମଲାକୁ ତୁରନ୍ତ ଶେଷ କରିବାକୁ ପୋଲିସ କମିଶନର ମହାନ୍ତି ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସ୍ପେଶାଲ ସ୍କ୍ୱାଡ୍ ଓ କ୍ୟୁଏଟିକୁ ଆହୁରି ସକ୍ରିୟ ରହିବା ସହ ବନ୍ଧୁକ ବେପାରି ଓ ନିଶା ମାଫିଆଙ୍କୁ ସାବାଡ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।



**ବର୍ଷା ଭୟ:** ତିଗିରିଆ ବ୍ଲକ ଅଧୀନ ଭେଜିଆ ଜଙ୍ଗଲ ନିକଟରେ ବାଇ ଚଢ଼େଇ ବସା ତିଆରି କରୁଛନ୍ତି।

## ଖବରଦାତାଙ୍କୁ ଭିକାରି ମନ୍ତବ୍ୟ ଘଟଣା

# ଆଠଗଡ଼ ଡିଏଫଓଙ୍କ ବିରୋଧରେ ଅଭିଯୋଗ

**ନରସିଂହପୁର,୨୯।୬(ଡି.ଏନ.ଏ.)**

ଆଠଗଡ଼ ଡିଏଫ୍ଓ ସସ୍ମିତା ଲେଙ୍କା ଖବରଦାତାଙ୍କୁ ଭିକାରି କହିଥିବା ଘଟଣା ଏବେ ଚାରିଆଡ଼େ ଅସନ୍ତୋଷ ସୃଷ୍ଟି କରୁଛି। ନିକଟରେ ଆଠଗଡ଼ର ଖବରଦାତାମାନେ ଏ ନେଇ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଶନିବାର ନରସିଂହପୁର ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଏଥିସହ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଡିଏଫଓ ଲେଙ୍କା ତାଙ୍କ ଫେସ୍ବୁକ୍ରେ ଖବରଦାତାଙ୍କୁ ଭିକାରି ବୋଲି ଲେଖି ପୋଷ୍ଟ କରିଥିଲେ। ଏଭଳି ମନ୍ତବ୍ୟକୁ ସାମ୍ବାଦିକ ସଂଘ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଘଟଣାର ତୁରନ୍ତ ବିଚାର କରାଯିବା ପାଇଁ ସ୍ଥାନୀୟ ଅତିରିକ୍ତ ତହସିଲଦାର ଆକାଶ ରଞ୍ଜନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ନରସିଂହପୁର ଥାନାରେ ଖବରଦାତା ଦେବୀପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଅଭିଯୋଗ କରାଯାଇଛି। ଏଥିରେ ଖବରଦାତା ପ୍ରମୋଦ ରାଉତ, ଦିଲୀପ ପଣ୍ଡା, ସୁରେଶ ମହାନ୍ତି, ଅଜୟ ସାହୁ, ରମେଶ ପାଢୀ, ମାନଗୋବିନ୍ଦ ସାହୁ, ପ୍ରଦୀପ ନାୟକ, ଦିବ୍ୟଲୋଚନ ମହାନ୍ତି, ବିଶ୍ୱନାଥ ଜେନା, ସଞ୍ଜୟ ପଟ୍ଟନାୟକ ଓ ବିଜୟ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ପ୍ରତିଭା ସମ୍ମାନ ସମାରୋହ



ପ୍ରତିଭା ସମ୍ମାନ ସମାରୋହରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

**ରଘୁନାଥପୁର, ୨୯।୬ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସହ ଚାରାରୋପଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାଗବତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାମାଜିକ କର୍ମୀ ବିକ୍ରମ କେଶରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତଃନିହିତ ଗୁଣକୁ ବିକଶିତ ପାଇଁ ଏହି ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସିଆରସିସି ନିର୍ମଳେନ୍ଦୁ ସୋମ ଯୋଗଦେଇ ଶ୍ରେଣୀରେ ଉପସ୍ଥାନ, ଶୃଙ୍ଖଳା ଜ୍ଞାନ ଓ ଗୁରୁଙ୍କୁ ସମ୍ମାନ ଦେବା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନସ୍ୱିନୀ ପରିଡା, ରମାରଞ୍ଜନ ସ୍ୱାଇଁ, ଫକୀର ଚରଣ ଜେନା, ଅନାମ ଚରଣ ବିଶ୍ୱାଳ ଓ ସରିତ ମହାପାତ୍ର ଉପସ୍ଥିତ ହୋଇ ପିଲାମାନଙ୍କୁ ଦିଗ୍ଦର୍ଶନ ଦେଇଥିଲେ। ପରିବେଶର ଉନ୍ନତି ପାଇଁ ସ୍କୁଲ ପରିସରରେ ଚାରା ରୋପଣ କରିବାକୁ ସାମାଜିକ କର୍ମୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଟପ୍ପର ଅନନ୍ୟ ଦାସ, ୯ମର ସିମ୍ରନ ବିଶ୍ୱାଳ, ୮ମର ରାକେଶ ବାରିକ ଏବଂ ସର୍ବାଧିକ ଉପସ୍ଥାନ ପାଇଁ ୯ମର ମନୀଷା ଦାସ ଓ ୮ମର ଶୁଭଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ପାବନି ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ବିଜୟ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଛାତ୍ରୀଛାତ୍ର ଚାରାରୋପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟନ୍ତୁ ବୋଲି ପ୍ରଧାନ ଶିକ୍ଷକ ବେହେରା ଆହ୍ୱାନ ଦେଇଥିଲେ।

# ଫନୀ ବିପନ୍ନଙ୍କୁ ମିଳୁନି ସହାୟତା

**ସାଲେପୁର,୨୯।୬(ଡି.ଏନ.ଏ.)**

ସାଲେପୁର ତହସିଲ ଅଧୀନ ତେନ୍ତୋଳ ପଞ୍ଚାୟତ ବିଶରପୁର ଗ୍ରାମର ଫନୀ ବିପନ୍ନଙ୍କୁ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ରଞ୍ଜୁଲତା ବରାଳ ଓ ତୋଫାନୀ ବରାଳଙ୍କ ଚାଳ ଛପର ଫନୀ ବାତ୍ୟାରେ ଉଡ଼ି ଯାଇଥିଲା। ହେଲେ ଅଦ୍ୟାବଧି ସେମାନଙ୍କ ପରିବାରକୁ ସରକାରୀ ସହାୟତା ମିଳିନାହିଁ। ଏପରି କି ଜରି ଖଣ୍ଡେ ମଧ୍ୟ ମିଳିନାହିଁ। ଉଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଘର ତିଆରି କରି ପାରୁ ନାହାନ୍ତି। ଏ ନେଇ ତହସିଲ ପ୍ରଶାସନ ନିକଟରେ ଗୁହାରି କଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହି ପରିବାର ଭଙ୍ଗା ଘରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ତୁରନ୍ତ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ସହାୟତା ପ୍ରଦାନ କରିବାକୁ ତେନ୍ତୋଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ବେହେରାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ତହସିଲଦାର ପଦ୍ମଜା ଦାଶ କହିଛନ୍ତି, ପ୍ରଥମ ଦଫା ଲିଷ୍ଟ ଜିଲା ପ୍ରଶାସନ ନିକଟକୁ ପଠାଯାଇଛି। ଅଭିଯୋଗ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ଲିଷ୍ଟ କରାଯାଇ ବାଦ୍ ପଡ଼ିଥିବା ବିପନ୍ନଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ବିଭିନ୍ନ ସର୍କଲରେ ଆର୍ଆଇଙ୍କୁ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲା ପରେ ସହାୟତା ଦିଆଯିବ।

# ବିଦ୍ୟୁତ୍ ଚୋରି: ସେସୁ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ

**ରଘୁନାଥପୁର, ୨୯।୬ (ଡି.ଏନ.ଏ.)**

ଜଗତ୍ସିଂହପୁର ସେସୁ ବିଭାଗ ଜୋନ୍-୨ ପକ୍ଷରୁ ରଘୁନାଥପୁର ବ୍ଲକ ନାଳିବର ଓ ରେଢୁଆ ଅଞ୍ଚଳରେ ବିଦ୍ୟୁତ୍ ଚୋରି ନେଇ ବିଭିନ୍ନ ସ୍ଥାନରେ ଶନିବାର ଚଢାଉ କରାଯାଇଥିଲା। ଏସ୍ଡିଓ ବାବୁଲି ବେହେରା ଓ ଜେଇ ଦୀପ୍ତି ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଏମ୍ଆରଟି ସ୍କ୍ୱାଡ୍ ଓ ଏନ୍ଜେନ୍ ବିଭାଗର କର୍ମଚାରୀମାନେ ଏହି ଚଢାଉରେ ସାମିଲ ହୋଇଥିଲେ। ବିଦ୍ୟୁତ୍ ଥାନା ପକ୍ଷରୁ ଆଇଆଇସି କୁମାରୀ ବେହେରା ଏଏସ୍ଆଇ ଦୀପ୍ତି ରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ନାଳିବରସ୍ଥିତ ରଞ୍ଜନ କୁମାର ନାୟକଙ୍କ ହୋଟେଲ ଉପରେ ଚଢାଉ କରାଯାଇ ଲୋଡ ଭେରିଫିକେଶନ ଓ ମିଟର ବାଇପାସ୍ କରାଯାଇଥିବା ଏସ୍ଡିଓ ବେହେରା ପ୍ରକାଶ କରିଥିଲେ। ଏହି ହୋଟେଲରେ ଦେଢ କିଲୋୱାଟ କମର୍ସିଆଲ ଲାଇନ୍ ଥିବାବେଳେ ଅଧିକ ସାଢେ ୬ କିଲୋୱାଟ ବିଦ୍ୟୁତ୍ ବାଇପାସ୍ କରାଯାଇ ବ୍ୟବହାର କରାଯାଉଥିଲା। ସେହିପରି ରେଢୁଆ ହାଟଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ ଉପରେ ଚଢାଉ କରାଯାଇ ଅନିୟମିତତା ହୋଇଥିବା ଦେଖାଯାଇଥିଲା। ସେଠାରେ ଏକ କିଲୋୱାଟ ଡୋମେଷ୍ଟିକ କରେଣ୍ଟ ବ୍ୟବହାର ହେଉଥିବା ଦେଖିବାକୁ ପାଇଥିଲେ। ତେବେ ଏହାର ମାଲିକ ଶରତ ଚନ୍ଦ୍ର ମହାପାତ୍ର କୁହନ୍ତି, ଫନୀ ବାତ୍ୟା ପରେ ନୂଆ ମାର୍କେଟ କମ୍ପ୍ଲେକ୍ସ ଆରମ୍ଭ ହୋଇଛି। ଏଥିପାଇଁ ଲାଇନ୍ମ୍ୟାନଙ୍କଠାରୁ ଆରମ୍ଭ କରି ଜେଇ ଓ ଏସ୍ଡିଓଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ବି ବାତ୍ୟା ପୁନରୁଦ୍ଧାର କାର୍ଯ୍ୟରେ ବ୍ୟସ୍ତ ରହିବା କଥା କହି ଆସି ନ ଥିବା ଅଭିଯୋଗ କରିଥିଲେ। ତେବେ ମହାପାତ୍ର ସେସୁ ବିଭାଗ ନିୟମାନୁଯାୟୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏସ୍ଡିଓ ବେହେରା ଅନିୟମିତତା ସମ୍ପର୍କରେ ତର୍ଜମା କରି ପରବର୍ତ୍ତୀ ସମୟରେ ଉପଭୋକ୍ତାଙ୍କୁ ଦଣ୍ଡିତ କରାଯିବ ବୋଲି କହିଛନ୍ତି।

# ଗର୍ଭ ନିରୋଧ ଉପଚାର ସମ୍ପର୍କିତ କର୍ମଶାଳା ଉଦ୍ଯାପିତ



କର୍ମଶାଳାରେ ତାଲିମ ନେଇଥିବା କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଆଠଗଡ଼,୨୯।୬(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଗତ ମଙ୍ଗଳବାରଠାରୁ ଚାଲିଥିବା ଗର୍ଭ ନିରୋଧ ଉପଚାର ସମ୍ପର୍କିତ କର୍ମଶାଳା ଶନିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ତଥା ଶିଶୁରୋଗ ବିଶେଷଜ୍ଞ ଡା. ବିଜୟ କୁମାର ମିଶ୍ର ଯୋଗଦେଇ ଗର୍ଭ ନିରୋଧ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି। ଏହି ସବୁ ଯୋଜନା ଅନେକାଂଶରେ ସଫଳତା ହୋଇଥିଲେ ହେଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଏହାକୁ ଠିକ୍ରେ ପାଳନ କରୁନାହାନ୍ତି। ତେଣୁ ଏହାର ସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର, ଷ୍ଟାଫ ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିସହିତ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଡ଼ମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନରସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫନର୍ସମାନେ ତାଲିମ ଗ୍ରହଣ କରିଥିଲେ। ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. ନିହାର ରଞ୍ଜନ ମିଶ୍ର, ଡା. ଦିଲୀପ ରଞ୍ଜନ ପାତ୍ର, ଅସ୍ତ୍ରୋପଚାର ବିଶେଷଜ୍ଞ ଡା. ଅକ୍ଷୟ ନାୟକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏତଦ୍ବ୍ୟତିତ ଅଡଶପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଭରତ ଚରଣ ମହାପାତ୍ର, କାନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୀମା ହାସଂଦା ପ୍ରମୁଖ ତାଲିମ ଗ୍ରହଣ କରିଥିଲେ। ଉଦ୍ଯାପନୀ ଦିବସରେ ତାଲିମ ଗ୍ରହଣ କରିଥିବା ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡାକ୍ତରଖାନା ପରିଚାଳିକା ପୂଜାଲିନ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ବାଙ୍କୀ ପୂର୍ତ୍ତ ବିଭାଗର ଅବହେଳା

# ସରକାରୀ ବାସଭବନ ଏବେ ଭୂତକୋଠି

**ବାଙ୍କୀ,୨୮।୬(ସ୍ୱ.ପ୍ର.)**



ବାଙ୍କୀ ଉପ କୋଷାଗାରଙ୍କ ବାସଭବନ ଓ ବି.କେ.ବିଦ୍ୟାପୀଠ ପ୍ରଧାନଶିକ୍ଷକଙ୍କ ବାସଭବନ ଜରାଜୀର୍ଣ୍ଣ ହୋଇପଡିଛି।

■ପ୍ରତିବର୍ଷ ମରାମତି ହେଉଛି
■ହୋଇ ପାରୁନି ବାସ ଉପଯୋଗୀ
■ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ବାଙ୍କୀ ପୂର୍ତ୍ତବିଭାଗର ଅବହେଳା ଯୋଗୁ ଏବେ ଏଠାକାର ବହୁ ସରକାରୀ ବାସଭବନ ଭୂତକୋଠିରେ ପରିଣତ ହେଲାଣି। ପ୍ରତିବର୍ଷ ଏହି ବାସଭବନ ଗୁଡିକର ମରାମତି କରାଯାଉଥିଲେ ମଧ ତାହା ବ୍ୟବହାର ହେଉ ନ ଥିବାରୁ ଦୁର୍ବୃତ୍ତ କବାଟ ଝରକା ତାଡ଼ି ନେଉଛନ୍ତି। ଏଭଳି ଚିତ୍ର ବାଙ୍କୀ ଉପକୋଷାଗାର ଅଧିକାରୀଙ୍କ ବାସଭବନରେ ଦେଖିବାକୁ ମିଳିଛି। ଏଥିସହିତ ବାଙ୍କୀର ସର୍ବପୁରାତନ ହାଇସ୍କୁଲ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପ୍ରଧାନଶିକ୍ଷକଙ୍କ ଆବାସିକ ବାସଭବନ ମରାମତିରେ ପ୍ରତିବର୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ତାହା ବାସ ଉପଯୋଗୀ ହୋଇନାହିଁ। ଦୀର୍ଘବର୍ଷ ହେଲା ବାସଭବନଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ଏପର୍ଯନ୍ତ ପୂର୍ତ୍ତବିଭାଗ ତରଫରୁ ସ୍କୁଲ କର୍ତ୍ତପକ୍ଷଙ୍କୁ ତାହା ହସ୍ତାନ୍ତର କରାଯାଇ ନାହିଁ। ସେହି ବାସଭବନ ଦୀର୍ଘ ଦିନ ହେଲା ତାଲା ପଡି ରହିଛି। ଯାହାଫଳରେ ଏହି ବାସଭବନ ଗଛଲତା ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଏପରି କି ସରିସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଫଳରେ ସ୍କୁଲ କର୍ତ୍ତୃପକ୍ଷ ସେହି ବାସଭବନକୁ ବ୍ୟବହାର କରିବା ସମ୍ଭବ ହେଉନାହିଁ। ବାଙ୍କୀ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏ ସବୁ ସମସ୍ୟା ପ୍ରତି କାହିଁକି ଦୃଷ୍ଟି ଦେଉନାହାନ୍ତି ତାହାକୁ ନେଇ ନାନା ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବାସଭବନ ଗୁଡିକର ରକ୍ଷଣାବେକ୍ଷଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୂର୍ତ୍ତବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ କୁମାର ନାୟକଙ୍କୁ ପଚାରିବାରେ ସେ କହିଥିଲେ, ଏ ସମ୍ପର୍କରେ ମୋ ପାଖରେ କୌଣସି ତଥ୍ୟ ନାହିଁ। ତଥାପି ଘଟଣାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରନ୍ତିନାହିଁ।
-କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ



**କଟକ ଅଫିସ,୨୯।୬:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଶନିବାର ବାଦାମବାଡି ଠାରୁ ଅରୁଣଦୋୟ ମାର୍କେଟ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବିଶେଷକରି ବାଦାମବାଡି ଅଞ୍ଚଳର ଡ୍ରେନ ଉପରେ ବେଆଇନ ଭାବେ ହୋଇଥିବା ଦୋକାନକୁ ଉଚ୍ଛେଦ କରାଯିବା ସହ ଡ୍ରେନ୍ ସଫେଇ କରାଯାଇ ଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଅଧିକାରୀ ପ୍ରଭାକର ସାହୁ କହିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ବେଳେ ସିଏମ୍‌ସି ଡେପୁଟି କମିଶନର ଦେବାଶିଷ ମହାନ୍ତି, ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡର ୬ ଜଣିଆ ଟିମ୍ ଓ ସିଏମ୍‌ସିର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଡ୍ରେନେଜ ସଫେଇ କାର୍ଯ୍ୟରେ ଦୁଇଟି ଜେସିବି,୪ଟି ଟ୍ରାକ୍ଟର ବ୍ୟବହାର କରାଯାଇଥିବା ସିଏମସି ପକ୍ଷରୁ ସୁଚନା ଦିଆଯାଇଛି।

### କାଗଜକଳ ପୁନରୁଦ୍ଧାର ଦାବିରେ ଆଞ୍ଚଳିକ ଜନ ସମାବେଶ

**ଚୌଦ୍ୱାର,୨୯।୬(ଡି.ଏନ୍.ଏ.):** ଦୀର୍ଘ ୧୬ବର୍ଷ ଧରି ବନ୍ଦ ହୋଇ ରହିଥିବା ଚୌଦ୍ୱାରସ୍ଥିତ ବଲ୍ଲାରପୁର କାଗଜକଳ ପୁନରୁଦ୍ଧାର କିମ୍ବା ନୂତନ ଶିଳ୍ପ ପ୍ରତିଷ୍ଠା ଦାବିରେ ଟିପିଏମ ବଜାରସ୍ଥିତ ଶ୍ରମିକ ୟୁନିୟନ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଏକ ଆଞ୍ଚଳିକ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କାଉନସିଲର ପରମ ବିରଞ୍ଚନ ଦାସଙ୍କ ସଭାପତିତ୍ୱରେ ଶ୍ରମିକ ନେତା ଗୋପାଳ ଦାସ, ତୀର୍ଥନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ମନୋରଞ୍ଜନ ସ୍ୱାଇଁ, ଅଜୟ ବେହେରା, ସୁଧାକର ମହାପାତ୍ର, ରମେଶ ଚନ୍ଦ୍ର ନାୟକ ଓ ଅଞ୍ଚଳର ବହୁ ଶ୍ରମିକ ନେତା କାଗଜକଳର ପୁନରୁଦ୍ଧାର କିମ୍ବା ଏହାର ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। କାଗଜକଳ ପୁନରୁଦ୍ଧାର କିମ୍ବା ନୂତନ ଶିଳ୍ପ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି।

### ହୋଟେଲ ରାଜକୁ ସିଲ୍ କଲା ଓଏସ୍‌ଏଫସି

**କଟକ ଅଫିସ,୨୯।୬:** ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସ୍‌ଏଫସି) ପକ୍ଷରୁ ଅନୁଗୋଳ ସହରରେ ଥିବା ହୋଟେଲ ରାଜକୁ ସିଲ୍ କରାଯାଇଛି। ନିଗମରୁ ନେଇଥିବା ଋଣ ପରିଶୋଧ ନ କରିବା ଯୋଗୁ ଏହି ପଦକ୍ଷେପ ନିଆଯାଇଛି ବୋଲି ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ କୁମାର ଜେନା କହିଛନ୍ତି। ପୋଲିସ ପ୍ରଶାସନ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ସିଲ କରାଯାଇଛି। ଋଣ ପରିଶୋଧ ନ କରୁଥିବା ଅନ୍ୟ କେତେଜଣ ଋଣ ଖିଲାପକାରୀଙ୍କ ବିରୋଧରେ ମଧ ଆଗାମୀ ଦିନରେ ଏହିଭଳି ପଦକ୍ଷେପ ନିଆଯିବ ବୋଲି କଟକ ଶାଖା ପରିଚାଳକ ସୁବାଷ ଚନ୍ଦ୍ର ମିଶ୍ର କହିଛନ୍ତି। ସିଲ ବେଳେ ନିଗମ ପକ୍ଷରୁ ଆଲୋକ ଦାସ, କାହ୍ନୁଚରଣ ପାଣିଗ୍ରାହୀ, ଲୋକରଞ୍ଜନ ପଟ୍ଟନାୟକ, ହିମାଂଶୁ ଶେଖର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରସନ୍ନ ମହାନ୍ତି ଉପସ୍ଥିତ ଥିଲେ।

## ■ ଲୁଟ୍, ଚୋରି, ଡକାୟତି ବଢ଼ିଯିବା ପରେ ଚେତିଲା ପୋଲିସ

# ଜେଲ୍ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

- ■ ଥାନା ଅଧିକାରୀଙ୍କୁ ନେଇ ପୋଲିସ କମିଶନରଙ୍କ ବୈଠକ
- ■ ଆହୁରି କଡ଼ାକଡ଼ି ହେବ ପାଟ୍ରୋଲିଂ, ବ୍ଲକିଂ
- ■ ବସ୍ତି ଉପରେ ରହିବ ଫୋକସ୍

ରାଜଧାନୀରେ ବାରମ୍ବାର ସିରିଜ୍ ଲୁଟ୍ ହେଉଛି। ଚୋରି ଓ ଡକାୟତି ମଧ ବଢ଼ି ଚାଲିଛି। ବିଳମ୍ବରେ ହେଉ ପଛେ କମିଶନରେଟ ପୋଲିସର ଚେତା ପଶିଛି। ଏଭଳି ଅପରାଧକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ସେନେଇ ଶନିବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସମସ୍ତ ଥାନା ଅଧିକାରୀଙ୍କୁ ଡାକି ଆଲୋଚନା କରିଛନ୍ତି। ଜେଲ୍ ଫେରନ୍ତାଙ୍କୁ ଚିହ୍ନଟ, ଅପରାଧୀଙ୍କ ଆଡ୍ଡାସ୍ଥଳ ଠାବ ଉପରେ ଗୁରୁତ୍ୱ ଦିଆଯିବା ସହ ଚୋରା ବନ୍ଧୁକ ଓ ନିଶା କାରବାର ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ,ଜୋନ୍ ଏସିପି ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଓ କ୍ୟୁଏଟି ମୁଖ୍ୟମାନେ ମଧ ସେମାନଙ୍କ ପ୍ରସ୍ତାବ ରଖିଥିଲେ।

ବିଶେଷ କରି ଯେଉଁ ଥାନାଞ୍ଚଳରେ ଏଭଳି ଅପରାଧ ବହୁମାତ୍ରାରେ ବଢ଼ି ଯାଇଛି ସେସବୁ ଥାନାଧିକାରୀଙ୍କୁ କମିଶନର କଡ଼ା ନିର୍ଦ୍ଦେଶ ଦେଇଥିଲେ। କିଭଳି ତଦନ୍ତ କରାଯାଇ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ ହେବ ତାହା ଉପରେ ଗୁରୁମନ୍ତ୍ରଣା ଦେଇଥିଲେ। ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ବାରମ୍ବାର ଅପରାଧ ଘଟାଉଥିବା ଅପରାଧୀଙ୍କୁ ଚିହ୍ନଟ ଓ ଗିରଫ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଜେଲ ଫେରନ୍ତା ଅପରାଧୀମାନେ ଉତ୍ପାତ କରୁଥିବା ନେଇ ପ୍ରମାଣ ମିଳିଥିବାରୁ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ପୋଲିସ କମିଶନର। ପୋଲିସ ଯେଉଁ ପେଶାଦାର ଅପରାଧୀଙ୍କ ବିରୋଧରେ ଆଇପିସି ଦଫା ୧୧୦ (ଅଭ୍ୟାସଗତ ଅପରାଧୀ) ଲଗାଇ କୋର୍ଟ ଚାଲାଣ କରିଥିଲା, ସମାନେ ୫ମାସ ଜେଲରେ ରହିବା ପରେ ନିକଟରେ ଜାମିନରେ ବାହାରି ପୁଣି ସକ୍ରିୟ ହୋଇଉଠିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରାଯାଇ ଏକ ତାଲିକା କରାଯିବ। ଏହାପରେ ସେମାନେ ଉପରେ ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିବ। ସେମାନେ କୌଣସି ଅପରାଧ ଘଟାଇବା ପୂର୍ବରୁ ଗିରଫ କରାଯାଇ ପୁଣି କୋର୍ଟ ଚାଲାଣ କରିବାକୁ ପୋଲିସ କମିଶନର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଗକୁ ପାଟ୍ରୋଲିଂ ଓ ବ୍ଲକିଂ କଡାକଡି କରାଯିବ। ଅନେକ ସମୟରେ ରାତି ଗୋଟାଏ ପରେ ପୋଲିସ ଅଫିସରମାନେ ବ୍ଲକିଂ ନ କରି ଫେରିଯାଇଥାନ୍ତି। କିନ୍ତୁ ଏଥର ରାତି ୯ଟାରୁ ସକାଳ ୬ ପର୍ଯ୍ୟନ୍ତ ବ୍ଲକିଂ କରିବାକୁ କୁହାଯାଇଛି। ଆହୁରି ମଧ ଗିରଫ ହେଉଥିବା ଅଧିକାଂଶ ଅଭିଯୁକ୍ତ ଓ ଅପରାଧୀ ରାଜଧାନୀର ବସ୍ତି ଅଞ୍ଚଳରେ ରହୁଛନ୍ତି। ତେଣୁ ପୋଲିସ ଏଥର ବସ୍ତି ଉପରେ ସ୍ୱତନ୍ତ୍ର ଫୋକସ ଦେଇଛି। ପ୍ରତି ସପ୍ତାହରେ ପୋଲିସ ବସ୍ତିକୁ ଯାଇ ଲୋକଙ୍କୁ ଏନେଇ ବୁଝାଇବ। ଯଦି କେହି ଅଜଣା ବ୍ୟକ୍ତି ବସ୍ତିରେ ଘର ଭଡା ନେଇ ରହୁଛନ୍ତି ବା କାହା ଉପରେ ସନ୍ଦେହ ହେଉଛି ତୁରନ୍ତ ଥାନାକୁ ଜଣାଇବାକୁ କୁହାଯିବ। ଅନେକ ସମୟରେ ଅପରାଧୀମାନେ ଅପରାଧ ଘଟାଇବା ପରେ ନିଜ ଗ୍ରାମକୁ ପଳାଇ ଯାଉଛନ୍ତି। ଗାଁରେ କିଛି ଦିନ ରହିବା ପରେ ପୁଣି ଭୁବନେଶ୍ୱରକୁ ଆସି ଅନ୍ୟ ବସ୍ତିରେ ରହି ଅପରାଧ ଘଟାଉଛନ୍ତି। ଯାହାଫଳରେ ପୋଲିସ ସେମାନଙ୍କୁ ଗିରଫ କରିବାରେ ଯଥେଷ୍ଟ ସମସ୍ୟା ହେଉଛି। ତେଣୁ ଏଭଳି ଅପରାଧୀଙ୍କୁ କିଭଳି ଗିରଫ କରାଯିବ ସେନେଇ ମଧ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଥାନାରେ ପଡି ରହିଥିବା ମାମଲାକୁ ତୁରନ୍ତ ଶେଷ କରିବାକୁ ପୋଲିସ କମିଶନର ମହାନ୍ତି ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସ୍ପେଶାଲ ସ୍କ୍ୱାଡ୍ ଓ କ୍ୟୁଏଟିକୁ ଆହୁରି ସକ୍ରିୟ ରହିବା ସହ ବନ୍ଧୁକ ବେପାରି ଓ ନିଶା ମାଫିଆଙ୍କୁ ସାବାଡ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।



ମାଟ୍ରିକ ପାସ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ମାର୍କଶିଟ ଓ ସାର୍ଟିଫିକେଟ ପ୍ରଦାନ ଦାବିରେ ଶନିବାର କଟକ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ କାର୍ଯ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ ପ୍ରଦର୍ଶନ।

## ■ ବ୍ୟବସାୟୀଙ୍କୁ ଅପହରଣ ଘଟଣା

# ୩ ଅଭିଯୁକ୍ତଙ୍କୁ କାବୁକଲା ପୋଲିସ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୧ରେ ରହୁଥିବା ବ୍ୟବସାୟୀ ଶିବସୁନ୍ଦର ଦାଶଙ୍କୁ ଗତ ୭ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ କାର୍ ସହ ଅପହରଣ କରି ନିଆଯାଉଥିବାବେଳେ ଦୁର୍ଘଟଣା ଯୋଗୁ ସଫଳ ହୋଇପାରି ନ ଥିଲେ। ଏହି ଘଟଣାରେ ନୟାପଲ୍ଲୀ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ୩ଜଣ ଅଭିଯୁକ୍ତଙ୍କୁ ଆଠଗଡ଼ ଏବଂ ତିଗିରିଆରୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ କାର ଓ ବନ୍ଧୁକ ମଧ ଜବତ କରିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ପାଇଛି। ସେମାନେ କାର ଲୁଟ ପାଇଁ ଉଦ୍ୟମ କରିଥିଲେ। ଏପରି କି ଶବସୁନ୍ଦରଙ୍କୁ ମୁଣ୍ଡଜାମିନ ରଖି ପରିବାରଠାରୁ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟ ଥିଲା ବୋଲି ଅଭିଯୁକ୍ତମାନେ କହିଛନ୍ତି। ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ଅନ୍ୟ ଏକ କାର ଚୋରା ହୋଇଥିବାରୁ ସେ ସମ୍ପର୍କରେ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ।

ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ୟାଙ୍ଗ୍ ଲୁଟ୍, ଅପହରଣ, ଚୋରି ଆଦି କରିଥାନ୍ତି। ସେମାନେ ରାଜଧାନୀରେ ଅପରାଧ ପାଇଁ ବହୁ ପୂର୍ବରୁ ଯୋଜନା କରିଥିଲେ। ଏଥିପାଇଁ ୧୫ଦିନ ପୂର୍ବରୁ ଭୁବନେଶ୍ୱର ଆସି ସାଲିଆସାହି ବସ୍ତିରେ ରହୁଥିଲେ। ଗତ ୭ ତାରିଖ ରାତିରେ କାର ଲୁଟ କିମ୍ବା ଚୋରି ପାଇଁ ସୁଯୋଗ ଖୋଜୁଥିଲେ। ଉକ୍ତ ରାତିରେ ବିଦ୍ୟୁତ୍ ନ ଥିବା ଓ ପ୍ରବଳ ଗରମ ହେଉଥିବାରୁ ବ୍ୟବସାୟୀ ଶିବ ସୁନ୍ଦର ଘର ନିକଟ ବାହାରେ ଥିବା ନିଜ କାର ଭିତରେ ଏସି ଲଗାଇ ଶୋଇଥିଲେ। ଅଭିଯୁକ୍ତଙ୍କ ନଜର ପଡ଼ିବା ପରେ ଲୁଟ୍ ଓ ଅପହରଣ କରିନେବାକୁ ଯୋଜନା କରିଥିଲେ। ଅଭିଯୁକ୍ତମାନେ ଅନ୍ୟ ଏକ ଚୋରି କାର୍‌ରେ ଆସି ସେଠାରେ ପହଞ୍ଚିବା ପରେ ଡୋର୍ ବାଡେଇ ଶିବସୁନ୍ଦରଙ୍କୁ ନିଦରୁ ଉଠାଇଥିଲେ। ସେ କିଛି ବୁଝିବା ପୂର୍ବରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କାର ସହ ତାଙ୍କୁ ଅପହରଣ କରିନେଉଥିଲେ। ସକାଳ ପ୍ରାୟ ୪ଟା ହୋଇଯାଇଥିବାରୁ ବାଣୀବିହାର ଓଭରବ୍ରିଜ ଉପରେ ଆର୍‌ଟିଓ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଅପହର୍ତ୍ତାମାନେ ସେହିବାଟ ଦେଇ ଯିବା ସମୟରେ ଚେକିଂ ହେଉଥିବା ଦେଖି ଗାଡିକୁ ଅଟକାଇ ଦେଇଥିଲେ। ପରେ ଦୁଇଟି କାରକୁ ବୁଲାଇ ପଛକୁ ଫେରି ଖସି ଯିବାକୁ ଉଦ୍ୟମ କରିବା ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଭିଯୁକ୍ତମାନେ ଶିବସୁନ୍ଦରଙ୍କ ସହ ଦୁଇ କାରକୁ ଛାଡି ଫେରାର ହୋଇଯାଇଥିଲେ। ଏପରିକି କାର୍ ଭିତରେ ସେମାନଙ୍କର ବନ୍ଧୁକ ଓ ମାରଣାସ୍ତ୍ର ରହିଥିଲା। ପୋଲିସ ତାହାକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।



କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶନିବାର ଅନୁଷ୍ଠିତ ନବ ଗୁଞ୍ଜନ କାର୍ଯ୍ୟକ୍ରମରେ ପରିବେଷିତ ଓଡ଼ିଶୀ ନୃତ୍ୟ।

### ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ନରସିଂହପୁର,୨୯।୬(ଡି.ଏନ.ଏ.)**

କାନପୁର ଥାନା ଅନ୍ତର୍ଗତ କରିଲୋ ଛକରେ ଶନିବାର ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକ ନୟାଗଡ ଜିଲା ଖଣ୍ଡପଡା ଥାନା ସିଙ୍ଗାପଡ଼ା ପଞ୍ଚାୟତ ବରଗଣ୍ଡ ଗ୍ରାମର ବିଜୟ ପ୍ରଧାନ। ଯୁବକ ଦ୍ୱୟ ଚମ୍ପେଶ୍ୱରଠାରୁ ବାଗଧରିଆ ଆଡକୁ ଯାଉଥିବାବେଳେ କୌଣସି ଗାଡ଼ି ଧକ୍କା ଦେଇଥିବା ଅନୁମାନ କରାଯାଉଛି।

## ■ ଶିକ୍ଷକ-ଅଭିଭାବକ ସମ୍ମିଳନୀ

# ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ

**କଟକ ସଦର,୨୯।୬(ଡି.ଏନ୍.ଏ.)**

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଶୁକ୍ରବାର କଟକ ସଦର ବ୍ଲକ ଅଞ୍ଚଳର ସରକାରୀ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀର ଗୃହୀତ ପ୍ରସ୍ତାବ ଶନିବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ଏଥିରେ ଗୁଣାତ୍ମକ ଶିକ୍ଷାଦାନ ସହ ଗ୍ରାମାଞ୍ଚଳରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ବିଦ୍ୟାଳୟକୁ ନିଜ ପରିବାର ଭାବି ପିଲାମାନଙ୍କୁ ପାଠ ପଢାଇବା ପାଇଁ ସମ୍ମିଳନୀରେ ଅଭିଭାବକମାନେ ପ୍ରସ୍ତାବ ଦେଇଛନ୍ତି। ନଚେତ ଆଉ କିଛି ବର୍ଷ ପରେ ସରକାରୀ ବିଦ୍ୟାଳୟରେ ପିଲା ଶୂନ ହୋଇଯିବ ବୋଲି ରଘୁନାଥପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ଦାଶ କହିଛନ୍ତି। ବିଦ୍ୟାଳୟ ଶିକ୍ଷା କମିଟିର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ଶିକ୍ଷା କମିଟି ସଭାପତି କରିବା ପାଇଁ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ସମ୍ମିଳନୀ ପ୍ରସ୍ତାବରେ ଗୁରୁତ୍ୱାରୋପ କରାଯାଇଥିବା ଜଣାପଡିଛି। ପାଠପଢାରେ ଦୁର୍ବଳ ଥିବା ପିଲାଙ୍କ ପାଇଁ ଦ୍ୱିତୀୟ ଶ୍ରେଣୀରୁ ଆରମ୍ଭ କରି ନବମ ଶ୍ରେଣୀ ପର୍ଯ୍ୟନ୍ତ ଉଜ୍ଜ୍ୱଳ, ଉତଥାନ ଓ ଉତ୍କର୍ଷ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ସହ ଶ୍ରେଣୀ ପାଠ୍ୟ ଖସଡା ଉପରେ ଧ୍ୟାନ ଦିଆ ନ ଗଲେ ମାଟ୍ରିକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେବେ ବୋଲି ବେଣ୍ଟକାର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ଦଳେଇ କହିଛନ୍ତି। ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଉପରେ କ'ଣ ନିଷ୍ପତ୍ତି ନଆଯିବ ସେ ସମ୍ପର୍କରେ କଟକ ସଦର ବ୍ଲକ ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କୁ ପଚାରିବାରୁ, ସେ ଏହା ଉପରେ ମନ୍ତବ୍ୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

### ବିଧାନସଭାରେ ଉଠିଲା କଟକ ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ୍ ବ୍ୟବସ୍ଥା

**କଟକ ଅଫିସ,୨୯।୬**

ବିଧାନସଭା ଅଧିବେଶନରେ ଗୁରୁବାର କଟକ ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ୍ ବ୍ୟବସ୍ଥା କରାଯିବା ପ୍ରସଙ୍ଗ ଉଠାଇଛନ୍ତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ। ଦୀର୍ଘବର୍ଷ ଧରି ଏହି ବ୍ୟବସ୍ଥା କରାଯିବ ବୋଲି କୁହାଯାଉଥିବାବେଳେ କେବେ ଏହାର ସଫଳ ରୂପାୟନ ହେବ ବୋଲି ବିଧାୟକ ତ୍ରିପାଠୀ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ପ୍ରଶ୍ନ କରିଥିଲେ। ସେ କହିଥିଲେ, ଫନୀ ସମୟରେ କଟକବାସୀ ୫ଦିନ ଧରି ଅନ୍ଧାରରେ ରହିଛନ୍ତି। ଏପରି କି କିଛି ସ୍ଥାନରେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ୧୦ରୁ ୧୨ଦିନ ଲାଗିଥିଲା। ରାଜ୍ୟର ଏକ ପ୍ରମୁଖ ସହରରେ ଏଭଳି ଅବସ୍ଥା ଭିତରେ ଲୋକ ହନ୍ତସନ୍ତ ହେବା ଦୁଃଖଦାୟକ। ଆଗାମୀ ଦିନରେ ମଧ ଯଦି ଏପରି କିଛି ଝଡ଼ ଆସେ ତେବେ ପୁଣି କଟକବାସୀ ଅନ୍ଧାର ଭିତରେ କାଳାତିପାତ କରିବେ। ଏଣୁ ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ବିଧାୟକ ତ୍ରିପାଠୀ ନିବେଦନ କରିଛନ୍ତି।

## ■ କଟକରେ ଜାତୀୟ ମହିଳା କମିଶନ୍ ସଦସ୍ୟା

# ଚୌଦ୍ୱାର ଜେଲ, ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବୁଲିଲେ

**କଟକ ଅଫିସ/ ଚୌଦ୍ୱାର,୨୯।୬(ଡି.ଏନ୍.ଏ.)**



ଚୌଦ୍ୱାର ଜେଲ ପରିସରରେ ମହିଳା କମିଶନ ସଦସ୍ୟା।

ଜାତୀୟ ମହିଳା କମିଶନ ସଦସ୍ୟା ଚନ୍ଦ୍ରମୁଖୀ ଦେବୀ ଶନିବାର କଟକ ଗସ୍ତ କରିଥିଲେ। ସେ ଚୌଦ୍ୱାର ଜେଲ୍ ଓ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବୁଲି ଦେଖିଥିଲେ। ଚନ୍ଦ୍ରମୁଖୀଙ୍କ ସହିତ ଶ୍ୱାତୀ ଏବଂ ରାଜ୍ୟ ମହିଳା କମିଶନଙ୍କ ସଦସ୍ୟା ସସ୍ମିତା ନନ୍ଦ, ସ୍ନେହାଞ୍ଜଳି ମହାନ୍ତି, କୁସୁମ ରଥ ଓ କମିଶନଙ୍କ ଡିଏସ୍‌ପି ବିଜୟ ବରୁଆ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଚୌଦ୍ୱାର ଜେଲରେ ସେ ମହିଳା ଅନ୍ତେବାସୀଙ୍କ ସହିତ ଆଲୋଚନା କରିବା ସହିତ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ଜେଲରେ ୪୦ ଜଣ ମହିଳା ଅନ୍ତେବାସୀଙ୍କ ମଧ୍ୟରୁ ୧୩ ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାବେଳେ ୨୭ ଜଣଙ୍କର ମାମଲା ବିଚାରାଧିନ ରହିଛି। ସେହିପରି ୩ ଜଣ ଅନ୍ତେବାସୀଙ୍କ ଜାମିନ ପାଇଁ ସେମାନେ ଓକିଲ ଦେଇ ପାରି ନଥିବା ସଦସ୍ୟାଙ୍କ ଆଗରେ କହିଥିଲେ। ଏତଦ୍‌ବ୍ୟତୀତ ମହିଳା ଅନ୍ତେବାସୀଙ୍କ ପାଇଁ ମହିଳା ପ୍ରଶିକ୍ଷକ ରଖିବା, ଦେୟଯୁକ୍ତ କ୍ୟାଣ୍ଟିନରେ ସୁସ୍ଥ ପରିବେଶ ଓ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଚନ୍ଦ୍ରମୁଖି ଜେଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅପରାହ୍ନରେ ସଭ୍ୟାମାନେ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ସେଠାରେ ମାନସିକ ରୋଗୀମାନଙ୍କର ସେବାଯତ୍ନ ସମ୍ପର୍କରେ ପଚାରି ବୁଝିବା ସହିତ ୱାର୍ଡଗୁଡିକର ସଫେଇ ବ୍ୟବସ୍ଥା ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି। ପରିଦର୍ଶନ ସମୟରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ସ୍ୱାଇଁ ଗତବର୍ଷ ୭୧ ଜଣ ନିରାଶ୍ରୟ ମହିଳାଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥା ଯଥା ଡେଲାଙ୍ଗର ନୀଳାଚଳ ସେବା ପ୍ରତିଷ୍ଠାନ, ଆଭା, ଭୁବନେଶ୍ୱରରେ ମିଶନ ଆଶା, ଯାଜପୁରଠାରେ ଥିବା ସେବକ ଅନୁଷ୍ଠାନରେ ଥଇଥାନ କରାଯାଇଥିବା କହିଥିଲେ। ଅନ୍ୟପକ୍ଷରେ ୧୮ ଜଣ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ନିର୍ଦ୍ଦେଶକ ସ୍ୱାଇଁ କମିଶନ ସଦସ୍ୟାଙ୍କୁ ଅବଗତ କରାଇଥିଲେ। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଯୌନ ନିର୍ଯାତନା ନିବାରଣ କମିଟି, ବଳାତ୍କାରରେ ଶିକାର ହୋଇଥିବା ବାଳିକା, ମହିଳାମାନଙ୍କୁ ୱାନ ଷ୍ଟପ୍ ସଖି କେନ୍ଦ୍ରରେ ନିୟମିତ କାଉନସେଲିଂ ବ୍ୟବସ୍ଥା କରାଯାଉଥିବା ଜାଣିବାକୁ ଟିମ୍ ପାଇଥିଲା। ଏହାସହ ମହିଳା ମନୋବିଜ୍ଞାନୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, କର୍ମଚାରୀମାନେ ରୋଗୀ ମାନଙ୍କୁ ଉପଯୁକ୍ତ ସେବା ଯୋଗାଉଥିବା ନିର୍ଦ୍ଦେଶକ ସ୍ୱାଇଁ ସଦସ୍ୟାଙ୍କୁ କହିଥିଲେ।

# ଜବରଦଖଲ ଜମିରେ ସ୍ୱଚ୍ଛ ଭାରତ ଶୌଚାଳୟ

**ଟାଙ୍ଗୀ(କଟକ),୨୯।୬(ଡି.ଏନ୍.ଏ.)**

## ଦୁଇ ଶୌଚାଳୟର ଗୋଟିଏ କାନ୍ଥ



ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବେଆଇନଭାବେ ଶୌଚାଳୟ ନିର୍ମାଣ କରାଯାଇ ବିଲ ଉଠାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତରେ ଦେଖିବାକୁ ମିଳିଛି ଏପରି ଅନିୟମିତତା। କେନ୍ଦ୍ରସରକାରଙ୍କ ୧୨ହଜାର ଟଙ୍କାର ଶୌଚାଳୟ ନିର୍ମାଣ ଅନୁଦାନ ରାଶିକୁ ଠିକ ସ୍ଥାନ, ଠିକ ଉପଭୋକ୍ତା ଓ ଠିକ ମାନରେ କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ବାଟବଣା ହୋଇଛି।

ପ୍ରକାଶଯେ, ୧୬ନଂ. ଜାତୀୟ ରାଜପଥ ଓ ପୂର୍ବତଟ ରେଳପଥର ମଧ ସ୍ଥଳକୁ ଜବରଦଖଲ କରି ପ୍ରାୟ ୫୦ପରିବାର ଘର କରିଛନ୍ତି। ଜବରଦଖଲ ସ୍ଥାନରେ ଥାଇ ମଧ ସମସ୍ତ ସରକାରୀ ସୁବିଧା ପାଉଛନ୍ତି। ଏବେ ଉଭୟ ରାଜପଥ ଓ ରେଳପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ବସ୍ତି ଉଚ୍ଛେଦ ହେବା ଜାଣି ମଧ କେତେଜଣ ସରାକରୀ ଅଧିକାରୀ ଶୌଚାଳୟ ନିର୍ମାଣ ଆଳରେ ପ୍ରତି ଘରେ ଶୌଚାଳୟଗୁଡିକୁ ତରବର ଭାବେ କରିବାକୁ ଲାଗି ପଡିଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ହେଲେ ସ୍ଥାନ ନିରୂପଣ ଦାୟିତ୍ୱ ସରକାରୀସ୍ତରରେ ହୋଇଥିବା ବେଳେ ତାକୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରାଯାଇଛି। ଏପରିକି ଉକ୍ତ ସରକାରୀ ଜମିରେ ଗୋଟିଏ କାନ୍ଥରେ ଦୁଇଟି ପାଇଖାନା ନିର୍ମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକାସଂସ୍ଥା ଦ୍ୱାରା ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ କୌଣସି ଗୋଟିଏ ଶୌଚାଳୟ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଉକ୍ତ ବସ୍ତିର କେତେଜଣ ଲୋକ ନିଜ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ବିଡିଓ ବିନୋଦ କୁମାର ସେନାପତି କୁହନ୍ତି, ଉକ୍ତ ଘଟଣାର ତଦନ୍ତ କରାଯିବ। ଯଦି ତଥ୍ୟ ଠିକ୍ ଥାଏ ତେବେ ଅଧିକାରୀ ଓ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ମୃତ ବନ୍ଧୁଙ୍କ ଜନ୍ମଦିନରେ କଲେ ରକ୍ତଦାନ ଶିବିର

**କଟକ ଅଫିସ,୨୯।୬**

୨୦୧୫ ଏପ୍ରିଲ ୨ରେ ଯୋବ୍ରା ବ୍ୟାରେଜ ନିକଟ ମହାନଦୀରେ ବୁଡି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୪ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ମଧ୍ୟରେ ଥିଲେ ପ୍ରୀତିରଞ୍ଜନ ଦାଶ । ତେବେ ପ୍ରୀତିରଞ୍ଜନଙ୍କ ମୃତ୍ୟୁକୁ ଇତି ମଧ୍ୟରେ ୪ବର୍ଷ ପୂରଣ ହୋଇସାରିଥିବା ବେଳେ ତାଙ୍କ ସ୍ମୃତିକୁ ମନେ ରଖିବାକୁ ନିଆରା ପ୍ରୟାସ କରିଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ଓ ତାଙ୍କ ବାଲ୍ୟବନ୍ଧୁ। ଶୁକ୍ରବାର ଥିଲା ସ୍ୱର୍ଗତ ପ୍ରୀତିରଞ୍ଜନଙ୍କ ଜନ୍ମଦିନ। ନିମପୁରସ୍ଥିତ ସ୍ପୋର୍ଟସ କ୍ଲବଠାରେ ବନ୍ଧୁମାନେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଶିବିରରେ ମୋଟ ୩୯ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସୌରଜିତ ସାମଲ, ଚିରଞ୍ଜୀବି ପଟ୍ଟନାୟକ, ପାର୍ଥସାରଥୀ ସାହୁ, ପ୍ରୀତି ସ୍ୱାଇଁ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୮୭ ହଜାର ଟଙ୍କା ଜବତ: ୨ ଗିରଫ

**କଟକ ଅଫିସ,୨୯।୬**

- ■ ହୋଟେଲରୁ ପିଛା କରି ଆସିଥିଲେ
- ■ ବସ୍ ଭିତରେ ଦମ୍ପତିଙ୍କ ବ୍ୟାଗ୍‌ରୁ ଚୋରି କରିଥିଲେ

ବସ୍ ଭିତରୁ ଦମ୍ପତିଙ୍କ ବ୍ୟାଗ୍ କାଟି ଟଙ୍କା ଚୋରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଅତାବୁଲ ଖାନ୍(୨୭) ଓ ଲତିଫର ଅଲ୍ଲୀ(୨୦)। ପୋଲିସ ସେମାନଙ୍କ ଠାରୁ ୮୭ ହଜାର ଟଙ୍କା ଜବତ କରିବା ସହ ଏକ ମାମଲା(ନଂ.୧୩୯/୧୯) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲା ଚାନ୍ଦିପୁର ଅଞ୍ଚଳରୁ ଏକ ଘରୋଇ ବସ୍‌ରେ ବିମଳ ଚରଣ ଦଳାଇ ତାଙ୍କ ସ୍ତ୍ରୀଙ୍କ ଶୁକ୍ରବାର ରାତିରେ ପୁରୀ ଆସୁଥିଲେ। ରାତି ପ୍ରାୟ ୧ଟାରେ ସେମାନେ ବାଦାମବାଡି ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ସେମାନଙ୍କ ବ୍ୟାଗ କଟାଯାଇ ୯୦ ହଜାର ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିଥିଲା। ତେବେ ସେମାନଙ୍କ ପଛ ସିଟ୍‌ରେ ଦୁଇ ଜଣ ଦାଢି ରଖିଥିବା ବ୍ୟକ୍ତି ବସିଥିଲେ। କିନ୍ତୁ ବସ୍‌ଷ୍ଟାଣ୍ଡରେ ଉଭୟ ନ ଥିବାବେଳେ ସେମାନଙ୍କର ଉପରେ ସନ୍ଦେହ ହେଉଥିବା ନେଇ ଦମ୍ପତି ପୋଲିସକୁ କହିଥିଲେ। ଶନିବାର ଦୁଇଜଣ ଦାଢି ରଖିଥିବା ବ୍ୟକ୍ତି ଏକ ବ୍ୟାଗ୍ ଧରି ମଧୁପାଟଣା ବସ୍‌ଷ୍ଟପରେ ଠିଆ ହୋଇଥିଲେ। ପୋଲିସ ସେମାନଙ୍କୁ ସନ୍ଦେହରେ ଯାଞ୍ଚ କରିବାରୁ ସେମାନଙ୍କ ଠାରୁ ୮୭ ହଜାର ଟଙ୍କା ବାହାରିଥିଲା। ପରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଚୋରି କରିଥିବା ମାନିଥିଲେ। ଦମ୍ପତି ଚାନ୍ଦିପୁରର ଏକ ହୋଟେଲରେ ଖାଉଥିବା ବେଳେ ସେମାନଙ୍କ ପାଖରେ ଟଙ୍କା ଥିବା ଅଭିଯୁକ୍ତ ଦ୍ୱୟ ଦେଖିଥିଲେ। ପରେ ଦମ୍ପତି ବସରେ ଆସୁଥିବାବେଳେ ଅଭିଯୁକ୍ତ ଦ୍ୱୟ ପିଛା କରି ଉକ୍ତ ବସ୍‌ରେ ବସିଥିଲେ। ହେଲେ ଦମ୍ପତି ଶୋଇପଡିବା ପରେ ସେମାନ କଟକ ପୂର୍ବରୁ ତାଙ୍କ ବ୍ୟାଗ୍ କାଟି ଟଙ୍କା ନେଇ ଯାଇଥିଲେ। ପରେ ଲିଙ୍କ୍‌ରୋଡ ନିକଟରେ ବସ୍‌ରୁ ଓହ୍ଲାଇ ପଡିଥିଲେ ବୋଲି ଅଭିଯୁକ୍ତ ଦ୍ୱୟ ପୋଲିସ ନିକଟରେ ସ୍ୱୀକାର କରିଥିଲେ।



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରନ୍ତିନାହିଁ।
-କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଗୁରୁଜଙ୍ଗ ମନ୍ଦିରରେ ଚୋରିକୁ ୬ ମାସ ବିତିଲା ଟେର୍ ପାଉନି ପୋଲିସ

**ଖୋର୍ଦ୍ଧା ଅଫିସ,୨୯।୬:** ଖୋର୍ଦ୍ଧା ଟାଉନ ଥାନା ଗୁରୁଜଙ୍ଗର କାଳୀ ମନ୍ଦିରରୁ ଚୋରିକୁ ଇତିମଧ୍ୟରେ ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ବିତିଯାଇଛି। ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଦୁର୍ବୃତ୍ତଙ୍କ କୌଣସି ଟେର ପାଇ ନାହିଁ। ଦୁର୍ବୃତ୍ତମାନେ ୨୦୧୮ ଡିସେମ୍ବର ୧୮ ରାତିରେ ମନ୍ଦିରରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର, ପିତଳ ବାସନ କୁସନ, ଟଙ୍କା ଲୁଟି ନେଇଥିଲେ। ସେହିପରି ଦାନବାକ୍ସ ଭାଙ୍ଗି ଟଙ୍କା ମଧ୍ୟ ଚୋରାଇ ନେଇଥିଲେ। ପୋଲିସ ନଂ. ୪୮୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ସଫଳତା ପାଇନାହିଁ।

### ବିବାହ ପାଇଁ ବିଦେଶୀ ମଦ ନେଇ ଜଣେ ଗିରଫ

**ପୁରୁଣା ଭୁବନେଶ୍ୱର, ୨୯।୬ (ଡି.ଏନ.ଏ.)-** ବାହା ଘର ପାଇଁ ସ୍କୁଟିରେ ଗାଁକୁ ବିଦେଶୀ ମଦ ନେଉଥିବା ବେଳେ ଜଣେ ଯୁବକଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ପୋଲିସ ସୂଚନା ମୁତାବକ ଥାନା ଅଧୀନ ବ୍ରହ୍ମକୁଣ୍ଡଳ ଗାଁର ଛବିନ୍ଦ୍ର ବିଶ୍ୱାଳ (୩୦) ଶନିବାର ସନ୍ଧ୍ୟାରେ ଅଶୋକନଗରରୁ ବିଦେଶୀ ମଦ ନେଇ ଗାଁକୁ ଯାଉଥିଲେ। ଗାଁ ମୁଣ୍ଡ ବ୍ରହ୍ମକୁଣ୍ଡଳ କେନାଲ ବ୍ରିଜ୍ ନିକଟରୁ ପୋଲିସ ଛବିନ୍ଦ୍ରଙ୍କୁ ଅଟକାଇ ତଲାସି ନେବାରେ ତାଙ୍କ ପାଖରୁ ୪୦୦ରୁ ଊର୍ଦ୍ଧ୍ୱ ବୋତଲ ବିଦେଶୀ ମଦ ଜବତ କରିଥିଲା। ଥାନାରେ ନଂ. ୧୦୫/୧୯ରେ ମାମଲା ରୁଜୁ ହୋଇଛି।

### ଫେରାର ବିଲଡର ଗିରଫ

**ପୁରୁଣା ଭୁବନେଶ୍ୱର, ୨୯।୬ (ଡି.ଏନ.ଏ.):** ଏୟାରଫିଲ୍ଡ ଥାନା ପୋଲିସ ଶନିବାର ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିଲଡର ଯମେଶ୍ୱର ନାଥଶର୍ମା(୪୦)। ଥାନା ଅଧୀନ ସୁନ୍ଦରପଦା-ଜଟଣୀ ରାସ୍ତାରେ ଥିବା ହାଇଟେକ ପ୍ଲାଜାର 'ଏ' ବ୍ଲକ ୫ମ ମହଲାର ଫ୍ଲାଟ ନଂ. ୪ରେ ରୁହନ୍ତି। ୫ ବର୍ଷ ତଳେ ସେ ଜଣେ ବ୍ୟକ୍ତିଙ୍କୁ ଫ୍ଲାଟ ଦେବାକୁ କହି ୩୫ ଲକ୍ଷ ଟଙ୍କା ଅଗ୍ରୀମ ଆଣିଥିଲେ। ତେବେ ସେ ଦିନ ଗଡାଇ ଚାଲିବାରୁ ବ୍ୟକ୍ତି ଜଣକ ତାଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟର ଆଶ୍ରୟ ନେଇଥିଲେ। ୱାରେଣ୍ଟ ବଳରେ ଫେରାର ଥିବା ବିଲଡର ଯଜ୍ଞେଶ୍ୱରଙ୍କୁ ପୋଲିସ ଗିରଫ କରିଥିଲା।

### ୭୪ତମ ଐତିହ୍ୟ ପଦଯାତ୍ରା
### ଖଣ୍ଡଗିରି-ଉଦୟଗିରି ପାହାଡ଼ରେ କଳିଙ୍ଗର ଐତିହ୍ୟ ଗାଥା

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)-** ସ୍ୱିଜରଲାଣ୍ଡରେ ରହୁଥିବା ଓଡ଼ିଆ ପରିବାର, ଡିଜାଇନିଂ ଛାତ୍ରୀଛାତ୍ର ଓ ଭୁବନେଶ୍ୱରବାସୀ ଶନିବାର ଅନୁଷ୍ଠିତ ୭୪ତମ ହେରିଟେଜ୍ ଟ୍ରେଲ୍‌ର ମଜା ନେଇଛନ୍ତି। ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଥିବା ଗୁମ୍ଫା ସହ କଳିଙ୍ଗ ବୀରଙ୍କ ଗାଥା ଓ ଐତିହ୍ୟ ବିଷୟରେ ଅନାଲୋଚିତ ତଥ୍ୟ ସମ୍ବନ୍ଧରେ ଜାଣିବାକୁ ପାଇଛନ୍ତି। ଜଣେ ଡିଜାଇନିଂ ଛାତ୍ର କହିଛନ୍ତି, ଏହି ପଦଯାତ୍ରା ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। କାହାଣୀରେ ମୁଁ ବହୁତ ପୁରୁଣା ଇତିହାସ ବିଷୟରେ ଜାଣିବାକୁ ପାଇଲି। ଓଡ଼ିଶାର ବୀରମାନଙ୍କ ସମ୍ପର୍କରେ ଆଲୋଚନାବେଳେ ମୁଁ ନିଜକୁ ଗର୍ବ ଅନୁଭବ କରୁଥିଲି। ସ୍ୱୟମ୍ ନାୟକ କୁହନ୍ତି, କାହାଣୀରେ କଳିଙ୍ଗର ଇତିହାସ ଓ ଐତିହ୍ୟ ଜାଣିବା ସହ ସକାଳୁ ଖଣ୍ଡଗିରି ଉଦୟଗିରି ପାହାଡରେ ପଦଯାତ୍ରା ତାଙ୍କୁ ବହୁତ୍ ଭଲ ଲାଗିଲା। ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକ ଯୋଗଦେବା ଆବଶ୍ୟକ ବୋଲି ସେ କହିଥିଲେ। ସ୍ୱିଜରଲାଣ୍ଡରେ ରହୁଥିବା ଅନିନ୍ଦ୍ୟ ଦାସ ଓ ତାଙ୍କ ପରିବାର କହିଥିଲେ, ସକାଳୁ ପାହାଡଟି ବହୁତ ସୁନ୍ଦର ଲାଗୁଥିଲା। ପାହାଡ଼ଟିର ଇତିହାସ ଓ ଓଡ଼ିଶାର କାହାଣୀ ଉତ୍ସାହକୁ ବଢ଼ାଇ ଦେଇଥିଲା। ଆମ ସହ ଥିବା ଛୋଟପିଲା ଏସବୁ ଜାଣିବାର ସୁଯୋଗ ପାଇଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ସକାଳ ୬ଟା ୩୦ରେ ଏହି ପଦଯାତ୍ରା ଉଦୟଗିରି ପାହାଡରୁ ଆରମ୍ଭ ହୋଇଥିଲା। ପ୍ରଥମେ ଉଦୟଗିରି ପାହାଡ଼ ବିଷୟରେ ଜାଣିବା ପରେ ରାଜା ଖାରବେଳଙ୍କ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ଇତିହାସରେ ଲିପିବଦ୍ଧ କଳିଙ୍ଗର ବିଭିନ୍ନ ଗାଥା, ବୀର କଳିଙ୍ଗ ରାଜାଙ୍କ ଇତିହାସ ଜାଣିବାକୁ ପାଇଥିଲେ। ପଥପ୍ରଦର୍ଶକ ସତ୍ୟସ୍ୱରୂପ ମିଶ୍ରଙ୍କ ଦ୍ୱାରା ସମସ୍ତ ଗାଥାଗୁଡ଼ିକୁ ଶୁଣାଯାଇଥିଲା। ଆୟୋଜିତ ଏହି ପଦଯାତ୍ରାରେ ୨୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ସାମିଲ ଥିଲେ।

## ଜଟଣୀ ସହରାଞ୍ଚଳରେ ଦୈନିକ ନଷ୍ଟ ହେଉଛି ହଜାର ହଜାର ଲିଟର ପାଣି

# ଫଟା ପାଇପ୍‌ରେ ଦୂଷିତ ପାନୀୟ ଜଳ ଯୋଗାଣ

**ଜଟଣୀ,୨୯।୬(ଡି.ଏନ.ଏ.)**

**ଜଣ୍ଡିସ୍ ଆଶଙ୍କାରେ ସହରବାସୀ**



ଜଟଣୀ ସର୍ଦ୍ଦାର ପଟେଲ ମାର୍ଗ ରାସ୍ତାରେ ଏସ୍‌ବିଆଇ ବଜାର ଶାଖା ନିକଟରେ ପାଇପ୍ ଫାଟି ବାହାରୁଛି ପାଣି।

ଫଟା ପାଇପରେ ଆସୁଛି ଦୂଷିତ ପାନୀୟ ପାଣି। ପାଇପ ଫାଟି ଯାଇଥିବାରୁ ଦୈନିକ ହଜାର ହଜାର ଲିଟର ପାନୀୟ ଜଳ ନଷ୍ଟ ହେଉଛି। ଦୂଷିତ ପାନୀୟ ଜଳକୁ ଜଟଣୀ ସହରାଞ୍ଚଳ ଲୋକେ ବ୍ୟବହାର କରୁଥିବାରୁ ଜଣ୍ଡିସ ଆଶଙ୍କାରେ ସମସ୍ତେ ଭୟଭୀତ ହୋଇପଡିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ସହରବାସୀଙ୍କୁ ଯୋଗାଉଥିବା ଦୂଷିତ ପାନୀୟ ଜଳକୁ ନେଇ ସାଧାରଣରେ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ବିଭାଗ ପକ୍ଷରୁ ଏଥିପ୍ରତି ଜମାରୁ ନିଘା ନାହିଁ।

କଟକ ଜିଲା ମୁଣ୍ଡଳୀରୁ ଜଟଣୀ ସହରକୁ ପାନୀୟ ଜଳ ଯୋଗାଣ ଆରମ୍ଭ ହେବା ପରେ ଅନେକାଂଶରେ ପାଣି ସମସ୍ୟା ଦୂର ହୋଇଛି। ହେଲେ ସହରସାରା ପୂର୍ବରୁ ମାଟି ତଳେ ବିଛାଯାଇଥିବା ପାଇପ୍ ଚାରି ଆଡେ ଫାଟିବାରେ ଲାଗିଛି। ଆସୁଥିବା ପାଣି ଫୋର୍ସ ପୂର୍ବରୁ ବିଛାଯାଇଥିବା ଦୁର୍ବଳ ପାଇପ୍‌ଗୁଡିକ ସମ୍ଭାଳି ପାରୁନାହିଁ। ସହରର ବିଭିନ୍ନ ସ୍ଥାନରେ ଏହା ଫାଟି ପାଣି ରାସ୍ତା ଓ ଡ୍ରେନ୍‌ରେ ଭାସୁଛି। ଏ ନେଇ ଦାୟିତ୍ୱରେ ଥିବା ବିଭାଗର ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେଣି। କିନ୍ତୁ ଫଳ ଘର ଶୂନ୍। ଯାହା ଘର ଆଗରେ ପାଇପ୍ ଫାଟି ମାଟି ତଳୁ ପାଣି ବାହାରୁଛି ସେହି ଘର ଲୋକଙ୍କୁ ଏହାର ମରାମତି କରିବାକୁ ବିଭାଗ ପକ୍ଷରୁ ଓଲଟା କୁହାଯାଉଛି। ଘରକୁ ଜଳଯୋଗାଣ ସଂଯୋଗ ନେଇଥିବାରୁ ଏପରି ଅବସ୍ଥା ହେଉଥିବା ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସମ୍ପୃକ୍ତ ଘର ମାଲିକଙ୍କୁ କହୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ପାଇପ୍ ଫାଟି ବାହାରୁଥିବା ସ୍ଥାନରେ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ସେଠାରେ ଦୀର୍ଘଦିନ ଧରି ପାଣି ଜମି ରହିବା ସହ ଅଳିଆ ଆବର୍ଜନା ପଡି ନର୍ଦ୍ଦମା ପାଣିରେ ପରିଣତ ହେଉଛି। ଜମି ରହୁଥିବା ଦୂଷିତ ପାଣି ପୁଣି ମାଟିରେ ଭେଦି ଫାଟିଥିବା ପାଇପ୍ ଓ ସଂଯୋଗସ୍ଥଳରେ ପ୍ରବେଶ କରୁଛି। ଏହି ଦୂଷିତ ପାଣି ଘରଗୁଡିକୁ ଯୋଗାଣ ହେଉଛି। ଏ ନେଇ ସ୍ଥାନୀୟ ବାଲିଛକ ସାହିର ଜନ୍ମେଜୟ ଅମ୍ଭ କୁହନ୍ତି, ତାଙ୍କ ଘର ସମ୍ମୁଖରେ ଦୁଇମାସରୁ ଅଧିକ ହେବ ରାସ୍ତାତଳେ ଯାଇଥିବା ପାଇପ୍ ଫାଟି ପାଣି ନଷ୍ଟ ହୋଇଆସୁଥିଲା। ବହୁବାର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲା ପରେ କୌଣସି ପ୍ରତିକାର ହେଲାନାହିଁ। ନିଜେ ତିଆରି କରିବାକୁ ବିଭାଗର କର୍ମଚାରୀମାନେ ତାଙ୍କୁ କହିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ୩ ହଜାର ଟଙ୍କା ଖର୍ଚ୍ଚ କରି ଦୁଇଦିନ ତଳେ ମରାମତି କଲା ପରେ ପାଣି ନଷ୍ଟ ହେବା ବନ୍ଦ ହେଲା। ଆବେଦନ ପରେ ସମ୍ପୃକ୍ତ ବିଭାଗ କର୍ମଚାରୀ ଆସି ତାଙ୍କ ଘରକୁ ପାଣି ସଂଯୋଗ ଦେଇଥିଲେ। ରାସ୍ତା ତଳେ ଯାଇଥିବା ପାଇପ୍ ଫାଟିକି ହେଉ ବା ଅନ୍ୟ କୌଣସି କାରଣରୁ ପାଣି ଲିକ୍ ହୋଇ ବାହାରିଲେ ଉପଭୋକ୍ତା କାହିଁକି ମରାମତି କରିବେ ବୋଲି ଜନ୍ମେଜୟ ପ୍ରଶ୍ନ ଉଠାଇଛନ୍ତି। ସାମାଜିକ କର୍ମୀ ଚିତନ୍ ଦଳେଇ କୁହନ୍ତି, ଜଟଣୀର ଅନେକ ସ୍ଥାନରେ ପାଣି ଲିକ୍ ହେଉଛି। ଗୋଟିଏ ପକ୍ଷରେ ପାଣି ନଷ୍ଟ ହେଉଛି ଓ ଅନ୍ୟପଟେ ବାହାରୁଥିବା ସ୍ଥାନରେ ଦୀର୍ଘଦିନ ଜମି ରହି ପୁଣି ସେହି ଦୂଷିତ ପାଣି ପାଇପ୍ ମଧ୍ୟକୁ ପ୍ରବେଶ କରୁଛି। ଏହି ପାଣି ଲୋକେ ବ୍ୟବହାର କରୁଥିବାରୁ ଜଣ୍ଡିସ ଭଳି ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ଲୋକଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସେ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ଅଟୋ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୨୯।୬**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ତାପଙ୍ଗ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ବିସିକେଶନ ନାୟକ(୩୮)। ଘର ଅନୁଗୋଳ ଜିଲା ଠାକୁରଗଡ ରାଣିବନ୍ଧ ଗାଁରେ। ଖବରପାଇ ପୋଲିସ ଦଫା ୨୭୯, ୩୦୪ ଆଇପିସିରେ ନଂ. ୯୧/୧୯ ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାଣିବନ୍ଧ ଗାଁର ବିଶିକେଶନ ପାଉରୁଟି ଲୋଡ କରି ନଂ. ଓଡି ୩୩ ଏନ ୪୫୦୩ ଅଟୋ ଯୋଗେ ଗଞ୍ଜାମ ଅଭିମୁଖେ ଯାଉଥିଲେ। ଏହି ସମୟରେ କୌଣସି ଏକ ଗାଡି ଧକ୍କା ଦେବାରୁ ଅଟୋ ଓଲଟି ପଡିଥିଲା। ଏଥିରେ ବିଶିକେଶନଙ୍କ ମୃତ୍ୟୁ ହୋଇଥିଲା।

## ବାଲିପାଟପୁରରେ ବିହନ ବିଶୋଧନ ଅଭିଯାନ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬(ଡି.ଏନ୍.ଏ.)**

ଟାଙ୍ଗୀ କୃଷି ଜିଲା ଅଧିକାରୀଙ୍କ ସୌଜନ୍ୟରୁ ବାଲିପାଟପୁରଠାରେ ରବିବାର ଏକ କୃଷକ ସମାବେଶ ଆୟୋଜିତ ହୋଇଯାଇଛି। ଖରିଫ ଚାଷ ପୂର୍ବରୁ ବିହନ ବିଶୋଧନ ପ୍ରକ୍ରିୟା, ଅଧିକ ଅମଳକ୍ଷମ ଧାନଚାଷ, ତଳି ରୁଆ ପଦ୍ଧତି ସମ୍ପର୍କରେ ଏଠାରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ସହକାରୀ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ବିଜୟ କୁମାର ସାହୁ, ଚାଷୀ କମିଟି ଆବାହକ ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃଷି ଅଧିକାରୀ।

## ସରକାରୀ ଜମି ଅବରୋଧ କରି ନିର୍ମାଣ

# ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

**ଜଟଣୀ, ୨୯।୬(ଡି.ଏନ.ଏ.):**

ସରକାରୀ ଜମି ଉପରେ ଏକ ବିଲ୍‌ଡର ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଥିବାରୁ ଚାଷଜମିକୁ ବର୍ଷାପାଣି ଯାଇପାରୁନି। ସର୍ବସାଧାରଣ ରାସ୍ତା ଅବରୋଧ ହୋଇ ପୋଖରୀ ଓ ବିଲକୁ ଯାତାୟାତରେ ଗ୍ରାମବାସୀଙ୍କ ପାଇଁ ବାଧା ସୃଷ୍ଟି କରୁଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଜଟଣୀ ତହସିଲର ଛତାବର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଏପରି ସମସ୍ୟା ଉପୁଜିଛି। ସମ୍ପୃକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁ ଡେଙ୍ଗଙ୍କ ନେତୃତ୍ୱରେ କେତେଜଣ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି।



ସରକାରୀ ଜମି ଅବରୋଧକୁ ନେଇ ଛତାବର ପଞ୍ଚାୟତ ଦୁର୍ଗାପୁର ଗାଁର ଲୋକମାନେ ଜିଲାପାଳଙ୍କୁ ଅଭିଯୋଗ କରି ଫେରୁଛନ୍ତି।

## ଦୁର୍ଘଟଣା:ବାଇକ ଆରୋହୀ ମୃତ

**ବାଲୁଗାଁ,୨୯।୬(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣକୁଣ୍ଡିହ ଛକ ଠାରେ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଙ୍କୁଲାଇ ଗ୍ରାମର ରଜତ ବିଶ୍ୱାଳ। ସେ କୌଣସି କାର୍ଯ୍ୟରେ ବାଇକ ଯୋଗେ ବାଲୁଗାଁ ଯାଇ ଗ୍ରାମକୁ ଫେରୁଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ଦୁର୍ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ପ୍ରାୟ ସାଢେ ୧୧ଟା ଯାଏଁ ରାସ୍ତା ଅବରୋଧ ହେବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବାଲୁଗାଁ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା। ମୃତଦେହ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ।

## ବେସରକାରୀ ସ୍କୁଲ ପାଇଁ ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ ଦାବି

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ ସମୟରେ ମନଇଚ୍ଛା ଫି' ବୃଦ୍ଧି କରି ଶୋଷଣ କରି ଚାଲିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏ ନେଇ ଅଭିଯୋଗ ଓ ଦାବି ପରେ ସରକାର ଫି' ଆଦାୟ ସଂକ୍ରାନ୍ତରେ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଇତିମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛି। ହେଲେ ଗତବର୍ଷ ସେପ୍ଟେମ୍ବରରୁ ଏହି ଫି' ସଂକ୍ରାନ୍ତ ଅଧ୍ୟାଦେଶ ଘୋଷଣା ଅପେକ୍ଷାରେ ରହିଛି। ଏଥିସହ ଅଭିଯୋଗ ଆସିଥିବା ସ୍କୁଲ୍ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି ହେବା ସହ ତାଗିଦ୍ ମଧ୍ୟ କରାଯାଇଛି। ଏବେ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଶୋଷଣ ବଢ଼ି ଚାଲିଛି। ସରକାର ଶୀଘ୍ର ଉକ୍ତ ଅଧ୍ୟାଦେଶ ଘୋଷଣା ନ କଲେ ପରିସ୍ଥିତି ଦିନକୁ ଦିନ ଆହୁରି ଜଟିଳ ହେବ। ତେଣୁ ବିଜ୍ଞପ୍ତି ପ୍ରକାଶ ସହ ବେସରକାରୀ ସ୍କୁଲ୍ ପାଇଁ ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ କରିବାକୁ ଅଭିଭାବକ ସଂଘ ଦାବି କରିଛି। ଆଗାମୀ ଦିନରେ ଏକ ଲକ୍ଷ ଅଭିଭାବକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି।

## ସୁସ୍ଥ ଜୀବନ ପାଇଁ ବୃକ୍ଷରୋପଣ ଜରୁରୀ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆହ୍ୱାନ ତରଫରୁ ରବିବାର ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ 'ବୃକ୍ଷରୋପଣରେ ଶିକ୍ଷାର୍ଥୀଙ୍କ ଭୂମିକା ଓ ସ୍ୱଚ୍ଛ ପରିବେଶର ପ୍ରଭାବ' ସମ୍ପର୍କିତ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ବନବିହାରୀ ବେହେରାଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ପବିତ୍ର ପ୍ରଧାନ, ଶିକ୍ଷକ ଅଶୋକ ମାନସିଂହ, ଆର୍ତ୍ତତ୍ରାଣ ଶାସମଲ, କାଶୀନାଥ ସାହୁ ଓ ସୌରୀ ସାମନ୍ତରା ପ୍ରମୁଖ ଯୋଗଦେଇଥିଲେ । ସୁସ୍ଥ ଜୀବନଯାପନ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ଏଠାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜନତା ହାଇସ୍କୁଲ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁମନ୍ଦିର ଓ ସୋରଣ ଭଗବତୀ ବିଦ୍ୟାପୀଠର ପ୍ରାୟ ୨୫ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ଛାତ୍ରୀଛାତ୍ର ଗୋଟିଏ ଲେଖାଏ ଚାରା ରୋପଣ କରିବା ପାଇଁ ସଭାରେ ଶପଥ ଗ୍ରହଣ କରିଥିଲେ ।




ପ୍ରତିଯୋଗିତାରେ ଜଣେ ଛାତ୍ର ବକ୍ତୃତା ଦେଉଛନ୍ତି।

## କୃତୀ ଛାତ୍ରୀଛାତ୍ର, ମାତାପିତାଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୨୯।୬(ଡି.ଏନ.ଏ.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୩ ଜଣ ଛାତ୍ରୀଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିଯୋଗୁ ପୁରାତନ ଛାତ୍ର ସଂସଦ ତରଫରୁ ଏହି କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ମାତାପିତାଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ ସଭାରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଡା. ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସୁନ୍ଦରାୟ, ରଘୁନାଥ ସାହୁ, ଗଙ୍ଗାଧର ବେହେରା, ମହେଶ୍ୱର ପ୍ରଧାନ, ଅରୁଣ ରଞ୍ଜନ ମହାନ୍ତି, ସୁରେନ୍ଦ୍ର ରାଉତ, ରଜତ୍ କୁମାର ସାହୁ ଓ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ସଭାରେ ୫୭୯ ନମ୍ବର ରଖିଥିବା ସ୍ୱାଗତ ସ୍ୱରୂପ ସାହୁଙ୍କ ସମେତ ତୁଷାର ରଞ୍ଜନ ସାମନ୍ତରାୟ, ସାଇନା ବିଶ୍ୱାଳ ଏବଂ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମ୍ପାଦକ ରାଉତ ଧନ୍ୟବାଦ ଦେଇଥିଲେ ।



କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କୋଟିଆଖାଲ ପ୍ରଧାନମନ୍ତ୍ରୀ ଆବାସରେ ଚଞ୍ଚକତା ଘଟଣା

# ମିଳିମିଶି ଚାପିଦେବାକୁ ଉଦ୍ୟମ

- ତଦନ୍ତ ରିପୋର୍ଟର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ
- ବେଗୁନିଆ ବିଡିଓ କହିଲେ ସବୁ କିଛି ଠିକ୍‌ଠାକ୍
- ଘର ନ କରି ଟଙ୍କା ଉଠାଇବା ପରେ ହେଲାନି ଦୁର୍ନୀତି

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୯।୬(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ କୋଟିଆଖାଲ (କୁରୁମ) ଗାଁରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଚଞ୍ଚକତା କରି ଫାଇଲକୁ ସରକାରୀ କର୍ମଚାରୀମାନେ ମିଳିମିଶି ଚାପିଦେବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବେଗୁନିଆ ବିଡିଓ ତଦନ୍ତ ସମ୍ପର୍କରେ ଧରିତ୍ରୀକୁ ଯେଉଁ ସୂଚନା ଦେଇଛନ୍ତି ତାହା ଯଦି ସତ୍ୟ ହୁଏ ତେବେ ଦୁର୍ନୀତି କଲେ ଆଉ କିଛି ଅସୁବିଧା ନାହିଁ। ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିଲେ ଦୁର୍ନୀତି ଧରା ପଡିବାର ଭୟ ନାହିଁ। କାରଣ ଘର ନ କରି ଅନ୍ୟର ଘର ଦେଖାଇ ୯୦ ହଜାର ଟଙ୍କା ଠକି ନେବା ଦୁର୍ନୀତି ନୁହଁ ବୋଲି ପ୍ରଶାସନ ପରୋକ୍ଷରେ ମାନିଛି। ଏହି ଘଟଣା ପଦାକୁ ଆସିବା ପରେ ବିଡିଓ ତଦନ୍ତରେ ଯାଇ ଟଙ୍କା ଉଠାଇ ନେଇଥିବା ଲୋକଙ୍କୁ ଗୃହ ନିର୍ମାଣ କରିବାକୁ କହିଥିଲେ। ଦୁର୍ନୀତିଗ୍ରସ୍ତ ଅଧିକାରୀ ହିଁ ତଦନ୍ତ ରିପୋର୍ଟ ଦେଉଥିବାରୁ ପ୍ରମାଣ ନଷ୍ଟ କରିବାରେ ଅସୁବିଧା ନାହିଁ। ଏଣୁ ମିଳିମିଶି ଦୁର୍ନୀତି କରିବାକୁ ପ୍ରଶାସନ ପରୋକ୍ଷରେ ବାର୍ତ୍ତା ଦେବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତଦନ୍ତ ରିପୋର୍ଟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୋଟିଆଖାଲର ସଦାଶିବ ବେହେରା କୁହନ୍ତି, ଛାତ ପତନ ପର୍ଯ୍ୟନ୍ତ ଥିବା ମୋ ଘରକୁ ଦେଖାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୦ ହଜାର ଟଙ୍କା ଉଠାଇ ନେବା ଘଟଣା ଛୋଟିଆ ଦୁର୍ନୀତି ନୁହଁ। ମୋ ଘରକୁ ଦେଖାଇ ପ୍ରଥମ କିସ୍ତିରେ ୨୦ ହଜାର, ୨ୟ କିସ୍ତିରେ ୩୦ ହଜାର ଓ ତୃତୀୟ କିସ୍ତିରେ ୪୦ ହଜାର ଏପରି ମୋଟରେ ୯୦ ହଜାର ଟଙ୍କା ଉଠାଣ ହୋଇଛି। ମୋ ଘରକୁ ଦେଖାଇ ବିଲ୍ କରିନେବା ପରି ଦୁର୍ନୀତି ଘଟଣାରେ ଯେଉଁମାନେ ଦୋଷୀ ସେହି କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର, ଯାହା ଅନ୍ୟମାନଙ୍କ ପାଇଁ ଦୁର୍ନୀତି ନ କରିବାକୁ ଚେତାବନୀ ହେବ। ତେବେ ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ମୁଁ ମୋର ଲଢ଼େଇ ଜାରି ରଖିଛି। ଶୁକ୍ରବାର ପିଡି ଡିଆରଡିଏଙ୍କୁ ଦେଖା କରିଥିଲି। ପିଡିଙ୍କ ସୂଚନା ଆଧାରରେ, ଦୁର୍ନୀତିରେ ସଂଶ୍ଳିଷ୍ଟ ଥିବା ହିତାଧିକାରୀ, ଜିଆରଏସ୍ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଦେଖା କରିଥିଲେ। ବଞ୍ଚାଇବାକୁ ଅନୁରୋଧ ମଧ୍ୟ କରିଥିଲେ। ହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନାହିଁ କହି ପିଡି ତାଙ୍କୁ ଚାଲିଯିବାକୁ କହିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷେ ବିଡିଓଙ୍କ ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ପିଡି ଡିଆରଡିଏ କହିଛନ୍ତି। ବେଗୁନିଆ ବିଡିଓ ରବିନାରାୟଣ ମାଝି କୁହନ୍ତି, ତଦନ୍ତ ଶେଷ ହୋଇଛି। ତେବେ ଦୁର୍ନୀତି ବୋଲି ଯାହା ଅଭିଯୋଗ ହୋଇଛି ସେଥିରେ ସତ୍ୟତା ନାହିଁ। ସବୁ କିଛି ଠିକ୍‌ଠାକ୍ ଚାଲିଛି। ତେବେ ତଦନ୍ତ ରିପୋର୍ଟ ପିଡି ଡିଆରଡିଏଙ୍କୁ ଦେଇସାରିଛି। ତଦନ୍ତ ସମ୍ପର୍କରେ ପିଡି ଡିଆରଡିଏଙ୍କ ମତ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ପିଡି ଡିଆରଡିଏ ସରୋଜ ମିଶ୍ର କୁହନ୍ତି, ତଦନ୍ତ ରିପୋର୍ଟ ମିଳି ସାରିଛି। ମୁଁ ବ୍ୟସ୍ତ ଅଛି। ପରେ କହିବି କହି ଫୋନ କାଟି ଦେଇଥିଲେ।

### ପୁଣି ୧୫ଟି ଅନିୟମିତତା

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଟିଆଖାଲ ଦୁର୍ନୀତିକୁ ଚାପିଦେବାକୁ ଉଦ୍ୟମ ହେଉଥିବାବେଳେ ପୁଣି ଏହି ଯୋଜନାରେ ଦେଉଳି ପଞ୍ଚାୟତରେ ୧୫ଟି ଅନିୟମିତତା ଅଭିଯୋଗ ଉଠିଛି। ପଞ୍ଚାୟତର ବିଭିନ୍ନ ଗାଁର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ନେଇ ବିଡିଓଙ୍କୁ ଅବଗତ କରାଇଛନ୍ତି। ଦୁର୍ନୀତି ଅଭିଯୋଗ ସମ୍ପର୍କରେ ବିଡିଓ ରବିନାରାୟଣ ମାଝି ହଁ କରି ତଦନ୍ତ କରିବେ ବୋଲି କହିଛନ୍ତି। ଦେଖାଯାଉ କେବେ ଏହାର ତଦନ୍ତ ହେଉଛି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତର କେତେଜଣ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଥିବା ଚଞ୍ଚକତା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ଲେଖି ଜଣାଇବାକୁ ଅଣ୍ଟା ଭିଡିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁନ୍, ୨୦୧୯



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରନ୍ତିନାହିଁ।
- କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ବାତ୍ୟାରେ ଆଂଶିକ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

**ଡେଲାଙ୍ଗ, ୨୯।୬(ଡି.ଏନ୍.ଏ.):** ଫନୀରେ ଡେଲାଙ୍ଗ ବ୍ଲକରେ ଆଂଶିକ କ୍ଷତିଗ୍ରସ୍ତଙ୍କୁ ଶନିବାର ୩୨୦୦ ଟଙ୍କା ଲେଖାଏଁ ପ୍ରଦାନ ହୋଇଥିବା ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର କୁମାର ଆଚାରୀଆ ସୂଚନା ଦେଇଛନ୍ତି। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସର୍ବନିମ୍ନ ଆଂଶିକ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଏହି ସହାୟତା ବ୍ୟାଙ୍କ ଆକାଉଣ୍ଟ ମାଧମରେ ପଠାଯାଇଛି। ଏହି କ୍ରମରେ ଗୁରୁବାର ୧୭୬୧ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗତ ୨୫ରୁ ୨୭ ପର୍ଯ୍ୟନ୍ତ ବ୍ଲକର ୨୧ ପଞ୍ଚାୟତ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଅଭିଯୋଗ ପତ୍ର ଗ୍ରହଣ ହୋଇଥିଲା। ପ୍ରକାଶିତ ଚିଠା ତାଲିକାରେ ୨୪୫୯୪ ଜଣଙ୍କ ନାମ ରହିଥିଲା ବେଳେ ଏଥିରେ ଅର୍ନ୍ତଭୁକ୍ତ ଥିବା ୨୯୨୨ ପରିବାର ସମ୍ପର୍କରେ ପୁନଃ ତଦନ୍ତ ପାଇଁ ଆବେଦନ କରାଯାଇଛି। ୭୦୦୧ପରିବାର ପୂର୍ବ ତଦନ୍ତରୁ ବାଦ ପଡିଥିବା ଦର୍ଶାଇ ଅର୍ନ୍ତଭୁକ୍ତ ହେବାପାଇଁ ଆବେଦନ କରିଛନ୍ତି। ଘର ଭାଙ୍ଗି ନ ଥିବା କେତେକ ବ୍ୟକ୍ତିଙ୍କ ନାମ ତାଲିକାରେ ରହିଥିବାରୁ ସେମାନଙ୍କୁ ବାଦ ଦେବା ପାଇଁ ମଧ ଆବେଦନ ଦାଖଲ ହୋଇଛି । ସେହିଭଳି କେତେକଙ୍କ ବାସଗୃହ ଭାଙ୍ଗି ଥିବାବେଳେ ସେମାନଙ୍କୁ ଗୋରୁଗୁହାଳ ବୋଲି ତାଲିକାରେ ଉଲ୍ଲେଖ ରହିଛି। ଅନେକ ଲୋକଙ୍କର ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ ମଧ ଜରି ପାଲ ତଳେ ଆଶ୍ରୟ ନେଉଛନ୍ତି। ସେମାନଙ୍କ ନାମ ତାଲିକାରେ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ସଚେତନତା କର୍ମଶାଳା

**ଡେଲାଙ୍ଗ, ୨୯।୬(ଡି.ଏନ୍.ଏ.):** ଫନୀ ପରେ ସୃଷ୍ଟିହୋଇଥିବା ଅସ୍ୱାସ୍ଥ୍ୟକର ପରିବେଶ ଏବଂ ସମ୍ଭାବ୍ୟ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗର ନିରାକରଣ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶନିବାର ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଆଦି ରୋଗର ଉତ୍ପତି, ଲକ୍ଷଣ, ପ୍ରତିଷେଧ, ପ୍ରତିକାର ସମ୍ପର୍କରେ ସୂଚନା ଦେଇଥିଲେ। ଜନ ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ସ୍ମୃତିଲତା ବିଶ୍ୱାଳ, ସରପଞ୍ଚ କାଳନ୍ଦୀ ଜେନା, ଅରିଶଳ ସରପଞ୍ଚ ନନ୍ଦକିଶୋର ପ୍ରଧାନ, ଧାନକେରା ସରପଞ୍ଚ ପ୍ରସନ୍ନ ଜେନାଙ୍କ୍, ଖେଲୋଉର ସରପଞ୍ଚ ବାସନ୍ତୀ ବେହେରା, ଚାଇଁପୁର ଭାରପ୍ରାପ୍ତ ସରପଞ୍ଚ ରଶ୍ମିତା ବେହେରା, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ଶିଶୁ ବିକାଶ ଅଧିକାରୀ କାମିନୀପ୍ରଭା ସ୍ୱାଇଁ, ସହକାରୀ ଶିକ୍ଷା ଅଧିକାରୀ ରବିନାରାୟଣ ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ କୌଶଲ୍ୟା ଦେଇ, ନୁର୍ ମହମ୍ମଦ୍ମ୍, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ।

■ ପୋଲିସ ପକ୍ଷରୁ ରଥଯାତ୍ରା ସମନ୍ୱୟ ବୈଠକ

# ଶୃଙ୍ଖଳିତ ରଥଟଣା, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

**ପୁରୀ ଅଫିସ, ୨୯।୬**

ରଥଯାତ୍ରା ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ପୋଲିସ ପକ୍ଷରୁ ନେତ୍ରୋତ୍ସବ, ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରାଯିବା ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା ଅଧକ୍ଷତା କରିଥିଲେ। ଆଇଜି (ସିଆର୍) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଆଇଜି (ପର୍ସୋନେଲ) ପି.ଡି. ମହାପାତ୍ର, ଏସ୍‌ପି ଡା. ଉମାଶଙ୍କର ଦାଶ, କମାଣ୍ଡାଣ୍ଟ ବାଳକୃଷ୍ଣ ନନ୍ଦ, ନାରାୟଣ ଦୋରା, ନୃସିଂହ ପ୍ରଧାନ, ପି.କେ. ଦାଶ, ବି.ସି. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଆଇଜି ପ୍ରିୟଦର୍ଶୀ କହିଥିଲେ, ନେତ୍ରୋତ୍ସବ, ଗୁଣ୍ଡିଚା ଓ ବାହୁଡ଼ାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ପୋଲିସ କର୍ମଚାରୀମାନେ ଭକ୍ତଙ୍କ ମନରେ ଆଘାତ ଦେଲା ଭଳି କୌଣସି କଥା କହିବେ ନାହିଁ। ଏହାକୁ ଡ୍ୟୁଟି ନ ଭାବି ସେବା ମନୋଭାବ ନେଇ କାମ କରିବେ। କେହି ବି ନିଜ ଡ୍ୟୁଟିରେ ଅବହେଳା କରିବେ ନାହିଁ। ଡ୍ୟୁଟି ଛାଡ଼ି କେହି ଯିବେ ନାହିଁ। ଶ୍ରୀମନ୍ଦିର ଭିତରେ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। କୌଣସି ପରିସ୍ଥିତିରେ ବି ସେମାନେ ସେବାୟତମାନଙ୍କ ସହ ଉଚ୍ଚବାଚ କରିବେ ନାହିଁ। କୌଣସି ପରିସ୍ଥିତି ସୃଷ୍ଟି ହେଲେ ଦାୟିତ୍ୱରେ ଥିବା ଉପର ଅଫିସରଙ୍କୁ ଜଣାଇବେ। ଭିଆଇପି ଏବଂ ଭିଭିଆଇପିଙ୍କ ସୁରକ୍ଷା, ଦର୍ଶନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଭକ୍ତମାନଙ୍କ ସହ ଉତ୍ତମ ବ୍ୟବହାର କରିବା ସହ ଆବଶ୍ୟକ ସ୍ଥଳେ ସହଯୋଗ ଯୋଗାଇ ଦେବେ। ପହଣ୍ଡି ଓ ରଥଟଣା ଶୃଙ୍ଖଳିତ ହେବା ଉପରେ ଦୃଷ୍ଟି ଦେବେ। ରଥଟଣା ହେବାର ଏକ ଘଣ୍ଟା ପୂର୍ବରୁ ତିନି ରଥ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ପ୍ରସ୍ତୁତ ରହିବେ। ରଥଟଣା ସମୟରେ ବହୁ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇ ରଥ ଦଉଡ଼ି ଛୁଇଁବାକୁ ଚେଷ୍ଟା କରିବେ। ଏହି ସମୟରେ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ସେମାନଙ୍କୁ ବୁଝାଇବେ। ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରିବେ ନାହିଁ। ଅତିରିକ୍ତ ଡିଜି ପଣ୍ଡା କହିଥିଲେ, ରଥ ଆଗରେ କେହି ଯେପରି ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦେବେ। ରଥ ଆଗରେ ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଥିଲେ ସେମାନଙ୍କୁ ଶ୍ରଦ୍ଧା ପୂର୍ବକ ସୁରକ୍ଷିତ ସ୍ଥାନକୁ ଯିବାକୁ କହିବେ। ରଥଟଣା ବେଳେ ଯେପରି କୌଣସି ଅଘଟଣ ନ ଘଟିବ, ସେଥିପ୍ରତି ସଜାଗ ରହିବେ। ମହାପ୍ରଭୁଙ୍କ ନିକଟରେ ସମର୍ପଣ ଭାବ ନେଇ କାର୍ଯ୍ୟ କଲେ, ସମସ୍ତ କାର୍ଯ୍ୟ ସଫଳ ହେବ। ଏସପି ଦାଶ କହିଥିଲେ ରବିବାର ପୋଲିସ କର୍ମଚାରୀଙ୍କୁ ବ୍ୟବସ୍ଥାବଳୀ ପ୍ରଦାନ କରାଯିବ। ସମସ୍ତ ପୋଲିସ ଅଫିସରଙ୍କୁ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଯୋଡ଼ାଯାଇଛି। ଏହା ୨୪ଘଣ୍ଟା କାର୍ଯ୍ୟ କରିବ। ଏହି ବୈଠକ ପରେ ଅପରାହ୍ନରେ ଶ୍ରୀମନ୍ଦିର ଭିତର, ବାହାର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ପୋଲିସ ପକ୍ଷରୁ ଡେମନ୍‌ଷ୍ଟ୍ରେଶନ କରାଯାଇଥିଲା। କାହାର କ'ଣ ଡ୍ୟୁଟି ରହିଛି, କ'ଣ କରିବେ ନ କରିବେ ସେନେଇ ଆଇଜି ପ୍ରିୟଦର୍ଶୀ ପୋଲିସ କର୍ମଚାରୀ ଏବଂ ଅଫିସର ମାନଙ୍କୁ କହିଥିଲେ। ଅନ୍ୟପଟେ ଭିଡ଼ ନିୟନ୍ତ୍ରଣ ନେଇ ଆଇଜି ଅସିତ ପାଣିଗ୍ରାହୀ ଏସପିଙ୍କ କାର୍ଯ୍ୟାଳୟରେ ବୈଠକ କରିଥିଲେ। ରଥଟଣା ସମୟରେ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ କୁହାଯାଇଛି।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ।

- ■ଭକ୍ତଙ୍କ ମନରେ ଆଘାତ ନ ଦେବାକୁ ତାଗିଦ୍
- ■ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ
- ■ଶ୍ରୀମନ୍ଦିର, ଗୁଣ୍ଡିଚା ବାଡ଼ିରେ ହେଲା ଡେମନ୍‌ଷ୍ଟ୍ରେଶନ

■ ଘରଭଙ୍ଗା କ୍ଷୟକ୍ଷତି ଆକଳନରେ ଅନିୟମିତତା

# କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

**ପୁରୀ ଅଫିସ,୨୯।୬**

ବାତ୍ୟାରେ ଘରଦ୍ୱାର ସମ୍ପୂର୍ଣ୍ଣ ଭାଙ୍ଗିଗଲା। ଅନେକ ବେସାହାରା ହୋଇପଡ଼ିଲେ। ହେଲେ ସରକାରଙ୍କ ପକ୍ଷରୁ ଘରଭଙ୍ଗା ସହାୟତା ଲାଗି ଯେଉଁ ଆକଳନ କରାଯାଇ ତାଲିକା ପ୍ରସ୍ତୁତ ହେଲା ସେଥିରେ ଅନେକ କ୍ଷତିଗ୍ରସ୍ତଙ୍କ ନାଁ ରହିଲା ନାହିଁ। ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଆକଳନରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠୁଛି। ପୁରୀ ଜିଲାର ପ୍ରାୟ ସବୁ ପଞ୍ଚାୟତରେ ଏଭଳି ପକ୍ଷପାତିତା ହୋଇଥିବା ନେଇ ଅଭିଯୋଗ ଆସି ପ୍ରତିଦିନ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚୁଛି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ବହୁ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଅନେକଙ୍କ ଘର ଆଂଶିକ ତ ଆଉ କାହାର ଅଧିକ କ୍ଷତି ହୋଇଥିଲା। କ୍ଷତିଗ୍ରସ୍ତମାନଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ଘରଭଙ୍ଗା କ୍ଷୟକ୍ଷତି ଆକଳନ କରାଯାଇଥିଲା। ସରକାରୀ କର୍ମଚାରୀମାନେ ଗାଁ ଗାଁ ବୁଲି ଏହି ଆକଳନ କରିଥିଲେ। ତେବେ ଆକଳନ ଠିକ୍ ଭାବେ ନ ହୋଇ ଦଳୀୟ ଭିତ୍ତିରେ କରାଯାଇଥିବା ଏବଂ ଆଉ କେତେକ ଜାଗାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତ ବାଙ୍ଗୁରୁବାର ସୁରେଶ ଖୁଣ୍ଟିଆ କହିଛନ୍ତି, ଘରଭଙ୍ଗା ଆକଳନ ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ସେମାନଙ୍କୁ ଆଂଶିକ କ୍ଷତି ତାଲିକାରେ ସ୍ଥାନିତ କରାଯାଇଛି। ଏପରି କି କେତେଜଣଙ୍କ ନାଁ ତାଲିକାରେ ନାହିଁ। ଆଉ କେତେଜଣ ଲୋକଙ୍କ ନାଁ ତାଲିକାରେ ରହିଛି, କିନ୍ତୁ ସେମାନଙ୍କର ସେଭଳି କୌଣସି କ୍ଷୟକ୍ଷତି ହୋଇନାହିଁ। ତେଣୁ ଏହି ତାଲିକାର ଠିକ୍ ଭାବେ ଯାଞ୍ଚ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ବିଡିଓଙ୍କ ନିକଟରେ ଦାବି କରାଯାଇଛି। ସେହିପରି ସତ୍ୟବାଦୀ ବ୍ଲକ ମୂଳଅଳସା ପଞ୍ଚାୟତରେ ଘରଭଙ୍ଗା କ୍ଷୟକ୍ଷତି ଆକଳନରେ ଅନିୟମିତତା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ବାତ୍ୟାରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ଲୋକଙ୍କ ନାମ ଆଂଶିକ କ୍ଷତିଗ୍ରସ୍ତ ତାଲିକାରେ ରହିଛି। ଏପରି କି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଥିବା ବ୍ୟକ୍ତିଙ୍କ ନାମ ମଧ ସାମିଲ ହୋଇଛି। ଅନେକ କ୍ଷତିଗ୍ରସ୍ତ ଏହି ତାଲିକାରୁ ବାଦ୍ ପଡିଛନ୍ତି। ସବୁ ବ୍ଲକରୁ ଏହିପରି ଅଭିଯୋଗ ଆସୁଛି।

ଏ ସମ୍ପର୍କରେ ପୁରୀ ସଦର ବିଡିଓ ଜ୍ୟୋତିଶଙ୍କର ସାହୁ କହିଛନ୍ତି, ବ୍ଲକର ପ୍ରାୟ ସବୁ ପଞ୍ଚାୟତରୁ କିଛି କିଛି ଅଭିଯୋଗ ଆସିଛି। ସମସ୍ତଙ୍କୁ ଅଭିଯୋଗ କରିବାର ବି ସୁଯୋଗ ଦିଆଯାଇଥିଲା। ଯେଉଁ ସବୁ ଅଭିଯୋଗ ଆସିଛି ଉଚ୍ଚସ୍ତରୀୟ କମିଟି ଯାଇ ଏ ସବୁର ଯାଞ୍ଚ କରିବା ପରେ ଯାହା ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ପ୍ରଶାସନର ରିପୋର୍ଟ ଅନୁଯାୟୀ, ବାତ୍ୟାରେ ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ତନ୍ମଧ୍ୟରୁ ୭୪ଟି ପକ୍କାଘର ଓ ୮,୯୮୫ କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୬,୧୨୭ଟି ପକ୍କାଘର ଓ ୯୮,୫୮୮ଟି କଚ୍ଚାଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧,୧୩, ୨୮୧ଟି ପକ୍କାଘର ଓ ୪୯,୫୨୯ଟି କଚ୍ଚାଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ୨,୧୭୮ କୁଡ଼ିଆ ଓ ୪୪,୩୭୮ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



ଶିଳ୍ପୀ ନାରାୟଣ ମହାରଣା ଶନିବାର ରଥର ରଷିପଟ୍ଟାକୁ ରଙ୍ଗ କରୁଛନ୍ତି।

# ବାତ୍ୟା କ୍ଷତିଗ୍ରସ୍ତଙ୍କ ରାସ୍ତା ଅବରୋଧ



କ୍ଷତି ପୂରଣ ଦାବିରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ବ୍ରହ୍ମଗିରି, ୨୯।୬(ଡି.ଏନ୍.ଏ.)**

ଫନୀରେ କ୍ଷତିଗ୍ରସ୍ଥ ବିପନ୍ନମାନେ ଘରଭଙ୍ଗା ତଦନ୍ତ ରିପୋର୍ଟକୁ ସୁଧାର ପାଇଁ ଜିଲାପାଳଙ୍କୁ ଅଭିଯୋଗ କରି ୭୨ ଘଣ୍ଟା ସମୟ ଦେଇଥିଲେ। ଏହି ୭୨ ଘଣ୍ଟା ମଧରେ କୌଣସି ସୁଫଳ ନ ପାଇବାରୁ ଶନିବାର ପୁରୀ-ସାତପଡା ରାସ୍ତାର ଗୋପିନାଥ ପୁର ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗୋପିନାଥ ପୁର ଗ୍ରାମ ପଞ୍ଚାୟତର ଗୋପିନାଥ ପୁର ଗ୍ରାମବାସୀ ଘରଭଙ୍ଗା ତଦନ୍ତରେ ଅନିୟମିତା ହୋଇଥିବା ନେଇ ପୁରୀ ଜିଲାପାଳଙ୍କ ନିକଟରେ ଗତ ୨୬ ତାରିଖରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେସେମାନେ ୭୨ ଘଣ୍ଟା ମଧରେ ଠିକ ତଦନ୍ତ କରାଯାଇ ସେମାନଙ୍କୁ ଉଚିତ ନ୍ୟାୟ ଦେବାକୁ ପ୍ରାର୍ଥନା କରିଥିଲେ। ଉଚିତ ନ୍ୟାୟ ନ ମିଳେ ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ।

### କ୍ଷୀର ଦୁହିଁବାବେଳେ ଗାଈର ମୃତ୍ୟୁ ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଯିବା ବାଟରେ ବୃଦ୍ଧ ଅଚେତ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

ଦୁହିଁବାବେଳେ କୌଣସି କାରଣରୁ ଗାଈଟିର ମୃତ୍ୟୁ ଘଟିଥିଲା। ପାପ ଲାଗିଥିବା ବ୍ରାହ୍ମଣ କହିବା ସହ ତାଙ୍କ ପରାମର୍ଶ ଅନୁସାରେ ବୃଦ୍ଧ ଜଣକ ଗାଈର ପଘାକୁ ବେକରେ ପକାଇ ଚାଲିଚାଲି ନୟାଗଡ଼ ଜିଲାରୁ ସିଧା ପୁରୀ ଯାଉଥିଲେ। ହେଲେ ଅଧାବାଟରେ ଚେତା ହରାଇଛନ୍ତି। ଶନିବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟରୁ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବୃଦ୍ଧ ଜଣକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଅଭିରାମ ରାଉଳ(୫୯)।

### ମନ୍ଦିର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ବ୍ରହ୍ମଗିରି, ୨୯।୬(ଡି.ଏନ୍.ଏ.)**

ମହାପ୍ରଭୁ ଅଲାରନାଥଙ୍କ ଅଣସର ଦର୍ଶନ ୧୧ ଦିନରେ ପହଞ୍ଚିଛି। ଏନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଶନିବାର ସନ୍ଧ୍ୟାରେ ମନ୍ଦିର ପରିଚାଳନା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ଲାଗି ଜନଗହଳି ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନାକମିଟିର ସଦସ୍ୟ ପୁରୁଷୋତ୍ତମ ପଣ୍ଡା, ନୀଳମଣି ସୁଆର, ସୁଧାକର ଦଳାଇ, ଭାସ୍କର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଖୋଲା ଆକାଶ ତଳେ ପଢୁଛନ୍ତି ପିଲା

**ଗୋପ, ୨୯।୬(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତର ଏକ ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତି ଶିଶୁମାନେ ଖୋଲା ଆକାଶ ତଳେ ପଢ଼ିବା ଘଟଣା ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି। ଏଥିରୁ ସରକାରଙ୍କ ବିକାଶ ଧାରା ଗ୍ରାମାଞ୍ଚଳରେ ଦିଗହରା ହେଉଥିବା ସ୍ପଷ୍ଟ ବାରିହୋଇପଡ଼ିଛି। କେବଳ ବେଦପୁର ନୁହେଁ ଏଭଳି ଅବସ୍ଥା ଗୋପ ବ୍ଲକର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଶତାଧିକ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାବେଳେ କୋମଳମତି ଶିଶୁମାନେ ଖରାବର୍ଷାରେ ଅଙ୍ଗନୱାଡ଼ିକୁ ଆସି ଭବିଷ୍ୟତ ଗଢୁଥିବା ଜଣାପଡ଼ିଛି।

ଗୋପ ବ୍ଲକରେ ୨୮୭ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ କେତେକ କେନ୍ଦ୍ରରେ ଉପସ୍ଥାନ ଖାତାରେ ବ୍ୟାପକ ଅନିୟମିତତା ସାଙ୍ଗକୁ ଖାଦ୍ୟ ହଡ଼ପ ସହ ମିଳୁଥିବା ସରକାରୀ ଜିନିଷ ଗୁଡ଼ିକ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ବ୍ୟବହୃତ ହେଉଥିବା ଅଭିଯୋଗ ଆସିଛି। ଏପରି ଅଭିଯୋଗ ବାରମ୍ବାର ହେଲେ ସୁଦ୍ଧା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରତିଭା ଶିଶୁ ଗୋସ୍ୱାମୀ ଆଦୌ ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ୪ ଜଣରୁ ଅଧିକ ସୁପରଭାଇଜର କାର୍ଯ୍ୟରତ ଥିଲେ ମଧ କେନ୍ଦ୍ରଗୁଡ଼ିକର ମନିଟରିଂର ଅଭାବ ରହିବା ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସମୟ ଅନୁଯାୟୀ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଖୋଲୁ ନ ଥିବା ସହ କେତେକ ସ୍ଥାନରେ କର୍ମୀଙ୍କ ମନ ମୁତାବକ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଉଥିବା ଦେଖିବାକୁ ମିଳିଛି। ତୃଣମୂଳ ସ୍ତରରୁ କୁନି କୁନି ପିଲାଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା କରିବା ସହ ସେମାନଙ୍କ ପୃଷ୍ଟି ସାଧନ ନିମନ୍ତେ ବିଭିନ୍ନ ଯୋଜନା ମଧ ପ୍ରସ୍ତୁତ କରିଛନ୍ତି। ମାତ୍ର କର୍ମଚାରୀଙ୍କ ଖାମଖିଆଲ ଭାବ ଯୋଗୁ ଏହା ବାଟବଣା ହେବାରେ ଲାଗିଛି। ଏ ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗୋସ୍ୱାମୀଙ୍କୁ ପଚାରିବାରେ ଅଙ୍ଗନୱାଡ଼ି କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଗୃହ ନ ଥିବା ବିଷୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବି ବୋଲି କହିବା ସହ ପିଲାମାନଙ୍କୁ ସୁରକ୍ଷିତ ଭାବେ ଶିକ୍ଷାଦାନ ନିମନ୍ତେ ଆମ କାର୍ଯ୍ୟାଳୟ ତରଫରୁ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନଙ୍କୁ ବାରମ୍ବାର ସଚେତନ କରାଯାଉଛି ବୋଲି କହିଥିଲେ।



ଅଙ୍ଗନୱାଡ଼ି ଗୃହ ନ ଥିବା ପିଲାମାନେ ଖୋଲା ଆକାଶ ତଳେ ବସି ପାଠ ପଢୁଛନ୍ତି।

# ପଲିଥିନ ତଳେ ବିତୁଛି ଜୀବନ

**ପୁରୀ ଅଫିସ, ୨୯।୬**

ଆସୁଛି ବର୍ଷା। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ଜିଲାରେ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହି ବର୍ଷା କଥା ଶୁଣି ପୁରୀ ଜିଲାର ଅନେକ ବିପନ୍ନଙ୍କ ମନରେ ଛନକା ପଶିଛି । ପଲିଥିନ ତଳେ ଦିନ କାଟୁଥିବା ବାତ୍ୟା ବିପନ୍ନ ଏ ପର୍ଯ୍ୟନ୍ତ ଘର ଖଣ୍ଡିଏ ତିଆରି କରିପାରି ନାହାନ୍ତି। ସରକାରୀ ସହାୟତାକୁ ଚାହିଁ ବସିଛନ୍ତି । କେତେବେଳେ ସହାୟତା ମିଳିବ ଆଉ ଏହି ଅର୍ଥରେ ମୁଣ୍ଡ ଗୁଞ୍ଜିବାକୁ ଘରେ ତିଆରି କରିବେ ତାହାକୁ ଅପେକ୍ଷା କରିଛନ୍ତି । ହେଲେ ବର୍ଷା ଆସୁଥିବା ଖବର ଏବେ ସେମାନଙ୍କ ଚିନ୍ତା ବଢାଇ ଦେଇଛି।

ବାତ୍ୟା ଫନୀକୁ ଦୁଇମାସ ବିତିବାକୁ ବସିଲାଣି। ହେଲେ ଏବେ ବି ଜିଲାର ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତିର ଚିହ୍ନ ଦେଖିବାକୁ ମିଳୁଛି। ଅନେକ ଗାଁରେ ଭାଙ୍ଗିଯାଇଥିବା ଘର ଉପରେ ପଲିଥିନ ପକାଇ ଲୋକେ ମୁଣ୍ଡ ଗୁଞ୍ଜିଛନ୍ତି। ଏ ପର୍ଯ୍ୟନ୍ତ ବହୁ ବିପନ୍ନଙ୍କ ପାଖରେ ସରକାରଙ୍କ ଘରଭଙ୍ଗା ସହାୟତା ପହଞ୍ଚି ପାରିନାହିଁ। ଅନ୍ୟପକ୍ଷରେ ବିପନ୍ନଙ୍କୁ ସହାୟତା ମିଳିବାରେ ବିଳମ୍ବ ଯୋଗୁ ତହସିଲସ୍ତରରେ ସରଜମିନ୍ କରିଥିବା ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପୁଣି ଏହା ମଧ୍ୟରେ ଘରଭଙ୍ଗା ଆକଳନରେ ଅନିୟମିତତା ଅଭିଯୋଗ ଉଠିଲାଣି। ଯେଉଁମାନଙ୍କୁ ସହାୟତା ଦିଆଯିବା ଲାଗି ତାଲିକା ପ୍ରସ୍ତୁତ ହୋଇଛି ତାହା କେତେଦୂର ଠିକ୍ ତାହା ଏବେ ପ୍ରଶ୍ନବାଚୀ ଛିଡ଼ା କରିଛି। ଫଳରେ ପ୍ରଶାସନର ସହାୟତା ରାଶି ବଣ୍ଟନ ପ୍ରକ୍ରିୟା ଧିମେଇ ଯାଇଛି। ଏପଟେ ଲଘୁଚାପଜନିତ ବର୍ଷା ସମ୍ଭାବନା ବିପନ୍ନଙ୍କ ଚିନ୍ତା ବଢାଇଲାଣି। ଜିଲାର ୧୧ଟି ଯାକ ବ୍ଲକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଅନେକ ଲୋକଙ୍କ ମାଟିଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ କାହାର ଆଜ୍‌ବେଷ୍ଟସ ଉଡ଼ିଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଯୋଗାଇ ଦିଆଯାଇଥିବା ପଲିଥିନକୁ ଭଙ୍ଗାଘରେ ପକାଇ ଅନେକ ପରିବାର ଆଶ୍ରୟ ନେଇଥିଲେ। ଶୀଘ୍ର ଘରଭଙ୍ଗା ସହାୟତା ମିଳିଲେ ସେମାନେ ଘର ତିଆରି କରି ରହିବେ ବୋଲି ଭାବିଥିଲେ । ହେଲେ ଘରଭଙ୍ଗା ଆକଳନ ନେଇ କେଁ ଯୋଗୁ ସଂଖ୍ୟାଧିକ ବିପନ୍ନଙ୍କୁ ସହାୟତା ମିଳିପାରିନାହିଁ। ଜିଲାର ପ୍ରାୟ ସବୁ ଅଞ୍ଚଳରେ କିଛି ନା କିଛ ବିପନ୍ନ ପଲିଥିନ ତଳେ ରହୁଛନ୍ତି। ପୁରୀ ସହରର ବସ୍ତି ଅଞ୍ଚଳରେ ବି ଏଭଳି ଚିତ୍ର ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜିଲାପାଳ ବଲଓ୍ୱନ୍ତ ସିଂ କହିଛନ୍ତି, ଘରଭଙ୍ଗା କ୍ଷୟକ୍ଷତିକୁ ନେଇ ଲୋକଙ୍କ ଅଭିଯୋଗ ମଗାଯାଇଥିଲା। ଅନେକ ଅଭିଯୋଗ ଆସିଛି। ଏ ସବୁର ତଦନ୍ତ କରାଯିବ। ସହାୟତା ପ୍ରଦାନ ଲାଗି ପ୍ରାୟ ୮୦ ପ୍ରତିଶତଙ୍କ ବ୍ୟାଙ୍କ ଆକାଉଣ୍ଟ ମିଳିଯାଇଛି। ୪୦ ହଜାର ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଯାଇସାରିଲାଣି। ଆଉ ୧୫/୨୦ ଦିନ ମଧରେ ବଳକା ଆକାଉଣ୍ଟକୁ ଟଙ୍କା ପଠାଇ ଦିଆଯିବ।

ସୂଚନାଥାଉ କି, ପ୍ରାଥମିକ ଭାବେ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ, ବାତ୍ୟାରେ ପୁରୀ ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୭୪ଟି ପକ୍କା ଘର, ୮,୯୮୫ଟି କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ୬,୧୨୭ଟି ପକ୍କାଘର ଏବଂ ୯୮,୫୮୮ କଚ୍ଚା ଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚାଘର ଆଂଶିକ ଭାବେ କ୍ଷୟକ୍ଷତି ହୋଇଥିବାବେଳେ ୨୧୭୮ଟି କୁଡ଼ିଆ ଏବଂ ୪୪,୩୭୮ଟି ଗୁହାଳ ନଷ୍ଟ ହୋଇଛି। ପକ୍କା କିମ୍ବା କଚ୍ଚାଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲେ ୯୫,୧୦୦ ଟଙ୍କା, ପକ୍କାଘର ଆଂଶିକ ଭାଙ୍ଗିଥିଲେ ୫,୨୦୦ ଏବଂ କଚ୍ଚାଘର ଆଂଶିକ ଭାଙ୍ଗିଥିଲେ ୩,୨୦୦ ଟଙ୍କା ଲେଖାଏ ସରକାରୀ ସହାୟତା ପ୍ରଦାନ କରାଯାଉଛି।

**ଫନୀକୁ ବିତିଲା ୨ ମାସ**

- ■ବର୍ଷା ପାଇଁ ମନରେ ପଶିଛି ଛନକା
- ■ଘରଭଙ୍ଗା ସହାୟତାକୁ ଚାହିଁବସିଛନ୍ତି ବିପନ୍ନ



ଭଙ୍ଗାଘରେ ପଲିଥିନ୍ ପକାଇ ଲୋକମାନେ ରହୁଛନ୍ତି।